ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୩/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) Bhubaneswar, Sunday, November 13/2022 Page 14 ₹ 7.00 ★★★★
୪୮ଶ ଭାଗ ୩୪୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 347 ମୂଲ୍ୟ ₹୭/-




# ରାଷ୍ଟ୍ରପତି ଦେଖିବାକୁ କେମିତି: ଅଖିଳ ଗିରି

**କୋଲକାତା/ନୂଆଦିଲ୍ଲୀ(ପି.ଟି.)/ ଭୁବନେଶ୍ୱର(ବ୍ୟୁରୋ) ୧୨।୧୧**

■ ପଶ୍ଚିମବଙ୍ଗ ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ ଓଡ଼ିଶାରେ ତୀବ୍ର ବିରୋଧ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦରେ ଫସିଛନ୍ତି ପଶ୍ଚିମବଙ୍ଗର ମନ୍ତ୍ରୀ ଅଖିଳ ଗିରି। ନନ୍ଦିଗ୍ରାମରେ ଶୁକ୍ରବାର ରାତିରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଏକ ସଭାକୁ ସମ୍ବୋଧନ କରି ଅଖିଳ କହିଥିଲେ, ସ୍ଥାନୀୟ ବିଧାୟକ ତାଙ୍କୁ ଅସୁନ୍ଦର କହୁଛନ୍ତି। ଜଣେ ବ୍ୟକ୍ତିଙ୍କ ଚେହେରାକୁ ଦେଖି ସେ କିପରି ହୋଇଥିବା ବିଚାର କରିବା ଅନୁଚିତ। ଆମେ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ସମ୍ମାନ ଦେଉଛୁ। କିନ୍ତୁ ଆମ ରାଷ୍ଟ୍ରପତି କେମିତି ଦେଖାଯାଆନ୍ତି ବୋଲି ଅଖିଳ କହୁଥିବାବେଳର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଏହି ମନ୍ତବ୍ୟକୁ ଭାଜପା, ବିଜେଡି ଏବଂ କଂଗ୍ରେସ ଦୃଢ଼ ନିନ୍ଦା କରିଛନ୍ତି। ରାଷ୍ଟ୍ରପତିଙ୍କୁ ଅସମ୍ମାନ କରିବା ଭଳି ମନ୍ତବ୍ୟ ଦେବା



ଅନୁଚିତ କହି ଦଳଗୁଡ଼ିକ ସମାଲୋଚନା କରିବା ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଖିଳଙ୍କୁ କ୍ୟାବିନେଟରୁ ବାହାର କରନ୍ତୁ ବୋଲି ଦାବି କରିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଚେହେରାକୁ ନେଇ ପଶ୍ଚିମବଙ୍ଗର ସୁଧାର ଗୃହ ମନ୍ତ୍ରୀ ଅଖିଳ ଗିରିଙ୍କ ଆପତ୍ତିଜନକ ମନ୍ତବ୍ୟର ୧୭ ସେକେଣ୍ଡ ☞ପୃଷ୍ଠା–୪

# ବଳପାଉନି ନା ଧରୁନି

## ୨୨ ବର୍ଷରେ ଯାଜପୁରର ୧୦ରୁ ଉର୍ଦ୍ଧ୍ୱ ମନ୍ଦିରରୁ ଚୋରି

**ରାଜ୍ୟର ମଠ, ମନ୍ଦିର, ଐତିହ୍ୟସମ୍ପନ୍ନ ଏବଂ କୀର୍ତ୍ତିରାଜିଭରା ଅଞ୍ଚଳରୁ ନିୟମିତ ବ୍ୟବଧାନରେ ମୂର୍ତ୍ତି ଚୋରି ହୋଇଆସୁଛି। ଦେଶ ବିଦେଶର ମାଫିଆମାନେ ର୍‍ୟାକେଟ୍ ଚଳାଇ ମୂଲ୍ୟବାନ୍ ମୂର୍ତ୍ତି ଚୋରି କରିନେଉଛନ୍ତି। କିନ୍ତୁ ରାଜ୍ୟର ପୋଲିସ ପ୍ରାୟତଃ ମୂର୍ତ୍ତିଚୋରମାନଙ୍କୁ ଧରିବାରେ ସକ୍ଷମ ହେଉନାହିଁ। ପ୍ରାଚୀନ କଳାକୃତି ନେଇ ବିପୁଳ ଲାଭ ପାଉଥିବା ଚୋରଙ୍କୁ ପୋଲିସ ଧରିବାକୁ ବଳପାଉନି ନା ଜାଣିଶୁଣି ଧରୁନି, ସେନେଇ ସନ୍ଦେହ ସୃଷ୍ଟି ହେଉଛି। ଯାଜପୁର ଜିଲାରେ ୨୨ ବର୍ଷରେ ୧୦ରୁ ଉର୍ଦ୍ଧ୍ୱ ମନ୍ଦିର ଚୋରି ଘଟଣାରେ ଅଭିଯୁକ୍ତ ଧରା ନ ପଡ଼ିବା ଏଭଳି ସନ୍ଦେହକୁ ଦୃଢ଼ୀଭୂତ କରୁଛି।**



ବଳି ବାମନ ମନ୍ଦିରରୁ ବିରଳ ବାମନ ମୂର୍ତ୍ତି(ମଝି)କୁ ତାଡ଼ି ନିଆଯାଇଛି।

**ହର୍ଷବର୍ଦ୍ଧନ ବେହେରା**

**ଯାଜପୁର ଅଫିସ, ୧୨।୧୧**

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଯାଜପୁରର ସ୍ଥାନ ଅନନ୍ୟ। ଏହି କ୍ଷେତ୍ର ଦେବୀ ବିରଜା, ଶ୍ରୀବରାହ, ପୁଣ୍ୟତୋୟା ବୈତରଣୀ, ଦଶାଶ୍ୱମେଧ ଘାଟ, ଓଳାଶୁଣୀ, ବିଶ୍ୱପ୍ରସିଦ୍ଧ ବୌଦ୍ଧବିଭବ ରତ୍ନଗିରି ଓ ଉଦୟଗିରି ଭଳି କୀର୍ତ୍ତିରାଜି ପାଇଁ ସୁବିଖ୍ୟାତ। ଏହାର ରକ୍ଷଣାବେକ୍ଷଣ ସହ ସୁରକ୍ଷା ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବାରୁ ଏହି ଐତିହ୍ୟପୀଠ ଉପରେ ରାଜ୍ୟ ଓ ଦେଶ ବାହାର ମୂର୍ତ୍ତିଚୋରଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି।

ଯାଜପୁର ଜିଲାର ବିଭିନ୍ନ ମନ୍ଦିରରୁ ଏହି ସପ୍ତାହ ମଧ୍ୟରେ ୨ଟି ☞ପୃଷ୍ଠା–୪

### ପାଟପୁରରୁ ୬ ଅଷ୍ଟଧାତୁ ମୂର୍ତ୍ତି ଚୋରି

**ଧର୍ମଶାଳା, ୧୨।୧୧(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଞ୍ଚାୟତର ବଳଦେବଜୀଉ ମନ୍ଦିରରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ମନ୍ଦିର ଗେଟ୍ ତାଲା ଭାଙ୍ଗି ରାମକୃଷ୍ଣ, ମଦନମୋହନ, ରାଧା, ଲକ୍ଷ୍ମୀ ଓ ସରସ୍ୱତୀ ଆଦି ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତିକୁ ଲୁଟି ନେଇଛନ୍ତି। ଶନିବାର ସକାଳେ ମନ୍ଦିର ପୂଜକ ଧୀରେନ୍ଦ୍ର କୁମାର ଶତପଥୀ ମନ୍ଦିରରେ ପହଞ୍ଚିବା ପରେ ଗେଟ୍ ଚାବି ଭଙ୍ଗା ଯାଇଥିବା ଦେଖିଥିଲେ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

କ୍ଷମତା ହ୍ରାସ କରାଯାଉଛି

**ସିଡ୍‌ନୀ ବନ୍ଦରରେ ଅଟକିଥିବା ଏକ କ୍ରୁଜ୍ ଜାହାଜରେ ୮୦୦ ଯାତ୍ରୀ କୋଭିଡ୍ ସଂକ୍ରମିତ**

........୨........






## ସଂକ୍ଷେପରେ

### ନେପାଳରେ ପୁଣି ଭୂକମ୍ପ: ଦିଲ୍ଲୀ, ଉତ୍ତରାଖଣ୍ଡକୁ ଝଟକା

**ନୂଆଦିଲ୍ଲୀ/ଡେରାଡୁନ୍,୧୨।୧୧:** ନେପାଳରେ ଶନିବାର ରାତିରେ ୫.୪ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର ଝଟକା ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ସମେତ ଉତ୍ତରାଖଣ୍ଡ ଓ ଅନ୍ୟ କେତେକ ରାଜ୍ୟରେ ଅନୁଭୂତ ହୋଇଛି। ୩ ଦିନ ପୂର୍ବରୁ ନେପାଳରେ ୬.୩ ତୀବ୍ରତାର ଭୂକମ୍ପ ହେବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଶନିବାର ରାତି ୭ଟା ୫୭ରେ ଉକ୍ତ ଅଞ୍ଚଳରେ ପୁନର୍ବାର ଭୂକମ୍ପ ହୋଇଛି। ଏହା ସପ୍ତାହରେ ତୃତୀୟ ଭୂକମ୍ପ। ନେପାଳର ସିଲଙ୍ଗୀ ସହରଠାରୁ ୩ କିଲୋମିଟର ଦୂରରେ ଭୂକମ୍ପ କେନ୍ଦ୍ରସ୍ଥଳ ଥିବାବେଳେ ଉତ୍ତରାଖଣ୍ଡର ପିଥୋରାଗଡ଼, ମୁନ୍‌ସିୟାରୀ ଏବଂ ଗଙ୍ଗୋଲିହାଟ ଅଞ୍ଚଳରେ ଏହାର ଝଟ୍‌କା ଅନୁଭୂତ ହୋଇଛି। ତେବେ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ି ନାହିଁ।

### ବସ୍ ଦୁର୍ଘଟଣାରେ ୨୧ମୃତ

**କାଏରୋ, ୧୨।୧୧:** ଇଜିପ୍ଟର କନାଇଲ୍ ଡେଲ୍‌ଟାରେ ଶନିବାର ଏକ ମିନିବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୧ ଜଣଙ୍କର ମୃତ୍ୟୁ ଘଟିଥିବା ସେଠାକାର ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଯାନ୍ତ୍ରିକ ତ୍ରୁଟି କାରଣରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଥିବାବେଳେ ଇଜିପ୍ଟରେ ଢିଲା ଟ୍ରାଫିକ୍ ନିୟମ ପାଇଁ ନିୟମିତ ସଡ଼କ ଦୁର୍ଘଟଣା ଘଟିଆସୁଛି। ଗତ ଜୁଲାଇରେ ଇଜିପ୍ଟରେ ଏକ ବସ୍ ଦୁର୍ଘଟଣାରେ ୨୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩୫ ଜଣ ଆହତ ହୋଇଥିଲେ।

### ପୋଲିସ ଟ୍ରେନିଂ ସ୍କୁଲ ଉପରେ ଆତଙ୍କବାଦୀ ଆକ୍ରମଣ

**ପେଶାୱର,୧୨।୧୧:** ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶରେ ଥିବା ପୋଲିସ ପ୍ରଶିକ୍ଷଣ ସ୍କୁଲ୍ ଉପରେ ଶନିବାର ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। କୋହଟ୍‌ଠାରେ ଥିବା ଟ୍ରେନିଂ ସ୍କୁଲ୍‌ର ମୁଖ୍ୟ ଫାଟକକୁ ଆତଙ୍କବାଦୀମାନେ ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିଥିଲେ। ଏଥିରେ କେହି ମୃତାହତ ହୋଇନାହାନ୍ତି। ପୋଲିସ ୫୦ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ପାକିସ୍ତାନରେ ଥାନା ଓ ସୁରକ୍ଷା ପ୍ରତିଷ୍ଠାନ ଉପରେ ଆକ୍ରମଣ ସାଧାରଣ କଥା। ଗତ ସପ୍ତାହରେ ସିନ୍ଧ୍ ପ୍ରଦେଶର ଏକ ଥାନା ଉପରେ ୧୫୦ରୁ ଊର୍ଦ୍ଧ୍ୱ ଡକାୟତ ଆକ୍ରମଣ କରିବାରୁ ୫ ପୋଲିସ ନିହତ ହୋଇଥିଲେ।

### ଜେଲରେ କଏଦୀଙ୍କ ଆତ୍ମହତ୍ୟା

**ବିଶାଖାପାଟଣା, ୧୨।୧୧:** ଭାଇଜାଗ୍ ଜେଲରେ ଜଣେ କଏଦୀ ଆତ୍ମହତ୍ୟା କରିଛନ୍ତି। ୨୦୧୭ରେ ମହାରାଷ୍ଟ୍ରର ଏକ ହତ୍ୟାଘଟଣା ସାଙ୍ଗକୁ ଭାଇଜାଗ୍‌ରେ ଏକ ମର୍ଡର ଏବଂ ଡକାୟତି ମାମଲାରେ ସମ୍ପୃକ୍ତ କଏଦୀ ଏମ୍. ଶ୍ରୀନିବାସ ଦୋଷୀ ସାବ୍ୟସ୍ତ ହୋଇଥିବାବେଳେ ସେଣ୍ଟ୍ରାଲ୍ ଜେଲରେ ଆଜୀବନ ସଜା କାଟୁଥିଲେ। ଗତ ଗୁରୁବାର ଜେଲ ପାଇଖାନାରେ ଏକ ଟାୱେଲ ଗଳାରେ ବାନ୍ଧି ଆତ୍ମହତ୍ୟା କରିଥିବା ଶନିବାର ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କୋର୍ଟ ଅର୍ଡର ପରେ ଶ୍ରୀନିବାସଙ୍କୁ ଭାଇଜାଗ ସେଣ୍ଟ୍ରାଲ ଜେଲ ଅଣାଯାଇଥିଲା। ଜେଲରେ ତାଙ୍କୁ ଭେଟିବା ପାଇଁ ତାଙ୍କ ପରିବାର ଲୋକେ ଆସୁ ନ ଥିବାରୁ ଶ୍ରୀନିବାସ କିଛିଦିନ ହେବ ଅବସାଦରେ ରହୁଥିବା ତାଙ୍କ ସାଥୀ କଏଦୀ କହିଛନ୍ତି। ଆରିଲୋଭା ଥାନା ପକ୍ଷରୁ ଆଇପିସି ସିଆର୍‌ପିସି ଦଫା ୧୭୪ ଅଧୀନରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।



## ପୱନ କଲ୍ୟାଣଙ୍କ ନାଁରେ ମାମଲା

ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ସୁପରଷ୍ଟାର ତଥା ଜନସେନା ପାର୍ଟି (ଜେଏସ୍‌ପି) ସଭାପତି ପୱନ କଲ୍ୟାଣଙ୍କ ବେପରୁଆ ଗାଡ଼ି ଚାଳନାର ଏକ ଭିଡିଓ ସାମ୍ନାକୁ ଆସିବା ପରେ ତାଙ୍କ ବିରୋଧରେ ଶନିବାର ପୋଲିସ ମାମଲା ରୁଜୁ କରିଛି। ଏକ କାର୍ ଛାତରେ ପୱନ କଲ୍ୟାଣ ବସିଥିବାବେଳେ ତାଙ୍କ ସମର୍ଥକମାନେ କାର୍ ଡୋର୍‌ରେ ଝୁଲି ଏବଂ ଅନ୍ୟ କେତେଜଣ ବାଇକ୍‌ରେ ଦ୍ରୁତ ବେଗରେ ଗାଡ଼ି ଚଲାଇ ଯାଉଥିବାର ଦେଖିବାକୁ ମିଳିଛି। ପୱନ କଲ୍ୟାଣଙ୍କ ପାଇଁ ରାସ୍ତା ଗହଳିଥିବାବେଳେ ପି. ଶିବା କୁମାର ନାମକ ଜଣେ ବ୍ୟକ୍ତି ବାଇକ୍‌ରେ ସେହିବାଟ ଦେଇ ଯାଉଥିବାବେଳେ ଖସିପଡ଼ିଥିଲେ, ଯାହାପରେ ସେ ଥାନାରେ ପୱନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଜେଏସ୍‌ପି ମୁଖ୍ୟ ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲା ଇପ୍ପାଟମ ଗ୍ରାମକୁ ଯାଉଥିବାବେଳେ ତାଙ୍କ ସମର୍ଥକମାନେ ରାସ୍ତାରେ ଗହଳି କରିଥିଲେ।

## ୬.୮୩ ଲକ୍ଷ ଜରିମାନା ଦେଲେ ଶାହରୁଖ



ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କୁ ମୁମ୍ବାଇ ବିମାନବନ୍ଦରରେ ଶନିବାର ସୀମାଶୁଳ୍କ ବିଭାଗ ଅଧିକାରୀମାନେ ଅଟକାଇଥିଲେ। ସେ ସାଙ୍ଗରେ ୧୮ ଲକ୍ଷ ଟଙ୍କା ମୂଲ୍ୟର ଘଡ଼ି ଆଣିଥିବାରୁ ଏଥିପାଇଁ ତାଙ୍କୁ ୬.୮୩ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶୁକ୍ରବାର ୟୁନାଇଟେଡ୍ ଆରବ ଏମିରେଟ୍ସର ଶାରଜାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶାହରୁଖ ଯୋଗଦେଇଥିଲେ। ଶନିବାର ସେ ଏକ ଘରୋଇ ଚାର୍ଟାର୍ଡ ବିମାନରେ ମୁମ୍ବାଇ ଫେରିଥିଲେ। ତେବେ ବିମାନବନ୍ଦରରେ ଓହ୍ଲାଇବା ପରେ ସେ ଅଡୁଆରେ ପଡ଼ିଯାଇଥିଲେ। ସୀମା ଶୁଳ୍କ ବାବଦରେ ୬.୮୩ ଲକ୍ଷ ଟଙ୍କା ପୈଠ କରିବା ପରେ ତାଙ୍କୁ ଛଡ଼ାଯାଇଥିବା ଏୟାର ଇଣ୍ଟେଲିଜେନ୍ସ ୟୁନିଟ୍ ସୂତ୍ରରୁ ଜଣାପଡ଼ିଛି।

# ନ୍ୟାୟପାଳିକା ଆଗରେ ଅନେକ ଚ୍ୟାଲେଞ୍ଜ

## ପୁରୁଷପ୍ରଧାନ ଆଇନଗତ ବୃତ୍ତିରେ ମହିଳାଙ୍କୁ ଉପଯୁକ୍ତ ସୁଯୋଗ ମିଳୁନି: ସିଜେଆଇ

**ନୂଆଦିଲ୍ଲୀ,୧୨।୧୧**

ସାରା ଦେଶରେ ଏବେ ବି ଆଇନଗତ ବୃତ୍ତିର ଢାଞ୍ଚା ପୁରୁଷପ୍ରଧାନ ଓ ସାମନ୍ତବାଦୀ ହୋଇଥିବାରୁ ସେଥିରେ ମହିଳାମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱର ସୁଯୋଗ ମିଳୁ ନ ଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଶନିବାର କହିଛନ୍ତି। ଏହି ବୃତ୍ତିରେ ଅଧିକରୁ ଅଧିକ ମହିଳା ଓ ସମାଜର ଅବହେଳିତ ଶ୍ରେଣୀଙ୍କୁ ପ୍ରବେଶ ସୁଯୋଗ ଦେବା ଲାଗି ଗଣତାନ୍ତ୍ରିକ ଓ ମେଧାଭିତ୍ତିକ ଚୟନ ବ୍ୟବସ୍ଥା କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ବୁଧବାର ସିଜେଆଇ ଭାବେ ଦାୟିତ୍ୱଗ୍ରହଣ କରିଥିବା ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି, ନ୍ୟାୟପାଳିକା



ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

ଆଗରେ ଅନେକ ଚ୍ୟାଲେଞ୍ଜ ରହିଛି। ସେଥିରୁ ପ୍ରଥମ ଚ୍ୟାଲେଞ୍ଜ ହେଲା ପ୍ରତ୍ୟେକ ସାମାଜିକ ଏବଂ ନ୍ୟାୟିକ ମାମଲା ଏବଂ ଅଧିକ ସଂଖ୍ୟାରେ ରାଜନୈତିକ ପ୍ରସଙ୍ଗ ସୁପ୍ରିମକୋର୍ଟଙ୍କ ବିଚାର ପରିସରକୁ ଆସିବା ଲାଗି ଲୋକଙ୍କ ଆଗ୍ରହ। ନ୍ୟାୟପାଳିକା ଏକ ଫିଡିଙ୍ଗ୍ ପୁଲ୍ ଭଳି, ଏଥିରେ ଯିଏ ପ୍ରବେଶ କରେ ସେ ଆଇନଗତ ପେସାର ଢାଞ୍ଚା ଉପରେ ନିର୍ଭରଶୀଳ ହୋଇଯାଏ ବୋଲି ସିଜେଆଇ କହିଛନ୍ତି। କୋର୍ଟ ଶୁଣାଣିର ସିଧା ପ୍ରସାରଣ ନ୍ୟାୟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିଛି। ହାଇକୋର୍ଟ ଏବଂ ଜିଲା ଅଦାଲତଗୁଡ଼ିକରେ ମଧ ଶୁଣାଣିର ସିଧା ପ୍ରସାରଣ ହେବା ଆବଶ୍ୟକ। ସିଜେଆଇ କହିଛନ୍ତି, ସାମ୍ବିଧାନିକ ଗଣତନ୍ତ୍ରର ସବୁଠୁ ବଡ଼ ବିପଦ ହେଲା ଅସ୍ୱଚ୍ଛ ହେବାର ବିପଦ। ଯେତେବେଳେ ଆପଣ ନିଜର ପ୍ରକ୍ରିୟାକୁ ପ୍ରକାଶ କରିଦେବେ ଆପଣ ଉତ୍ତରଦାୟୀ, ସ୍ୱଚ୍ଛ ହେବା ସହ ନାଗରିକମାନଙ୍କ ଆବଶ୍ୟକତା ପ୍ରତି ଦାୟିତ୍ୱବାନ୍ ହୋଇପାରିବେ ବୋଲି ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି। ଆଇନର ଯେପରି ଦୁରୁପଯୋଗ ନ ହୋଇ ଏହା ନ୍ୟାୟ ପ୍ରଦାନ କରିପାରିବ, ତାହା ସୁନିଶ୍ଚିତ କରିବା କେବଳ ବିଚାରପତିଙ୍କ କାର୍ଯ୍ୟ ନୁହେଁ, ଆଇନ ପ୍ରଣେତାମାନଙ୍କର ଦାୟିତ୍ୱ ବୋଲି ସିଜେଆଇ କହିଛନ୍ତି।

## ରେକର୍ଡ ସ୍ତରରେ କାର୍ବନ ନିର୍ଗମନ

**କାନ୍‌ବେରା,୧୨।୧୧**

ବିଶ୍ୱରେ ଅଙ୍ଗାରକାମ୍ଳ ନିର୍ଗମନ ଚଳିତ ବର୍ଷ ରେକର୍ଡ ସ୍ତରକୁ ବୃଦ୍ଧି ପାଇଛି। ସେହିପରି ଜୀବାଶ୍ମ ଇନ୍ଧନଜନିତ ନିର୍ଗମନ ମହାମାରୀ ପୂର୍ବ ସ୍ତରଠାରୁ ଅଧିକ ହୋଇଥିବା ବୈଜ୍ଞାନିକମାନଙ୍କ ଏକ ଅନ୍ତର୍ଜାତୀୟ ସଂଗଠନ ଅଧ୍ୟୟନରୁ ଜାଣିବାକୁ ପାଇଛି। ଗ୍ଲୋବାଲ କାର୍ବନ ପ୍ରୋଜେକ୍ଟ ଦ୍ୱାରା କରାଯାଇଥିବା ବିଶ୍ଳେଷଣ ଅନୁଯାୟୀ, ଚଳିତ ବର୍ଷ ବିଶ୍ୱ ସମସ୍ତ ମାନବୀୟ କାର୍ଯ୍ୟକଳାପରୁ ୪୦.୬ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ କରିବ ବୋଲି ଆକଳନ କରାଯାଇଛି। ଫଳରେ କାର୍ବନ ବଜେଟରେ ଅଙ୍ଗାରକାମ୍ଳ ପରିମାଣ ୩୮୦ ବିଲିୟନ ଟନ୍‌ରେ ପହଞ୍ଚିବ। ବର୍ତ୍ତମାନ ସ୍ଥିତିରେ ଏତେ ପରିମାଣରେ ଅଙ୍ଗାରକାମ୍ଳ ନିର୍ଗମନ ବିପର୍ଯ୍ୟୟ ସୃଷ୍ଟି କରିବ ଏବଂ ମାତ୍ର ୯ ବର୍ଷରେ ବିଶ୍ୱର ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବାର ୫୦ ପ୍ରତିଶତ ସମ୍ଭାବନା ରହିଛି।

## ଜେଲରୁ ମୁକୁଳିଲେ ୬ ଅପରାଧୀ



ଥାନାରେ ହାଜିରା ଦେବା ପରେ ଫେରୁଛନ୍ତି ନଳିନୀ ଶ୍ରୀହରନ।

### ରାଜୀବ ହତ୍ୟା ମାମଲା

**ଭେଲୋର,୧୨।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହତ୍ୟା ମାମଲାରେ ୩୧ ବର୍ଷ ହେଲା ଜେଲରେ ଥିବା ସମସ୍ତ ୬ ଅପରାଧୀଙ୍କୁ ମୁକ୍ତ କରିଦେବା ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବାର ଦିନକ ପରେ ଶନିବାର ସେମାନେ ମୁକୁଳିଛନ୍ତି। ନଳିନୀ ଶ୍ରୀହରନ, ତାଙ୍କ ସ୍ୱାମୀ ମୁରୁଗାନ୍, ସନ୍ଥନ୍, ରବର୍ଟ ପୟାସ, ଜୟକୁମାର ଏବଂ ରବିଚନ୍ଦ୍ରନଙ୍କୁ ଶନିବାର ସନ୍ଧ୍ୟାରେ ଜେଲରୁ ମୁକ୍ତ କରାଯାଇଛି। ନଳିନୀ ଏବଂ ରବିଚନ୍ଦ୍ରନ ତାମିଲନାଡୁର ହୋଇଥିବାବେଳେ ଅନ୍ୟ ୪ ଜଣ ଶ୍ରୀଲଙ୍କା ନାଗରିକ।

ନଳିନୀ ସକାଳେ ସ୍ଥାନୀୟ ଥାନାକୁ ଯାଇ ପାରୋଲ ସର୍ତ୍ତ ଅନୁଯାୟୀ ହାଜିରା ଦେଇଥିଲେ। ଏହା ପରେ ସେ ଓ ଅନ୍ୟମାନେ ଭେଲୋର ଜେଲରେ ଔପଚାରିକତା ଶେଷ କରିବା ପରେ ମୁକୁଳିଛନ୍ତି। ଗତ ମେ'ରେ ସୁପ୍ରିମକୋର୍ଟ ସପ୍ତମ ଅପରାଧୀ ପେରାରିଭାଲାନଙ୍କୁ ଜେଲରୁ ମୁକ୍ତ କରିଥିଲେ। ଅନ୍ୟମାନଙ୍କ ପାଇଁ ଅନୁରୂପ ନିର୍ଦ୍ଦେଶନାମା ଲାଗୁ ହୋଇଥିବା କୋର୍ଟ କହିଥିଲେ। ଅଭିଯୁକ୍ତମାନଙ୍କୁ ମୁକ୍ତ କରିଦେବା ଲାଗି ତାମିଲନାଡୁ କ୍ୟାବିନେଟ ୨୦୧୮ରେ ରାଜ୍ୟପାଳଙ୍କୁ ସୁପାରିସ କରିଥିଲେ।



୩୦ ହଜାର ରଷୀୟ ସୈନ୍ୟଙ୍କ ପଳାୟନ ପରେ ଓଡେସାରେ ଅସ୍ଥାୟୀ ଭାବେ ରହୁଥିବା ଖେରସନ୍ ବାସିନ୍ଦା ୟୁକ୍ରେନ୍‌ର ଜାତୀୟ ପତାକା ପରିଧାନ କରି ଉତ୍ସବ ପାଳନ କରୁଛନ୍ତି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏହାକୁ ଐତିହାସିକ ଦିନ ଭାବେ ଅଭିହିତ କରିଛନ୍ତି। ଗତ ଫେବୃୟାରୀ ୨୪ରେ ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଏହି ଘଟଣାକ୍ରମକୁ ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚନା କରାଯାଉଛି।

## ସ୍ୱାମୀ ଆଗରେ ସ୍ତ୍ରୀଙ୍କୁ ଗଣବଳାତ୍କାର

**ଜୟପୁର,୧୨।୧୧**

ରାଜସ୍ଥାନର ସିରୋହୀ ଜିଲାରେ ଜଣେ ୪୫ ବର୍ଷୀୟା ମହିଳାଙ୍କୁ ତାଙ୍କୁ ସ୍ୱାମୀଙ୍କ ସମ୍ମୁଖରେ ୪ ଜଣ ଗଣବଳାତ୍କାର କରିଥିବା ପୋଲିସ କହିଛି। ଅଭିଯୁକ୍ତମାନେ ବୁଧବାର ରାତିରେ ଡକାୟତି ଉଦ୍ଦେଶ୍ୟରେ ଦମ୍ପତିଙ୍କ ଘରେ ପଶିଥିଲେ। ସେମାନେ ୧,୪୦୦ ଟଙ୍କା ନେବା ପରେ ଅନ୍ୟ କୌଣସି ମୂଲ୍ୟବାନ ସାମଗ୍ରୀ ନ ପାଇବାରୁ ମହିଳାଙ୍କୁ ବଳାତ୍କାର କରିଥିଲେ। ଏଥିରେ ଦମ୍ପତି ଏତେ ଡରିଯାଇଥିଲେ ଯେ, ସେମାନେ ଗୋଟିଏ ଦିନ ଘରେ ରହିବା ପରେ ଶୁକ୍ରବାର ଥାନାରେ ଏତଲା ଦେଇଥିଲେ। ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଚତୁର୍ଥ ଅଭିଯୁକ୍ତ ଫେରାର ଅଛନ୍ତି।

## ଶୀତ ଅଧିବେଶନରେ ଯୋଗଦେବେନି ରାହୁଲ

**ନୂଆଦିଲ୍ଲୀ,୧୨।୧୧**

ଭାରତ ଯୋଡ଼ୋ ଯାତ୍ରାରେ ବ୍ୟସ୍ତ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଯୋଗଦେଇ ନ ପାରନ୍ତି ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ସୂଚନା ଦେଇଛନ୍ତି। ଶୀତ ଅଧିବେଶନରେ ଯୋଗଦେବା ପାଇଁ ୱାୟନାଡ୍ ଏମ୍‌ପି ରାହୁଲ ଭାରତ ଯୋଡ଼ୋ ଯାତ୍ରାରୁ ଦୂରେଇ ପାରିବେ ନାହିଁ ବୋଲି ଜୟରାମ କହିଛନ୍ତି।

## ଆତଙ୍କବାଦ ବିରୋଧରେ ସହଯୋଗ କରିବେ ଭାରତ, ଆସିଆନ୍

**ନମ୍‌ପେନ୍,୧୨।୧୧**

ଆତଙ୍କବାଦ ବିରୋଧରେ ରଣନୀତିକ ସହଯୋଗ ବଢ଼ାଇବା ଲାଗି ଭାରତ ଏବଂ ଆସିଆନ୍ (ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଘ) ନିଷ୍ପତ୍ତି ନେଇଛନ୍ତି। କାମ୍ବୋଡ଼ିଆ ଗସ୍ତରେ ଥିବା ଭାରତର ଉପରାଷ୍ଟ୍ରପତି ଜଗଦୀପ୍ ଧନକର ଶନିବାର ୧୯ତମ ଆସିଆନ୍-ଭାରତ ସମିଟ୍‌ରେ ଉଦ୍‌ବୋଧନ ଦେଇଛନ୍ତି। ଆସିଆନ୍‌ରେ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ବ୍ରୁନେଇ, ମାଲେସିଆ, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ଲାଓସ୍, ମ୍ୟାନ୍‌ମାର, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତ୍‌ନାମ ସଦସ୍ୟ ଅଛନ୍ତି। ସାଇବର ସୁରକ୍ଷାରେ ସହଯୋଗ ବଢ଼ାଇବା ପାଇଁ ଆସିଆନ୍ ସଦସ୍ୟ ରାଷ୍ଟ୍ର ଓ ଭାରତ ରାଜି ହୋଇଛନ୍ତି। ସମିଟ୍‌ରେ ଉଦ୍‌ବୋଧନ ଦେବା ପୂର୍ବରୁ ଧନକର କାମ୍ବୋଡ଼ିଆ ପ୍ରଧାନମନ୍ତ୍ରୀ ହୁନ୍ ସେନଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରିଥିଲେ।

## ଖାଦ୍ୟରେ ବିଷକ୍ରିୟା: ୧୧ ପିଲା ମୃତ

**କଲମ୍ବୋ, ୧୨।୧୧**

କଲମ୍ବୋର ହୋଟୋରେ ଥିବା ଏଗ୍ରିକଲ୍‌ଚୁରାଲ ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟରେ କେତେଜଣ ପିଲା ଓଉଜା ବୋର୍ଡ ଗେମ୍ ଖେଳୁଥିବାବେଳେ ୧୧ ଜଣ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ପିଲାମାନେ ଅଚେତ ଅବସ୍ଥାରେ ତଳେ ପଡ଼ିଯାଇଥିବାର ସେଠାକାର ଜଣେ ଶିକ୍ଷକ ଦେଖି କର୍ତ୍ତୃପକ୍ଷଙ୍କୁ ଏହାର ସୂଚନା ଦେଇଥିଲେ। ସେମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲ ନିଆଯାଇଥିବାବେଳେ ଅସୁସ୍ଥ ପିଲାମାନଙ୍କ ମଧ୍ୟରେ କେତେଜଣଙ୍କର ବାନ୍ତି , ପେଟ କାଟିବା ସାଙ୍ଗକୁ ମାଂସପେଶୀରେ ପୀଡ଼ା ଅନୁଭବ ହେଉଥିବା ସେମାନେ କହିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ହିଁ ୧୧ ଜଣ ପିଲାଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଖାଦ୍ୟର ବିଷକ୍ରିୟା ଯୋଗୁ ସମ୍ପୃକ୍ତ ପିଲାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି।

## କ୍ରୁଜ୍‌ରେ ୮୦୦ କୋଭିଡ୍ ସଂକ୍ରମିତ

### ଆଇସୋଲେଶନରେ ରଖାଯାଇ ଚିକିତ୍ସା କରାଯାଉଛି

**ସିଡ୍‌ନୀ,୧୨।୧୧**

ଅଷ୍ଟ୍ରେଲିଆର ସିଡ୍‌ନୀ ବନ୍ଦରରେ ଅଟକିଥିବା ଏକ କ୍ରୁଜ୍ ଜାହାଜର ୮୦୦ ଯାତ୍ରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ଆଶଙ୍କା ବଢୁଥିବାରୁ କୋଭିଡ୍-୧୯ ପ୍ରୋଟୋକଲ ପାଳନ କରିବା ଲାଗି ଅଷ୍ଟ୍ରେଲିଆ ଗୃହମନ୍ତ୍ରୀ କ୍ଲେୟାର ଓ'ନେଇଲ୍ କହିଛନ୍ତି। ଅଷ୍ଟ୍ରେଲିଆର ସବୁଠୁ ଜନବହୁଳ ରାଜ୍ୟ ନ୍ୟୁ ସାଉଥ୍ ୱେଲ୍‌ସର ରାଜଧାନୀ ସିଡ୍‌ନୀ ବନ୍ଦରରେ ଅଟକିଥିବା କାର୍ନିଭାଲ ଅଷ୍ଟ୍ରେଲିଆ କମ୍ପାନୀର ମାଜେଷ୍ଟିକ୍ ପ୍ରିନ୍ସେସ୍ କ୍ରୁଜ୍ ଜାହାଜର ୮୦୦ ଯାତ୍ରୀ ସଂକ୍ରମିତ ହେବା ଘଟଣାରେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଟାୟାର-୩



ସ୍ତରର ସଂକ୍ରମଣ ହୋଇଥିବାରୁ ଦ୍ରୁତ ଗତିରେ ବ୍ୟାପିବା ସୂଚନା ଦେଉଛି। ୨୦୨୦ରେ ନ୍ୟୁ ସାଉଥ୍ ୱେଲ୍‌ସରେ ରୁବି ପ୍ରିନ୍ସେସ୍ କ୍ରୁଜ୍ ଜାହାଜରେ ୯୧୪ ଜଣ କୋଭିଡ୍ ସଂକ୍ରମିତ ହୋଇଥିବାବେଳେ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା। ବର୍ତ୍ତମାନର ସଂକ୍ରମଣକୁ ଉକ୍ତ କ୍ରୁଜ୍ ଜାହାଜ ସଂକ୍ରମଣ ସହ ତୁଳନା କରାଯାଇଛି।

ସଂକ୍ରମିତମାନଙ୍କୁ ଜାହାଜରେ ଆଇସୋଲେଶନରେ ରଖାଯିବା ସହ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା କରାଯାଉଥିବା କାର୍ନିଭାଲ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ଓମିକ୍ରନ ଭାରିଆଣ୍ଟ ଏକ୍ସବିବି ଦ୍ୱାରା ଏଭଳି ଗୋଷ୍ଠୀ ସଂକ୍ରମଣ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଛାଡ଼ପତ୍ର ପରେ ପୁଣି ପ୍ରେମ ବିବାହ

### ଅଷ୍ଟ୍ରେଲୀୟ ଯୋଡ଼ିଙ୍କ ନିଆରା ଲଭ୍ ଷ୍ଟୋରି

**କାନ୍‌ବେରା,୧୨।୧୧**

ବିବାହ ପରେ ଛାଡ଼ପତ୍ର। ପରବର୍ତ୍ତୀ ସମୟରେ ପ୍ରେମରେ ପଡ଼ି ପୁଣି ସମ୍ପର୍କ ସ୍ଥାପନ। ଆଉ ଶେଷରେ ପୂନର୍ବିବାହ। ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବା ଏହି ଲଭ୍‌ଷ୍ଟୋରି ଅଷ୍ଟ୍ରେଲିଆର ଏକ ଯୋଡ଼ିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି।

ଡାନିଏଲ୍ କୁର୍ଟିସ୍ ଏବଂ ଟିମ୍ କୁର୍ଟିସ୍ ୨୦୦୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୧୧ ବର୍ଷର ଦାମ୍ପତ୍ୟ ଜୀବନରେ ମନୋମାଳିନ୍ୟ ଯୋଗୁ ୨୦୧୫ରେ ଦୁହେଁ ପରସ୍ପରକୁ ଛାଡ଼ପତ୍ର ଦେଇଥିଲେ। ଡାନିଏଲ୍ ୨୦୧୯ରେ ଅନ୍ୟତ୍ର ବିବାହ କରିଥିଲେ। ଦୁଇବର୍ଷ ଯାଏ ଦୁହେଁ ପରସ୍ପର ସହ କଥା ହୋଇ ନ ଥିଲେ। ସିଙ୍ଗଲ୍ ମଦର ଡାନିଏଲ୍ ୨୦୧୭ରେ ପୂର୍ବତନ ସ୍ୱାମୀ ଟିମ୍‌ଙ୍କ ନିକଟକୁ ଏକ ଇ-ମେଲ୍ ପଠାଇଥିଲେ। ଉଭୟଙ୍କ ଔରସରୁ ଜନ୍ମିତ ଦୁଇ ପିଲାଙ୍କ



ଯତ୍ନ ନେବାରେ ବର୍ତ୍ତମାନର ସ୍ୱାମୀ କେତେ ପାରଙ୍ଗମ ସେ ନେଇ ଡାନିଏଲ୍ ମେଲ୍‌ରେ ଉଲ୍ଲେଖ କରିଥିଲେ। ଏଇଠୁ ପୁଣି ଆରମ୍ଭ ହୋଇଥିଲା ଇ-ମେଲ୍ ରୋମାନ୍ସ। ଦୁଇବର୍ଷ ଧରି ଦୁହେଁ ଦୁହିଁଙ୍କୁ ମେଲ୍ ଏବଂ ମେସେଜ୍ ଆଦାନପ୍ରଦାନ କରିବା ପରେ ୨୦୧୯ରେ ପୂନର୍ବିବାହ କରିଥିଲେ। ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡାନିଏଲ୍ ହଲିଉଡ୍ ଫିଲ୍ମର କାହାଣୀ ସଦୃଶ ସେମାନଙ୍କ ୟୁନିକ୍ ଲଭ୍‌ଷ୍ଟୋରି ବଖାଣିବା ପରେ ଏହା ଆଲୋଚ୍ୟର ବିଷୟ ପାଲଟିଛି। ଡାନିଏଲ୍ କହିଛନ୍ତି, ୨୦୦୨ ଜାନୁୟାରୀ ୯ରେ ଅନ୍‌ଲାଇନ୍ ଡେଟିଂ କରୁଥିବାବେଳେ ସେ ଟିମ୍‌ଙ୍କୁ ଭେଟିଥିଲେ। ଅନେକ ଡିନର୍ ଡେଟ୍‌ସ ପରେ ୨୦୦୩ ଏପ୍ରିଲ ୯ରେ ଟିମ୍ ଡାନିଏଲ୍‌ଙ୍କୁ ପ୍ରପୋଜ୍ କରିଥିଲେ। ପ୍ରଥମ ସାକ୍ଷାତର ଠିକ୍ ୨ ବର୍ଷ ପରେ ଅର୍ଥାତ୍ ୨୦୦୪ ଜାନୁୟାରୀରେ ବିବାହ କରିଥିଲେ। ଏହାର ଦେଢ଼ ବର୍ଷ ପରେ ଡାନିଏଲ୍‌ଙ୍କ ପିଲାଙ୍କୁ ଟିମ୍ ଗ୍ରହଣ କଲେ। ୨୦୧୨ରେ ବୈଶ୍ୱିକ ଆର୍ଥିକ ସଙ୍କଟ ଏହି ଯୋଡ଼ିଙ୍କୁ ପ୍ରଭାବିତ କରିଥିଲା। ଉଭୟଙ୍କ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଦୁହିଁଙ୍କ ମନରେ ମଧ୍ୟ ପରସ୍ପର ପ୍ରତି ଘୃଣାଭାବ ଜାତ ହୋଇଥିଲା। ମା'ବାପାଙ୍କ ପୁନର୍ମିଳନକୁ ନେଇ ଦୁଇ ପିଲା ଖୁସି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୪,୦୦,୬୪,୦୩୧ | ୬୬,୧୪,୮୦୫ | ୬୧,୯୫,୬୮,୬୭୩ |
| ଭାରତ | ୪,୪୬,୬୫,୬୪୩ | ୫,୩୦,୫୨୮ | ୪,୪୧,୨୨,୫୬୨ |
| ଓଡ଼ିଶା | ୧୩,୩୬,୩୨୩ | ୯୨୦୪(+୫୩) | ୧୩,୨୬,୯୫୮ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଜରାଶ୍ରମ ସଭାପତିଙ୍କୁ କଟୁରିରେ ହାଣି ହତ୍ୟା

**ପାରାଦୀପ,୧୨।୧୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ ଗ୍ରାମସ୍ଥିତ ରତ୍ନମାଳି ଜେମା ଜରାଶ୍ରମରେ ଶନିବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଆଶ୍ରମର ସଭାପତି ସନ୍ତୋଷ ବେହେରା(୫୧)ଙ୍କ ମୁଣ୍ଡକୁ ଅନ୍ତେବାସୀ କୀର୍ତ୍ତନ ପରିଡା ଏକ କଟୁରିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହାପରେ ଅଭିଯୁକ୍ତ କୀର୍ତ୍ତନ କୀଟନାଶକ ଖାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପୋଲିସ ତାଙ୍କୁ ଗିରଫ କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ଘଟଣାସ୍ଥଳରେ ଲକ୍ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରିଛି। ଏଥିସହ ମୃତଦେହ ଜବତ କରି ଅଠରବାଙ୍କୀସ୍ଥିତ ବିଜୁ ସ୍ମାରକୀ ଚିକିତ୍ସାଳୟରେ ରଖିଛି। ଏ ସମ୍ପର୍କରେ ଉକ୍ତ ଆଶ୍ରମର ସେବା କାର୍ଯ୍ୟ କରୁଥିବା ଜଗନ୍ନାଥ ବେହେରା ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୩୬୮/୨୨) ରୁଜୁ କରିଛି।

ସନ୍ତୋଷଙ୍କ ଘର ଏରସମା ଥାନା ଅନ୍ତର୍ଗତ ଅନ୍ଧାରୀ ଗ୍ରାମରେ। ସେ ପ୍ରାୟ ୧୦ ବର୍ଷ ହେଲା ପାରାଦୀପ ବାଲିଝରା ବସ୍ତିରେ ଥିବା ସନ୍ତୋଷୀ ଜରାଶ୍ରମରେ ସେବା କାର୍ଯ୍ୟ କରୁଥିଲେ। ସେଠାରେ କିଛି କାରଣ ପାଇଁ ବିବାଦ ଉପୁଜିବାରୁ ଦୁଇବର୍ଷ ତଳେ ପାରାଦୀପଗଡ଼ରେ ଆଉ ଏକ ଆଶ୍ରମ



ସନ୍ତୋଷ ବେହେରାଙ୍କ ହତ୍ୟା ପରେ ଜରାଶ୍ରମରେ ଲୋକଙ୍କ ଭିଡ଼।

■ **କୀଟନାଶକ ଖାଇ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ**
■ **ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

କରିଥିଲେ। ଉକ୍ତ ଜମିକୁ ପାରାଦୀପର ପ୍ରଥମ ବିଧାୟିକା ରାଜମାତା ରତ୍ନମାଳି ଜେମାଙ୍କ ସନ୍ତାନମାନେ ଦାନ କରିଥିଲେ। ଏନେଇ ତାଙ୍କ ନାମାନୁସାରେ ରତ୍ନମାଳି ଜେମା ଜରାଶ୍ରମ କରାଯାଇଛି। ସେଠାରେ ଏବେ ୧୫ ଜଣ ଅନ୍ତେବାସୀ ରହିଛନ୍ତି। କିଛିଦିନ ତଳେ ଯାତ୍ରା କଳାକାର ମଣିଭଦ୍ର ବିଶ୍ୱାଳ ସେଠାରେ ରହିବା ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହି ଆଶ୍ରମରେ ଅଭିଯୁକ୍ତ କୀର୍ତ୍ତନ ଆସି ରହୁଥିଲେ। କୀର୍ତ୍ତନଙ୍କ ଘର ଭଦ୍ରକ ଜିଲା କୁହାଯାଉଥିଲା ବେଳେ ତାଙ୍କର ଆଧାରକାର୍ଡ ଠିକଣା ବରମୁଣ୍ଡା ଭୁବନେଶ୍ୱର ବୋଲି ଦର୍ଶାଯାଇଛି। ତାଙ୍କୁ ୪୭ ବର୍ଷ ହୋଇଥିବାବେଳେ ସେ କିପରି ଜରାଶ୍ରମରେ ରହିଲେ ସେନେଇ ପୋଲିସ ତଦନ୍ତ କରୁଛି। ଶନିବାର ମଧ୍ୟାହ୍ନ ୧୨ଟା୪୦ରେ ସନ୍ତୋଷ ଆଶ୍ରମ ଖଟରେ ଶୋଇ ମୋବାଇଲରେ କଥା ହେଉଥିବା ବେଳେ ଅଭିଯୁକ୍ତ ଏକ କଟୁରିରେ ତାଙ୍କ ମୁଣ୍ଡକୁ ଏକାଧିକବାର ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଭିଯୁକ୍ତ କୀର୍ତ୍ତନ ଗାଧୋଇଥିଲେ। ଏହାପରେ ଆଶ୍ରମ ବାରଣ୍ଡାରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର ଓ ଟିଭିକୁ ବାଡେଇ ଭାଙ୍ଗି ଦେଇଥିଲେ। ଏସବୁ କାଣ୍ଡ ପରେ ଶାଗ କିଆରିରେ ପକାଯିବାକୁ ଥିବା କୀଟନାଶକ ଖାଇ ପକାଇ ଯାଇଥିଲେ ବୋଲି ରହୁଥିବା ଅନ୍ତେବାସୀ ପୋଲିସ ଆଗରେ ବୟାନ ଦେଇଛନ୍ତି। ପରେ ଗାଁ ଲୋକେ ଓ ପୋଲିସ ତାଙ୍କୁ ଗାଁ ଉପାନ୍ତରେ ଧରିଥିଲେ। ସନ୍ତୋଷଙ୍କର ଗୋଟିଏ ପୁଅ ଥିବା ଜଣାପଡିଛି। ଏ ସମ୍ପର୍କରେ ଥାନା ଅଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି, ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। କୀର୍ତ୍ତନ ସୁସ୍ଥ ହେବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରାଉତ କହିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ବଡ଼ବାପାଙ୍କୁ ହାଣିଦେଲେ

**ଖୁଣ୍ଟା, ୧୨।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ସାରଜାମଡ଼ିହି ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଜମିବାଡ଼ି ବିବାଦକୁ ନେଇ ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ପୁତୁରା କଟୁରିରେ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦେଇଛନ୍ତି। ପୋଲିସ ରାତିରେ ପହଞ୍ଚି ମୃତଦେହ ଜବତ କରିବା ସହିତ ପ୍ରାଥମିକ ତଦନ୍ତ କରିଛି। ଶନିବାର ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜି ସଦଳବଳ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ହତ୍ୟାକାଣ୍ଡରେ ସମ୍ପୃକ୍ତ ବାପୁନ ସିଂଙ୍କୁ ଗିରଫ କରିଛି। ଏହି ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୩୧୯/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ମିଞ୍ଜି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ବାପୁନ ସିଂଙ୍କ ବାପା ବୁଦ୍ଧିଆ ସିଂ ଓ ହତ୍ୟାର ଶିକାର ହୋଇଥିବା ବଡ଼ବାପା ଠୁଙ୍ଗୁରୁ ସିଂ ଦୁଇ ଭାଇ। ଦୀର୍ଘଦିନରୁ ଉଭୟଙ୍କ ମଧ୍ୟରେ ଜମିଜମା ଭାଗବଣ୍ଟାକୁ ନେଇ ବିବାଦ ଲାଗିରହିଥିଲା। ତେବେ ବିଭିନ୍ନ ସମୟରେ ବାପୁନଙ୍କ ପରିବାର ସଦସ୍ୟଙ୍କ ଦେହ ଅସୁସ୍ଥ ହେଉଥିବା ବେଳେ ଜମିଜମା ବିବାଦ ଯୋଗୁ ବଡ଼ବାପା ଠୁଙ୍ଗୁରୁ ସିଂ ଗୁଣିଗାରେଡି କରୁଥିବା ସନ୍ଦେହ କରିଆସୁଥିଲେ। ଶୁକ୍ରବାର ଠୁଙ୍ଗୁରୁଙ୍କ ପରିବାରର ସମସ୍ତ ସଦସ୍ୟ ନିକଟସ୍ଥ ଭୋଳାଗଡ଼ିଆ ଗ୍ରାମରେ ଅନୁଷ୍ଠିତ ଫୁଟବଲ ପ୍ରତିଯୋଗିତା ଦେଖିବାକୁ ଯାଇଥିବା ବେଳେ ସେ ଏକାକୀ ଘରେ ରହିଥିଲେ। ପୁତୁରା ବାପୁନ ଏହି ସୁଯୋଗରେ ଠୁଙ୍ଗୁରୁଙ୍କ ଘରେ ପହଞ୍ଚିଥିଲେ। ଜମିଜମା ଭାଗବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବାପୁନ ଏକ କଟୁରି ବଡବାପା ଠୁଙ୍ଗୁରୁଙ୍କୁ ହାଣି ହତ୍ୟା କରିବା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଠୁଙ୍ଗୁରୁଙ୍କ ପରିବାର ଲୋକେ ଫୁଟବଲ ଖେଳ ଦେଖି ଘରକୁ ଫେରିବା ପରେ ଏହି ଘଟଣା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ପୋଲିସକୁ ଖବର ଦିଆଯାଇଥିଲା।

# ହାଇକୋର୍ଟରେ ଏକାଧିକ ମାମଲା

**କଟକ ଅଫିସ,୧୨।୧୧**

## ଏଏସ୍‌ଓ ପରୀକ୍ଷା ଚୟନ ପ୍ରକ୍ରିୟାରେ ତ୍ରୁଟି ଅଭିଯୋଗ

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ) ପରୀକ୍ଷା ଚୟନ ପ୍ରକ୍ରିୟରେ ବ୍ୟାପକ ତ୍ରୁଟି ଅଭିଯୋଗକୁ ନେଇ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଛି। ୨୦ରୁ ଊର୍ଦ୍ଧ୍ୱ ଏଏସ୍‌ଓ ଆଶାୟୀ ପ୍ରାୟ ୫ଟି ମାମଲାରେ ପକ୍ଷଭୁକ୍ତ ହୋଇଛନ୍ତି। ଆସନ୍ତା ସୋମବାର ମାମଲାର ଶୁଣାଣି କରାଯିବ ବୋଲି ସୂଚନା ମିଳିଛି।

ପ୍ରକାଶ ଯେ, ଗତ ୭ ତାରିଖରେ ଏଏସ୍‌ଓ ଲିଖିତ ପରୀକ୍ଷାର ଫଳ ପ୍ରକାଶ ପାଇଥିଲା। ଏଥିରେ ୧୧୦୪ଜଣ ଉତ୍ତୀର୍ଣ୍ଣ ହୋଇଥିଲେ। ତେବେ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଏଏସ୍‌ଓ ଆଶାୟୀମାନେ ଅଭିଯୋଗ କରିଆସୁଛନ୍ତି। ଏପରି କି ସେମାନେ କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଧାରଣା ଦେଇ ନିଜର ଅସନ୍ତୋଷ ମଧ୍ୟ ବ୍ୟକ୍ତ କରିଥିଲେ। ପରୀକ୍ଷା ହଲ୍‌ରେ ଖାତା ଖୋଲି ନ ଥିବା ପରୀକ୍ଷାର୍ଥୀ ପାସ୍ କରିବା, ପରୀକ୍ଷା ପରେ କଟ୍ ଅଫ୍ ମାର୍କ ଓ ମାର୍କଶିଟ୍ ଆସିବାରେ ବିଳମ୍ବ ହେବାକୁ ନେଇ ସେମାନେ ବିକ୍ଷୋଭ କରିଥିଲେ। ଓପିଏସ୍‌ସି ପକ୍ଷରୁ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷରେ ଓପିଏସ୍‌ସି ପକ୍ଷରୁ ଏନେଇ ଏକ ସ୍ପଷ୍ଟୀକରଣ ଜରିଆରେ ପରୀକ୍ଷାର୍ଥୀମାନଙ୍କ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ ବୋଲି କୁହାଯାଇଥିଲା। ଓପିଏସ୍‌ସିର ନୀତି ଅନୁସାରେ ଚୂଡ଼ାନ୍ତ ଫଳ



ପ୍ରକାଶ କରାଯାଇଛି। ଫଳ ପ୍ରକାଶ ପରେ ହିଁ ସମସ୍ତ ଉତ୍ତର ଖାତା, କଟ୍‌ଅଫ୍ ମାର୍କ ଓ ବ୍ୟକ୍ତିଗତ ପ୍ରାର୍ଥୀଙ୍କ ମାର୍କ ଓପିଏସ୍‌ସି ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି। ସେହିପରି ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ନିରପେକ୍ଷ ଓ ପାରଦର୍ଶିତାର ସହ କରାଯାଇଛି ବୋଲି ଓପିଏସ୍‌ସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ତେବେ ଓପିଏସ୍‌ସିର ଏଭଳି ସ୍ପଷ୍ଟୀକରଣରେ ଅସନ୍ତୋଷ ପ୍ରକାଶ କରିଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଶୀତ ବଢ଼ିବ: ୧୬ ଡିଗ୍ରୀ ତଳେ ୬ ସହରର

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

## କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ

ରାଜ୍ୟରେ ଶୀତର ପ୍ରକୋପ ଆରମ୍ଭ ହୋଇଛି। ପାରଦ ତଳମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସକୁ ଖସିଛି। ୬ଟି ସହରର ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ତଳେ ରହିଛି। କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ି ୧୩, ଫୁଲବାଣୀ ୧୩.୫, ବୌଦ୍ଧ ୧୩.୫, ଭବାନୀପାଟଣା ୧୫, ଅନୁଗୋଳ ୧୬.୬, କେନ୍ଦୁଝର ୧୬, ସୁନ୍ଦରଗଡ଼ ୧୭, ହୀରାକୁଦ ୧୭.୧, ଭବାନୀପାଟଣା ୧୫, ବଲାଙ୍ଗୀର ୧୭.୫, ସୋନପୁର ୧୭.୬ ଏବଂ ଦେବଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ରୁ ୪ ଦିନ ମଧ୍ୟରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିବ। ସର୍ବନିମ୍ନ ତାପମାତ୍ରା ୩ରୁ ୪ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର, ୪ ଅଟକ

**ଠାକୁରମୁଣ୍ଡା, ୧୨।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଞ୍ଚଳରେ ଜଣେ ଆଦିବାସୀ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଛି। ସେ ଠାକୁରମୁଣ୍ଡା ବ୍ଲକ ଅଧୀନ ସାତକୋଶିଆ ଗ୍ରାମକୁ ଲକ୍ଷ୍ମୀପୂଜା ଯାତ୍ରା ଦେଖିବାକୁ ଆସିଥିବା ବେଳେ ଗଣବଳାତ୍କାରର ଶିକାର ହୋଇଥିଲେ। ଏନେଇ ପୀଡିତା ଛାତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଜଣେ ନାବାଳକଙ୍କ ସମେତ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ପୀଡିତା ଛାତ୍ରୀଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ।

ଠାକୁରମୁଣ୍ଡା ବ୍ଲକ ଅଧୀନ ସାତକୋଶିଆ ଗ୍ରାମରେ ଲକ୍ଷ୍ମୀପୂଜା ଅବସରରେ ଯାତ୍ରା ଓ ମେଳା ହେଉଥିଲା। ଗତ ଅକ୍ଟୋବର ୧୫ତାରିଖ ରାତିରେ ଯାତ୍ରା ଦେଖିବାକୁ ଆନନ୍ଦପୁର ଅଞ୍ଚଳରୁ ଜଣେ ଛାତ୍ରୀ ତାଙ୍କ ପରିବାର ଲୋକଙ୍କ ସହିତ ସାତକୋଶିଆ ଆସିଥିଲେ। ରାତିରେ ଯାତ୍ରା ଦେଖୁଥିବା ବେଳେ ଜଣେ ପରିଚିତ ଯୁବକ ସମ୍ପୃକ୍ତ ଛାତ୍ରୀଙ୍କୁ ସେଠାରୁ ଡାକି ନେଇ ଯାତ୍ରାଠାରୁ କିଛି ଦୂରରେ ବଳାତ୍କାର କରିଥିଲେ। ପରେ ଯୁବକଙ୍କ ସହ ଥିବା ଅନ୍ୟ ୩ ଜଣ ମଧ୍ୟ ତାଙ୍କୁ ବଳାତ୍କାର କରିଥିବା ପୀଡିତା ଅଭିଯୋଗ କରିଥିଲେ। ଘଟଣା ଘଟିବାର ୨୬ ଦିନ ପରେ ଶୁକ୍ରବାର ରାତିରେ ପୀଡିତା ମହୁଲଡ଼ିହା ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଏନେଇ ଏକ ମାମଲା(ନଂ. ୭୨/୨୨) ରୁଜୁ କରି ସାତକୋଶିଆ ଗ୍ରାମର ପ୍ରଧାନସାହି ଓ ଦେଓଝରଣ ଗ୍ରାମରୁ ୪ ଅଭିଯୁକ୍ତଙ୍କୁ ଥାନାକୁ ଆଣି ଅଟକ ରଖି ତଦନ୍ତ କରୁଥିବା ଥାନା ଆଇଆଇସି ସଞ୍ଜୀବ ପରିଡା ସୂଚନା ଦେଇଛନ୍ତି।

# ୧,୨୬୭ ପଦବୀ ପାଇଁ ହେବ ସିଜିଏଲ୍ ପରୀକ୍ଷା

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ରାଜ୍ୟର ୧,୨୬୬ଟି ଗ୍ରୁପ୍-ବି ଏବଂ ଗ୍ରୁପ୍-ସି ପଦବୀ ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସ୍‌ଏସ୍‌ସି) ପକ୍ଷରୁ କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ ରିକ୍ରୁଟ୍‌ମେଣ୍ଟ ଏକ୍‌ଜାମିନେଶନ(ସିଜିଏଲ୍‌ଇ)-୨୦୨୨ ହେବ। ଗତ ୨ ତାରିଖରେ ୯୪୩ ପଦବୀ ପାଇଁ ପରୀକ୍ଷା ହେବ ବୋଲି କୁହାଯାଇଥିଲା, ଯେଉଁଥିରେ ୬୯୯ଟି ଗ୍ରୁପ୍-ବି ଏବଂ ୨୪୪ଟି ଗ୍ରୁପ-ସି ପଦବୀ ରହିଥିଲା। ଶନିବାର ଓଏସ୍‌ଏସ୍‌ସି ଆଉ ୩୨୪ ପଦବୀ ପାଇଁ ପରୀକ୍ଷା କରିବ ବୋଲି ସୂଚନା ଦେଇଛି। ଏହି ୩୨୪ଟି ପଦବୀ ମଧ୍ୟରେ ୫୬ଟି ଗ୍ରୁପ୍-ବି ଏବଂ ୨୬୮ଟି ଗ୍ରୁପ୍-ସି ପଦବୀ ପୂରଣ ହେବ। ଏହାକୁ ମିଶାଇ ମୋଟ ୧,୨୬୭ ପଦବୀ ପୂରଣ ହେବ, ଯେଉଁଥିରେ ୭୫୫ଟି ଗ୍ରୁପ୍-ବି ଏବଂ ୫୧୨ଟି ଗ୍ରୁପ୍-ସି ପଦବୀ ରହିଛି।

ସୂଚନାଯୋଗ୍ୟ, ଓଏସ୍‌ଏସ୍‌ସି ସିଜିଏଲ୍‌ଇ-୨୦୨୨ ପ୍ରିଲିମ ପରୀକ୍ଷା ୨୦୨୩ଜାନୁୟାରୀ କିମ୍ବା ଫେବୃୟାରୀରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏଥିପାଇଁ ଗତ ଶୁକ୍ରବାରରୁ ଅନ୍‌ଲାଇନ ମାଧ୍ୟମରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ଆସନ୍ତା ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଇଚ୍ଛୁକ ପ୍ରାର୍ଥୀମାନେ ଓଏସ୍‌ଏସ୍‌ସି ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ।

# ପୋଖରୀରେ ବୁଡ଼ି ୩ ମୃତ

**କାମାକ୍ଷାନଗର, ୧୨।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲାର ପୃଥକ୍ ସ୍ଥାନରେ ଶନିବାର ପାଣିରେ ବୁଡ଼ିଯାଇ ୩ଜଣଙ୍କ ପ୍ରାଣହାନି ଘଟିଛି। ମୃତକ ହେଲେ କଙ୍କଡାହାଡ଼ ଥାନା ମରୁଆବିଲ ପଞ୍ଚାୟତ କମ୍ପୁଲେଇ ଗ୍ରାମର ବିଜୟାନନ୍ଦ ମହାନ୍ତ (୪୦), ଦଶୀପୁର ଗ୍ରାମର ଲିଙ୍ଗରାଜ ଦେହୁରୀ (୫୨) ଏବଂ କାମାକ୍ଷାନଗର ଥାନା ପଦ୍ମପୋଖରୀ ଗ୍ରାମର ରାଧା ଦେହୁରୀ।

ବିଜୟାନନ୍ଦ ମଧ୍ୟାହ୍ନରେ ପୋଖରୀରେ ଗାଧୋଇବାବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଖୋଜାଖୋଜି କରିବା ପରେ ଅପରାହ୍ନରେ ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଳାପି ବିଜୟାନନ୍ଦଙ୍କ ଏଭଳି ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଥିବା ଥାନାଧିକାରୀ ନିର୍ମଳା ଗୋଚ୍ଛାୟତ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଲିଙ୍ଗରାଜ ମଧ୍ୟ ଗ୍ରାମ ପୋଖରୀରେ ଗାଧୋଉଥିବାବେଳେ ବୁଡ଼ିଯାଇଥିଲେ। ଅପରାହ୍ନରେ ପରିବାର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଗରିବ ଶ୍ରେଣୀର ହୋଇଥିବାରୁ ମୃତକଙ୍କ ପରିବାରକୁ ସହାୟତା ଦେବାକୁ ସାଧାରଣରେ ଦାବି ହୋଇଛି।

ସେହିପରି ରାଧା ସକାଳୁ ଘର ନିକଟ ପୋଖରୀକୁ ଶୌଚ ହେବା ଲାଗି ଯାଇଥିବାବେଳେ ବୁଡ଼ିଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କ ସ୍କାର୍ଫ ପୋଖରୀ ହୁଡ଼ାରେ ଥିବା ଦେଖି ସେ ବୁଡ଼ିଯାଇଥିବା ସନ୍ଦେହ ଉପୁଜିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଓଡ଼ିଶା-ବିହାର ଚୁକ୍ତିନାମା**

# ୩୩ ରୁଟ୍‌ରେ ଚାଲିବ ବସ୍

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ)**

ଅଧିକ ରୁଟ୍‌ରେ ବସ୍ ଚଳାଚଳ କରିବାକୁ ଓଡ଼ିଶା ଏବଂ ବିହାର ସରକାରଙ୍କ ମଧ୍ୟରେ ଶନିବାର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପ୍ରାୟ ୨୧,୮୬୭ କିଲୋମିଟର ଅତିକ୍ରମ କରୁଥିବା ୩୩ ରୁଟ୍‌ରେ ଝାଡ଼ଖଣ୍ଡ ଦେଇ ସିଧାସଳଖ ବସ୍ ଚଳାଇବା ପାଇଁ ଏହି ଚୁକ୍ତିନାମା କରାଯାଇଛି।

ବସ୍ ସେବା ଦୁଇ ରାଜ୍ୟ ମଧ୍ୟରେ ଧାର୍ମିକ, ପର୍ଯ୍ୟଟନ ଏବଂ ଶିକ୍ଷାଗତ ସ୍ଥାନଗୁଡ଼ିକର ସଂଯୋଗକୁ ବୃଦ୍ଧି କରିବ। ଏହି ନୂତନ ଚୁକ୍ତିନାମା ଯୋଗୁ ପାଟନା, ବିହାର, ସରିଫ, ଦେଓଘର, ଗୟା, ଔରଙ୍ଗାବାଦ, ଦରଭଙ୍ଗା, ରାଜଗିର, ଭାଗଲପୁର, ବକ୍ସର୍, ସିୱାନ୍, ଆରା, ହାଜିପୁର, ଚାପରା ନୱାଡା ଏବଂ ଭୁବନେଶ୍ୱର, କଟକ, ବାରିପଦା ସମେତ ବାଲେଶ୍ୱର, ରାଉରକେଲା, ସମ୍ବଲପୁର, ସୁନ୍ଦରଗଡ଼ ଓ ଅନ୍ୟାନ୍ୟ ସ୍ଥାନଗୁଡ଼ିକର ଲୋକମାନେ ଅଧିକ ଲାଭବାନ ହେବେ। ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) ସଚିବ ବ୍ରଜବନ୍ଧୁ ଭୋଳ କହିଛନ୍ତି ଯେ ନୂତନ ଚୁକ୍ତିନାମା ଅନୁଯାୟୀ ଓଡ଼ିଶା ବସ୍ ବିହାରରେ ୧୭,୬୧୧ କିଲୋମିଟର ଅତିକ୍ରମ କରିବ ଏବଂ ବିହାର ବସ୍ ଓଡ଼ିଶାରେ ୮୭୮୪ କିଲୋମିଟର ଅତିକ୍ରମ କରିବ। ଏହି ବସ୍‌ଗୁଡ଼ିକ ଝାଡ଼ଖଣ୍ଡ ଦେଇ ରାଜ୍ୟରେ ୮୦୩୨ କିଲୋମିଟର ଦୂରତା ଅତିକ୍ରମ କରିବ। ରାଜ୍ୟରେ ସଡକ ପରିବହନକୁ ସୁଗମ କରିବା ଦିଗରେ ଏହା ଏକ ବଡ ପଦକ୍ଷେପ। ବିହାର ଏବଂ ଓଡ଼ିଶାର ପରିବହନ ବିଭାଗ ମଧ୍ୟରେ ହୋଇଥିବା ଏହି ଚୁକ୍ତିନାମା ସାଂସ୍କୃତିକ ମୂଳଦୁଆକୁ ଆହୁରି ମଜଭୁତ କରିବାରେ ମଧ୍ୟ ସହାୟକ ହେବ। ବିହାର ସହିତ ଏହି ନୂତନ ଆନ୍ତଃରାଜ୍ୟ ଚୁକ୍ତିନାମା ମଧ୍ୟ ନୂତନ ବସ୍ ଅନୁମତି ପାଇଁ ଦ୍ୱାର ଖୋଲିବ। ଉଭୟ ରାଜ୍ୟରେ ପ୍ରାୟ ୧୦୦ ପରମିଟ ଏବଂ ରୁଟ୍ ଖୋଲାଯିବ। ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ସହ ମଧ୍ୟ ଏହିଭଳି ଚୁକ୍ତିନାମା ପାଇଁ ଆଲୋଚନା ମଧ୍ୟ ଜାରି ରହିଛି ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ପୁରାତନ ଚୁକ୍ତି ଅନୁଯାୟୀ ଉଭୟ ରାଜ୍ୟ ମଧ୍ୟରେ ମୋଟ ୯୨୭୬ କିଲୋମିଟର ଦୂରତା ବିଶିଷ୍ଟ ୧୫ଟି ରୁଟ୍‌ରେ ବସ୍ ଚଳାଚଳ କରୁଥିଲା।









## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡାହାଣୀ ହୋଇ ଗୁଣିଆ ହେଲେ**
**ଗାରିଡ଼ି ମନ୍ତ୍ର ଡାକେ**
**ଚୋରଟା ଯଦି, ଛାଟିଆ ହେଲା**
**ଡାକି ବୁଲେ ଗାଁ ଯାକେ ।**

ଏ ପାଖରେ କ୍ଷତି କରି ସେ ପାଖରେ ସମବେଦନା ପ୍ରକାଶ କରିବା ବା ଏ ପାଖରେ ମନ୍ଦ କରି ସେ ପାଖରେ ଭଲେଇ ହେବା । ଏକା ଲୋକ ହୋଇ ଦୁଇ ପ୍ରକାର ଅଭିନୟ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଡାଳ ପରେ ମୂଳ ଖାଇ**
**ଏବେ ବୁଲୁଅଛି ଅଚିନ୍ତା ହୋଇ ।**

ପୈତୃକ ସମ୍ପତ୍ତିକୁ ବ୍ୟର୍ଥରେ ଉଡେଇ ଦେବା ପରେ ମଧ୍ୟ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ କି ଅଚିନ୍ତା ହୋଇ ବୁଲୁଥିବାର ଦେଖିବାକୁ ମିଳିଥାଏ । ଅକର୍ମା ତଥା କୁଳାଙ୍ଗାର ବ୍ୟକ୍ତିଙ୍କ ପ୍ରତି ଏଭଳି କଟୁକ୍ତି ଭାବ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଓଡ଼ିଶା ପୌର ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଦାବି ନେଇ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା ।

# ୧,୪୧,୮୯୯ ମାମଲା ଫଇସଲା

**କଟକ ଅଫିସ, ୧୨।୧୧**

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

### ୧୨୦ କୋଟି ୫୭ ଲକ୍ଷ ୬୮ ହଜାର ୫୮୧ ଟଙ୍କା ଆଦାୟ

ରାଜ୍ୟର ୩୦ଟି ଜିଲାସ୍ତରରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଓ ବ୍ଲକ ସ୍ତରରେ ମୋଟ ୨,୯୦,୧୭୩ଟି ମାମଲା ବିଚାର ପାଇଁ ରଖାଯାଇଥିଲା । ସେଥିମଧ୍ୟରେ ପ୍ରି-ଲିଟିଗେସନ ମାମଲା ୮୪,୫୩୧ ଓ ବିଚାର ନ ହୋଇ ପଡ଼ିରହିଥିବା ମାମଲା ୨,୦୫,୬୪୨ ରହିଛି । ମୋଟ ୧,୪୧,୮୯୯ ମାମଲା ଫଇସଲା କରାଯାଇ ୧୨୦ କୋଟି ୫୭ ଲକ୍ଷ ୬୮ ହଜାର ୫୮୧ ଟଙ୍କା ଆଦାୟ ହୋଇଥିଲା । ବିଚାର ନ ହୋଇ ପଡ଼ିରହିଥିବା ମାମଲା ୧,୩୭,୪୧୬ ଓ ପ୍ରି-ଲିଟିଗେସନ ମାମଲା ୪୪୮୩ଟି ଫଇସଲା ହୋଇଥିଲା । ଆପରାଧିକ ସମ୍ପର୍କିତ ୨୧୫, ଚେକ୍ ବାଉନ୍ସ ୧୩୧୮, ବ୍ୟାଙ୍କ ଲୋନ୍ ୫୪୨, ଏମ୍‌ଏସିଟି ୯୭୩, ବୈବାହିକ ୭୦୮, ଜମିଜମା ସମ୍ପର୍କିତ ୩୬, ବିଦ୍ୟୁତ୍ ଓ ଜଳ ୧୦, ଶ୍ରମ ଓ ନିୟୋଜନ ୯୭, ରାଜସ୍ୱ ୧,୨୧,୫୫୮, ଅନ୍ୟାନ୍ୟ ସିଭିଲ ୧୭୦୧, ଅନ୍ୟାନ୍ୟ ଫୌଜଦାରି ୧୦,୦୫୬, ଖାଉଟି ୨୦୨ଟି ମାମଲା ଫଇସଲା ହୋଇଛି । ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରନ ଇନ୍ ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ମାର୍ଗଦର୍ଶନ ଓ ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ବିଚାରପତି ଯଶୱନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳିତ ହୋଇଥିଲା ।

# ଷଷ୍ଠରୁ ଅଷ୍ଟମ ପିଲା ଦେବେ ସ୍ୱତନ୍ତ୍ର ପରୀକ୍ଷା

**ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)**

ରାଜ୍ୟର ସରକାରୀ ସ୍କୁଲରେ ଉନ୍ନତ ଶିକ୍ଷାଦାନ ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । କରୋନା ସମୟରେ ଶିକ୍ଷାଦାନ ଗୁରୁତର ବାଧାପ୍ରାପ୍ତ ହୋଇଥିଲା । ଏଥିପାଇଁ ପରବର୍ତ୍ତୀ ସମୟରେ ସରକାର ଲର୍ଣ୍ଣିଂ ରିକଭରି ପ୍ରୋଗ୍ରାମ ଆରମ୍ଭ କରିଥିଲେ । ତେବେ ଏହି କାର୍ଯ୍ୟକ୍ରମ କେତେ ସଫଳ ହୋଇଛି ଓ ପିଲାଙ୍କ ବୌଦ୍ଧିକ ବିକାଶ କେତେ ହୋଇଛି, ତାହା ଜାଣିବା ପାଇଁ ସ୍ୱତନ୍ତ୍ର ପରୀକ୍ଷା ହେବ । ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲା ଏହି ପରୀକ୍ଷା ଦେବେ । ହାଇସ୍କୁଲ ଯିବା ପୂର୍ବରୁ ଛାତ୍ରୀଛାତ୍ରଙ୍କ ଦକ୍ଷତା ଯାଞ୍ଚ ହେବ । ସ୍ୱତନ୍ତ୍ର ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିବାବେଳେ ଚଳିତ ବର୍ଷଠାରୁ ଏହାକୁ ଲାଗୁ କରାଯିବ । ପରୀକ୍ଷା ପାଇଁ ଏସ୍‌ସିଇଆର୍‌ଟି ପ୍ରଶ୍ନପତ୍ର ପ୍ରସ୍ତୁତ କରିବ । ପିଲାମାନେ ନିଜ ସ୍କୁଲରେ ପରୀକ୍ଷା ଦେବେ ଏବଂ ପାଖ ସ୍କୁଲର ଶିକ୍ଷକ ଖାତା ମୂଲ୍ୟାୟନ କରିବେ । ତେବେ ଛାତ୍ରୀଛାତ୍ର ଏହି ପରୀକ୍ଷାରେ ବିଫଳ ହେଲେ, ତାଙ୍କୁ ଫେଲ୍ ଧରାଯିବ ନାହିଁ । ବରଂ ଯେଉଁମାନେ ଦୁର୍ବଳ ଥିବେ ସେମାନଙ୍କ ଦକ୍ଷତା ବଢ଼ାଇବା ଲାଗି ପଦକ୍ଷେପ ନିଆଯିବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ।

ସୂଚନାଯୋଗ୍ୟ, ରାଇଟ୍ ଟୁ ଏଜୁକେଶନ ଆକ୍ଟ ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ପିଲାଙ୍କୁ ବିନା ପରୀକ୍ଷାରେ କ୍ଲାସ୍ ପ୍ରମୋଶନ କରିବା ବାଧ୍ୟତାମୂଳକ କରାଯାଇଛି । ତେବେ ରାଜ୍ୟ ସରକାର ଲର୍ଣ୍ଣିଂ ରିକଭରି ପ୍ରୋଗ୍ରାମ ଲାଗୁ କରିବା ପରେ ପ୍ରାଥମିକ ଶ୍ରେଣୀରେ ଦକ୍ଷତା ପରୀକ୍ଷା ବା ସ୍ୱତନ୍ତ୍ର କରିବାକୁ ଯାଉଛନ୍ତି । ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଶିକ୍ଷାବିତ ଓ ଅଭିଭାବକ ସମର୍ଥନ କରିଛନ୍ତି । କିନ୍ତୁ ବାହାର ସ୍କୁଲ ଶିକ୍ଷକଙ୍କ ଦ୍ୱାରା ଖାତାଦେଖା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି ।

# ଗଞ୍ଜେଇ ବ୍ୟବସାୟୀଙ୍କ ସମ୍ପତ୍ତି ବାଜ୍ୟାପ୍ତ ହେବ

**ଜୟପୁର, ୧୨।୧୧ (ନି.ପ୍ର.)**

ଗଞ୍ଜେଇ ଚୋରାଚାଲାଣରେ ଗିରଫ ଅଭିଯୁକ୍ତଙ୍କ ସମ୍ପତ୍ତି ବାଜ୍ୟାପ୍ତି ନେଇ ନିର୍ଦ୍ଦେଶ ଆସିଥିବା ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଶନିବାର କହିଛନ୍ତି । ଏନେଇ ସେ କହିଛନ୍ତି, ଜୟପୁର ସଦର ଥାନା ପୋଲିସ ୨୦୨୧ ଜୁନ୍ ୧୧ରେ ଏକ ଗଞ୍ଜେଇ ବୋଝେଇ ଟ୍ରକ୍ ଉପରେ ଚଢ଼ାଉ କରିଥିଲା । ଏହି ସମୟରେ ପଞ୍ଜାବ ଲୁଧିଆନାର ଲକ୍ଷ୍ମୀନ୍ଦର ସିଂ ଓ ଜଶ୍‌ପାଲଙ୍କୁ ଗିରଫ କରିଥିଲା । ଏମାନଙ୍କଠାରୁ ୧୨୭୭ କେଜି ଗଞ୍ଜେଇ ଜବତ ହୋଇଥିଲା । ଏନେଇ ପୋଲିସ ୧୦୪/୨୧ର ଏକ ମାମଲା ରୁଜୁ କରିଥିଲା । ଏହି ସମୟରେ ଫେରାର ହୋଇଯାଇଥିବା ଅଭିଯୁକ୍ତ ଜୟପୁର ହାଇଦ୍ରାବାଦ ଲାଇନର ଆକବର ଏଲିୟସ ମୁରାଦ ଖାନଙ୍କୁ ପୋଲିସ ପରେ ଗିରଫ କରିଥିଲା । ସେ ଏହି କାରବାର କରି ୧ କୋଟି ୩୦ ଲକ୍ଷ ଟଙ୍କା ଜମା କରିଥିଲେ । ଖାନ୍‌ଙ୍କ ଆୟର କିଛି ମାଧ୍ୟମ ନ ଥିବା ବେଳେ ସେ ଏତେ ସମ୍ପତ୍ତି କିପରି କଲେ ତା'ର ଖୋଳତାଡ଼ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଓ ବେହେରା କରିଥିଲେ । ୨୦୨୦ରୁ ସେ ଗଞ୍ଜେଇ କାରବାରରେ ଲିପ୍ତ ରହି ଏତେ ପରିମାଣରେ ଟଙ୍କା ଠୁଳ କରିଥିଲେ । କୋଲକାତାର ଏନ୍‌ଡିପିଏସ୍ କମ୍ପିଟେଣ୍ଟ ଅଥରଟି ମୁରାଦଖାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ନେଇ ନିର୍ଦ୍ଦେଶ ଦେଇଥିବା ଏସ୍‌ଡିପିଓ ବେହେରା ପ୍ରକାଶ କରିଛନ୍ତି । ମୁରାଦଖାନଙ୍କ ଜମିବାଡ଼ି, ବୁଲେଟ ଗାଡ଼ି , ସ୍କୁଟି ଓ ଜୟପୁର ହାଇଦ୍ରାବାଦ ଲାଇନରେ ୩ ମହାଲ ବିଶିଷ୍ଟ କୋଠା ରହିଛି ।

## ପ୍ରଥମ ପୃଷ୍ଠାରୁ...

## ରାଷ୍ଟ୍ରପତି ଦେଖିବାକୁ ...

ଅବଧିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶାସକ ଟିଏମ୍‌ସି ଏହି ବିବାଦରୁ ନିରାପଦ ଦୂରତା ଅବଲମ୍ବନ କରିବାକୁ ଉଚିତ ମଣିଛି । ଶେଷରେ ୬୩ ବର୍ଷୀୟ ଅଖିଳ ଶନିବାର କ୍ଷମା ମାଗିଛନ୍ତି । ସେ କହିଛନ୍ତି, ତାଙ୍କ ଚେହେରା ପାଇଁ ସବୁଦିନ ଖରାପ କଥା ଶୁଣିବାକୁ ମିଳୁଛି । ସମ୍ମାନନୀୟା ରାଷ୍ଟ୍ରପତିଙ୍କୁ ଅସମ୍ମାନ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା । ଭାଜପା ନେତାମାନେ ତାଙ୍କୁ ଟାର୍ଗେଟ କରିବା ପାଇଁ ଯେଉଁଭଳି ଭାଷା ବ୍ୟବହାର କରୁଛନ୍ତି ସେ କେବଳ ତା'ର ଜବାବ ଦେଉଥିଲେ । ଦେଶର ସମ୍ବିଧାନ ଭଳି ରାଷ୍ଟ୍ରପତିଙ୍କ ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଛି । ରାଷ୍ଟ୍ରପତିଙ୍କୁ ଅସମ୍ମାନ କରିଥିବା କେହି ମନେକରୁଥିଲେ ସେ କ୍ଷମାପ୍ରାର୍ଥୀ ବୋଲି ଏକ ଟିଭି ଚ୍ୟାନେଲରେ କହିଛନ୍ତି ।

ମନ୍ତ୍ରୀ କ୍ଷମା ମାଗିବା ପରେ ମଧ୍ୟ ବିବାଦ ଥମିବାର ନାଁ ନେଉନାହିଁ । ଅଖିଳଙ୍କ ମନ୍ତବ୍ୟ ଟିଏମ୍‌ସିର ଆଦିବାସୀ ବିରୋଧୀ ମନୋଭାବକୁ ପ୍ରତିଫଳିତ କରୁଛି ବୋଲି ପଶ୍ଚିମବଙ୍ଗର ଶାସକ ଦଳକୁ ବିରୋଧୀ ଭାଜପା ଟାର୍ଗେଟ କରିଛି । ସେହିପରି ଭାଜପାର ରାଷ୍ଟ୍ରୀୟ ସୂଚନା ଓ ପ୍ରଯୁକ୍ତି ବିଭାଗ ସହପ୍ରଭାରୀ ଅମିତ୍ ମାଲବ୍ୟ ଟୁଇଟ୍ କରି କହିଛନ୍ତି, ମମତାଙ୍କ କ୍ୟାବିନେଟ ମନ୍ତ୍ରୀ ଅଖିଳ ଗିରି ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସବୁବେଳେ ଦଳିତ ବିରୋଧୀ ରହିଆସିଛନ୍ତି । ରାଷ୍ଟ୍ରପତି ନିର୍ବାଚନରେ ସେ ଦ୍ରୌପଦୀଙ୍କୁ ସମର୍ଥନ କରି ନ ଥିଲେ । ଏବେ ତାଙ୍କ ଦଳର ନେତା ରାଷ୍ଟ୍ରପତିଙ୍କୁ ଅସମ୍ମାନ କରୁଛନ୍ତି । ଅଖିଳଙ୍କ ଗିରଫଦାରି ଏବଂ କ୍ୟାବିନେଟରୁ ବହିଷ୍କାର ଦାବିରେ ଭାଜପା ପକ୍ଷରୁ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ସର୍ବସାଧାରଣରେ କ୍ଷମା ମାଗନ୍ତୁ । କାହା ଇଙ୍ଗିତରେ ମନ୍ତ୍ରୀ ଅଖିଳ ଏଭଳି ଦୁର୍ଭାଗ୍ୟଜନକ ମନ୍ତବ୍ୟ ଦେଲେ ମମତା ସେନେଇ ସ୍ପଷ୍ଟୀକରଣ ଦିଅନ୍ତୁ । ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ମଧ୍ୟ ଏନେଇ ଅଖିଳଙ୍କୁ ନୋଟିସ କରିଛନ୍ତି ।

ଓଡ଼ିଶା ଝିଅ ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟକୁ ନେଇ ରାଜ୍ୟର ସବୁ ରାଜନୈତିକ ଦଳ ଟିଏମ୍‌ସି ମନ୍ତ୍ରୀ ଅଖିଳଙ୍କୁ ସମାଲୋଚନା କରିଛନ୍ତି । ଅଖିଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ଆଦିବାସୀ ମୋର୍ଚ୍ଚା ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଥାନାରେ ଏତଲା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି, ଜଣେ ଟିଏମ୍‌ସି ସଦସ୍ୟ ଦେଶର ପ୍ରଥମ ନାଗରିକ ତଥା ମହିଳାଙ୍କୁ ଅପମାନ କରିବା ପରେ ଦଳର ସୁପ୍ରିମୋ ମମତା ତୁରନ୍ତ ଇସ୍ତଫା ଦେବା ଉଚିତ । ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଓଡ଼ିଶା ମାଟିର ଝିଅଙ୍କୁ ଅପମାନିତ କରିଥିବା ଅଖିଳଙ୍କୁ ରାଜ୍ୟ ଭିତରକୁ ପ୍ରବେଶ କରିବାକୁ ଦିଆଯିବ ନାହିଁ । ଦ୍ରୌପଦୀ କେମିତି ଦେଖାଯାଆନ୍ତି ବୋଲି ପ୍ରଶ୍ନ କରୁଛନ୍ତି । ତାଙ୍କ ଚେହେରାରେ କ'ଣ ଅସୁବିଧା ଅଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ଦେଖିବାକୁ କେମିତି ବୋଲି ସୁର ଓଲଟା ପ୍ରଶ୍ନ କରିଛନ୍ତି । ବିଜେଡିର ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାନ୍ କହିଛନ୍ତି, ଦୀର୍ଘ ସଂଗ୍ରାମ ପରେ ଜଣେ ଓଡ଼ିଆ ଝିଅ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦକୁ ଯାଇଛନ୍ତି । ପ୍ରଥମ ନାଗରିକ କେମିତି ଦେଖାଯାଆନ୍ତି ତାକୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେବା ଲଜ୍ଜାଜନକ । ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ନୟାଗଡ଼ଠାରେ ଏକ ପ୍ରତିବାଦ ଶୋଭାଯାତ୍ରାରେ ସାମିଲ ହୋଇ ମନ୍ତ୍ରୀ ଗିରିଙ୍କ ବରଖାସ୍ତ ଦାବି କରିଛନ୍ତି । ଇତିମଧ୍ୟରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଅଖିଳଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜଣେ ମହିଳା ହୋଇ ତାଙ୍କ ମନ୍ତ୍ରୀ ପରିଷଦରେ ଏପରି ଜଣେ ବ୍ୟକ୍ତିଙ୍କୁ କିପରି ବରଦାସ୍ତ କରୁଛନ୍ତି ବୋଲି କୁସୁମ ପ୍ରଶ୍ନ କରିଛନ୍ତି ।

### ଏନ୍‌ଏଚ୍‌ଆର୍‌ସିରେ ମାମଲା

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ) – ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ କ୍ୟାବିନେଟ ମନ୍ତ୍ରୀ ଅଖିଳ ଗିରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସୌନ୍ଦର୍ଯ୍ୟକୁ ନେଇ କଟାକ୍ଷ କରିଥିଲେ । ଶୁକ୍ରବାର ଅପରାହ୍ନରେ ନନ୍ଦିଗ୍ରାମଠାରେ ଏକ ଜନସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ, ଆମେ ଚେହେରା ଆଧାରରେ କାହାକୁ ବିଚାର କରୁନାହୁଁ । ଆମେ ରାଷ୍ଟ୍ରପତିଙ୍କ ପଦବୀକୁ ସମ୍ମାନ କରୁ । ହେଲେ ଆମ ରାଷ୍ଟ୍ରପତି କେମିତି ଦେଖାଯାଆନ୍ତି ବୋଲି ତାଚ୍ଛଲ୍ୟଭରା କଣ୍ଠରେ କହିଥିଲେ । ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବାବେଳେ ଘଟଣାକୁ ନେଇ ଓଡ଼ିଶା ସମେତ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସମ୍ପୃକ୍ତ ମନ୍ତ୍ରୀଙ୍କୁ ଚାରିଆଡ଼ୁ ସମାଲୋଚନାର ଶିକାର ହେବାକୁ ପଡିଥିବାବେଳେ ଏନେଇ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ମାମଲା ନଂ. ୧୮୯୭୨/ଇନ୍/୨୦୨୨ ଦାଏର ହୋଇଛି । ନ୍ୟାୟ ପାଇଁ ଲଢେଇ ପରିବାର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେବା ସହ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ କରିଛନ୍ତି ।

## ପାଟପୁରରୁ ୬ ଅଷ୍ଟଧାତୁ ...



ଭିତରକୁ ଯାଇ ଦେଖିବାବେଳେକୁ ଠାକୁରଙ୍କ ଆସ୍ଥାନରେ ଥିବା ଅଷ୍ଟଧାତୁ ମୂର୍ତ୍ତି ସେଠାରୁ ଗାଏବ ହୋଇଯାଇଥିଲା । ସେ ସଙ୍ଗେସଙ୍ଗେ ମନ୍ଦିର ଟ୍ରଷ୍ଟ ବୋର୍ଡର କର୍ମକର୍ତ୍ତାଙ୍କୁ ଖବର ଦେଇଥିଲେ । ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଧର୍ମଶାଳା ପୋଲିସକୁ ଅବଗତ କରାଇଥିଲେ । ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସଦଳବଳ ପହଞ୍ଚି ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ କରିଛନ୍ତି । ଚୋରି ମୂର୍ତ୍ତି ବହୁ ମୂଲ୍ୟବାନ ବୋଲି ଜଣାପଡ଼ିଛି । ୫ ଶହ ବର୍ଷର ଏହି ପୁରୁଣା ମନ୍ଦିରରୁ ଏଭଳି ଚୋରି ପ୍ରଥମ ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ବିନୋଦ ଦାଶ କହିଛନ୍ତି । ଏନେଇ ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବଳପାଉନି ନା...

ଚୋରି ଅଭିଯୋଗ ହୋଇଛି । ଏଥିରୁ ଜିଲାରେ କିଛି ବର୍ଷ ବ୍ୟବଧାନରେ ପୁଣି ମୂର୍ତ୍ତି ଚୋରମାନେ ସକ୍ରିୟ ହୋଇଥିବା ସ୍ପଷ୍ଟ ହେଉଛି । ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇପାରିନାହିଁ । ଗତ ୨୨ ବର୍ଷ ମଧ୍ୟରେ ଜିଲାରେ ୧୦ରୁ ଊର୍ଦ୍ଧ୍ୱ ମନ୍ଦିରରୁ ମୂର୍ତ୍ତି ଓ ଅଳଙ୍କାର ଚୋରି ହୋଇଛି । ହେଲେ ସେହି ଚୋରି ମୂର୍ତ୍ତିଗୁଡ଼ିକୁ ଉଦ୍ଧାର କରାଯାଇପାରିନାହିଁ । ୨୦୧୫ ମେ' ୧୮ ରାତିରେ ବରାହନାଥ ମନ୍ଦିରର ପ୍ରାଚୀନ ୬ ପାର୍ଶ୍ୱଦେବତା ମୂର୍ତ୍ତି ଚୋରି ହୋଇଥିଲା । ଦୁର୍ବୃତ୍ତମାନେ ଖରାଖିଆ ମନ୍ଦିରର ଲକ୍ଷ୍ମୀ ବରାହ ଓ ଶ୍ୱେତ ବରାହ, ବଳି ବାମନ ମନ୍ଦିରର ବଳିବାମନ, ଗଦାଧର ମନ୍ଦିରର ଗଦା, ଶଙ୍ଖ ଓ ଚକ୍ର ମୂର୍ତ୍ତିଗୁଡ଼ିକୁ ମାଟିରୁ ତାଡ଼ିନେଇ ଚମ୍ପଟ ମାରିଥିଲେ । ଏହି ଘଟଣାକୁ ୭ ବର୍ଷ ବିତିଯାଇଥିଲେ ହେଁ ସେହି ବିରଳ ଓ ମୂଲ୍ୟବାନ ମୂର୍ତ୍ତିଗୁଡ଼ିକର ସନ୍ଧାନ ମିଳିପାରିନାହିଁ । ୨୦୨୦ ଜୁଲାଇରେ ଅନୁରୂପ ଭାବେ ଚଣ୍ଡିଖୋଲ ଅଞ୍ଚଳର ୬ ମନ୍ଦିରରୁ ପୂଜା ସାମଗ୍ରୀ, ଦାନବାକ୍ସ, ସୁନା ଚିତା, ରୁପା ମୁକୁଟ ଆଦି ଚୋରି ହୋଇଥିଲା । ୨୦୨୦ ଡିସେମ୍ବର ୨୭ରେ ଦର୍ପଣଗଡ଼ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାୟ ୨୦୦ ବର୍ଷ ତଳର କୋଟ୍ରାକ୍ଷୀ ଦେବୀଙ୍କ ମନ୍ଦିରରୁ ତାଲା ଭାଙ୍ଗି ଦୁର୍ଲଭ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣା ଜିଲାବାସୀଙ୍କୁ ବ୍ୟଥିତ କରିଥିଲା ।

୨୦୦୫ ସେପ୍ଟେମ୍ବର ୧୪ରେ ଏହି କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମୂର୍ତ୍ତିକୁ ବଦଳ ଉଦ୍ୟମ ହୋଇଥିବା ଖବର ଲୋକଲୋଚନକୁ ଆସିଥିଲା । ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ୨୦୦୫ ନଭେମ୍ବର ୨୮ରେ ମା'ଙ୍କ ମୂର୍ତ୍ତିକୁ ପୁନଃ ସ୍ଥାପନ କରାଯାଇଥିଲା । ଏହି ଘଟଣାକୁ ନେଇ ଆର୍‌ଡିସି ସ୍ତରୀୟ ତଦନ୍ତ ମଧ୍ୟ ହୋଇଥିଲା । ହେଲେ ଦୁର୍ଭାଗ୍ୟ ଯେ, ୧୫ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ତଦନ୍ତ ରିପୋର୍ଟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇପାରିନାହିଁ । କେବଳ ମା' ବିରଜାଙ୍କ ମୂର୍ତ୍ତି ଚୋରି ଉଦ୍ୟମ ହୋଇଛି ତାହା ନୁହେଁ, ବିଭିନ୍ନ ସମୟରେ ଏହି ପୀଠରେ ଅନ୍ୟାନ୍ୟ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଚୋରି କରିବାରେ ମଧ୍ୟ ସଫଳ ହୋଇଛନ୍ତି । ୨୦୧୧ରେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତର ତରାଙ୍ଗ ସାଗରପୁର ଗ୍ରାମର ଦକ୍ଷିଣଚଣ୍ଡୀ ଠାକୁରାଣୀ ମନ୍ଦିରରୁ ପ୍ରାୟ ଷଷ୍ଠ ଶତାବ୍ଦୀରେ ପ୍ରତିଷ୍ଠିତ ହରପାର୍ବତୀ ମୂର୍ତ୍ତି ଚୋରି ହୋଇଥିଲା । ଏହାର ଏକ ମାସ ପରେ ଅଷ୍ଟମ ଶତାବ୍ଦୀର ଭୈରବ ମୂର୍ତ୍ତି ଓ ଗାଁ ପୀଠରେ ଥିବା ଜାଗୁଳାଇ ମନ୍ଦିରରୁ ପ୍ରଥମ ଜୈନତୀର୍ଥଙ୍କର ଋଷଭନାଥ ମୂର୍ତ୍ତିକୁ ଚୋରମାନେ ନେଇଯାଇଥିଲେ । ୨୦୧୨ରେ ପଞ୍ଚୁପୁର ଗ୍ରାମର ଜୈନତୀର୍ଥଙ୍କର ପଦ୍ମପ୍ରଭ ମୂର୍ତ୍ତି ଏବଂ ୨୦୧୩ରେ ଯାଜପୁର ଟାଉନ ସପନପୁରର ପଦ୍ମେଶ୍ୱର ମନ୍ଦିରରୁ ମହିଷମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି ଚୋରି କରାଯାଇଛି ।

ସୂଚନାଯୋଗ୍ୟ ଯେ, ୨୦୦୩ରେ ବିଶ୍ୱ ପ୍ରସିଦ୍ଧ ବୌଦ୍ଧ କୀର୍ତ୍ତିରାଜି ଉଦୟଗିରିରୁ ଏକ ବଡ଼ ବୁଦ୍ଧ ମୂର୍ତ୍ତି ମୁଣ୍ଡକୁ କାଟି ଦିଆଯାଇଥିଲା । ସେହିପରି ଏକ ପ୍ରାଚୀନ ବୁଦ୍ଧ ମୂର୍ତ୍ତି ଚୋରି ହୋଇଥିଲା, ଯାହାର ପତ୍ତା ମିଳି ପାରିନାହିଁ । ସେତେବେଳେ ଏହି ଘଟଣା ସାରା ରାଜ୍ୟରେ ଚହଳ ପକାଇ ଦେଇଥିଲା । ୨୦୨୧ ମାର୍ଚ୍ଚ ୨୩ରେ ବନ୍ଧାଳୋ ଗ୍ରାମର ମା' ତାରିଣୀ ମନ୍ଦିରରୁ ଲୁହା ଗ୍ରିଲ ଭାଙ୍ଗି ଘଣ୍ଟା, ଠାକୁରାଣୀଙ୍କ ଘଣ୍ଟ, ଥାଳି, ଗରା, ଦୀପ, ତସଲା, ମା ତାରିଣୀଙ୍କ ଭୋଗ ସରଞ୍ଜାମ ଆଦି ଚୋରି ହୋଇଛି । ନୂଆ ସୁଙ୍ଗୁଡା ଶିବ ମନ୍ଦିର ଏବଂ ହନୁମାନ ମନ୍ଦିରର ପୂଜା ସାମଗ୍ରୀ, ଚଣ୍ଡିଖୋଲ ଛକ ତାରିଣୀ ମନ୍ଦିର, ସୁଙ୍ଗୁଡା ଗ୍ରାମର ତାରିଣୀ ମନ୍ଦିରରୁ ବିଭିନ୍ନ ପୂଜା ସାମଗ୍ରୀ ଓ ଅଳଙ୍କାର ଚୋରି ହୋଇଥିଲା । ଗତ ୭ ତାରିଖରେ ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ବିରଜାନଗରରେ ନବନିର୍ମିତ ବିରଜା ମନ୍ଦିରର କବାଟ ଭାଙ୍ଗି ମା'ଙ୍କ ସୁନାମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ଚୋରି ଅଭିଯୋଗ ହୋଇଛି । ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଏନେଇ ଯାଜପୁର ରୋଡ୍ ଆଦର୍ଶ ଥାନାରେ ମନ୍ଦିର ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ ମହାଲିକ ଅଭିଯୋଗ କରିଥିଲେ । ହେଲେ ଅଭିଯୁକ୍ତମାନଙ୍କ ଟେର୍ ପାଇନି ପୋଲିସ । ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ଚୋରଙ୍କୁ ଧରିବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡିବେ ବୋଲି ସେ କହିଛନ୍ତି ।

ବାରମ୍ବାର ମୂର୍ତ୍ତି, ଅଳଙ୍କାର ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହେଉଥିବାରୁ ଧର୍ମ-ସଂସ୍କୃତି ପୀଠ, କୀର୍ତ୍ତିରାଜି ଓ ସନ୍ଥ ମହାତ୍ମାଙ୍କ ସାଧନା କ୍ଷେତ୍ର ଯାଜପୁର ଆକର୍ଷଣ ହରାଉଛି ବୋଲି ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି । ଏ ସମ୍ପର୍କରେ ଯାଜପୁର ଏସ୍‌ପି ରାହୁଲ ପି.ଆର.ଙ୍କୁ ପଚରାଯିବାରୁ ସେ କହିଛନ୍ତି, ଏତେ ସଂଖ୍ୟାରେ ମୂର୍ତ୍ତି ଚୋରି ହୋଇନାହିଁ । ମୂର୍ତ୍ତି ଚୋରଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି । ସେମାନେ ନିଶ୍ଚିତ ଭାବେ ଧରାପଡ଼ିବେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଚନ୍ଦ୍ରମଙ୍ଗଳ ଯୋଗ ଏକାଧାରରେ ଶାରୀରିକ, ମାନସିକ ଓ ଆର୍ଥିକ ଦିଗର ପୁଷ୍ଟିସାଧନ କରିବ । ବିବାଦୀୟ ପରିସ୍ଥିତିରେ ଅବୁଝା ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ । ଯାତ୍ରା, ବାଣିଜ୍ୟ, କ୍ରୟବିକ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଭଲ । ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ।

**ବୃଷ** – ଶୁକ୍ରଙ୍କ ସ୍ୱରାଶ୍ୟାବଲୋକନ ହେତୁ ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇବେ । ପ୍ରଶାସନିକ ସ୍ତରରେ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ । ସାଧାରଣ କଥାକୁ କେନ୍ଦ୍ରକରି ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ ।

**ମିଥୁନ** – ଆଜିର ଗ୍ରହଯୋଗ ଆପଣଙ୍କ କାର୍ଯ୍ୟ ପାଇଁ ବିଶେଷ ଅନୁକୂଳ ରହିବ । କୋଣାଧିପତିଙ୍କ ଶଭତ୍ୱଜନିତ ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ । ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ପ୍ରତାରଣା ପୂର୍ବକ ନିଜ ଲୋକ ହଇରାଣ କରିପାରନ୍ତି ।

**କର୍କଟ** – ଆଜି କର୍ମକ୍ଷେତ୍ର ଏକାଧିକ ଗ୍ରହଙ୍କ ଦ୍ୱାରା ପ୍ରଭାବିତ ହେଉଥିବାରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଦୂରଯାତ୍ରା, ବ୍ୟବସାୟ ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳ ହେବେ । ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଆନୁଷ୍ଠାନିକ କାମରେ ସହଯୋଗ କରି ଖୁସି ରହିବେ । ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ମାନସିକ ଶାନ୍ତି ନଷ୍ଟ ହୋଇପାରେ ।

**ସିଂହ** – କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ ସୁଧାରିନେବାରେ ସମର୍ଥ ହେବେ । କିନ୍ତୁ ମାଲିମକଦ୍ଦମାର ବିଚାର ବିଳମ୍ବ ହେବାରୁ ମନସ୍ତାପ ବଢ଼ିଯିବ । ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଅଧିକାଂଶ ସମୟ ବିତିବ । ଶନିଙ୍କ ପ୍ରଭାବରେ ବାଣିଜ୍ୟ ଓ ପରିବହନରେ ଉନ୍ନତ ମାନର ସୁଫଳ ପାଇବେ ।

**କନ୍ୟା** – କର୍ମସ୍ଥ ତୃତୀୟ ଅଷ୍ଟମାଧିପଙ୍କ ଅବସ୍ଥିତି ହେତୁ ପ୍ରତିବନ୍ଧକଜନିତ କୌଣସି କାମ ଶୃଙ୍ଖଳିତ ହେବ ନାହିଁ । ଆର୍ଥିକ ସମସ୍ୟା ବୃଦ୍ଧି କାରଣରୁ ପ୍ରତ୍ୟେକ କାମରେ ନିରୁତ୍ସାହିତ ରହିବେ । ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ଅଭାବ ଅନୁଭବ କରିପାରନ୍ତି । ସାମାଜିକ କ୍ଷେତ୍ରରେ ଉଚ୍ଚ ସମ୍ମାନ ମାନସିକ ଶାନ୍ତି ପ୍ରଦାନ କରିବ ।

**ତୁଳା** – ରାଶିରେ ପାପଗ୍ରହମାନେ ଅବସ୍ଥାନ କରୁଥିବାରୁ ଆଶା ଓ ଆଶଙ୍କା ମଧ୍ୟରେ ଚଳିବା ହେତୁ ଟେନ୍‌ସନ ଲାଗି ରହିବ । କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ । ଛୋଟ କଥାକୁ କେନ୍ଦ୍ରକରି ମାନସିକ ଅବସାଦରେ ରହିପାରନ୍ତି । ଶିଳ୍ପ, ବ୍ୟବସାୟ ଓ ପରିବହନରେ ଆଂଶିକ ସମସ୍ୟା ସମାଧାନ ହେବ ।

**ବିଛା** – ବିଭିନ୍ନ କ୍ଷେତ୍ରରେ ଅଧିକ ଆଶା କରି ଯେତିକି ପାଇବା କଥା ସେତିକି ମଧ୍ୟ ହରାଇବେ । ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରିପାରନ୍ତି । କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ମିଳିପାରେ । ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି ।

**ଧନୁ** – କଠୋର କଥା କହିବା ହେତୁ ପରିବାରରେ କଳହ ଦେଖାଦେଇପାରେ । କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କ୍ରମରେ ଅଫିସ୍ କାମରେ ତର୍କବିତର୍କର ସମ୍ଭାବନା ରହିଛି । ରାଜନୀତିରେ, ରଚନାତ୍ମକ କାମରେ, କଳା, ସାହିତ୍ୟରେ ପ୍ରଶଂସିତ ହେବେ । ମାଲିମକଦ୍ଦମାରେ ସମାଧାନ ଘଟିବାର ଆଶା ମଉଳି ଯାଇପାରେ ।

**ମକର** – ପାରିବାରିକ ଅଶାନ୍ତି ଲାଗିରହିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟିହେବ । କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ବିଚଳିତ ରହିବ । କିନ୍ତୁ, ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ । ସରକାରୀ ସ୍ତରରୁ ସୁବିଧା ସୁଯୋଗ ପାଇ କାମ ହାସଲ କରିପାରନ୍ତି ।

**କୁମ୍ଭ** – ଆଜିର କାମ ସମ୍ପନ୍ନ ହେବାରେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ । ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ । ଦୀର୍ଘ ଦିନରୁ ଲାଗି ରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ । ଦୂର ସମ୍ପର୍କୀୟଙ୍କଠାରୁ ସୁଖବର ପାଇବେ ।

**ମୀନ** – ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ନିଶ୍ଚିତ ଭାବରେ ସଫଳତା ପାଇପାରିବେ । ପଡ଼ୋଶୀଙ୍କ ସହ ସମ୍ପର୍କରେ ଉନ୍ନତି ଘଟିବ । ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନିତ ହେବେ । ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି । ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ରହିବେ । ନ୍ୟାୟାଳରେ ଥିବା ମାମଲା ସମାଧାନର ଆଶା ଉଜ୍ଜ୍ୱଳ ।

ଆଜି ନଭେମ୍ବର ୧୩ ତାରିଖ, ମାର୍ଗଶିର କୃଷ୍ଣ ପଞ୍ଚମୀ ରବିବାର, ସୀତା ବିବାହ, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ସିଦ୍ଧ ମହାବୀରଙ୍କ ନାଗାବେଶ, ରାଶି ନକ୍ଷତ୍ର-ଦିବା, ଘ.୧୦।୧୮, ଗତେ, ପୁନର୍ବସୁ/ମିଥୁନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ.ଘ.୦୬।୪୨ ଗତେ ଘ.୦୮।୫୫ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ, ଘ.୦।୪୦ ଗତେ ଘ.୦୫।୦୪ ମଧ୍ୟେ ରାହୁକାଳ ।



'ଧରିତ୍ରୀ' ପକ୍ଷରୁ ଆସନ୍ତା ୨୪ତାରିଖରେ ହେବାକୁ ଥିବା ଜଳବାୟୁ ସମ୍ପର୍କିତ ଯୁବ ସମ୍ମିଳନୀ(ୟୁଥ୍ କନ୍‌କ୍ଲେଭ) ପାଇଁ ଶନିବାର ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଯୋଗଦେଇଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବାୟୁ ଉପରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ।

# ଫରେଷ୍ଟର ନିଲମ୍ବିତ, ରେଞ୍ଜ୍ ଅଧିକାରୀଙ୍କୁ ନୋଟିସ

କେନ୍ଦୁଝର, ୧୨।୧୧ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ତେଲକୋଇ ରେଞ୍ଜ୍ ତାଳପଦା ସେକ୍ସନ ଅଧୀନସ୍ଥ ଏସ୍‌ଏନପୁର ଗୋଡ଼ା ବିଟ୍ ଅନ୍ତର୍ଗତ କଳାପାଟ ସଂରକ୍ଷିତ ଜଙ୍ଗଲରେ ଏକ ଗର୍ଭିଣୀ ହାତୀକୁ ତୀରବିନ୍ଧି ମାରିଦେବା ଘଟଣାରେ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଉକ୍ତ ସେକ୍ସନର ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କୁ ନିଲମ୍ବିତ ଏବଂ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ ଓ ଫରେଷ୍ଟ ଗାର୍ଡ ଝରଣା ସାହୁଙ୍କୁ କାରଣ ଦର୍ଶାଇ ନୋଟିସ କରାଯାଇଛି। ତିନି ଦିନ ମଧ୍ୟରେ ଉତ୍ତର ଦେବାକୁ ରେଞ୍ଜ ଅଧିକାରୀଙ୍କୁ କୁହାଯାଇଛି। ବିଳମ୍ବରେ ହାତୀ ମୃତ୍ୟୁ ସୂଚନା ପାଇବା ନେଇ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ଗତ ୭ ତାରିଖ ଦିନ ଉକ୍ତ ସ୍ଥାନରେ ଏକ ମାଈ ହାତୀ ଓ ଛୁଆ ମରିପଡ଼ିଥିବା ବେଳେ ପଚି ଗନ୍ଧ ହେଉଥିଲା। ଗନ୍ଧ ବାରି ଗ୍ରାମବାସୀ ତାଳପଦା ସେକ୍ସନର ଫରେଷ୍ଟରଙ୍କୁ ସୂଚନା ଦେଇଥିଲେ। ପରେ ଉକ୍ତ ସ୍ଥାନରୁ ତୀରବିଦ୍ଧ ମାଈ ହାତୀ ଓ ନବଜାତ ହାତୀ ଶାବକର ମୃତଦେହ ବନ ବିଭାଗ ଜବତ କରିଥିଲା। ଘଟଣା ଦିନ କେନ୍ଦୁଝର ଡିଏଫ୍‌ଓ ଓ ପର ଦିନ ପିସିସିଏଫ ପହଞ୍ଚି ଅନୁଧ୍ୟାନ କରିଥିଲେ। ତେବେ ନିୟମିତ ହାତୀମାନଙ୍କ ଟ୍ରାକିଂ କରାଯାଇ ସେମାନଙ୍କ ସ୍ଥିତାବସ୍ଥା ସମ୍ପର୍କରେ କର୍ମଚାରୀମାନେ ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ କରିଥାନ୍ତି। ତେବେ ଏହି ହାତୀଟି ଦୀର୍ଘଦିନ ହେଲା ସେଠାରେ ମୃତ୍ୟୁବରଣ କରି ପଡ଼ି ରହିଥିଲେ ହେଁ କିଭଳି ଟ୍ରାକିଂ ରିପୋର୍ଟରୁ ଜଣାପଡ଼ିଲା ନାହିଁ। ଫଳରେ ଚାଲିଥିବା ଟ୍ରାକିଂ ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଥିଲା। ହାତୀଟି ଦେହରେ ତୀର ଦୀର୍ଘ ମାସ ପୂର୍ବରୁ ବାଜିଥିବା ଆଶଙ୍କା କରାଯାଉଛି। ହାତୀମାନେ ଚଳପ୍ରଚଳ କରୁଥିବା ଏବଂ ଗୋଟିଏ ରେଞ୍ଜରୁ ଅନ୍ୟ ରେଞ୍ଜ ତଥା ଡିଭିଜନକୁ ଚଳାଚଳ କରୁଥିବାରୁ କେଉଁଠି ତୀରବିଦ୍ଧ ହୋଇଛି ଜାଣିବା ସମ୍ଭବ ନୁହେଁ। ଏଣୁ ଏହି ଘଟଣାରେ ହାତୀଙ୍କୁ ତୀର ମାରିଥିବା ଅଭିଯୁକ୍ତଙ୍କୁ ଗିରଫ କରିବା ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପରି ନ ହେଉ କି ଦୋଷୀ ଖସିଯାଉ ଏବଂ କାର୍ଯ୍ୟାନୁଷ୍ଠାନ ଆଳରେ ନିରୀହ ଲୋକଙ୍କୁ ଗିରଫ କରି କେସ୍‌କୁ ବନ୍ଦ କରିଦିଆଯାଉ ବୋଲି ଆଲୋଚନା ହେଉଛି।



**ତୀର ମାରି ଗର୍ଭିଣୀ ହାତୀକୁ ମାରିଦେବା ଘଟଣା**

## ଜଣେ ଗାର୍ଡଙ୍କୁ ୩ ବିଟ୍ ଦାୟିତ୍ୱ

କେନ୍ଦୁଝର, ୧୨।୧୧ (ସ୍ୱ.ପ୍ର.)

ଘଞ୍ଚ ଜଙ୍ଗଲ ଓ ପାହାଡ଼ ପରିବେଷ୍ଟିତ ତେଲକୋଇ ବନାଞ୍ଚଳ ଅଧୀନରେ ୪ ସେକ୍ସନ ରହିଥିବା ବେଳେ ୧୮ଟି ଫରେଷ୍ଟ ବିଟ୍ ରହିଛି। ସେକ୍ସନରେ ଫରେଷ୍ଟର ଓ ବିଟ୍‌ରେ ଫରେଷ୍ଟ ଗାର୍ଡମାନେ ନିଯୁକ୍ତ ହୋଇଥାନ୍ତି। ତଳସ୍ତରରେ ଫରେଷ୍ଟ ଗାର୍ଡମାନଙ୍କ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ରହିଛି। ୧୮ ଟି ବିଟ୍‌ରେ ମାତ୍ର ୯ ଜଣ ଫରେଷ୍ଟ ଗାର୍ଡ କାମ କରୁଛନ୍ତି। ଜଣେ ଗାର୍ଡ ୨ରୁ ୩ ବିଟ୍‌ର ଦାୟିତ୍ୱ ନେଇ କାମ କରିବାକୁ ପଡୁଛି। ହାତୀ ମୃତ୍ୟୁ ହୋଇଥିବା ତାଳପଦା ବିଟ୍ ଦାୟିତ୍ୱରେ ଥିବା ଗାର୍ଡ ଝରଣା ସାହୁ ତାଳପଦା ସମେତ ଏସ୍‌ଏନ୍‌ପୁର ଗୋଡ଼ା, ଓରିଆ ବିଟ୍ ଦାୟିତ୍ୱ ତୁଲାଉଛନ୍ତି। ତେବେ ଜଣେ ମହିଳା ଗାର୍ଡ କିପରି ଏକାଧିକ ବିଟ୍ ଚଳାଇବେ ଏବଂ ହାତୀ ତଥା ଲୋକଙ୍କ ସୁରକ୍ଷା କରିପାରିବେ ତାହାକୁ ନେଇ ପ୍ରଶ୍ନ ହୋଇଛି। ଭୟରେ ବିଭାଗୀୟ କର୍ମଚାରୀମାନେ ମୁହଁ ଖୋଲିପାରୁନହାନ୍ତି। ଏଥିସହ ବରିଷ୍ଠ ଅଧିକାରୀମାନେ ଖାଲି ପଦବୀ ପୂରଣ ନେଇ ପଦକ୍ଷେପ ନେଉ ନ ଥିବା କିମ୍ବା ସମ୍ବେଦନଶୀଳ ବିଟ୍‌ରେ ନିଯୁକ୍ତି ଦେଉ ନ ଥିବାରୁ ଏଭଳି ଅଘଟଣ ଘଟୁଥିବା ପରିବେଶବିତ୍ ହରେକୃଷ୍ଣ ମହାନ୍ତ ମତବ୍ୟକ୍ତ କରିଛନ୍ତି।

# ନାକେଦମ କଲେଣି ଝାଡ଼ଖଣ୍ଡୀ ହାତୀପଲ

ପାଟଣା, ୧୨।୧୧(ସ୍ୱ.ପ୍ର.)

- ମୂଷାଖରୀ ଗାଁରେ ୩ ଘର ଭାଙ୍ଗିଲେ
- ଅଳ୍ପକେ ବର୍ତ୍ତିଲେ ପାରା ଷ୍ଟାଫ୍

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ୫ ଦିନରୁ ଊର୍ଦ୍ଧ୍ୱ ହେବ ୨୪ ଟିକିଆ ଝାଡ଼ଖଣ୍ଡୀ ହାତୀପଲଙ୍କ ଦୌରାତ୍ମ୍ୟ ଜାରି ରହିଛି। ଅଞ୍ଚଳରେ ଏକରରୁ ଊର୍ଦ୍ଧ୍ୱ ଫସଲ ନଷ୍ଟ କଲେଣି। ହାତୀଙ୍କୁ ଘଉଡ଼ାଇବାରେ ବନବିଭାଗ ନାକେଦମ ହେଲାଣି। ଗୃହପାଳିତଙ୍କ ଭଳି ଗାଁ ଦାଣ୍ଡରେ ବୁଲୁଥିବା ବେଳେ ଶୁକ୍ରବାର ରାତିରେ ୩ଘର ଭାଙ୍ଗିଥିବା ଜଣାପଡ଼ିଛି। ହାତୀ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଞ୍ଚଳରେ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବାରୁ ଲୋକେ ଭୟରେ କାଳାତିପାତ କରୁଛନ୍ତି।

ବନ ବିଭାଗ ସୂଚନା ମୁତାବକ, ଶୁକ୍ରବାର ରାତିରେ ମଲ୍ଲିପଶି ବିଟ୍ ମୂଷାଖରୀ ଗାଁ ବଡ଼ କାଶିଆ ସାହିରେ ହତୀପଲ ଏକରରୁ ଊର୍ଦ୍ଧ୍ୱ ଧାନ ଫସଲ ଉଜାଡ଼ିବା ସହ କଦଳୀ ବାଡ଼ି ଧ୍ୱଂସ କରିଛନ୍ତି। ପରେ ଉକ୍ତ ଗାଁରେ ପଶି ଭରତ ମୁଣ୍ଡାଙ୍କ ଏକ ମାଟି ଟାଇଲ ଘର, ଗଙ୍ଗା ମୁଣ୍ଡାଙ୍କ ଏକ ଚାଳ ଛପର ଘର ଓ ହରେକୃଷ୍ଣ ନାଏକଙ୍କ ଏକ ଛପର ଘର ଭାଙ୍ଗି ଦେଇଛନ୍ତି। ଘର ଭିତରେ ସମସ୍ତେ ଶୋଇଥିବା ଲୋକେ ଶବ୍ଦ ଶୁଣି ବାହାରି ଆସିଥିଲେ। ଘରଦ୍ୱାର ଛାଡ଼ି ଜୀବନ ବିକଳରେ ସାନ କାଶିଆ ଗାଁର ବନ୍ଧୁଙ୍କ ଘରକୁ ପଳାଇଥିଲେ। ଅପରପକ୍ଷେ ଅପରାହ୍ନରେ ବନ ବିଭାଗର ପାରା ଷ୍ଟାଫ୍ ମୁରଲୀ ମହାନ୍ତ ମେଘା ଫୋନ( ସାଇରନ) ବଜାଇ ହାତୀ ଘଉଡ଼ାଉଥିବା ବେଳେ ଏକ ଦନ୍ତା ଉତ୍‌କ୍ଷିପ୍ତ ହୋଇ ତାଙ୍କ ଆଡକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ମୁରଲୀ ଜୀବନ ବିକଳରେ ସାଇରନ ଫୋପାଡ଼ି ଏକ ଖାଲୁଆ ସ୍ଥାନକୁ ଡେଇଁ ପଡ଼ିବାରୁ ହାତୀ କବଳରୁ ବର୍ତ୍ତି ଯାଇଥିଲେ। ସାଇରନକୁ ଦନ୍ତା ପାଦରେ ଦଳି ଭାଙ୍ଗି ଦେଇଥିଲା। ଶୁକ୍ରବାର ରାତିରେ ହାତୀପଲ କାଶିଆ ଅଞ୍ଚଳରେ ବ୍ୟାପକ ଧାନଫସଲ ଉଜାଡିଥିବା ବେଳେ ଭରତ ମୁଣ୍ଡାଙ୍କ କଦଳୀ ଫସଲ ଖାଇବା ସହ ନଷ୍ଟ କରିଛନ୍ତି। ଲୋକେ ପଥର ମାରୁଥିବାରୁ ଏକ ଦନ୍ତା ଉତ୍‌କ୍ଷିପ୍ତ ହୋଇ ଗୋଡ଼ାଉଛି। ହାତୀପଲ ଏବେ ଚିନାବାଲିପଶି ପଞ୍ଚାୟତ ଅଧୀନ ନୂଆପଡ଼ା ଜଙ୍ଗଲରେ ଥିବା ବନବିଭାଗ ସୂଚନା ଦେଇଛି। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଅଞ୍ଚଳରୁ ହାତୀପଲଙ୍କୁ ଘଉଡ଼ାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଘଟଣାସ୍ଥଳରେ ପାଟଣା ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା, କ୍ଷୀରେଇ ଟାଙ୍ଗିରି ଫରେଷ୍ଟର ସୁନିତା ବୋଘେଲ ଓ ପାରା ଷ୍ଟାଫ୍ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।



ହାତୀ ଭାଙ୍ଗି ଦେଇଥିବା ଘର ନିକଟରେ ପରିବାର।

# ନଖକଟାରେ ନାଗସାପ ଦାନ୍ତ ଭାଙ୍ଗୁଥିଲେ

ବଲାଙ୍ଗୀର ଅଫିସ, ୧୨।୧୧

- ଭିଡିଓ ଭାଇରାଲ, କାର୍ଯ୍ୟାନୁଷ୍ଠାନ ହେବ କହିଲା ବନ ବିଭାଗ
- ଅଭିଯୁକ୍ତ ଫେରାର

ବଲାଙ୍ଗୀର ଜିଲା ପୁଇଁତଲା ଥାନା ବିଲେଇସର୍ଡା ଗ୍ରାମର ଜଣେ ଯୁବକ ନାଗସାପ ଧରିବା ପରେ ନଖକଟାରେ ସାପ ଦାନ୍ତ ଭାଙ୍ଗିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସମ୍ପୃକ୍ତ ଯୁବକ ହେଲେ ଗ୍ରାମର ବୀର ବିଶ୍ୱାଳ(୩୫)। ବିଭିନ୍ନ ସ୍ଥାନରୁ ବିଷଧର ସାପ ବିଶେଷକରି ନାଗସାପ ଧରିବା ପରେ ଏକ ନଖକଟା ଯନ୍ତ୍ରରେ ସମ୍ପୃକ୍ତ ସାପର ବିଷଦାନ୍ତ ଭାଙ୍ଗିଦେଉଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ବଲାଙ୍ଗୀର ସ୍ନେକ୍ ହେଲ୍‌ପଲାଇନ୍ ପକ୍ଷରୁ ସ୍ଥାନୀୟ ବନ ବିଭାଗ ରେଞ୍ଜ ଅଫିସରେ ଅଭିଯୋଗ କରାଯାଇଛି। ସାପକୁ ନିର୍ଯାତନା ଦେଉଥିବା ଏବଂ ଏହାର ଭିଡିଓ କରି ଭାଇରାଲ କରୁଥିବା ସମ୍ପୃକ୍ତ ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗ କରାଯାଇଛି। ସ୍ନେକ୍ ହେଲପଲାଇନ୍ ପକ୍ଷରୁ ଅନୋଜ ମିଶ୍ର କହିଛନ୍ତି ଯେ, ସାପକୁ ଏଭଳି ନିର୍ଯାତନା ଦେବା ଆଇନସଙ୍ଗତ ନୁହେଁ। ଏନେଇ ବଲାଙ୍ଗୀର ବନବିଭାଗ ରେଞ୍ଜ ଅଫିସର କେଶବ କିଶୋର ନାୟକଙ୍କୁ ପଚାରିବାରୁ ଅଭିଯୋଗ ଏବଂ ଭାଇରାଲ ଭିଡିଓ ପାଇବା ପରେ ବିଭାଗ ଟିମ୍ ତୁରନ୍ତ ବିଲେଇସର୍ଡା ଯାଇ ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲା। ତେବେ ଅଭିଯୁକ୍ତ କୁଆଡେ ପଳାଇ ଯାଇଥିବାରୁ ତାଙ୍କୁ ଧରାଯାଇ ପାରିନାହିଁ ବୋଲି ସେ କହିଛନ୍ତି। ଆଇନ ଅନୁଯାୟୀ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

# 'ମୃତ ଧନ ମାଓବାଦୀ ନୁହେଁ, ଶ୍ରମିକ ଥିଲେ'

କୋରାପୁଟ/ଜୟପୁର/, ୧୨।୧୧(ସ୍ୱ.ପ୍ର./ନି.ପ୍ର.)

କୋରାପୁଟ ଜିଲାର ବୈପାରିଗୁଡ଼ା ଥାନା ଅନ୍ତର୍ଗତ ମାଳିପଦର ଜଙ୍ଗଲରେ ଗୁରୁବାର ରାତିରେ ଏସ୍‌ଓଜି ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ମାଓବାଦୀଙ୍କର ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଶନିବାର ଜଣଙ୍କର ମୃତଦେହ ସମ୍ପୃକ୍ତ ମାଓବାଦୀଙ୍କ ପରିବାର ଲୋକେ ଚିହ୍ନଟ କରିବା ସହ ଗୁରୁତର ଅଭିଯୋଗ ଆଣିଛନ୍ତି। ମୃତକ ହେଲେ ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଭେଜାଗଡ଼ା ପଞ୍ଚାୟତ ସର୍ଗିଗୁଡ଼ା ଗ୍ରାମର ଧନ କମାର (୪୧)। ସେ ମାଓବାଦୀ ନୁହେଁ, ଜଣେ ଶ୍ରମିକ ଥିଲେ ବୋଲି ଏଠାରେ ପରିବାର ଲୋକେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଧନ ଭେଜାଗୁଡ଼ାର ୬ ଜଣ ଓ କୋଟପାଡ଼ ଅଞ୍ଚଳର ୩ ଶ୍ରମିକଙ୍କ ସହ ଗଞ୍ଜେଇ ବେପାରୀଙ୍କ ନିକଟରୁ କାଉଡ଼ିରେ ଗଞ୍ଜେଇ ନେଇ କୋରାପୁଟ ଜିଲାର ମାଳିପଦର ଜଙ୍ଗଲ ଦେଇ କୋଟପାଡ଼ ଅଞ୍ଚଳକୁ ଯାଉଥିବା ବେଳେ ସୁରକ୍ଷାକର୍ମୀଙ୍କ ଗୁଳିର ଶିକାର ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ସାମାଜିକ କର୍ମୀ ଶରତ ଚନ୍ଦ୍ର ବୁରୁଦା କହିଛନ୍ତି। ସେହିପରି ଧନଙ୍କ ଗାଁ ଲୋକେ ମଧ୍ୟ ଏହି ଘଟଣାରେ ନ୍ୟାୟ ପାଇଁ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ଏ ପର୍ଯ୍ୟନ୍ତ ଅନ୍ୟ ଜଣେ ମୃତକଙ୍କର ପରିଚୟ ମିଳିପାରିନାହିଁ।

ସୂଚନାଯୋଗ୍ୟ, ଗୁରୁବାର ରାତିରେ କୋରାପୁଟ ଏସ୍‌ଓଜିର ଏକ ଟିମ୍ ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଅଟାଳଗୁଡ଼ା, ମାଳିପଦର, ବଦଳିପାହାଡ଼ ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନ ଚଳାଇଥିଲେ। ମାଳିପଦର ଜଙ୍ଗଲରେ ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ପରେ ଏସ୍‌ଓଜି ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ପୋଲିସ ଗୁଳିର ସାମ୍ନା କରି ନ ପାରି ସେଠାରେ ଥିବା ୧୦ରୁ ୧୫ ଜଣ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ। ଏହାପରେ ଯାଞ୍ଚ ସମୟରେ ୨ ମାଓବାଦୀଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା ବୋଲି ଶୁକ୍ରବାର ଡିଆଇଜି ରାଜେଶ ପଣ୍ଡିତ କୋରାପୁଟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏଥିସହ ଘଟଣାସ୍ଥଳରୁ ବିପୁଳ ପରିମାଣରେ ବିସ୍ଫୋରକ, ୩ ଦେଶୀ ବନ୍ଧୁକ, ୨ ହଳ ମାଓବାଦୀ ପୋଷାକ, ୫ ଡିଟୋନେଟର, ଗୋଟିଏ ବଣ୍ଡଲ କୋଡେକ୍ସ ତାର, ମୋବାଇଲ ଚାର୍ଜର, ୩ ବୁଲେଟ ଖୋକା, ଗୋଟିଏ ଟିଫିନ ବୋମା, ୧୦ ଜରି ବସ୍ତାରେ ଥିବା ଗଞ୍ଜେଇ , ୫ଟି ପଲିଥିନ ସିଟ୍, ମାଓବାଦୀଙ୍କ ପୁସ୍ତକ ଓ ପତ୍ରିକା, ମେଡିସିନ ଆଦି ଜବତ ହୋଇଥିବା ସୂଚନା ଦିଆଯାଇଥିଲା। ପରିଚୟ ମିଳି ନ ଥିବା ବ୍ୟକ୍ତିଙ୍କ ମୃତଦେହ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କେନ୍ଦ୍ରରେ ରଖାଯାଇଛି। ୭୨ ଘଣ୍ଟା ପରେ କେହି ସମ୍ପର୍କୀୟ ନ ଆସିଲେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରି ପୋତାଯିବ ବୋଲି ପୋଲିସ ସୂଚନା ଦେଇଛି।



ଅଭିଯୋଗ ଆଣିଥିବା ପରିବାର ଲୋକେ।

**ଏନ୍‌କାଉଣ୍ଟରରେ ୨ ମାଓବାଦୀ ନିହତ ଘଟଣା**

**ମାନବାଧିକାର କମିଶନର ଦ୍ୱାରସ୍ଥ ହେବେ ପରିବାର ଲୋକେ**

# ଶାସ୍ତ୍ରୀୟ ସଙ୍ଗୀତର ମୂର୍ଚ୍ଛନାରେ ଝୁମିଲେ ଶ୍ରୋତା



ରାଜାରାଣୀ ସଙ୍ଗୀତ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମେୟର ସୁଲୋଚନା ଦାସଙ୍କ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

## ଆରମ୍ଭ ହେଲା ରାଜାରାଣୀ ସଙ୍ଗୀତ ମହୋତ୍ସବ





ମଞ୍ଚରୁ ଛୁଟି ଆସୁଥିଲା ବଂଶୀର ସ୍ୱର। ଶାନ୍ତ ପରିବେଶରେ ଶ୍ରୋତାଙ୍କ ମନରେ ଭରି ଦେଉଥିଲା ଅପୂର୍ବ ଆନନ୍ଦ। ବିଶିଷ୍ଟ ହିନ୍ଦୁସ୍ଥାନୀ ବଂଶୀ ବାଦକ ଗୁରୁ ଜବାହାର ମିଶ୍ରଙ୍କ ବଂଶୀର ମୂର୍ଚ୍ଛନାରେ ଝୁମି ଉଠିଥିଲେ ଶ୍ରୋତା। ଶାସ୍ତ୍ରୀୟ ସଙ୍ଗୀତର ତାଳେ ତାଳେ ନାଚି ଉଠୁଥିଲା କଳିଙ୍ଗ କଳାସ୍ଥାପତ୍ୟର ଚମତ୍କାର କଳାକୃତି ଏକାଦଶ ଶତାବ୍ଦୀର ପ୍ରସିଦ୍ଧ ରାଜାରାଣୀ ମନ୍ଦିର ପ୍ରାଙ୍ଗଣ। ଅବସର ଥିଲା ୩ଦିନିଆ ରାଜାରାଣୀ ସଙ୍ଗୀତ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା। ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଦ୍ୱାରା ଆୟୋଜିତ ଏହି ମହୋତ୍ସବ ବଂଶୀ ସ୍ୱରରୁ ଆରମ୍ଭ ହୋଇଥିଲା। ଗୁରୁ ଜବାହାର ମିଶ୍ରଙ୍କ ପ୍ରଥମ ପ୍ରସ୍ତୁତିରେ ଥିଲା ରାଗ ବାଗେଶ୍ରୀ ପରେ ପରେ ଧୃତ ତିନତାଲ। ବିଭିନ୍ନ ରାଗ ଓ ତାଳକୁ ନେଇ ତାଙ୍କର ବଂଶୀ ବାଦନ ବେଶ୍ ହୃଦୟସ୍ପର୍ଶୀ ଥିଲା। ତାଙ୍କୁ ବଂଶୀରେ ବିଦେହ ଭୂଷଣ ଓ ତବଲାରେ ବିଶ୍ୱରଞ୍ଜନ ନନ୍ଦ ସହଯୋଗ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟ ପର୍ଯ୍ୟାୟରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଶାରଦ ବିଦୁଷୀ ଅଶ୍ୱିନୀ ଭିଡ଼େ ଦେଶପାଣ୍ଡେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କର ପ୍ରଥମ ପରିବେଷଣ ଥିଲା ଜୟ ଜୟନ୍ତୀ। ପରେ ପରେ ତାଙ୍କର ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଆଦି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅଶ୍ୱିନୀ ଭିଡ଼େଙ୍କୁ ହାରମୋନିୟମରେ ଡ. ବିନୟ ମିଶ୍ର, ତବଲାରେ ଯତି ଭଗତ ଓ କଣ୍ଠରେ ଶିବାନୀ କଲ୍ୟାଣପୁରୀ ସହଯୋଗ କରିଥିଲେ।

ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଲେନିନ ମହାନ୍ତି, ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଭାପତି ଗୁରୁ ଅରୁଣା ମହାନ୍ତି ଓ ସଚିବ ପ୍ରବୋଧ କୁମାର ରଥ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଡ. ସଙ୍ଗୀତା ଗୋସାଇଁ ଓ ଅନୁଜା ତାରିଣୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୂଚନାଯୋଗ୍ୟ, ଶାସ୍ତ୍ରୀୟ ତଥା ପାରମ୍ପରିକ ସଙ୍ଗୀତକୁ ଗୋଟିଏ ମଞ୍ଚରେ ପ୍ରଦର୍ଶନ କରାଇବା ସହ ଏଥିପ୍ରତି ସଙ୍ଗୀତପ୍ରେମୀ ଓ ଆଗାମୀ ପିଢ଼ିର କଳାକାରଙ୍କ ମଧ୍ୟରେ ରୁଚି ବଢ଼ାଇବା ଏବଂ ଭାରତ ଓ ଦେଶ ବାହାରେ ଏହାର ପ୍ରଚାର ପ୍ରସାର କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

# କଇଁଛ ଅନ୍ତୁଡିଶାଳରେ ପିସିସିଏଫ

ରାଜନଗର, ୧୨।୧୧(ଡି.ଏନ.ଏ.)

କଇଁଛ ଅନ୍ତୁଡିଶାଳ ଗହୀରମଥାରେ ପାଦ ଥାପିଲେଣି ସାମୁଦ୍ରିକ କଇଁଛ ଅଲିଭରିଡ୍‌ଲେ। ନଭେମ୍ବର ୧ରୁ ଯୋଜନା ସାମୁଦ୍ରିକ ପଥ ଅତିକ୍ରମ କରି ଗହୀରମଥା ନୀଳ ଜଳରାଶିରେ ଅଲିଭରିଡ୍‌ଲେ କଇଁଛମାନଙ୍କର ସମାଗମ ଆରମ୍ଭ ହେଲାଣି। ଉଭୟ ମା'ପୁରୁଷ କଇଁଛମାନେ ମିଳନ ପର୍ବରେ ଏକତ୍ରିତ ହେବେ। ଏହି ପ୍ରଜନନ ପ୍ରକ୍ରିୟା ମେ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆଗନ୍ତୁକ ଅଲିଭରିଡ୍‌ଲେ କଇଁଛମାନଙ୍କ ପ୍ରଜନନ ପ୍ରକ୍ରିୟା ଶେଷ ହେବା ପରେ ଅନ୍ତଃସତ୍ତ୍ୱା ମା' କଇଁଛମାନେ ଅନ୍ତୁଡିଶାଳ ବାବୁବାଲି ଦ୍ୱୀପରେ ସମୂହ ଅଣ୍ଡାଦାନ ଆରମ୍ଭ କରିବେ। ବାବୁବାଲି ଦ୍ୱୀପରେ କଇଁଛମାନେ ଅଣ୍ଡାଦେବା ପୂର୍ବରୁ ଏହାର ସ୍ଥିତି, ଅବସ୍ଥିତିକୁ ପରଖୁଛନ୍ତି ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଏସ.କେ.ପପୁଲି। ଶନିବାର ପୂର୍ବାହ୍ନରେ ରାଜନଗର ବନ୍ୟପ୍ରାଣୀ ଡିଭିଜନରେ ପହଞ୍ଚିବା ପରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପପୁଲି ବାବୁବାଲି ଦ୍ୱୀପରେ ପହଞ୍ଚି ଏହାର ସ୍ଥିତି, ଅବସ୍ଥିତି ଏବଂ କଇଁଛମାନଙ୍କ ଆଗମନ ସମୟରେ କିପରି ସେମାନଙ୍କୁ ସୁରକ୍ଷା ଦିଆଯାଇ ପାରିବ, କଇଁଛମାନେ ନିରାପଦରେ ଅଣ୍ଡାଦେଇ ପୁଣି ଫେରିଯିବେ ଏ ନେଇ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ମନୋଜ ମହାପାତ୍ର, ଭଦ୍ରକ ଡିଏଫ୍‌ଓ ଅଧୀର ରଞ୍ଜନ ବେହେରା, ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଅତିରିକ୍ତ ବନ ସଂରକ୍ଷିକା ପୁନମ ହୀରା ହାଁସଦା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପପୁଲି ଭିତରକନିକା ଜାତୀୟ ଉଦ୍ୟାନରେ ପହଞ୍ଚି ମ୍ୟାନଗ୍ରୁଭ ପ୍ଲାଣ୍ଟେସନ, ମ୍ୟୁଜିୟମ, କୃତ୍ରିମ ପ୍ରଜନନ କେନ୍ଦ୍ର, ଫିସବୋନ ଚ୍ୟାନେଲ ପ୍ରଭୃତି ପରିଦର୍ଶନ କରିବା ସହ ବଉଳା କୁମ୍ଭୀର ଗୌରୀ ସମେତ ମଲ୍ଲୀ, ଶ୍ୱେତାଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ।



ଜୀବନର ଧାରାଠାରୁ ଆଧ୍ୟାତ୍ମିକତାକୁ ଗୋଟାଏ ବିଚ୍ଛିନ୍ନ ପୃଥକ୍ ବସ୍ତୁ ମନେ କରିବା ଭୁଲ। ଈଶୋପନିଷଦ କହେ- ସବୁ ତ୍ୟାଗ କର। ତେବେ ସବୁ ଭୋଗ କରିପାରିବ। ଅନ୍ୟ କାହାରି ବିତ୍ତକୁ ଲୋଭ କରନାହିଁ। ଜଗତରେ ତୁମର କର୍ତ୍ତବ୍ୟ କର୍ମ କରି ହିଁ - ତୁମେ ତୁମର ଶତବର୍ଷର ଜୀବନ ଯାପନ କରିବାକୁ ବାଞ୍ଛା କରିପାରିବ। -ଶ୍ରୀଅରବିନ୍ଦ



# କ୍ଷମତା ହ୍ରାସ କରାଯାଉଛି



ଆକାର ପଟେଲ

'ନ୍ୟାୟିକ ନିଯୁକ୍ତିକୁ ନେଇ କେନ୍ଦ୍ରର ନୀରବତା ନିନ୍ଦନୀୟ : ସୁପ୍ରିମକୋର୍ଟ' - ଏଭଳି ଏକ ପ୍ରକାଶିତ ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ, ନ୍ୟାୟିକ ବ୍ୟବସ୍ଥାରେ ଚୟନ କରାଯାଉଥିବା ବ୍ୟକ୍ତିମାନଙ୍କୁ ସରକାର ନିଯୁକ୍ତ କରୁନାହାନ୍ତି କିମ୍ବା ନାମଗୁଡ଼ିକୁ ଗ୍ରହଣ କରିବାରେ ଥିବା ସନ୍ଦେହ ସମ୍ପର୍କରେ ବି କିଛି ଜଣାଉନାହାନ୍ତି। କୋର୍ଟ ତାଙ୍କ ରାୟରେ କହିଛନ୍ତି ଯେ, କୌଣସି ସ୍ୱଷ୍ଟୀକରଣ ନ ଦେଇ କେନ୍ଦ୍ର ନାମଗୁଡ଼ିକୁ ପକାଇ ରଖିବା ମନୋଭାବ ଯୋଗୁ ନ୍ୟାୟିକ ପ୍ରକ୍ରିୟା ପ୍ରଭାବିତ ହେଉଛି। ଏହା ହିଁ ହେଉଛି ଓ ହେବ। ନ୍ୟାୟିକ ବ୍ୟବସ୍ଥାରୁ ଏବେ ଆସିବା ସେନା କ୍ଷେତ୍ରକୁ। ମୋ ଘର ନିକଟରେ ଅଛି ମାଡ୍ରାସ ସାପର୍ସ ରେଜିମେଣ୍ଟ । ଏହା ୧୭୮୦ ସେପ୍ଟେମ୍ବର ୩ରେ ସ୍ଥାପିତ ହୋଇଥିଲା। ଅର୍ଥାତ୍ ଏହା ୨୪୨ ବର୍ଷର ପୁରୁଣା ରେଜିମେଣ୍ଟ। ଉପମହାଦେଶରେ ଏତେ ପୁରୁଣା କୌଣସି ସରକାରୀ ଅନୁଷ୍ଠାନ ନାହିଁ। ହେଲେ ଉକ୍ତ ଆର୍ମି ରେଜିମେଣ୍ଟକୁ ଚଳିତ ବର୍ଷ ପ୍ରାରମ୍ଭରେ ପରିବର୍ତ୍ତନ କରାଗଲା। ଏବେଠାରୁ ୪ ବର୍ଷ ମଧ୍ୟରେ ତିନି ଚତୁର୍ଥାଂଶ ଯବାନ ଅବସର ନେବେ। ସେମାନଙ୍କୁ ୬ ମାସ ପ୍ରଶିକ୍ଷଣ ଦିଆଯିବ ଏବଂ ପରେ ଉପକରଣ ସମ୍ଭାଳିବାକୁ କୁହାଯିବ, ଯାହାକୁ କିଣିବାରେ ଅନେକ ଲକ୍ଷ ଡଲାର ବ୍ୟୟ କରାଯାଇଛି। ଜଣେ ଅବସରପ୍ରାପ୍ତ ଜେନେରାଲ ଉକ୍ତ ଯୋଜନା ସମ୍ପର୍କରେ କହିଛନ୍ତି ଯେ, ସରକାର ଆର୍ମିର ରେଜିମେଣ୍ଟାଲ ବ୍ୟବସ୍ଥାକୁ ଶେଷ କରିଦେବାକୁ ଚାହାନ୍ତି। 'ନାମ୍ , ନମକ୍ ଓ ନିଶାନ୍' ପ୍ରତି ସମର୍ପିତ ଯବାନ 'ସବ୍‌କା ସାଥ୍ ସବ୍‌କା ବିକାଶ'ର ବିଷମ ପ୍ରୟୋଗରେ ଶେଷ ହୋଇଯିବ । ତେବେ ରାଜପୁତ ରେଜିମେଣ୍ଟ, ଗୋର୍ଖା ରେଜିମେଣ୍ଟ, ଶିଖ୍ ରେଜିମେଣ୍ଟକୁ ସେନାର ପୋଲିସୀକରଣ ସହ ନୂଆ ନମ୍ବର ଦିଆଯିବ ନା ହ୍ୱାଟ୍ସଆପ୍‌ରେ ଆଲୋଚନା ହେଉଥିବା 'ସଭରକର ରେଜିମେଣ୍ଟ','ମଙ୍ଗଲପାଣ୍ଡେ ରେଜିମେଣ୍ଟ', 'ଦୀନ ଦୟାଲ ଉପାଧ୍ୟାୟ ରେଜିମେଣ୍ଟ' ଭଳି ପୁନଃ ନାମକରଣ କରାଯିବ ? ଯୋଜନାର ଯୁକ୍ତିଯୁକ୍ତତା ସ୍ୱଷ୍ଟ ବୁଝାପଡୁ ନ ଥିଲେ ମଧ୍ୟ ଏହା ସ୍ଥଳସେନା, ନୌସେନା ଓ ବାୟୁସେନାରେ ରହିବ। କୁହାଯାଉଛି ଯେ, ପେନ୍‌ସନ ବିଲ୍ ଅନିୟନ୍ତ୍ରିତ ହୋଇଯିବାରୁ ସରକାର ଏହା କରୁଛନ୍ତି। କିନ୍ତୁ ସରକାରଙ୍କ ପକ୍ଷରୁ ଏହାର କାରଣ ଦର୍ଶାଯାଇନାହିଁ। ଦୁଇ ଶତାବ୍ଦୀ ଧରି ନିଜ ନିଜ ଉଦ୍ଦେଶ୍ୟ ପୂରଣ ପାଇଁ ଗଠିତ ଏକ ସଂସ୍ଥାରେ ଆମେ ହସ୍ତକ୍ଷେପ କଲୁ। ଏହା କାହିଁକି କରାଯାଇଛି ସେ ସମ୍ପର୍କରେ କିଛି ବି ସ୍ୱଷ୍ଟ କରାଯାଇନାହିଁ। ଏବେ ଉକ୍ତ ପ୍ରସଙ୍ଗରୁ ଆଗକୁ ବଢିବା।

ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ପ୍ରୋଗ୍ରାମ ନେହେରୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହା ମଧ୍ୟ ଖ୍ୟାତି ଲାଭ କରିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ ପ୍ରକାଶ କରିଥିଲା ଯେ, ଭାରତରେ ବେରୋଜଗାର ପ୍ରଥମ ଥର ପାଇଁ ଦୁଇଗୁଣରୁ ଅଧିକ ରହିଥିଲା ; ଯାହା ଏକ ରେକର୍ଡ ସ୍ତର। ଏହା ୨.୨%ରୁ ବୃଦ୍ଧିପାଇ ୬%ରୁ ଅଧିକ ହୋଇଥିଲା। କିନ୍ତୁ ଏହି ରିପୋର୍ଟ ପ୍ରକାଶ କରା ନ ଯାଇ ସ୍ଥଗିତ ରଖାଗଲା। ଏହା ଥିଲା ବିମୁଦ୍ରୀକରଣ ପରେ ଏକ ସରକାରୀ ସଂସ୍ଥା ଦ୍ୱାରା ରୋଜଗାର ସମ୍ପର୍କିତ ପ୍ରଥମ ସର୍ଭେ। ନ୍ୟାଶ୍‌ନାଲ ଷ୍ଟାଟିଷ୍ଟିକାଲ କମିଶନ(ଏନ୍‌ଏସ୍‌ସି)ର କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ସମେତ ଦୁଇଜଣ ସଦସ୍ୟ ଇସ୍ତଫା ଦେବା ସହ କହିଥିଲେ ଯେ ରିପୋର୍ଟକୁ ପ୍ରକାଶ କରିବାକୁ ଏନ୍‌ଏସ୍‌ସି ଅନୁମୋଦନ କରିଥିଲେ ମଧ୍ୟ ସରକାର ତାହା କଲେ ନାହିଁ। ଏପରି କି ରିପୋର୍ଟର ତଥ୍ୟକୁ ବିଶ୍ୱାସଯୋଗ୍ୟ ନୁହେଁ ବୋଲି କହିବାକୁ ନୀତି ଆୟୋଗଙ୍କୁ ଆଗକୁ ପଠାଗଲା। କିନ୍ତୁ ଏଥିରେ କୌଣସି ପରିବର୍ତ୍ତନ କରା ନ ଯାଇ ୨୦୧୯ ନିର୍ବାଚନ ଫଳାଫଳ ଆସିବା ପରେ ପ୍ରକାଶ କରାଯାଇଥିଲା। ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ମଧ୍ୟରେ ଏକ ସରକାରୀ ସର୍ଭେ କିଛି ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆଣିଥିଲା। ୨୦୧୨ ତୁଳନାରେ ୨୦୧୮ରେ ଭାରତୀୟଙ୍କ ମାସିକ ହାରାହାରି ବ୍ୟୟ ପରିମାଣ ୧,୫୦୧ ଟଙ୍କାରୁ ଖସି ୧,୪୪୬ ଟଙ୍କାରେ ରହିଥିଲା। ରିପୋର୍ଟ ଦର୍ଶାଇଥିଲା ଯେ, ବିଗତ ୫୦ ବର୍ଷ ମଧ୍ୟରେ କୌଣସି ସମୟରେ ବ୍ୟୟରେ ଏଭଳି ହ୍ରାସ ଘଟି ନ ଥିଲା । ସେଭଳି ହ୍ରାସ ଦେଶରେ ଅତି କମ୍‌ରେ ୧୦% ଦାରିଦ୍ର୍ୟ ବୃଦ୍ଧିକୁ ସୂଚିତ କରିଥିଲା। ଏହାବାଦ୍ ଖାଦ୍ୟ ବାବାଦ ବ୍ୟୟ ହ୍ରାସ ଥିଲା ରିପୋର୍ଟର ଚିନ୍ତାଜନକ ବିଷୟ। ୨୦୧୨ ରେ ଖାଦ୍ୟ ବାବଦରେ ସହରୀ ଲୋକଙ୍କର ମୁଣ୍ଡ ପିଛା ମାସିକ ବ୍ୟୟ ୯୪୩ ଟଙ୍କା ଥିଲାବେଳେ ୨୦୧୮ରେ ଏହା ଥିଲା ୯୪୬ ଟଙ୍କା, ପ୍ରାୟତଃ ଏକ ସମାନ ସ୍ତରରେ ରହିଥିଲା। କିନ୍ତୁ ଗ୍ରାମୀଣ ଭାରତୀୟଙ୍କ କ୍ଷେତ୍ରରେ ୨୦୧୨ରେ ଏହା ୬୪୩ ଟଙ୍କା ଥିବାବେଳେ ୨୦୧୮ରେ ହ୍ରାସ ପାଇ ରହିଥିଲା ୫୮୦ ଟଙ୍କା। ଭାରତରେ ସାଧାରଣତଃ ବ୍ୟୟରେ ବାର୍ଷିକ ହାରାହାରି ବୃଦ୍ଧି ପାଖାପାଖି ୩ % ହୋଇଥାଏ। କିନ୍ତୁ ୬ ବର୍ଷରେ ଯେଉଁ ହ୍ରାସ ଘଟିଛି ତାହା ସୂଚିତ କରୁଛି ଯେ,ଏହି ବର୍ଷଗୁଡ଼ିକରେ ବାର୍ଷିକ ଅଗ୍ରଗତି ପୂରା ଧୂଳିସାତ୍ ହୋଇ ବ୍ୟୟରେ ପାଖାପାଖି ୨୦% ହ୍ରାସ ହୋଇଛି। ଉକ୍ତ ରିପୋର୍ଟ ୨୦୧୯ ଜୁନ୍ ୧୯ରେ ଏକ କମିଟି ଦ୍ୱାରା ସ୍ୱୀକୃତିଲାଭ କରିଥିଲେ ମଧ୍ୟ ବେରୋଜଗାର ତଥ୍ୟ ଭଳି ଏହାକୁ ପ୍ରକାଶ କରାଗଲା ନାହିଁ। ଏପରି କି ପୂର୍ବତନ ଆର୍ଥିକ ପରାମର୍ଶଦାତା ସାଧାରଣରେ ଏହାକୁ ପ୍ରକାଶ କରିବାକୁ କହିଥିଲେ ବି ତାହା ଏଯାବତ କରାଯାଇନାହିଁ।

ବିମୁଦ୍ରୀକରଣ ପାଇଁ ସରକାର ପ୍ରସ୍ତୁତ ହେଉଥିବାବେଳେ ବିଶେଷକରି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ( ଆର୍‌ବିଆଇ)ତାହାକୁ ଖରାପ ଯୋଜନା କହିବା ସହ ଆଗକୁ ନ ବଢ଼ିବା ଉଚିତ ବୋଲି ମତ ରଖିଥିଲା। ଅଧିକ ନଗଦ କଳାଟଙ୍କା ନୁହେଁ, ବରଂ ଧନ ସମ୍ପତ୍ତି ଓ ସୁନା ରୂପେ ଗଚ୍ଛିତ ଅଛି ଏବଂ କଳାଟଙ୍କାକୁ ଆୟତ୍ତ କରିବାରେ ବିମୁଦ୍ରୀକରଣର ପ୍ରଭାବ ରହିବ ନାହିଁ ବୋଲି ଆର୍‌ବିଆଇ ଦର୍ଶାଇଥିଲା। ଏହା ମଧ୍ୟ କହିଥିଲା ଯେ, ଜିଡିପି ଉପରେ ଏହାର ନକାରାତ୍ମକ ପ୍ରଭାବ ରହିବ । ଦେଶରେ ସବୁଆଡେ ଖେଳେଇ ହୋଇ ରହିଥିବା ମୋଟ ୧୮ ଲକ୍ଷ କୋଟି ନଗଦ ଟଙ୍କା ତୁଳନାରେ ୪୦୦ କୋଟି (କେବଳ ୦.୦୨%) ନକଲି ଟଙ୍କା ଖୁବ୍ ନଗଣ୍ୟ ଥିଲା। କିନ୍ତୁ ସରକାରଙ୍କ ନିଷ୍ପତ୍ତିରେ କୌଣସି ପ୍ରକାରେ ଆର୍‌ବିଆଇ ମୋହର ଲଗାଇଥିଲା । କେବଳ ଆର୍‌ବିଆଇ ନୁହେଁ ଏମିତି ଆମ ଗଣତନ୍ତ୍ରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକୁ ବିଶ୍ୱାସକୁ ନିଆଯାଉନାହିଁ। ଏପରି କି ବିନା ବାଧାରେ ସେଗୁଡ଼ିକର କ୍ଷମତା ହ୍ରାସ ବା ଦୁର୍ବଳ କରାଯାଇଛି ଓ କରାଯାଉଛି ମଧ୍ୟ।

Email:aakar.patel@gmail.com

## su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 7 | 4 | | | 2 |
| | 1 | | | | 2 | | | 8 |
| 3 | | 6 | | | | | | |
| 9 | | | | 6 | | | 3 | |
| | | 8 | | 4 | | | 5 | |
| | | 2 | | | 5 | | | 9 |
| | 5 | | | | 3 | | | |
| | 4 | | 7 | | | 9 | | |
| | | | | 8 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 3 | 8 | 4 | 2 | 9 | 5 | 1 |
| 5 | 9 | 8 | 7 | 1 | 6 | 4 | 3 | 2 |
| 1 | 4 | 2 | 9 | 5 | 3 | 6 | 8 | 7 |
| 8 | 7 | 9 | 5 | 6 | 4 | 2 | 1 | 3 |
| 6 | 5 | 1 | 3 | 2 | 7 | 8 | 4 | 9 |
| 3 | 2 | 4 | 1 | 9 | 8 | 7 | 6 | 5 |
| 4 | 3 | 6 | 2 | 7 | 5 | 1 | 9 | 8 |
| 2 | 1 | 5 | 6 | 8 | 9 | 3 | 7 | 4 |
| 9 | 8 | 7 | 4 | 3 | 1 | 5 | 2 | 6 |

ଗତକାଲିର ଉତ୍ତର

# ପର ଧର୍ମ କ'ଣ ଭୟାବହ



ସହଦେବ ସାହୁ

'ସୋସିଆଲ ମୋବିଲିଟି' କହିଲେ 'ସମାଜରେ ବିନା ବାଧାରେ ଅଧିକ ଆୟର ସ୍ତର ବା ବର୍ଗକୁ ଯିବା' ବୁଝାଏ। ଇକୋନୋମିକ୍ ମୋବିଲିଟି ଉପରେ ଏହା ପର୍ଯ୍ୟବସିତ। କୌଳିକ ବୃତ୍ତିରେ ଚଳିବା କଷ୍ଟ ହେଉଥିବାରୁ ମଣିଷ ଉପାର୍ଜନର ନୂଆ ନୂଆ ଉପାୟ ଖୋଜେ - ପରମ୍ପରା କ୍ରମକୁ ଭାଙ୍ଗେ, 'ସନାତନ' ଆଚରଣ ତ୍ୟାଗ କରେ। ଦାରିଦ୍ର୍ୟରୁ ସ୍ୱଚ୍ଛଳ ହେବା, ଏପରି କି ଅସ୍ପୃଶ୍ୟରୁ ସ୍ପୃଶ୍ୟ ହେବା ଲାଗି ଭିନ୍ନସ୍ତରର ଧନ୍ଦା ଆପଣାଇବା ସନାତନ ଧର୍ମରେ ନାହିଁ। ମା'ବାପାଙ୍କ ବୃତ୍ତି ଛାଡ଼ି ଆଇଟି(ଇନ୍‌ଫର୍ମେଶନ ଟେକ୍ନୋଲୋଜି)ରେ କାମ କରିବା ବା ଡାକ୍ତର କି ଇଞ୍ଜିନିୟର ହେବା ଭଳି କାମ ହାତେଇବା ଧର୍ମ ନୁହେଁ ବୋଲି ଗୀତାରେ ଥରେ ନୁହେଁ ଦୁଇଥର ଲେଖାଅଛି। ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍ // ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ॥ (ଅଧ୍ୟାୟ ୩ର ଶ୍ଳୋକ ୩୫) ଏବଂ ଶ୍ରେୟାନ୍‌ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍//ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍‌ବିଷମ୍॥ (ଅଧ୍ୟାୟ ୧୮ର ଶ୍ଳୋକ ୪୭)। ଦୁଇଟିଯାକ ଶ୍ଳୋକରେ ପ୍ରଥମ ଧାଡ଼ିଟି ସମାନ। ଗୀତାରେ ଅନ୍ୟତ୍ର ଏପରି ଦ୍ୱିରୁକ୍ତିର ଦୃଷ୍ଟାନ୍ତ ନାହିଁ। 'ସ୍ୱଧର୍ମ'ରେ ବିଗୁଣ (ମେରିଟ୍ ନ ଥିଲେ)ଥିଲେ ବି ତାହା ପରର ଧର୍ମଠାରୁ ଭଲ, ସେହିଥିରେ ରହି ମରିବା ବରଂ ଭଲ, ପରର ଧର୍ମ (ପେସା) ଯେତେ ଭଲ ଭାବରେ କଲେ ବି ଫଳ ଭୟାବହ ହେବ (୩-୩୫) ଏବଂ ସ୍ୱଭାବନିୟତ କର୍ମ (ପାରିବାରିକ ବେଉସା) କଲେ ପାପ ହୁଏନାହିଁ (୧୮-୪୭)। ଏସବୁର ଅର୍ଥ ଆମେ ଯେଉଁ କୁଳରେ ଜନ୍ମ ନେଇଛେ ସେହି କୁଳର କାମ ହିଁ କରିବା, ଅର୍ଥାତ୍ ସୋସିଆଲ ମୋବିଲିଟି ବନ୍ଦ।

ଆମ ଧର୍ମକୁ ଗୀତାରେ ସନାତନ ଧର୍ମ କୁହାଯାଇଛି। ଅଧ୍ୟାୟ ୭ର ୧୦ମ ଶ୍ଳୋକ 'ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍'ରୁ ସନାତନ ଶବ୍ଦର ଅର୍ଥ ଅନାଦି, ମୂଳ, ସବୁଦିନିଆ ବା ପରମ୍ପରା ବୋଲି ମନେହୁଏ। ସନାତନ ଧର୍ମ ଏକ ଚଳଣି। ଯିଏ ଯେଉଁସ୍ତରରେ ଅଛ ସେହି ସ୍ତରରେ ରହିଯାଅ, ତାକୁ ବଦଳାଇଲେ ପାପ ମାଡ଼ିବସିବ। ଏମିତି କହିବା ମାନେ ଯେ ବର୍ଣ୍ଣବିଦ୍ୱେଷ ବା ଜାତିଭେଦକୁ ମାନ୍ୟତା ଦେବା ତାହା ଗୀତାକାର ଭାବିନାହାନ୍ତି। ନିମ୍ନସ୍ତରରୁ ଉଚ୍ଚସ୍ତରକୁ ଉଠିବା, ଗରିବରୁ ଧନୀ ହେବା ଚେଷ୍ଟା କରିବା ସନାତନ ଧର୍ମ ନୁହେଁ, ତାହା କଲେ ଫଳ ଭୟାବହ ହେବ ବୋଲି ଗୀତାରେ କୁହାଯାଇଛି: ତାହା ସୋସିଆଲ ମୋବିଲିଟି ଧାରଣାର ମୂଳପୋଛ କରିଦେଲା, ସମାଜରେ ଉପରକୁ ବିନା ବାଧାରେ ଉଠିବାର ଇଚ୍ଛାକୁ ମାରିଦେଲା। ସେତେବେଳେ ଗଙ୍ଗାଧର ମେହେରଙ୍କ ଭଳି କବି ଥିଲେ ସମ୍ଭବତଃ ଲେଖିଥାନ୍ତେ, 'ଉଚ୍ଚ ହେବା ଲାଗି ଯଦି କର ଆଶା// ଉଚ୍ଚ କର ଆଗେ ନିଜର ବେଉସା'। ଗୀତା ରଚନା ସମୟରେ, ପ୍ରାୟ ଚାରି ପାଞ୍ଚ ହଜାର ବର୍ଷ ତଳେ ସଂଗଠିତ ଧର୍ମ (ଇଂଲିଶ୍‌ରେ 'ରିଲିଜିଅନ' ଯାହା ବୁଝାଏ) ନ ଥିଲା। ସଂଗଠିତ ଧର୍ମର ଜନ୍ମ-ସ୍ଥାନ ଓ ଜନ୍ମ-ସମୟ ଥାଏ। ସବୁଠୁ ପୁରୁଣା ସଂଗଠିତ ଧର୍ମ ହେଉଛି ପ୍ରାୟ ୨୬୦୦ ବର୍ଷ ତଳର ଇହୁଦୀମାନଙ୍କ ଜୁଡାଇଜମ୍। ଖ୍ରୀଷ୍ଟପୂର୍ବ ୧୩୧୨ରେ ତାହାର ଆରମ୍ଭ, ଯେଉଁ ବର୍ଷ ମୋଜେସ୍ ମିଶର ଛାଡ଼ି ଈଶ୍ୱରଙ୍କ ପ୍ରମିଜ୍ଡ ଲ୍ୟାଣ୍ଡ ବା ପ୍ରଦ ଭୂମି ଅନ୍ୱେଷଣରେ ଯାତ୍ରା ଆରମ୍ଭ କଲେ। ତା' ଆଗରୁ ନୂଆ ନୂଆ ଅଞ୍ଚଳରେ ବସତି ସ୍ଥାପନ କରୁଥିବା ମଣିଷମାନେ ଅର୍ଥାତ୍ ବିଜୟୀ ଲୋକମାନେ ନିଜକୁ ଉଚ୍ଚ ବର୍ଣ୍ଣର ଓ ପରାଜିତମାନଙ୍କୁ ଦାସ ଭଳି ନୀଚବର୍ଣ୍ଣର ଅଭିହିତ କରିଆସୁଥିଲେ। ସେମାନଙ୍କୁ ଶାରୀରିକ ପରିଶ୍ରମର କାମରେ ନିୟୋଜିତ କରୁଥିଲେ। କାଳକ୍ରମେ ମଣିଷର ପେସା ତାହାର ଜାତି ସୂଚାଇଲା ; 'କର୍ମ ଅନୁଯାୟୀ ଜାତି'ରୁ 'ଜାତି ଅନୁଯାୟୀ କର୍ମ' ପରମ୍ପରା ହୋଇଗଲା, ଏପରି ଚଳଣିକୁ ସନାତନୀ ଧର୍ମ ବା କର୍ତ୍ତବ୍ୟ କୁହାଗଲା। ଗୁଣ ଓ କର୍ମ ଅନୁଯାୟୀ ଲୋକଙ୍କୁ ଚାରିଭାଗରେ ବିଭକ୍ତ କରାଯାଇଛି ବୋଲି ଶ୍ରୀକୃଷ୍ଣଙ୍କ ମୁହଁରେ କୁହାଇ ଦିଆଗଲା: ଚାତୁର୍ବର୍ଣ୍ଣ୍ୟ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ (ଅଧ୍ୟାୟ ୪ ଶ୍ଳୋକ ୧୩)। ଭାରତବର୍ଷର ଚଳଣିକୁ ସନାତନ ଧର୍ମ କୁହାଯାଇଛି। ତେଣୁ ଅର୍ଜୁନ ତାଙ୍କ ସମୟର ଚଳଣି ବର୍ଣ୍ଣନା କରି କହିଛନ୍ତି ''କୁଳକ୍ଷୟେ ପ୍ରଣଶ୍ୟନ୍ତି କୁଳଧର୍ମାଃ ସନାତନାଃ। ଧର୍ମେ ନଷ୍ଟେ କୁଳଂ କୃସ୍ନମଧର୍ମୋଽଭିଭବତ୍ୟୁତ'' (୧-୪୦)। ଯୁଦ୍ଧରେ ପୁରୁଷ ଯୋଦ୍ଧାମାନେ ନିହତ ହେଲେ ସ୍ତ୍ରୀମାନେ ଅଭିଭାବକଶୂନ୍ୟ ହୋଇଯିବେ, ତେଣୁ କୁଳଟା ହୋଇଯିବେ ; କୁଳଟାମାନଙ୍କ ହାତରୁ ପିଣ୍ଡ ପାଇଲେ ପୂର୍ବପୁରୁଷମାନେ ନର୍କରେ ପଡ଼ିଯିବେ। ଅର୍ଜୁନ ସେ ସମୟର ରୀତିନୀତି ବଖାଣି ପରିବାରର ପୁରୁଷ ଅଭିଭାବକମାନଙ୍କୁ ନ ମାରିବା ପାଇଁ ଅସ୍ତ୍ରତ୍ୟାଗ କରି ଯୁଦ୍ଧଭୂମି ଛାଡ଼ି ଚାଲିଯିବାକୁ ଚାହିଁବାରୁ ଶ୍ରୀକୃଷ୍ଣ ବୁଝାଇଥିଲେ, ଏହାର ମାନେ ତୁମେ ତୁମ ନିଜ ଧର୍ମ ପାଳନ କରୁନାହଁ। ଶ୍ରୀକୃଷ୍ଣ ଯେଉଁ ଅର୍ଥରେ ଧର୍ମ ଶବ୍ଦକୁ ବ୍ୟବହାର କରିଥିଲେ ତାହା ସନାତନୀ। ସେ କହିଛନ୍ତି, 'ଗୁଣ କର୍ମ ବିଭାଗଶଃ' ଚାରୋଟି ବର୍ଣ୍ଣ ସେ ତିଆରି କରିଛନ୍ତି (ଅଧ୍ୟାୟ ୪ ଶ୍ଳୋକ ୧୩)। ତାହା ହିଁ ପ୍ରାଗୈତିହାସ ଯୁଗରୁ ଚଳିଆସିଥିବା ସନାତନ ଧର୍ମ। ଧର୍ମ ମାନେ ଆଚରଣ, କର୍ତ୍ତବ୍ୟ। ତେଣୁ ଅର୍ଜୁନ ବହୁବଚନ ଲଗାଇଛନ୍ତି 'କୁଳଧର୍ମାଃ ସନାତନାଃ': ପ୍ରତି କୁଳର ଧର୍ମ ଭିନ୍ନ ହୋଇଥିବାରୁ ଧର୍ମାଃ ବା ଧର୍ମମାନେ କୁହାଯାଇଛି।




ଡାକ୍ତରଙ୍କ ଲିଖିତ ପରାମର୍ଶ ଭଳି ଏ ଏକ ପ୍ରେସ୍କ୍ରିପ୍‌ସନ, ମାନିବାକୁ ପଡ଼ିବ ନ ହେଲେ ରୋଗ (ଦୁଃଖକଷ୍ଟ) ଭୋଗିବ। ତୁମେ ନିଜ କାମରେ ଲାଗିରହିଲେ ଯେତେ ଭଲ ଲାଗିବ ତାହା ଅନ୍ୟକୁ ଅନୁକରଣ କରି ତା' ଭଳି କାମ କଲେ ମିଳିବ ନାହିଁ। ଆମେ କ'ଣ କରିବା ତାହା ଆମର ସ୍ୱଭାବ ବା ପ୍ରକୃତି କହିଦେଉଛି। ପୁରୀର ଗଜପତି ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପରେ ପରେ ରୋଷଘରେ କେତେକ କୁଶଳୀ ଅଣବ୍ରାହ୍ମଣଙ୍କୁ ରୋଷେଇଆ ତାଲିକାରେ ଭର୍ତ୍ତି କରିବା ସନାତନ (ପରମ୍ପରା) ନୁହେଁ ବୋଲି କେହି ସ୍ୱର ଉଠାଇନାହାନ୍ତି, କାରଣ ରାଜାନୁଗତ ଧର୍ମ। ସେହିଭଳି ଏବେ ତାମିଲନାଡୁ ରାଜ୍ୟ ସରକାର କେତେକ ଅଣବ୍ରାହ୍ମଣଙ୍କୁ ପୁରୋହିତଗିରିରେ ଶିକ୍ଷା ଓ ତାଲିମ ଦେଇ ସେଠାକାର ବଡ଼ ବଡ଼ ମନ୍ଦିରରେ ପୂଜକ ଭାବେ ନିଯୁକ୍ତି ଦେଲେ ବି ସନାତନୀମାନେ ପାଟି କରୁନାହାନ୍ତି। ଆଉ ଗୋଟିଏ ପରମ୍ପରା ବିରୋଧୀ କଥା ହେଉଛି, ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ ଅଧିକାର। ମୁଖ୍ୟଦ୍ୱାରରେ ପଥର କାନ୍ଥରେ ୫ଟି ଭାଷାରେ ଲେଖାହୋଇଥିବା ବିଜ୍ଞାପନ: କିଏ କିଏ ମନ୍ଦିର ଭିତରକୁ ଯାଇପାରିବେ ; ଇଂଲିଶ୍‌ରେ ଲେଖାହୋଇଛି ନନ୍ ବଟ୍ ଅର୍ଥୋଡକ୍ସ ହିନ୍ଦୁଜ୍ ଆର୍ ଆଲାଓ୍ୱଡ୍ ଟୁ ଏଣ୍ଟର ଦି ଟେମ୍ପଲ ଅଫ୍ ଶ୍ରୀ ଜଗନ୍ନାଥ ଦେବ। ('ଭଗବାନଙ୍କ ନାଁରେ ମିଛ' ବହିର ପୃଷ୍ଠା ୧୫୦ ଦ୍ରଷ୍ଟବ୍ୟ)। ଇଂରେଜମାନେ ୧୮୦୩ରେ ପୁରୀ ଦଖଲ ପରେ ମନ୍ଦିରର ପୂଜକମାନଙ୍କ ତୁଷ୍ଟୀକରଣ ପାଇଁ ମନ୍ଦିରର ଦ୍ୱାରଦେଶରେ ଏପରି ଲେଖାଇଥିଲେ। ପଥର କାନ୍ଥରେ ଏମିତି ଖୋଦେଇ କରିଥିବା କାରିଗର ଅଣହିନ୍ଦୁ ହୋଇଥିବ ନିଶ୍ଚୟ। ଆଜିର ପୂଜକମାନେ ଶ୍ରୀମନ୍ଦିର ଦ୍ୱାରଦେଶରେ କେହି ଅଣହିନ୍ଦୁକୁ ଦଣ୍ଡାୟମାନ ରହିବାକୁ ଦେବେ କି? କିନ୍ତୁ ଇଂରେଜ ଜିଲାପାଳଙ୍କ ଆଦେଶରେ ଖୋଦନକାରୀ ଲେଖକଙ୍କୁ ଛାଡ଼ିଦେଇଥିବେ! ଯେମିତି ମାଟି ଦୀପ ଜାଳିବାର ପରମ୍ପରା ଛାଡ଼ି ମନ୍ଦିର ଭିତରକୁ ବିଜୁଳି ଗଲାଣି! ଏବଂ ଦୀପରୁଖା ମନ୍ଦିରର ଗର୍ଭଗୃହରୁ ବାହାରକୁ ଆସିଗଲାଣି!

ଏବେ ଯଦି ଆମେ କହିବା ଯେ ହିନ୍ଦୁମାନେ ସନାତନୀ ହୋଇ ରହନ୍ତୁ, ସେମାନଙ୍କ କୌଳିକ କାମ ଛଡ଼ା ଅନ୍ୟ କିଛି ନ କରନ୍ତୁ, ତାହା ସୋସିଆଲ ମୋବିଲିଟି ବିରୁଦ୍ଧରେ ଯିବ ; କ୍ଷତ୍ରିୟ ଓ ବ୍ରାହ୍ମଣଙ୍କ କାମ ଦେଶର ଜିଡିପି ବୃଦ୍ଧି କରିବ ନାହିଁ ଅଥଚ ଦଳିତମାନେ କେବଳ ଶାରୀରିକ ପରିଶ୍ରମ ଦରକାର କରୁଥିବା କର୍ମରେ ନିଯୁକ୍ତ ରହିଥିବେ ତ ଜିଡିପି ବୃଦ୍ଧି ହେବନାହିଁ। କେବଳ ସୋସିଆଲ ମୋବିଲିଟି ହିଁ ସ୍ତରୀଭୂତ ଜାତିପ୍ରଥାକୁ ଚୂରମାର୍ କରିଦେବ, ସନାତନ ଧର୍ମୀ ବା ହିନ୍ଦୁ ସମାଜକୁ ଏଗାଲିଟାରିଆନ୍ (ସମାନାଧିକାରବାଦୀ) କରିପାରିବ।

sahadevas@yahoo.com

# ଆଶ୍‌ଫୋର୍ଡ ମେଡାଲ ବିଜେତା

ଗୋଟେ ଦେଶକୁ ପ୍ରଥମ ଥର ପାଇଁ ଏକ ଅନ୍ତର୍ଜାତୀୟ ପୁରସ୍କାର ଆଣିପାରୁଥିବା ବ୍ୟକ୍ତି ନିଶ୍ଚିତ ଭାବେ ସମ୍ମାନାସ୍ପଦ ହୋଇଥାଆନ୍ତି। ଏଥିସହିତ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ଭାବେ ଉଭା ହୋଇ ଆଗାମୀ ପିଢ଼ିକୁ ସେଭଳି ସମ୍ମାନ ପାଇବା ଦିଗରେ ପ୍ରେରଣାଦାୟୀ ପାଲଟି ଯାଇଥାଆନ୍ତି। ନିକଟରେ ଭାରତର ପ୍ରସିଦ୍ଧ ବୈଜ୍ଞାନିକ ତଥା ଡାକ୍ତର ସୁବାସ ବାବୁ ମର୍ଯ୍ୟାଦାଜନକ 'ବେଲେ କେ. ଆଶ୍‌ଫୋର୍ଡ ମେଡାଲ ୨୦୨୨' ପାଇଛନ୍ତି। ଏହି ପୁରସ୍କାର ପ୍ରତିଷ୍ଠା ହେବାର ୮୨ ବର୍ଷ ଇତିହାସ ମଧ୍ୟରେ ପୂର୍ବରୁ କୌଣସି ଭାରତୀୟ କିମ୍ବା ଭାରତର ଅନୁଷ୍ଠାନ ଏଭଳି ସମ୍ମାନରେ ସମ୍ମାନିତ ହୋଇ ନ ଥିଲେ। ଟ୍ରପିକାଲ ମେଡିସିନ୍ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ସୁବାସ ଏହି ପୁରସ୍କାର ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଗବେଷଣା ଛାତ୍ର ଓ ବିଶେଷଜ୍ଞଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ତେବେ ପ୍ରଥମେ ଟ୍ରପିକାଲ ମେଡିସିନ୍ ଓ ପୁରସ୍କାର ଦେଉଥିବା ସଂସ୍ଥା ବିଷୟରେ ଆଲୋକପାତ କରିବାର ଆବଶ୍ୟକତା ରହିଛି।

ବ୍ୟାପକ ଭାବେ ଗ୍ରୀଷ୍ମମଣ୍ଡଳୀୟ ଓ ଉପଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳରେ ଅନିୟନ୍ତ୍ରିତ ଭାବେ ବ୍ୟାପୁଥିବା ରୋଗକୁ ଆୟତ୍ତ କରିବା ଦିଗରେ ବ୍ୟବହୃତ ଔଷଧ ହିଁ ଟ୍ରପିକାଲ ମେଡିସିନ ଭାବେ ଅଭିହିତ। ଏହାର ଇତିହାସକୁ ଦେଖିଲେ ଆଶ୍‌ଫୋର୍ଡଙ୍କ ଉଦ୍ୟମକୁ ମନେ ପକାଇବାକୁ ପଡ଼ିବ। ୨୮ ସେପ୍ଟେମ୍ବର ୧୮୭୩ରେ ଆମେରିକାର ଓ୍ୱାଶିଂଟନ ଡିସିରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଡାକ୍ତର ଫ୍ରାନ୍ସିସ୍ ଆଶ୍‌ଫୋର୍ଡ ଜର୍ଜଟାଉନ୍ ସ୍କୁଲ ଅଫ୍ ମେଡିସିନ୍‌ର ଡିନ୍ ଥିଲେ। ତେବେ କେ. ଆଶ୍‌ଫୋଡ ଜର୍ଜଟାଉନ୍‌ରୁ ଏମ୍‌ଡି ଡିଗ୍ରୀ ଅର୍ଜନ କରି ୧୮୯୭ରେ ଆର୍ମି ମେଡିକାଲ କର୍‌ରେ ଯୋଗ ଦେଇଥିଲେ। ସ୍ପାନିଶ୍ ଆମେରିକାନ୍ ଓ୍ୱାର୍ ପରେ ତାଙ୍କୁ ପୁର୍ଟୋ ରିକୋକୁ ପଠାଯାଇଥିଲା। ସେଠାରେ ସେ ଡାକ୍ତରୀ ସେବା ଯୋଗାଉଥିବା ବେଳେ ଯେତେବେଳେ ତାଙ୍କୁ ୨୬ ବର୍ଷ ବୟସ ସେ ଗ୍ରାମାଞ୍ଚଳରେ ଅଙ୍କୁଶକୃମି ଯୋଗୁ ରକ୍ତହୀନତା ରୋଗ ହେଉଥିବା ଜାଣିବାକୁ ପାଇଥିଲେ। ୧୯୦୪ରେ ସେ ଏହି ରୋଗ ନିୟନ୍ତ୍ରଣ ପାଇଁ ପୁର୍ଟୋ ରିକୋ ଆନେମିଆ କମିଶନ ଗଠନ କରିଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଓ୍ୱାଶିଂଟନ ଓ ଫ୍ରାନ୍ସରେ ସେ କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କ ବୃତ୍ତିଗତ ଜୀବନର ଅଧିକାଂଶ ସମୟ ପୁର୍ଟୋ ରିକୋରେ ଗବେଷଣା କ୍ଷେତ୍ରରେ କଟିଥିଲା। ୧୯୩୪ରେ ସେଠାରେ ତାଙ୍କର ଦେହାନ୍ତ ହୋଇଥିଲା। ତେବେ ସେହିଠାରେ ସେ ପ୍ରତିଷ୍ଠା କରିଥିବା ସ୍କୁଲ ଅଫ୍ ଟ୍ରପିକାଲ ମେଡିସିନ୍ ପରବର୍ତ୍ତୀ ସମୟରେ ସ୍କୁଲ ଅଫ୍ ମେଡିସିନ୍ ଭାବେ ପରିଚିତି ହାସଲ କରି ଗବେଷଣା ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି। ଏଭଳି ଜଣେ ଗବେଷକଙ୍କୁ ସମ୍ମାନ ଦେବା ଲକ୍ଷ୍ୟରେ ୧୯୪୧ରେ ବେଲେ କେ. ଆଶ୍‌ଫୋର୍ଡ ମେଡାଲ ପ୍ରତିଷ୍ଠା କରାଯାଇଥିଲା। ଡାକ୍ତର ସୁବାସ ବାବୁ ସେହିଭଳି ବ୍ୟକ୍ତିଙ୍କ ନାମ ଆଧାରରେ ପ୍ରତିଷ୍ଠିତ ସମ୍ମାନ ପାଇବା ନିଶ୍ଚିତ ଭାବେ ଉତ୍ସାହଜନକ।

ବ୍ୟକ୍ତିତ୍ୱ



ଡାକ୍ତର ସୁବାସ ବାବୁ

ସୁବାସ ବାବୁ ତାମିଲନାଡୁର କିଲ୍‌ପାଉକ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିଥିଲେ। ଆମେରିକାର କନେକ୍ଟିକଟ୍ ବିଶ୍ୱବିଦ୍ୟାଳୟରୁ ସେ ଇମ୍ୟୁନୋଲୋଜିରେ ପିଏଚ୍.ଡି. ସମ୍ମାନ ଅର୍ଜନ କରିଥିଲେ। ଆମେରିକାର ବେଥେସ୍‌ଡାସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ (ଏନ୍‌ଆଇଏଚ୍)ରୁ ପୋଷ୍ଟ ଡକ୍ଟରାଲ ଫେଲୋଶିପ୍ ପାଇବା ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ୨୦୦୬ରେ ସେ ଚେନ୍ନାଇରେ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଏକ୍ସଲେନ୍ସ ଇନ୍ ରିସର୍ଚ୍ଚ (ଆଇସିଇଆର୍) ସ୍ଥାପନ କରିଥିଲେ। ଭାରତରେ ଏନ୍‌ଡେମିକ୍ ଇନ୍‌ଫେକ୍ସନ ଉପରେ ଗବେଷଣା କରୁଥିବା ଏହି କେନ୍ଦ୍ର ଏନ୍‌ଆଇଏଚ୍‌ରୁ ପାଣ୍ଠି ପାଇଆସୁଛି। ସର୍ବାଧିକ କ୍ଷେତ୍ରସ୍ତରୀୟ ଅଧ୍ୟୟନ, ବିଶ୍ୱର ବିଭିନ୍ନ ସଙ୍ଗଠନ ସହ ସମନ୍ୱୟ ରଖି କରାଯାଉଥିବା ଗବେଷଣା ଓ କ୍ଲିନିକାଲ ଟ୍ରାଏଲ୍ କ୍ଷେତ୍ରରେ ସୁବାସ ବାବୁଙ୍କ ମାର୍ଗଦର୍ଶନ ତାଙ୍କ ସଂସ୍ଥାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଆଣିଦେଇଛି। ୩୧ ରିସର୍ଚ୍ଚ ପ୍ରୋଟୋକଲର ପ୍ରିନ୍ସିପାଲ ବା କେ-ଇନ୍‌ଭେଷ୍ଟିଗେଟର ରହିବା ସହ ସେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ର ଶିକ୍ଷା ଗ୍ରହଣ କରୁଥିବା ୩୦ ଇଣ୍ଡିଆନ୍ ଏକାଡେମିକ୍ ଇନ୍‌ଷ୍ଟିଚ୍ୟୁଶନର ମେଣ୍ଟର ରହିଆସିଛନ୍ତି। ଇଣ୍ଟରନ୍ୟାଶନାଲ ଜର୍ନାଲରେ ତାଙ୍କର ୨୪୦ ପବ୍ଲିକେଶନ ସହ ସେ ବିଶ୍ୱର ବିଭିନ୍ନ ମେଡିକାଲ ସ୍କୁଲ ଓ ଗ୍ରାଜୁଏଟ୍ ପ୍ରୋଗ୍ରାମ୍ ପାଇଁ ଉଦ୍ଦିଷ୍ଟ ପୁସ୍ତକ ରଚନା କରିଛନ୍ତି। ସେଗୁଡ଼ିକ ମଧ୍ୟରେ ମାଇକ୍ରୋବାୟୋଲୋଜି ଓ ମାଇକ୍ରୋବିୟାଲ୍ ଇନ୍‌ଫେକ୍ସନ ଓ କ୍ଲିନିକାଲ ଇମ୍ୟୁନୋଲୋଜି ପୁସ୍ତକ ବହୁଳ ପ୍ରଚଳିତ ହେଉଛି। ଫାଇଲେରିଆ ଏବଂ ଯକ୍ଷ୍ମାରେ ଟାଇପ୍-୨ ଡାଇବେଟିସ୍‌ର ପ୍ରଭାବକୁ କାଟିବା ଲାଗି ଆଣ୍ଟାଇ-ଟିବି ଥେରାପି ବାହାର କରିବା ତାଙ୍କୁ ଏବେ ବିଶ୍ୱ ସ୍ୱାସ୍ଥ୍ୟ ମାନଚିତ୍ରରେ ଏକ ଅନନ୍ୟ ସ୍ଥାନ ଦେଇଛି।

ବେଲେ କେ. ଆଶ୍‌ଫୋର୍ଡ ମେଡାଲ ୨୦୨୨ ପୁରସ୍କାର ପାଇବା ପରେ ସୁବାସ ଅତ୍ୟନ୍ତ ଆନନ୍ଦିତ ଥିବା କହିଛନ୍ତି। ଗବେଷଣାରେ ଉତ୍କର୍ଷ ଆଣିବା ଦିଗରେ ତାଙ୍କ ଟିମ୍ ଓ ସହଯୋଗୀଙ୍କ ଅବଦାନକୁ ସେ ପ୍ରଶଂସା କରିବାକୁ ଭୁଲିନାହାନ୍ତି।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ମାଟି ଫ୍ରିଜ୍ କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହାକୁ ତିଆରି କରୁଛନ୍ତି ତାମିଲନାଡୁ କୋଏମ୍ବାଟୁରର କୁମ୍ଭକାର ଏମ୍.ଶିବସାମୀ। ଉକ୍ତ ଫ୍ରିଜ୍ ସମ୍ପୂର୍ଣ୍ଣ ପରିବେଶ ସହନୀୟ। ଏଥିରେ ବିଦ୍ୟୁତ୍ ଶକ୍ତି ଦରକାର ପଡୁନାହିଁ। ଉକ୍ତ ଫ୍ରିଜ୍‌ରେ ପନିପରିବା, ଫଳ, ଦହି ଆଦି ୪ଦିନ ଯାଏ ଫ୍ରେଶ୍ ରହିପାରୁଛି। ଶିବସାମୀ ଦୁଇ ପ୍ରକାର ଫ୍ରିଜ୍ ଗଢ଼ିଛନ୍ତି। ଗୋଟିଏର ଉଚ୍ଚତା ୧.୫ ଫୁଟ ଓ ଅନ୍ୟଟିର ଉଚ୍ଚତା ୨ ଫୁଟ ଏବଂ ଏହାର ମୂଲ୍ୟ ଯଥାକ୍ରମେ ୧,୭୦୦ ଓ ୧,୮୦୦ ଟଙ୍କା ରଖିଛନ୍ତି। ଏବେ ସୁଦ୍ଧା ଶିବସାମୀ ୧୦୦ଟି ଫ୍ରିଜ୍ ବିକ୍ରି କରିସାରିଲେଣି। ଫ୍ରିଜ୍ ନିର୍ମାଣ କୌଶଳ ଅତି ସରଳ ବୋଲି କହନ୍ତି ଶିବସାମୀ। ଏକ ବଡ଼ ଆକୃତିର ପାତ୍ରରେ ଗୋଟିଏ ପାର୍ଶ୍ୱରେ ଜଳ ଭରିବା ସହ ଅନ୍ୟ ପାଖରେ ଜଳ ନିଷ୍କାସନ ହେବାର ବ୍ୟବସ୍ଥା ରଖିଛନ୍ତି ଏବଂ ଏହା ମଧ୍ୟରେ ଆଉ ଏକ ଛୋଟ ପାତ୍ରରେ ଜିନିଷ ରଖାଯିବାର ବ୍ୟବସ୍ଥା କରିଛନ୍ତି। ବଡ଼ ପାତ୍ରରେ ରହୁଥିବା ପାଣି ଛୋଟ ପାତ୍ରକୁ ଥଣ୍ଡା ରଖୁଛି ଏବଂ ଏହା ଯୋଗୁ ସେଥିରେ ପନିପରିବା ଓ ଫଳ ଆଦି ଫ୍ରେଶ୍ ରହୁଛି। ଶିବସାମୀ ମାସକୁ ୧୦ଟି ଫ୍ରିଜ୍ ନିର୍ମାଣ କରିପାରୁଛନ୍ତି। ବିନା ବିଦ୍ୟୁତ୍ ଉପଯୋଗରେ ଲୋକେ କିଭଳି ଲାଭ ପାଇବେ ଏବଂ ପରିବେଶ ସୁସ୍ଥ ରହିବ ତାହାକୁ ଲକ୍ଷ୍ୟ କରି ସେ ଏଭଳି ଫ୍ରିଜ୍ ନିର୍ମାଣ କରୁଛନ୍ତି ଓ ଆଗକୁ ଆଉ କିଛି ଜିନିଷ ବିକାଶ କରିବା ଲାଗି ଯୋଜନା ରଖିଥିବା କହନ୍ତି ଶିବସାମୀ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ନଭେମ୍ବର ୧୯୯୭

- ରାଷ୍ଟ୍ରପତି ଏଡୁଓ୍ୱାର୍ଡ ଶେଭର୍ଦନାଦ୍‌ଜେଙ୍କ ସୁପାରିଶ ପରେ ଜର୍ଜିଆର ସରକାର ଦେଶରୁ ମୃତ୍ୟୁଦଣ୍ଡ ଉଚ୍ଛେଦ କରିଛନ୍ତି।
- ଫେରା ଆଇନ ଉଲ୍ଲଂଘନ କରି ୪ କୋଟି ଟଙ୍କା ହେରଫେର ଘଟଣାରେ ସଂପୃକ୍ତ ଥିବା ବ୍ୟାଙ୍କ ଅଫ୍ ରାଜସ୍ଥାନର ପୂର୍ବତନ ଉପାଧ୍ୟକ୍ଷ କେଶବ ବାଙ୍ଗୁରଙ୍କୁ ଜାମିନ ପ୍ରଦାନ।
- ବନ୍ଦ ପାଳନକୁ ବେଆଇନ ଓ ସମ୍ବିଧାନର ୧୯ ଏବଂ ୨୧ ଧାରାର ଉଲ୍ଲଂଘନ ବୋଲି ଘୋଷଣା କରି କେରଳ ହାଇକୋର୍ଟ ଦେଇଥିବା ରାୟ ସୁପ୍ରିମ୍ କୋର୍ଟରେ କାଏମ।

## ପାଠକ ଶ୍ରେଷ୍ଠ ବିଚାରକ

### ଚାରିତ୍ରିକ ସ୍ଖଳନ ଘଟୁଛି

ମହାଶୟ,

ସ୍ଥାୟୀ ଭାବେ ଶତ୍ରୁ ଭୟ ମୁକ୍ତ ରହିବା ସହ ଅଧିକ ଶାନ୍ତି ପାଇଁ ପ୍ରାଚୀନ ଚାଇନାରେ ଦ ଗ୍ରେଟ ୱାଲ୍ ଅଫ୍ ଚାଇନା ତିଆରି କରାଯାଇଥିଲା। ସମସ୍ତେ ଭାବିଥିଲେ, ବେଶ୍ ଉଚ୍ଚ ହୋଇଥିବାରୁ ଶତ୍ରୁ ଚଢ଼ି ଏ ପାଖକୁ ଆସିପାରିବେ ନାହିଁ। ତେବେ ସେଭଳି କିଛି ଘଟି ନ ଥିଲା। ତିଆରି ହେବାର ପ୍ରଥମ ଶହେ ବର୍ଷ ମଧ୍ୟରେ ଚାଇନିଜ୍‌ମାନେ ତିନି ତିନି ଥର ଶତ୍ରୁ ଆକ୍ରମଣର ଶିକାର ହୋଇଥିଲେ। ଆଉ କୌଣସି ଥର ଆକ୍ରମଣକାରୀଙ୍କୁ ସୁଉଚ୍ଚ ପ୍ରାଚୀର ଚଢ଼ିବାକୁ ପଡ଼ି ନ ଥିଲା। ପ୍ରତି ଥର ପ୍ରହରୀଙ୍କୁ ଲାଞ୍ଚ ଦେଇ, ସେମାନେ ଦ୍ୱାର ଦେଇ ଭିତରେ ପ୍ରବେଶ କରିଥିଲେ। ଚାଇନିଜମାନେ ପ୍ରାଚୀର ତିଆରି କରିଥିଲେ ହେଲେ, ପ୍ରହରୀଙ୍କ ଚରିତ୍ର ଗଢ଼ିବା ଭୁଲିଯାଇଥିଲେ। ଅର୍ଥାତ୍ କିଛି ବି ତିଆରି କରିବା ପୂର୍ବରୁ ମଣିଷର ଚରିତ୍ର ଗଢ଼ିବା ଗୁରୁତ୍ୱପୂର୍ଣ୍ଣ। ଜଣେ ପ୍ରାଚ୍ୟ ବିଶାରଦ କହିଯାଇଛନ୍ତି ସଭ୍ୟତାକୁ ଧ୍ୱଂସ କରିବାର ବାଟ ତିନିଟି। ଶିକ୍ଷା, ପରିବାର ଓ ଆଦର୍ଶର ଧ୍ୱଂସ। ଶିକ୍ଷକଙ୍କୁ ଗୁରୁତ୍ୱ ନ ଦେଲେ ଶିକ୍ଷା ନଷ୍ଟ ହୁଏ। ସେହିପରି ମାଆକୁ ଗୁରୁତ୍ୱ ନ ଦେଲେ ପରିବାର ବିନାଶ ଘଟେ। ଶେଷରେ ବିଦ୍ୱାନମାନଙ୍କୁ ସମାଜ ଆଲୋଡ଼ା ଭାବିଲେ ଆଦର୍ଶ ନଷ୍ଟ ହୁଏ। ଆଉ ଏହାଦ୍ୱାରା ଚରିତ୍ର ଗଠନ ପ୍ରଭାବିତ ହୁଏ। ଏହା ହିଁ ଆଜି ଘଟିଛି। ସାଂପ୍ରତିକ ସମାଜରେ ଏହି ତିନିଜଣଙ୍କର ଭୂମିକା କ୍ରମଶଃ ଗୌଣ ହେବାରେ ଲାଗିଛି। ଫଳାଫଳ ଭୋଗୁଛି ନବ ପିଢ଼ି। ବର୍ତ୍ତମାନର ସମାଜକୁ ଦେଖିଲେ ଏହା ନିଃସନ୍ଦେହ ଯେ ଅନେକ କ୍ଷେତ୍ରରେ ଚାରିତ୍ରିକ ସ୍ଖଳନ ଦେଖାଯାଏ।

**-ହେମନ୍ତ କୁମାର ସାହୁ , ଚାରୁ ଅନନ୍ତ ଭବନ, ସିଡିଏ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋହିଲା ନୟନ କେତେ ରୂପେ କେତେ ବର୍ଣ୍ଣେ
ସଦା ମୋର
କେତେ ମଧୁବାଣୀ ପରଶି ଯାଇଛି କର୍ଣ୍ଣେ
ମଧୁକର।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଗୁଜରାଟ ପାଇଁ କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଅନ୍ୟ ନେତାମାନେ ଉନ୍ମୋଚନ କରୁଛନ୍ତି।

ଗୁଜରାଟ ପାଇଁ କଂଗ୍ରେସର ନିର୍ବାଚନୀ ଇସ୍ତାହାର

# ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ନାଁ ବଦଳିବ

ଅହମଦାବାଦ,୧୨।୧୧

ଗୁଜରାଟ ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ ଇସ୍ତାହାର ପ୍ରକାଶ ପାଇଛି। ଦଳ କ୍ଷମତାକୁ ଆସିଲେ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ର ନାଁ ବଦଳାଯିବ ବୋଲି ଏଥିରେ ପ୍ରତିଶ୍ରୁତି ଦିଆଯାଇଛି। ନିର୍ବାଚନୀ ଇସ୍ତାହାରକୁ ପ୍ରଥମ କ୍ୟାବିନେଟ ବୈଠକରେ ସରକାରୀ ଦସ୍ତାବିଜ୍ ଭାବେ ଗ୍ରହଣ କରାଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ଡିସେମ୍ବର ୧ ଓ ୫ରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ କଂଗ୍ରେସ କ୍ଷମତାକୁ ଫେରିଲେ ରାଜ୍ୟରେ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ସରକାରୀ ଚାକିରିରେ ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଛି। ଏହା ବ୍ୟତୀତ ରାଜ୍ୟର ପ୍ରତ୍ୟେକ ସିଙ୍ଗଲ୍ ମହିଳା, ବିଧବା ଏବଂ ବୃଦ୍ଧାଙ୍କୁ ମାସିକ ୨,୦୦୦ ଟଙ୍କା ଭତ୍ତା ଯୋଗାଇ ଦିଆଯିବ। ରାଜ୍ୟରେ ସରକାର ୩,୦୦୦ ଇଂଲିଶ ମାଧ୍ୟମ ସ୍କୁଲ ଖୋଲିବା ସହ ଝିଅମାନଙ୍କୁ ସ୍ନାତକୋତ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷା ଦିଆଯିବ ବୋଲି କଂଗ୍ରେସ କହିଛି। କେବଳ ସେତିକି ନୁହେଁ, କଂଗ୍ରେସ କ୍ଷମତାକୁ ଆସିଲେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ଼ କରିବା ସହ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ମାଗଣା ଯୋଗାଇଦେବ। ବେରୋଜଗାରୀ ଯୁବତୀଯୁବକଙ୍କୁ ମାସିକ ୩,୦୦୦ ଟଙ୍କା ଭତ୍ତା ମିଳିବାକୁ ଥିବାବେଳେ ଘରୋଇ ଗ୍ୟାସ ସିଲିଣ୍ଡର ୫୦୦ ଟଙ୍କାରେ ଉପଲବ୍ଧ ହେବ ବୋଲି ଇସ୍ତାହାରରେ କୁହାଯାଇଛି। କଂଗ୍ରେସ ସରକାର ଗଢ଼ିଲେ ଭାଜପା ଅମଳରେ ହୋଇଥିବା ଦୁର୍ନୀତିର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗେହଲଟ୍ କହିଛନ୍ତି।

# ହିମାଚଳପ୍ରଦେଶ ନିର୍ବାଚନରେ ୬୬% ମତଦାନ

ଶିମଲା,୧୨।୧୧(ପି.ଟି.)

ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ଶନିବାର ଅପରାହ୍ନ ୫ଟାରେ ଶେଷ ହୋଇଛି। ୬୫.୯୨ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଶାସକ ଭାଜପା ଏବଂ ବିରୋଧୀ ଦଳ କଂଗ୍ରେସ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ସକାଳ ୮ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଭୋଟହାର ବହୁତ କମ୍ ରହିଥିଲା। ପୂର୍ବାହ୍ନ ୧୧ଟା ସୁଦ୍ଧା ମାତ୍ର ୧୯.୯୮ ପ୍ରତିଶତ ମତଦାନ ହୋଇଥିବାବେଳେ ଅପରାହ୍ନ ୧ଟା ସୁଦ୍ଧା ୩୭.୧୯% ଭୋଟ ପଡ଼ିଥିଲା। ଅପରାହ୍ନ ୫ଟା ସୁଦ୍ଧା ସିରମୌର ଜିଲାରେ ସର୍ବାଧିକ ୭୨.୩୫ ପ୍ରତିଶତ ଭୋଟିଂ ହୋଇଥିବାବେଳେ ସୋଲାନରେ ୬୮.୬୭ ଏବଂ ଲହୁଲ ଓ ସ୍ପିଟିରେ ୬୭.୫ ପ୍ରତିଶତ ମତଦାନ ହୋଇଛି।

ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ତାଙ୍କ ସ୍ତ୍ରୀ ଓ ଝିଅଙ୍କ ସହ ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମଣ୍ଡି ଜିଲାରେ ଭୋଟ ଦେଇଥିଲେ। ହିମାଚଳପ୍ରଦେଶ କଂଗ୍ରେସ ସଭାପତି ପ୍ରତିଭା ସିଂ ଓ ତାଙ୍କ ପୁଅ ବିକ୍ରମାଦିତ୍ୟ ସିଂ ରାମପୁରରେ ଭୋଟ ଦେଇଥିଲେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ତାଙ୍କ ପରିବାର ସଦସ୍ୟ ବିଳାସପୁରରେ ମତଦାନ କରିଥିଲେ। ନିର୍ବାଚନ କମିଶନ ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ଲାଗି ସ୍ୱେଚ୍ଛାସେବୀ ସୁବିଧା ଯୋଗାଇ ଦେଇଛନ୍ତି, ଯାହାଦ୍ୱାରା ସେମାନେ ଘରେ ରହି ବାଲଟ ପେପରରେ ଭୋଟ ଦେଇପାରିବେ। ତେବେ ୧୦୫ ବର୍ଷୀୟ ନାରୋ ଦେବୀ ଚମ୍ବା ଜିଲାର ଚୁରାହ ବିଧାନସଭା ନିର୍ବାଚନ ମଣ୍ଡଳୀର ଏକ ଭୋଟ କେନ୍ଦ୍ରକୁ ଯାଇ ଇଭିଏମ୍‌ରେ ଭୋଟ ଦେଇଛନ୍ତି। ରାଜ୍ୟର ମୋଟ ୫,୫୯୨,୮୨୮ ଭୋଟରଙ୍କ ମଧ୍ୟରୁ ୧,୨୧,୪୦୯ ଜଣଙ୍କ ବୟସ ୮୦ରୁ ଅଧିକ ହୋଇଥିବାବେଳେ ୧,୧୩୬ ଜଣ ଶତାୟୁ। ଗତ ୫ ତାରିଖରେ ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମ ଶରନ ନେଗୀଙ୍କର ୧୦୬ ବର୍ଷ ବୟସରେ ପରଲୋକ ହୋଇଥିଲା।


**KUJANG COLLEGE, KUJANG, JAGATSINGHPUR, ODISHA - 754141**

**WALK-IN-INTERVIEW**

A Walk-in-Interview will be conducted for the posts of Lecturer, PET & Asst. Librarian on contractual basis in the office of the Principal as per the following schedule.

| Date | Post | Eligibility |
|---|---|---|
| 19.11.2022 (Saturday) | Lecturer in Physics, Mathematics, Political Science and Logic & Philosophy | With Minimum 55% mark at PG Level. |
| | PET | B.P.Ed. |
| | Asst. Librarian | B.Lib. with 55% mark |

The desirous candidates should bring with their Bio-data, original and photocopies of all certificates and mark sheets from H.S.C. onwards along with one recent passport size Photograph. No TA/DA is admissible.

Sd./- Principal, Kujang College, Kujang


# ରଣାଙ୍ଗନକୁ ଓହ୍ଲାଇଲେ ୨ ପୂର୍ବତନ ବିଧାୟକ

ଭୁବନେଶ୍ୱର,୧୨।୧୧(ବ୍ୟୁରୋ)

**ପଦ୍ମପୁର ଉପନିର୍ବାଚନ**

- **କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ**
- **ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତ**
- **ବିଜେଡି ପ୍ରାର୍ଥୀ ଉପରେ ନଜର**

ପଦ୍ମପୁର ଉପନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ଦୁଇ ଜଣ ପୂର୍ବତନ ବିଧାୟକ। ଏହି ଉପନିର୍ବାଚନ ପାଇଁ କଂଗ୍ରେସ ଶନିବାର ପ୍ରାର୍ଥୀ ଘୋଷଣା କରିଛି। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁଙ୍କ ଉପରେ ଦଳ ଭରସା କରିଛି। ସତ୍ୟଭୂଷଣଙ୍କୁ ପ୍ରାର୍ଥୀ କରାଯିବା ନେଇ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ଘୋଷଣା କରାଯାଇଛି। ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନ ପରେ ତାଙ୍କ ନାଁ ଘୋଷଣା କରାଯାଇଛି। ପଦ୍ମପୁରରୁ କଂଗ୍ରେସ ପ୍ରାର୍ଥୀ ହେବା ପରେ ସତ୍ୟଭୂଷଣ କହିଛନ୍ତି ଯେ ସେ ଏହି ଉପନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସବୁ ନେତା ଏଠାରେ କ୍ୟାମ୍ପ କରି ଦଳକୁ ବିଜୟୀ କରାଇବେ। ଦଳ ସବୁ ପ୍ରକାର ସହଯୋଗ କରିବ। ପଦ୍ମପୁରରେ ସେ ବିଜୟୀ ହେବା ନେଇ ନିଶ୍ଚିତ ଅଛନ୍ତି ବୋଲି କହିଛନ୍ତି।

ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ସଭାପତି ପ୍ରଦୀପ ପୁରୋହିତ ପଦ୍ମପୁର ଉପନିର୍ବାଚନ ପାଇଁ ଭାଜପା ପ୍ରାର୍ଥୀ ହୋଇଛନ୍ତି। ଏ ନେଇ ଶନିବାର ଭାଜପା ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂଙ୍କ ଦସ୍ତଖତରେ ରାଷ୍ଟ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରଦୀପ ପ୍ରାର୍ଥୀ ହେବା ନେଇ ବିଧାୟିକା କୁସୁମ ଟେଟେ ଗଣମାଧ୍ୟମକୁ ପୂର୍ବରୁ ସୂଚନା ଦେଇଥିଲେ। ରାଜ୍ୟର ଅନ୍ୟତମ ପ୍ରମୁଖ ଦଳ ବିଜେଡି ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବିଜେଡି ପ୍ରାର୍ଥୀ ଘୋଷଣା କରିବା ସମ୍ଭାବନା ରହିଛି। ତେବେ ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ କର୍ମୀଙ୍କ ମହଲରେ ଉତ୍କଣ୍ଠା ଲାଗି ରହିଛି। ଧାମନଗର ଉପନିର୍ବାଚନ ଭଳି ବିଜେଡି ଜଣେ ମହିଳାଙ୍କୁ ଟିକେଟ ଦେବ ନା ଅନ୍ୟ ପ୍ରାର୍ଥୀଙ୍କୁ ଭରସା କରିବ ତାହା ଉପରେ ସଭିଙ୍କ ନଜର।



ସତ୍ୟଭୂଷଣ ସାହୁ

## ରାଜୁ ଘିବେଲା ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୧୨।୧୧(ବ୍ୟୁରୋ):** ପଦ୍ମପୁର ଉପନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରଠାରୁ ରାଜ୍ୟର ୩ ପ୍ରମୁଖ ଦଳ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ନିକଟରେ ବିଜେଡିରେ ମିଶିଥିବା ରାଜୁ ଘିବେଲାଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଶନିବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଘିବେଲାଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଛି।

## ବିଜେଡି, ଭାଜପାର ମିଶ୍ରଣ ପର୍ବ

ପଦ୍ମପୁର,୧୨।୧୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ବ୍ଲକ ବରିହାପାଲି ପଞ୍ଚାୟତ ଚକାଖଲିଆରେ ଶନିବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିହାପାଲି ସରପଞ୍ଚ ନିରୋଦ ରଞ୍ଜନ ସାହୁ, ପୂର୍ବତନ ସମିତି ସଭ୍ୟ ନାରାୟଣ ପ୍ରଧାନ, ମେଲଛାମୁଣ୍ଡା ସରପଞ୍ଚ ପ୍ରତ୍ୟୁଷ ରଞ୍ଜନ ଭୋଇ, ଟାଲ ସରପଞ୍ଚ ମିଥିଳା ସାହୁ, ସମିତି ସଭ୍ୟ ଦୀପାଞ୍ଜଳି ପ୍ରଧାନ, ପଲସାପାଲି ସମିତି ସଭ୍ୟ ଅମିଲାଲ ଭୋଇ, ଝାନ ସରପଞ୍ଚ ଦିଲୀପ ସାହୁ ପ୍ରମୁଖ ସେମାନଙ୍କ ସମର୍ଥକଙ୍କ ସହ ବିଜେଡିର ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିଧାୟକ ପ୍ରତାପ ଜେନା, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଓ ପ୍ରଦୀପ ମାଝୀ, ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସ୍ୱରୂପ ଦାସ, ସଂଗ୍ରାମ ପାଇକରାୟ, ପୂର୍ବତନ ଏନଏସି ଚେୟାରମ୍ୟାନ ପ୍ରୀତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଭାଜପା ମଧ୍ୟ ଅନ୍ୟ ଦଳର କର୍ମୀଙ୍କୁ ନିଜ ଦଳରେ ମିଶାଇ ଶକ୍ତିବୃଦ୍ଧି କରିଛି। ଶନିବାର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ଉପସ୍ଥିତିରେ ଲୁହୁରାପାଲି ଗ୍ରାମପଞ୍ଚାୟତର ଯୁବକର୍ମୀ ହୃଷିକେଶ ନେଗି, ବଳରାମ ବରିହା, ହର୍ଷ ବରିହା, ଟିକେଲାଲ ନେଗୀ, ଅନିଲ ନେଗୀ, ପ୍ରଦୀପ ଜାଲ, ସୁରେଶ ଛତର, ବିକାଶ ନେଗୀ, ଦିନମଣି ମହର୍ଷି ପ୍ରମୁଖ ବିଜେଡି ଛାଡି ଭାଜପାରେ ଯୋଗଦାନ କରିଥିବା ଜଣାପଡିଛି।

# ପଦ୍ମପୁରକୁ ଜିଲା ଗଠନ ଦାବି ପ୍ରତି ଆମର ପୂର୍ଣ୍ଣ ସମର୍ଥନ ରହିଛି: ବିଜେଡି

ଭୁବନେଶ୍ୱର, ୧୨।୧୧(ବ୍ୟୁରୋ)

ପଦ୍ମପୁର ଉପଖଣ୍ଡକୁ ଜିଲା ମାନ୍ୟତା ପାଇଁ ବିଜୁ ଜନତା ଦଳର ପୂର୍ଣ୍ଣ ସମର୍ଥନ ରହିଛି। ଏହି ଦାବି ପୂରଣ ପାଇଁ ଗଠିତ କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିଛି। ମୁଖ୍ୟମନ୍ତ୍ରୀ ମଧ୍ୟ ଯୁକ୍ତିଯୁକ୍ତ ଦାବିକୁ ଶୁଣିବା ସହିତ ସକାରାତ୍ମକ ଆଲୋଚନା କରିଥିବା ବିଜେଡିର ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂ କହିଛନ୍ତ। ସେ କହିଛନ୍ତି ଯେ ପଦ୍ମପୁରକୁ ଜିଲା ଗଠନ ପାଇଁ ଥିବା କ୍ରିୟାନୁଷ୍ଠାନ କମିଟି ତାଙ୍କ ନେତୃତ୍ୱରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହିତ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ପଦ୍ମପୁର ଏକ ବଡ଼ ଅଞ୍ଚଳ। ତେଣୁ ଏଭଳି ଦାବି ପ୍ରତି ବିଜେଡିର ପୂର୍ଣ୍ଣ ସମର୍ଥନ ରହିଛି। ବିଜୁ ପଟ୍ଟନାୟକ ଓଡ଼ିଶାର ୧୩ଟି ଜିଲାକୁ ୩୦ଟି ଜିଲାରେ ପରିଣତ କରିଥିବାବେଳେ ଅବିଭକ୍ତ ସମ୍ବଲପୁର ଜିଲା ୪ଟି ଜିଲା ହୋଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟରେ ଜିଲା ପୁନର୍ଗଠନ ବେଳେ ପଦ୍ମପୁରକୁ ନିଶ୍ଚିତ ଭାବେ ଜିଲା ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିବା ସିଂ କହିଛନ୍ତି। ଆଗାମୀ ଦିନରେ ଏହି ଦାବି ନେଇ ଆମେ ସକାରାତ୍ମକ ଭାବେ ଲଢ଼ିବୁ ଏବଂ ପଦ୍ମପୁର ଯେଭଳି ଭାବେ ଜିଲାର ମାନ୍ୟତା ପାଇବ ସେଥିପାଇଁ ପ୍ରଚେଷ୍ଟା ଜାରି ରଖିବୁ ବୋଲି ସିଂ କହିଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ପ୍ରତିବାଦରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ରାମମନ୍ଦିରଠାରେ ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରିଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।


**National Health Mission**
**Odisha State Health & Family Welfare Society**
**Health & FW Department, Govt. of Odisha**
**Annex Building of SIH & FW, Nayapalli, Unit-8**
**Bhubaneswar-751012**

Advt. No. 16/22 Date: 11.11.2022

**Request for Proposal (RFP) inviting online proposals from the Agencies for Operation & Management of Primary Health Center (New) in partnership mode under NHM**

No. E- 628:- Odisha State Health & Family Welfare Society invites online application as per the prescribed RFP document from credible entities registered under Society Registration Act / Indian Trust Act / Company Act / Institutions like Medical Colleges / Hospitals run under Govt./ Public Sector / Pvt. Sector suitably registered for operation & management of selected Primary Health Centers (New) in partnership mode in some districts.

The eligibility criteria and detailed requirements for "Operation & Management of PHC(N)" are set forth in the RFP document which can be downloaded along with user manual for online application from the website: www.nhmodisha.gov.in. Interested Agencies fulfilling the eligibility criteria may submit their online application & required documents as set forth in this RFP. The Agencies have to submit EMD only in a sealed envelope through Speed Post / Registered Post / Courier only to the CDM & PHO of the applied district clearly superscribing on the envelop the name of the PHC(N) applied for management, on or before the last date for submission of online application mentioned in the RFP.

The interested bidders can apply online on the web link www.nhmodisha.in/ngo. The online applications complete in all respect should be submitted **latest by 28.11.2022**. Incomplete applications/ applications received from the blacklisted NGOs/ Trusts / Companies will be summarily rejected. The authority reserves the right for cancellation of the Advertisement / selection / modification of guidelines for selection without assigning any reason thereof. No personal inquiry shall be entertained.

**Sd./- Mission Director, NHM & Member Secretary, OSH&FW Society**

OIPR-10084/11/0022/2223



**ୟୁକୋ ବ୍ୟାଙ୍କ**

**ଆଞ୍ଚଳିକ କାର୍ଯ୍ୟାଳୟ**
ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ଋଣ ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ ୟୁକୋ ବ୍ୟାଙ୍କର ବିଭିନ୍ନ ଶାଖାରେ ସୁନା ଅଳଙ୍କାର ବନ୍ଧକ ରଖି ବ୍ୟାଙ୍କରୁ ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାନ୍ତି। ତେଣୁ ସେମାନଙ୍କୁ ଜଣାଇ ଦିଆଯାଉଛି କି, ଯଦି ସେମାନେ **ତା.୨୫.୧୧.୨୦୨୨ରିଖ** ସୁଦ୍ଧା ସେମାନଙ୍କର ମୁଳ ଋଣ ସହିତ ସୁଧ ଏବଂ ଅନ୍ୟାନ୍ୟ ଦେୟ ପ୍ରଦାନ ନ କରନ୍ତି ତେବେ ବନ୍ଧକ ଅଳଙ୍କାର ଗୁଡିକ **ତା.୨୮.୧୧.୨୦୨୨ରିଖ** ଅପରାହ୍ନ **୩.୦୦ଘଟିକା** ସମୟରେ ସମ୍ପୃକ୍ତ ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କିମ୍ବା ନିଲାମ ପ୍ରକ୍ରିୟାକୁ ଅନ୍ୟକୌଣସି ସୁବିଧାଜନକ ତାରିଖକୁ ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

| କ୍ର. ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା / ଋଣ ଆକାଉଣ୍ଟ ନଂ. | ବକେୟା ଋଣ | ସୁନାର ଓଜନ (ଗ୍ରାମରେ) |
|---|---|---|---|
| | **ୟୁକୋ ବ୍ୟାଙ୍କ, ଜାଆଁଳା ଶାଖା, ଜାଆଁଳା, ଜିଲ୍ଲା: ଖୋର୍ଦ୍ଧା, ଶାଖା ମୁଖ୍ୟ: ସୁତପା ପଟ୍ଟନାୟକ, ମୋବାଇଲ ନଂ.: ୮୭୬୩୬୮୨୩୨୧** | | |
| ୧. | ଋଣଗ୍ରହୀତା: ପବିତ୍ର ମହାରଣା, ପିତା: ଅର୍ଜୁନ ମହାରଣା, ହରେକୃଷ୍ଣପୁର, ଛତାବର, ଜଟଣୀ / ଆକାଉଣ୍ଟ ନଂ.: ୧୫୭୯୦୬୧୦୦୧୫୮୪୧ | ଟ.୨୯,୯୯୯.୭୭ +ଲାଗୁ ହୋଇନଥିବା ସୁଧ | ୧୦.୦୦ |
| | **ୟୁକୋ ବ୍ୟାଙ୍କ, ଅଶୋକା ମାର୍କେଟ ଶାଖା, ଭୁବନେଶ୍ୱର-୭୫୧୦୦୧ ଶାଖା ମୁଖ୍ୟ: ସମିର କୁମାର ପାଣିଗ୍ରାହୀ, ମୋବାଇଲ ନଂ.: ୮୭୬୩୪୧୫୩୨୩** | | |
| ୧. | ଋଣଗ୍ରହୀତା: ଇତିଶ୍ରୀ ନନ୍ଦ, ସ୍ୱାମୀ: ବସନ୍ତ କୁମାର ନନ୍ଦ, ପ୍ଲଟ୍ ନଂ.: ୧୭୬ ୩ବି, କେଦାରଗୌରୀ ବିହାର, ବିଜେବି ନଗର / ଆକାଉଣ୍ଟ ନଂ.: ୧୭୮୫୦୬୧୦୦୩୪୪୪୬ | ଟ.୫୯,୮୦୦.୦୦ +ଲାଗୁ ହୋଇନଥିବା ସୁଧ | ୨୬.୦୦ |
| | **ୟୁକୋ ବ୍ୟାଙ୍କ, ପାଇକଟିଗିରିଆ ଶାଖା, ପାଇକଟିଗିରିଆ, ଖୋର୍ଦ୍ଧା ଶାଖା ମୁଖ୍ୟ: ପିତବାସ ସାମନ୍ତରାୟ, ମୋବାଇଲ ନଂ.: ୯୬୯୨୭୮୪୨୬୦** | | |
| ୧. | ଋଣଗ୍ରହୀତା: ମାନସ ନାୟକ, ପିତା: ଭ୍ରମର ନାୟକ, ବାଉରୀସାହି, ଗୁରୁଜଙ୍ଗା / ଆକାଉଣ୍ଟ ନଂ.: ୧୫୬୬୦୬୧୦୦୧୬୬୬୪ | ଟ.୨୦,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୬.୫୦ |
| ୨. | ଋଣଗ୍ରହୀତା: କାର୍ତ୍ତିକ ପ୍ରଧାନ, ପିତା: ନକୁଳ ପ୍ରଧାନ, ମାଳିସାହି, ଗୁରୁଜଙ୍ଗା, ଖୋର୍ଦ୍ଧା / ଆକାଉଣ୍ଟ ନଂ.: ୧୫୬୬୦୬୧୦୦୧୬୬୫୭ | ଟ.୭୦,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୯.୫୦ |
| ୩. | ଋଣଗ୍ରହୀତା: ସଂସାରୀ ପୃଷ୍ଟି, ପିତା: ନିତ୍ୟାନନ୍ଦ ସାହୁ, ସା/ପୋ.: କୁଞ୍ଜରୀ / ଆକାଉଣ୍ଟ ନଂ.: ୧୫୬୬୦୬୧୦୦୧୭୧୯୭ | ଟ.୮୮,୦୯୫.୦୦ +ଲାଗୁ ହୋଇନଥିବା ସୁଧ | ୨୮.୦୦ |
| | **ୟୁକୋ ବ୍ୟାଙ୍କ, ଭଞ୍ଜନଗର ଶାଖା, ଖଲାସୀ ଷ୍ଟ୍ରିଟ୍, ରେଡ୍ କ୍ରସ ରୋଡ୍, ଶାଖା ମୁଖ୍ୟ: ମାନସ ରଞ୍ଜନ ନାୟକ, ମୋବାଇଲ ନଂ.: ୭୦୦୮୩୭୫୪୨୭** | | |
| ୧. | ଋଣଗ୍ରହୀତା: ପ୍ରଶାନ୍ତ କୁମାର ତରାସିଆ, ରାମ ମନ୍ଦିର ଷ୍ଟ୍ରିଟ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୨୬ / ଆକାଉଣ୍ଟ ନଂ.: ୨୫୨୮୦୬୧୦୦୨୩୮୨୨ | ଟ.୮୦,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୩୬.୦୦ |
| ୨. | ଋଣଗ୍ରହୀତା: ନଉସାଦ୍ ମହମ୍ମଦ, ପିତା: ଅମିର ମହମ୍ମଦ, ବଟଗଳି, ଭଞ୍ଜନଗର, ଗଞ୍ଜାମ / ଆକାଉଣ୍ଟ ନଂ.: ୨୫୨୮୦୬୧୦୦୩୦୨୨୬ | ଟ.୧,୦୪,୯୦୦.୯୪ +ଲାଗୁ ହୋଇନଥିବା ସୁଧ | ୨୭.୦୦ |
| | **ୟୁକୋ ବ୍ୟାଙ୍କ, ସିଆରପିଏଫ୍ ହେଡ କ୍ୱାର୍ଟର ଶାଖା, ଭୁବନେଶ୍ୱର ଶାଖା ମୁଖ୍ୟ: ଅନିଲ କେ. ଭୋଇ, ମୋବାଇଲ ନଂ.: ୯୮୩୦୩୨୧୮୩୪** | | |
| ୧. | ଋଣଗ୍ରହୀତା: ସର୍ବେଶ୍ୱର ରାଉତରାଏ, ନୀଳକଣ୍ଠ ନଗର, ମୁଣ୍ଡାସାହି, ଡେଲଟା, ନୟାପଲ୍ଲୀ / ଆକାଉଣ୍ଟ ନଂ.: ୦୯୨୮୦୬୧୦୦୨୮୪୦୭ | ଟ.୫୦,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୨୦.୦୦ |
| ୨. | ଋଣଗ୍ରହୀତା: ଭାନୁମତୀ ମହାନ୍ତି, ସ୍ୱାମୀ: କୂଳମଣୀ ମହାନ୍ତି, ସା.: ନୀଳକଣ୍ଠ ନଗର, ପୋ.: ବରମୁଣ୍ଡା, ଥାନା: ଖଣ୍ଡଗିରି, ମୁଣ୍ଡାସାହି / ଆକାଉଣ୍ଟ ନଂ.: ୯୨୮୦୬୧୦୦୨୭୧୩୪ | ଟ.୨୨,୭୦୦.୦୦ +ଲାଗୁ ହୋଇନଥିବା ସୁଧ | ୭.୦୦ |
| | **ୟୁକୋ ବ୍ୟାଙ୍କ, ବାଣପୁର ଶାଖା, ବାଣପୁର, ଖୋର୍ଦ୍ଧା ଶାଖା ମୁଖ୍ୟ: ଜିତେନ୍ଦ୍ର କୁମାର ପ୍ରଧାନ, ମୋବାଇଲ ନଂ.: ୭୨୦୫୮୬୨୫୧୧** | | |
| ୧. | ଋଣଗ୍ରହୀତା: ପ୍ରତାପ କୁମାର ଲେଙ୍କା, ପିତା: ଗୋଲକ ଲେଙ୍କା, ଗୋବିନ୍ଦପୁର, ବାନପୁର / ଆକାଉଣ୍ଟ ନଂ.: ୦୪୨୭୦୬୧୦୦୩୬୫୬୩ | ଟ.୯୫,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୩୮.୦୦ |
| | **ୟୁକୋ ବ୍ୟାଙ୍କ, ବକ୍ସିବଜାର... ବକ୍ରକବାଟୀ ରୋଡ ଶାଖା, ବକ୍ରକବାଟୀ, କଟକ ଶାଖା ମୁଖ୍ୟ: ସୁଦିପ୍ତ ମିଶ୍ର, ମୋବାଇଲ ନଂ.: ୮୦୧୮୩୫୫୬୧୪** | | |
| ୧. | ଋଣଗ୍ରହୀତା: ରଞ୍ଜନ କୁମାର ଜେନା, ସା.: ମାଣିକପୁର, ଶାସନୀପଡା / ଆକାଉଣ୍ଟ ନଂ.: ୦୮୭୬୦୬୧୦୦୨୨୮୮୭ | ଟ.୪୫,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୨.୫୯ |
| ୨. | ଋଣଗ୍ରହୀତା: ରଞ୍ଜନ କୁମାର ଜେନା, ସା.: ମାଣିକପୁର, ଶାସନୀପଡା / ଆକାଉଣ୍ଟ ନଂ.: ୦୮୭୬୦୬୧୦୦୨୩୧୨୯ | ଟ.୧୭,୮୫୦.୦୦ +ଲାଗୁ ହୋଇନଥିବା ସୁଧ | ୫.୧୦ |
| ୩. | ଋଣଗ୍ରହୀତା: ରଞ୍ଜନ କୁମାର ଜେନା, ସା.: ମାଣିକପୁର, ଶାସନୀପଡା / ଆକାଉଣ୍ଟ ନଂ.: ୦୮୭୬୦୬୧୦୦୨୩୭୦୯ | ଟ.୪୫,୫୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୩.୬୦ |
| | **ୟୁକୋ ବ୍ୟାଙ୍କ, ଚମ୍ପେଶ୍ୱର ଶାଖା, ଚମ୍ପେଶ୍ୱର, କଟକ ଶାଖା ମୁଖ୍ୟ: ଏସ୍.କେ. ୱାସିମ୍ ଆକ୍ରମ୍, ମୋବାଇଲ ନଂ.: ୮୨୬୦୮୮୮୦୯୫** | | |
| ୧. | ଋଣଗ୍ରହୀତା: ସୁକଦେବ ବେହେରା, ପିତା: ଈଶ୍ୱର ବେହେରା, ସା/ପୋ.: ଚମ୍ପେଶ୍ୱର / ଆକାଉଣ୍ଟ ନଂ.: ୧୭୬୭୦୬୧୦୦୩୮୯୨୫ | ଟ.୪୦,୫୦୦.୦୦ +ଲାଗୁ ହୋଇନଥିବା ସୁଧ | ୨୨.୪୦ |
| | **ୟୁକୋ ବ୍ୟାଙ୍କ, ଗୋପାଳପୁର ଶାଖା, ଗୋପାଳପୁର, ଗଞ୍ଜାମ ଶାଖା ମୁଖ୍ୟ: ପ୍ରତିଭା ଭାରତୀ ସାନବର୍ଷା , ମୋବାଇଲ ନଂ.: ୮୯୧୭୩୯୯୭୨୮** | | |
| ୧. | ଋଣଗ୍ରହୀତା: ବୋଇରୀ ଶିବ ବାବୁ, ପିତା: ବି. ରାମମୂର୍ତ୍ତି, ଓଲ୍ଡ ବକ୍ସି ପାଲ୍ଲୀ, ଗୋପାଳପୁର, ଗଞ୍ଜାମ / ଆକାଉଣ୍ଟ ନଂ.: ୨୧୫୦୦୬୧୦୦୨୯୯୦୯ | ଟ.୧,୩୭,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୪୩.୬୦ |
| | **ୟୁକୋ ବ୍ୟାଙ୍କ, ଖୋର୍ଦ୍ଧା ଶାଖା, ଖୋର୍ଦ୍ଧା, ଶାଖା ମୁଖ୍ୟ: ବଜରଙ୍ଗ ସାହୁ, ମୋବାଇଲ ନଂ.: ୯୧୩୧୧୪୨୩୮୦** | | |
| ୧. | ଋଣଗ୍ରହୀତା: ମିରାରାଣୀ ଦେ, ସ୍ୱାମୀ: ମିଳନ ଦେ, ରାଧାବଲ୍ଲଭ ସାହି / ଆକାଉଣ୍ଟ ନଂ.: ୧୮୬୨୦୬୧୦୦୨୭୦୦୪ | ଟ.୧୬,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୩.୬୮ |
| ୨. | ଋଣଗ୍ରହୀତା: ଅନ୍ତର୍ଯ୍ୟାମୀ ପଗଡ, ପିତା: ଗୋପିନାଥ ପଗଡ, ସା.: ଚମ୍ପାପୁର, ଗଡନିଆଲ, ଖୋର୍ଦ୍ଧା / ଆକାଉଣ୍ଟ ନଂ.: ୧୮୬୨୦୬୧୦୦୨୮୨୩୦ | ଟ.୧୭,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୫.୭୫ |
| ୩. | ଋଣଗ୍ରହୀତା: ମନୋଜ କୁମାର ରଣା, ପିତା: ନୀଳକଣ୍ଠ ରଣା, କଣ୍ଡାମାଲ୍ଲିମ୍, ସିମୋର / ଆକାଉଣ୍ଟ ନଂ.: ୧୮୬୨୦୬୧୦୦୨୬୮୯୨ | ଟ.୨୭,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୨.୨୨ |
| ୪. | ଋଣଗ୍ରହୀତା: ମହମ୍ମଦ ସାଜିଦ୍, ପିତା: ମହମ୍ମଦ ଗାଫୁର, ସା/ପୋ.: ଶ୍ରଦ୍ଧାପୁର, ଖୋର୍ଦ୍ଧା / ଆକାଉଣ୍ଟ ନଂ.: ୧୮୬୨୦୬୧୦୦୨୧୪୯୧ | ଟ.୩୫,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୯.୬୭ |
| ୫. | ଋଣଗ୍ରହୀତା: ପ୍ରବିନ୍ ଭଞ୍ଜ, ପିତା: ରମେଶ ଭଞ୍ଜ, ନୀଳୟାମ୍ ବୁଦ୍ଧିବଗିଚ୍ଛ, ସାମନ୍ତରାପୁର, ଖୋର୍ଦ୍ଧା / ଆକାଉଣ୍ଟ ନଂ.: ୧୮୬୨୦୬୧୦୦୨୬୦୪୫ | ଟ.୧୨,୨୯୫.୦୦ +ଲାଗୁ ହୋଇନଥିବା ସୁଧ | ୫.୦୦ |
| | **ୟୁକୋ ବ୍ୟାଙ୍କ, ପଟିଆ ଶାଖା, ପଟିଆ, ଭୁବନେଶ୍ୱର, ଶାଖା ମୁଖ୍ୟ: ଅଶୋକ କୁମାର ତ୍ରିପାଠୀ, ମୋବାଇଲ ନଂ.: ୮୩୨୮୮୬୬୦୮୯** | | |
| ୧. | ଋଣଗ୍ରହୀତା: ସରୋଜ କୁମାର ରାଉତ, ପିତା: ଗଜେନ୍ଦ୍ର ରାଉତ, ପ୍ଲଟ୍ ନଂ.: ୪୮୯, ରାଉତ ସାହି, ପଟିଆ, ଭୁବନେଶ୍ୱର / ଆକାଉଣ୍ଟ ନଂ.: ୩୧୦୮୦୬୧୦୦୦୮୩୩୧ | ଟ.୨୪,୫୦୦.୦୦ +ଲାଗୁ ହୋଇନଥିବା ସୁଧ | ୧୦.୦୦ |
| | **ୟୁକୋ ବ୍ୟାଙ୍କ, ପୁରୀ ଶାଖା, ପୁରୀ, ଶାଖା ମୁଖ୍ୟ:ମଧୁସ୍ମିତା ଜେନା, ମୋବାଇଲ ନଂ.: ୯୪୩୮୩୩୫୦୮୪** | | |
| ୧. | ଋଣଗ୍ରହୀତା: ମାନସ ରଞ୍ଜନ ଦାସ, ପିତା: ବୈଷ୍ଣବ ଚରଣ ଦାସ, ସା.: କନକ ନଗର, ବାଲିଗୁଆଳି, ପୁରୀ / ଆକାଉଣ୍ଟ ନଂ.: ୦୨୯୦୦୬୧୦୦୪୨୭୨୪ | ଟ.୭,୫୦୯.୦୦ +ଲାଗୁ ହୋଇନଥିବା ସୁଧ | ୨.୫୩ |
| ୨. | ଋଣଗ୍ରହୀତା: ନିରଞ୍ଜନ ସାହୁ, ସା.: ତିଆଡି ବଗିଚ୍ଛ, ବାସେଳି ସାହି / ଆକାଉଣ୍ଟ ନଂ.: ୦୨୯୦୦୬୧୦୦୪୩୩୮୭ | ଟ.୧୮,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୪.୯୬ |
| ୩. | ଋଣଗ୍ରହୀତା: ବିଜୟ କୁମାର ଉପାଧ୍ୟାୟ, ପିତା: କୈଳାସ ଚନ୍ଦ୍ର ଉପାଧ୍ୟାୟ, ମାର୍କଣ୍ଡେଶ୍ୱରୀ ସାହି, ରାଧାଗୋବିନ୍ଦ ଲେନ୍ / ଆକାଉଣ୍ଟ ନଂ.: ୦୨୯୦୦୬୧୦୦୪୫୪୭୩ | ଟ.୨୦,୨୦୪.୦୦ +ଲାଗୁ ହୋଇନଥିବା ସୁଧ | ୮.୭୦ |
| ୪. | ଋଣଗ୍ରହୀତା: ବିଜୟ କୁମାର ଉପାଧ୍ୟାୟ, ପିତା: କୈଳାସ ଚନ୍ଦ୍ର ଉପାଧ୍ୟାୟ, ମାର୍କଣ୍ଡେଶ୍ୱରୀ ସାହି, ରାଧାଗୋବିନ୍ଦ ଲେନ୍ / ଆକାଉଣ୍ଟ ନଂ.: ୦୨୯୦୦୬୧୦୦୪୫୭୦୧ | ଟ.୨୮,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୮.୩୬ |
| ୫. | ଋଣଗ୍ରହୀତା: ଭଜରାମ ଶତପଥି, ପିତା: ସଦାଶିବ ଶତପଥି, ମୁକୁନ୍ଦମିଶ୍ର ନଗର, ପୋ.: ଗୋପିନାଥପୁର, ପୁରୀ / ଆକାଉଣ୍ଟ ନଂ.: ୦୨୯୦୦୬୧୦୦୪୬୩୭୧ | ଟ.୭୦,୦୦୦.୦୦ +ଲାଗୁ ହୋଇନଥିବା ସୁଧ | ୨୦.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ ସୁନା ଭାଗ ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨. ବ୍ୟାଙ୍କର ଯେକୌଣସି କାର୍ଯ୍ୟଦିବସରେ ସମ୍ପୃକ୍ତ ଶାଖାର କାର୍ଯ୍ୟାଳୟ ସମୟ ମଧ୍ୟରେ ଇଚ୍ଛୁକ ନିଲାମଧାରୀମାନେ ଅଳଙ୍କାର ଯାଞ୍ଚ କରିପାରିବେ।
୩. ଇଚ୍ଛୁକ ନିଲାମଧାରୀମାନେ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ହେବ।
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶିର **୨୫%** ଅମାନତ ରାଶି ରୂପେ ଜମା କରିବେ (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)।
୫. ୨୪ ଘଣ୍ଟା ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସରେ ଅବଶିଷ୍ଟ ରାଶି ପଇଠ କଲାପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ।
୬. ଯଦି ସଫଳ ନିଲାମଧାରୀ ରାଶି ପଇଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବ୍ୟାଜାପ୍ତି ହେବ ଏବଂ ନିଲାମ ତାରିଖ ଠାରୁ ୩୦ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେବା ପରେ ଅସଫଳ ନିଲାମଧାରୀ ତତ୍‌କ୍ଷଣାତ୍ ଅମାନତ ରାଶି ଫେରସ୍ତ ପାଇବାକୁ ହକ୍‌ଦାର।
୮. କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରଯିବ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୧.୧୧.୨୦୨୨ ଭାରପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ ପଣ୍ଡ

ନାଉଗାଁ,(ସ୍ୱ.ପ୍ର): ନାଉଗାଁ ଥାନା ଅନ୍ତର୍ଗତ ମଧୁପୁର ଜଇନାବାଦ ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ ପଣ୍ଡ ହୋଇଯାଇଛି। ୩ ଜଣ ଯୁବକ ଶୁକ୍ରବାର ରାତିରେ ଏହାକୁ ଚୋରି କରୁଥିବା ବେଳେ ଗ୍ରାମବାସୀ ହାତରେ ଧରାପଡ଼ିଛନ୍ତି। ଅଭିଯୁକ୍ତମାନଙ୍କୁ ଶନିବାର ସକାଳେ ପୋଲିସ ଜିମା ଦିଆଯାଇଛି। ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରିରେ ଏକ ସକ୍ରିୟ ରାକେଟ୍ କାର୍ଯ୍ୟ କରୁଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଅଭିଯୁକ୍ତମାନଙ୍କ ନାମ ଓ ଠିକଣା ପ୍ରକାଶ କରାଯାଇନାହିଁ ବୋଲି ଥାନା ଅଧିକାରୀ ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ମା' ଧନେଶ୍ୱରୀଙ୍କ ପୀଠରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ



ରାଜନଗର, ୧୨।୧୧(ଡି.ଏନ.ଏ.): ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତର ଧାନଦିଆ ଗ୍ରାମର ଆରାଧା ଦେବୀ ମା' ଧନେଶ୍ୱରୀଙ୍କ ପୀଠରେ ୩ ଦିନ ଧରି ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠରେ ୨୪ ପ୍ରହର ନାମ ସଂକୀର୍ତ୍ତନ, ସୂର୍ଯ୍ୟପୂଜା, ଗୋମାତା ପୂଜା ସହିତ ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ମୁଖନିଃସୃତ ଭଜନ ପାଠ କରାଯାଇଥିଲା। ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱେଚ୍ଛାସେବୀ ମହିଳା ସଙ୍ଗଠନ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବା ସହ ମା'ଙ୍କ ପୀଠକୁ ସଫା ସୁତୁରା କରିଥିଲେ। ଗ୍ରାମର ମୁରବୀ ବସନ୍ତ କୁମାର ପରିଡା, ସୁବାସ ଚନ୍ଦ୍ର ଦାସ ପ୍ରମୁଖ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ। ଚବିଶ ପ୍ରହର ନାମଯଜ୍ଞ ଅବ୍ୟବହିତ ପୂର୍ବରୁ ୧୪୪ଜଣ ଶ୍ରଦ୍ଧାଳୁ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପାଣି ଉଠାଇ କଳସ ଶୋଭାଯାତ୍ରାରେ ମା'ଙ୍କ ପୀଠରେ ପହଞ୍ଚି ଥିଲେ।

## ଲୋଭାକାନ୍ତ ହେଲେ ସିଆଇଟିୟୁର ରାଜ୍ୟ କାର୍ଯ୍ୟକାରୀ ସଭାପତି

ବାଲିଆ,୧୨।୧୧(ସ୍ୱ.ପ.) : ଶ୍ରମିକ ନେତା ତଥା ବିରିଡ଼ି ବ୍ଲକ କୁଳକଇଜଙ୍ଗାର ଲୋଭାକାନ୍ତ ସ୍ୱାଇଁ ସିଆଇଟିୟୁ ରାଜ୍ୟ କାର୍ଯ୍ୟକାରୀ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ଝାରସୁଗୁଡାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସମ୍ମିଳନୀରେ ସଂଘ ପକ୍ଷରୁ ଏହି ନିଷ୍ପତି ନିଆଯାଇଛି। ସେ ଜଗତ୍‌ସିଂହପୁର ଜିଲା ସିଆଇଟିୟୁର ସମ୍ପାଦକ ଭାବେ ମଧ କାର୍ଯ୍ୟ କରୁଛନ୍ତି। ତାଙ୍କୁ ରାଜ୍ୟ କାର୍ଯ୍ୟକାରି ସଭାପତି କରାଯିବାପରେ ବହୁ ଶ୍ରମିକ ସଂଗଠନ ମଧରେ ଉତ୍ସାହ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ୧୦ ଓ ୧୧ରେ ଝାରସୁଗୁଡାଠାରେ ସିଆଇଟିୟୁରରାଜ୍ୟସ୍ତରୀୟ ସମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାରୁ ୩୦ ଜଣ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ୮୫ ଜଣିଆ ରାଜ୍ୟ କମିଟି ଗଠନ କରାଯାଇଥିଲା।



# ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ମାରି ନୋଳା ବସାଇ ଦେଲେ

ଡେରାବିଶ,୧୨।୧୧ (ସ୍ୱ.ପ୍ର.)

ସରକାର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ହେଲେ ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ସ୍ୱାମୀ ବାପା ଛେଉଣ୍ଡ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ମାଡ ମାରି ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ନୋଳା ବସାଇ ଦେଇଥିଲେ। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ବାରିମୁଳ ପଞ୍ଚାୟତସ୍ଥିତ ରାଧାମୋହନ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏ ନେଇ ଛାତ୍ର ଜଣକ ଥାନାରେ ପ୍ରଧାନ ଶିକ୍ଷକ ଓ ଏସ୍ଏମ୍ସି ସଭାପତିଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

ଅଷ୍ଟମ ଶ୍ରେଣୀ ଛାତ୍ର ଅଭୟ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ବାପା ପ୍ରଭାକରଙ୍କ ୭ ବର୍ଷ ପୂର୍ବରୁ ମୃତ୍ୟୁ ହୋଇଯାଇଛି। ମା' ଦୁଃଖକଷ୍ଟ କରି ତାଙ୍କର ପାଳନ ପୋଷଣ କରି ଆସୁଛନ୍ତି। ବିଦ୍ୟାଳୟ କମିଟି ଓ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ମା' ବିଗତ ୩ ମାସ ହେବ ଏହି ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରି ଆସୁଥିଲେ। ହେଲେ ହଠାତ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ବିଦ୍ୟାଳୟ ପରିଚାଳନା କମିଟି ତାଙ୍କ ମା'ଙ୍କୁ କୌଣସି ପାରଶ୍ରମିକ ନ ଦେଇ ଆଉ କାମକୁ ନ ଆସିବା ପାଇଁ କହିଥିଲେ। ଏଥିରେ ତାଙ୍କ ମା' ବିରୋଧ କରିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ନାଥ ଓ କମିଟି ସଭାପତିଙ୍କ ସ୍ୱାମୀ କୃତ୍ତିବାସ ପଣ୍ଡା ତାଙ୍କ ମା'ଙ୍କୁ ଖରାପ ବ୍ୟବହାର କରୁଥିଲେ। ହେଲେ ତାଙ୍କ ମା' ନ୍ୟାୟ ପାଇବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି। ଗୁରୁବାର ବିନା କାରଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାଥ ଓ କମିଟି ସଭାପତିଙ୍କ ସ୍ୱାମୀ ପଣ୍ଡା ମିଳିତ ଭାବେ ଅଭୟଙ୍କୁ ବାଡିରେ ମାଡ ମାରିଥିଲେ। ଫଳରେ ଅଭୟଙ୍କ ପିଠି ଓ ହାତରେ ନୋଳା ବସି ଯାଇଥିଲା। ଏଥିପାଇଁ ସେ ଭୀଷଣ କଷ୍ଟ ପାଉଥିବା କହିଛନ୍ତି। ତେବେ ତାଙ୍କ ପୁଅକୁ କାହିଁକି ମାଡ ମରାଯାଇଛି ବୋଲି ପଚାରିବା ପାଇଁ ମା' ବିଦ୍ୟାଳୟକୁ ଯାଇଥିଲେ ମଧ ପ୍ରଧାନ ଶିକ୍ଷକଙ୍କ ଅନୁପସ୍ଥିତି ଯୋଗୁ ସେ

**ପ୍ରଧାନ ଶିକ୍ଷକ, ଏସ୍ଏମ୍ସି ସଭାପତିଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ**



ଫେରି ଆସିଥିଲେ। ହେଲେ ଶନିବାର ତାଙ୍କ ମା'ଙ୍କୁ ପୁଣି ଥରେ ପ୍ରଧାନ ଶିକ୍ଷକ ଓ କମିଟି ସଭାପତିଙ୍କ ସ୍ୱାମୀ ବିଦ୍ୟାଳୟକୁ ଡକାଇ ଦୁର୍ବ୍ୟବହାର ପ୍ରଦର୍ଶନ କରି କରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ନାଥଙ୍କୁ ପଚାରିବାରେ ଗୁରୁବାର ସେ ଷଷ୍ଠ ଶ୍ରେଣୀର କ୍ଲାସ ନେଉଥିବା ବେଳେ ଦୁଇ ଛାତ୍ରଙ୍କ ମଧ୍ୟରେ ମାର୍‌ପିଟ ହେଉଥିବା ସୂଚନା ପାଇଁ ବାହାରକୁ ଆସିଥିଲି। ଉଭୟ ଛାତ୍ରଙ୍କୁ ଦୁଇ ପାହାର ପକାଇବା ପରେ ବୁଝାଇ ସେଠାରୁ ଶ୍ରେଣୀ ଗୃହକୁ ପଠାଇଥିଲି। ମାଡ ମାରିବା ଭୁଲ ଥିଲେ ମଧ ଉଭୟ ଛାତ୍ରଙ୍କ ହିତ ପାଇଁ ଏଭଳି କରିଛି। ଏହା ବ୍ୟତୀତ ଅନ୍ୟ କୌଣସି ଉଦ୍ଦେଶ୍ୟ ନ ଥିଲା। ଛାତ୍ରଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ। ଏହି ଘଟଣାକୁ ନେଇ ତାଙ୍କୁ ଜାଣିଶୁଣି ବିବାଦରେ ଫସା ଯାଉଥିବା ନେଇ ସେ କହିଛନ୍ତି। ଏ ସମ୍ପର୍କରେ ଏସ୍ଏମ୍ସି ସଭାପତିଙ୍କ ସ୍ୱାମୀ କୃତ୍ତିବାସ ପଣ୍ଡାଙ୍କୁ ପଚାରିବାରେ ଏଭଳି ଅଭିଯୋଗ କପୋଳ କଳ୍ପିତ। ଛାତ୍ର ଜଣଙ୍କୁ ବାଡେଇବାରେ ମୋର ହାତ ନାହିଁ ବି ତାଙ୍କ ମା'ଙ୍କୁ କୌଣସି ଖରାପ ବ୍ୟବହାର ପ୍ରଦର୍ଶନ କରିନାହିଁ। ମୋତେ ବଦନାମ କରିବାକୁ ଏହା ଏକ ଷଡଯନ୍ତ୍ର ହୋଇଥିବା ସେ କହିଛନ୍ତି। ଏ ନେଇ ଥାନାରେ ନଂ. ୪୭୪/୨୨ରେ ମାମଲା ରୁଜୁ ହୋଇଛି।

## ବାଳିକା ଉଚ୍ଚ ବିଦ୍ୟାଳୟ ପୌରାଧ୍ୟକ୍ଷାଙ୍କ ପୋଷ୍ୟ ସ୍କୁଲ



ପୌରାଧ୍ୟକ୍ଷା ସରିତା ସାହୁ ଜଣେ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ରାପଡ଼ା ଅଫିସ, ୧୨।୧୧

କେନ୍ଦ୍ରାପଡ଼ା ସହରର ମେଡିକାଲ ଛକସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ ଶନିବାର ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି। ସ୍କୁଲରେ ପୂର୍ବାହ୍ନରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଛାତ୍ରୀ ତଥା ପୌରାଧ୍ୟକ୍ଷା ସାହୁ ମୁଖ୍ୟଅତିଥି, ପୂର୍ବତନ ଛାତ୍ରୀ ତଥା ପୌରସଭ୍ୟା ପୁଷ୍ପାଞ୍ଜଳି ବସ୍ତିଆ, ପୂର୍ବତନ ପୌର ସଭ୍ୟ ହିରଣ୍ୟ କୁମାର ପଣ୍ଡା, ଏସ୍ଏମ୍ସି ସଭାପତି ସୁକଦେବ ଜେନା, ସିଆରସିସି ଦେବାଶିଷ ସାହୁ, ସହକାରୀ ଶିକ୍ଷକ ବୀରବର ସେନାପତି, ପୂର୍ବତନ ଛାତ୍ରୀ ଜ୍ୟୋତିର୍ମୟୀ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା ପାଇଁ ଶୈକ୍ଷିକ ପରିବେଶ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ସରକାରଙ୍କ ଶିକ୍ଷାନୀତି ଏବେ ସୁସ୍ଥ ସମାଜର ସହାୟକ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ ପୋଷ୍ୟ ସ୍କୁଲ ସମ୍ପର୍କରେ ପୌରାଧ୍ୟକ୍ଷା ସାହୁ ଘୋଷଣା ସହ ଗତ ମ୍ୟାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପର ସୋନମ ପରମିନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ଶର୍ମିଳା ମହାପାତ୍ର ପରିଚାଳନା କରିଥିଲେ।



ଡାକମେଳାରେ ଯୋଗ ଦେଇଥିବା ଗ୍ରାହକ ଓ ଲୋକମାନଙ୍କୁ ଅଧିକାରୀ ଟଙ୍କା ଜମା ଓ ଡାକ ବିଭାଗର ବିଭିନ୍ନ କାର୍ଯ୍ୟ ବିଷୟରେ ବୁଝାଉଛନ୍ତି।

# କୋଇଲିପୁରରେ ଡାକମେଳା

ରାଜନଗର, ୧୨।୧୧(ଡି.ଏନ.ଏ.)

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳଠାରେ ପଟ୍ଟାମୁଣ୍ଡାଇ ଡାକ ସବ୍‌ଡିଭିଜନସ୍ତରୀୟ ମାସିକ ଡାକ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଡାକ ନିରୀକ୍ଷକ ଗୌରୀଶ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ଅଧୀକ୍ଷକ ଦେବରାଜ ସେଠୀ, ମୁଖ୍ୟବକ୍ତା ଭାବେ ସିନିୟର ମ୍ୟାନେଜର ଡି.ଏମ୍. ପରିଡା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଡାକ ବିଭାଗର ବିଭିନ୍ନ ସ୍କିମ ବିଷୟରେ ଲୋକମାନଙ୍କୁ ବୁଝାଇବା ସହ ଲୋକେ କିଭଳି ଆର୍ଥିକ ଆତ୍ମନିର୍ଭରଶୀଳ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏହି ଡାକମେଳାରେ ୬୫ଟି ଆରଡି, ୪୮ଟି ସଞ୍ଚୟ ଜମା, ୪୧ଟି ଏସ୍ଏସ୍ଏ, ୨୦ଟି ଟିଡି ଆକାଉଣ୍ଟ ଖୋଲାଯାଇଥିଲା। ଏହି ମେଳାରେ ୩୫୦ରୁ ଊର୍ଦ୍ଧ୍ୱ ଛୋଟ ପିଲାଙ୍କ ଆଧାର ସଂଯୋଗ କରାଯିବା ସହ ଟାଟା ଏଆଇଜି ଦୁର୍ଘଟଣା ବୀମା ପ୍ରିମିୟମ ଆକାଉଣ୍ଟ ଏବଂ ୨୦ଟି ଏମ୍ଏନ୍ଆର୍‌ଜିଏ ଆକାଉଣ୍ଟ ଖୋଲିଥିଲା। ୧୮ଟି ଆର୍‌ପିଏଲ୍ଆଇ ପଲିସି ଖୋଲାଯାଇ ୩୭, ୮୬୧ ଟଙ୍କା ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କପିଳେନ୍ଦ୍ର ଦାସ, ଅଶୋକ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଲୋକ ଅଦାଲତରେ ୧୨୯୨ ମାମଲାର ଫଇସଲା

କେନ୍ଦ୍ରାପଡ଼ା ଅଫିସ, ୧୨।୧୧

କେନ୍ଦ୍ରାପଡ଼ା ଜିଲା ଆଇନ ସେବା ପ୍ରଧୀକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨୯୨ଟି ମାମଲାର ଫଇସଲା ହୋଇ ୫୦,୪୨,୧୬୬ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ୧୧୪୫ଟି ଦେୱାନୀ ମାମଲା, ୧୦୩ଟି ଫୌଜଦାରୀ, ୩୧ଟି ପାରିବାରିକ ମାମଲା, ୧୩ଟି ଦୁର୍ଘଟଣାଜନିତ ମାମଲା, ୫୯୫ଟି ବ୍ୟାଙ୍କ ଋଣ ମାମଲା ଆଦିର ଫଇସଲା ହୋଇଥିଲା। ଏହାକୁ ଜିଲା ଦୌରା ଜଜ୍ ବିଶ୍ୱଜିତ ମହାନ୍ତି, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଏଡିଜେ ଅକ୍ଷୟ କୁମାର ପ୍ରଧାନ, ଏଡିଜେ ପ୍ରଣତି ପଟ୍ଟନାୟକ, ସିଜେଏମ୍ ପୂଜା ଷଡଙ୍ଗୀ ପ୍ରମୁଖ ବିଚାର କରିଥିଲେ।

## ଡାଙ୍ଗମାଳ ଜନ ଆରୋଗ୍ୟ ସମିତି ବୈଠକ

ରାଜନଗର, ୧୨।୧୧(ଡି.ଏନ.ଏ.)

ରାଜନଗର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଡାଙ୍ଗମାଳସ୍ଥିତ ଜନ ଆରୋଗ୍ୟ କେନ୍ଦ୍ରଠାରେ ଜନ ଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୨ନଂ. ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀ ରଞ୍ଜନ ମହାନ୍ତି, ଡା. ପ୍ରଣବ କୁମାର ଶୁକ୍ଳା, ଡା. ଆଦିତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଜନ ଆରୋଗ୍ୟ ସମିତି ମାଧ୍ୟମରେ ଡାଙ୍ଗମାଳ, କୃଷ୍ଣନଗର, ଖମାରସାହି ପ୍ରଭୃତି ପଞ୍ଚାୟତର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତୀକରଣ, ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶକୁ ସୁସ୍ଥ ଓ ରୋଗମୁକ୍ତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଡାଙ୍ଗମାଳ ସରପଞ୍ଚ ଦ୍ରୌପଦୀ ସେଠୀ, ଖମାରସାହି ସରପଞ୍ଚ ଅନୁସୂୟା ବିଶ୍ୱାଳ, କୃଷ୍ଣନଗର ସରପଞ୍ଚ ନନ୍ଦ ଦୁଲାଲ ପରିଡା, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ପୂର୍ବତନ ସରପଞ୍ଚ ରତିକାନ୍ତ ସେଠୀ, ବ୍ଲକ ପ୍ରୋଗ୍ରାମ ଅଫିସର ଶ୍ରୀକାନ୍ତ ଦାସ, ଡାଙ୍ଗମାଳ ନାଏବ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ବେହେରା, ସ୍ୱାଗତିକା ତରାଇ, ସ୍ୱାସ୍ଥ୍ୟକର୍ମୀ ପାର୍ବତୀ ଦାସ, ଫାର୍ମାସିଷ୍ଟ ରମାରଞ୍ଜନ ବିଶ୍ୱାଳ, ହିମାଂଶୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।



# ରାଜନଗର ୩୨ନଂ. ଜୋନ୍‌ରେ ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡିର ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଧ୍ରୁବ ସାହୁ, ନେତା ଓ କର୍ମୀମାନେ।

ରାଜନଗର, ୧୨।୧୧(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ଓଡ଼ିଶାରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଗାନ୍ଧୀ ଜୟନ୍ତୀଠାରୁ ଆରମ୍ଭ ହୋଇ ଚଳିତମାସ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୨ନଂ. ଜୋନ ଅଧୀନରେ ଥିବା ରଙ୍ଗଣୀ, କେରୁଆଁପାଳ, ବାଘମାରୀ ପଞ୍ଚାୟତରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ପଦଯାତ୍ରାରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଳଚୁଆ ପଞ୍ଚାୟତ ଟୀକାୟତନଗର ଛକଠାରୁ ପଦଯାତ୍ରା ଆରମ୍ଭ ହୋଇ ତାଳଚୁଆ ବଜାରରେ ପହଞ୍ଚି ଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ସାହୁ ଯୋଗଦେଇ ତାଳଚୁଆ, ରଙ୍ଗଣୀ, କେରୁଆଁପାଳ, ବାଘମାରୀ ପ୍ରଭୃତି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ସରକାରଙ୍କ ଜନହୀତକର କାର୍ଯ୍ୟ ସମ୍ପର୍କରେ କହିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଜିଲାପରିଷଦ ସଭ୍ୟା ଖୁକୁମିନା କୁଅଁର, ବ୍ଲକ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ସରପଞ୍ଚ ଲୋପାମୁଦ୍ରା ଜେନା, ଗାୟତ୍ରୀ ପରିଡା, ଭବାନୀ ପାତ୍ର, ସମିତିସଭ୍ୟ ତପନ କୁମାର ସାହୁ, ମଧୁସୂଦନ ପ୍ରଧାନ, ମନୋରଂଜନ ମଣ୍ଡଳ, ପ୍ରାକ୍ତନ ସରପଞ୍ଚ ମୁକ୍ତି କୁମାର ପାତ୍ର, ସପନ କୁମାର ପରିଡା, ଲକ୍ଷ୍ମୀଧର ବାରିକ,ମନଦ ଦେବନାଥ, ଛାତ୍ରନେତା ଦିଲ୍ଲୀପ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତର ଶତାଧିକ ମହିଳା, ଯୁବକ, ଛାତ୍ର ବିଜେଡିର କର୍ମୀମାନେ ଅଂଶଗ୍ରହଣ କରିଥିଲେ।

## ଗୋଦାବରୀଶ ବିଦ୍ୟାଭବନର ହୀରକ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ




ଆଳି,୧୨।୧୧(ଡି.ଏନ.ଏ.)

ଆଳି ଧୋୟାଞ୍ଚଳର ପୁରାତନ ବିଦ୍ୟାଳୟ ଗୋଦାବରୀଶ ବିଦ୍ୟାଭବନର ହୀରକ ଜୟନ୍ତୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଶତ୍ରୁଘ୍ନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ନୂତନ ଭାବେ ଯୋଗ ଦେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ଘଡେଇଙ୍କୁ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଘଡେଇ ବିଦ୍ୟାଳୟର ଉନ୍ନତି ନିମନ୍ତେ ଯାହା ଦରକାର ସବୁକିଛି କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ଏହି ସଭାରେ ପୁରାତନ ଛାତ୍ର ତଥା ସାମାଜିକ କର୍ମୀ ନିଖିଲ ସାମଲ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସହ ବିଦ୍ୟାଳୟ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ବିଦ୍ୟାଳୟର କୌଣସି ଜୟନ୍ତୀ ପାଳନ ହୋଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ୨୦୨୪ରେ ବିଦ୍ୟାଳୟ ୭୫ ବର୍ଷ ପୂର୍ତ୍ତିକୁ ହୀରକ ଜୟନ୍ତୀ ଉତ୍ସବ ପାଳନ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବକୁ ଉପସ୍ଥିତ ସଦସ୍ୟମାନେ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପୂର୍ବତନ ଶିକ୍ଷକ ସୁଧିର ନାୟକ ପୁରାତନ ଛାତ୍ର ସଙ୍ଗଠନ ସକ୍ରିୟ ହେବା ଆବଶ୍ୟକ ବୋଲି କହିବା ସହିତ ୧୯୮୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଉତ୍ସବ ନିମନ୍ତେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ଆଗଭର ହେବା ଆବଶ୍ୟକ। ଏଥିରେ କିଭଳି ଭାବେ ବିଦ୍ୟାଳୟର ପ୍ରତ୍ୟେକ ପୁରାତନ ଓ ଏବର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ସହଯୋଗ କରିବେ ସେ ନେଇ ଜାନୁୟାରୀରେ ପୁଣି ବୈଠକ ଡାକିବାକୁ ପ୍ରସ୍ତାବ ରହିଥିଲା। ଏଥିରେ କୃତ୍ତିବାସ ପ୍ରଧାନ, ଜଗଦୀଶ ଧଳ, ସରତ ନାୟକ, ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରମୋଦ ସାମଲ ଧନ୍ୟବାଦ ଦେଇଥିଲେ।

# ଅବହେଳିତ ଅବସ୍ଥାରେ ଡେରାବିଶ ବ୍ଲକର ୧୪ ନଂ. ଜୋନ୍

**ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଲା ଭାଜପା**

ଡେରାବିଶ,୧୨।୧୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ୧୪ ନଂ. ଜିଲା ପରିଷଦ ଜୋନ୍ ଅବହେଳିତ ଅବସ୍ଥାରେ ଥିବା ଶନିବାର ଭାଜପା ନେତୃମଣ୍ଡଳୀଙ୍କ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଜିଲା ଭାଜପା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଭାଜପା ନେତା ତେଜେଶ୍ୱର ପରିଡ଼ା ଯୋଗଦେଇ ୧୪ ନଂ. ଜୋନ ଅଧୀନରେ ଥିବା ୯ଟି ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ବନ୍ଦ ହୋଇଯାଇଥିବା ସେ କହିଥିଲେ।

ବ୍ଲକ ଅଧୀନ ଚାନ୍ଦୋଳଠାରେ ଥିବା ପୋଲିସ ସହାୟକ କେନ୍ଦ୍ର କାର୍ଯ୍ୟ କରୁଛି। ମାତ୍ର ଏହି ସହାୟକ କେନ୍ଦ୍ର ୯ଟି ପଞ୍ଚାୟତର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁରକ୍ଷା ଦେବା ସମ୍ଭବ ପର ହୋଇପାରୁନାହିଁ। ଜିଲାର ଅନ୍ୟ ବ୍ଲକରେ ଥିବା ଫାଣ୍ଡିଗୁଡ଼ିକୁ ଥାନାରେ ପରିଣତ କରାଯାଇଥିବାବେଳେ ଚାନ୍ଦୋଳଠାରେ ଥିବା ପୋଲିସ ସହାୟକ କେନ୍ଦ୍ରକୁ ଥାନା କରାଯାଇନାହିଁ। ସେହିପରି ଚାନ୍ଦୋଳ ଦେଇ ଯାଇଥିବା କଟକ-ଚାନ୍ଦବାଲି ରାଜପଥରେ ଦୈନିକ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି, ଚାନ୍ଦୋଳଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାହିଁ ଖୋଲାଯାଇନାହିଁ, ଏହି ରାସ୍ତାରେ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

ଦୁର୍ଘଟଣାରେ ଗୁରୁତର ହେଉଥିବା ବ୍ୟକ୍ତିଙ୍କୁ କଟକ ଜିଲା ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଉଛି। ସେହିପରି ଡେରାବିଶଠାରେ ସ୍ଥାପନ କରାଯାଇଥିବା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ରବର ବୋଟ୍ ୨ ବର୍ଷ ହେବ କଟକ କାର୍ଯ୍ୟାଳୟକୁ ନିଆଯାଇଥିଲେ ମଧ ତାହା ଫେରସ୍ତ ହୋଇ ନାହିଁ। ନିକଟରେ ଲୁଣାନଦୀରେ ବୁଡ଼ି ଯାଇଥିବା ଜଣେ ଯୁବକଙ୍କୁ ଉଦ୍ଧାର କରିବାକୁ କଟକ ଜିଲା ନିଶ୍ଚିନ୍ତକୋଇଲି କାର୍ଯ୍ୟାଳୟର କର୍ମଚାରୀମାନେ ସେମାନଙ୍କର ବୋଟ୍ ଆଣି ଖୋଜା ଖୋଜି କରିଥିଲେ। ଯାହାକି ସରକାର ଓ ପ୍ରଶାସନର ଅପରଗତାର ଏକ ଜ୍ୱଳନ୍ତ ନିଦର୍ଶନ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଶାସକ ଦଳର କର୍ମୀମାନେ ହଡ଼ପ କରୁଛନ୍ତି। ବିଶେଷକରି ବ୍ଲକ ଅଧୀନ ପଲେଇ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦୁର୍ନୀତିକୁ ଜାଣି ମଧ ପ୍ରଶାସନର ନିରବତା ଅବଲମ୍ବନ କରୁଛି। ସମ୍ମିଳନୀରେ ଜିଲା ସଭାପତି ପଣ୍ଡା ତାଙ୍କ ବକ୍ତବ୍ୟରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ନିର୍ବାଚିତ ବିଧାୟିକାଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧିଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉଛି। ନିର୍ବାଚନମଣ୍ଡଳୀରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପୂର୍ଣ୍ଣ ବାଟମାରଣା ହେଉଥିବା ପଣ୍ଡା କହିଥିଲେ। ଡେରାବିଶ ବ୍ଲକ ଅଧୀନ ଲୁଣାନଦୀରେ ୨୦୦୨ରୁ ଆରମ୍ଭ ହୋଇଥିବା ସେତୁ ସମ୍ପୂର୍ଣ୍ଣ ହେବାକୁ ୧୪ ବର୍ଷ ଲାଗିଥିଲା। ୨୦୧୬ରେ ଏହି ସେତୁକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ମାତ୍ର ଏହି ସେତୁକୁ ସଂଯୋଗ କରିଥିବା ରାସ୍ତା ଏହା ଭିତରେ ୫ବର୍ଷ ବିତିଯାଇଥିଲେ ମଧ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିନାହିଁ। ତେବେ ସେତୁକୁ ସଂଯୋଗ କରୁଥିବା ଚାନ୍ଦୋଳ-ଦାନପୁର ରାସ୍ତାଟି ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ବ୍ରିଟିଶ ଅମଳରୁ ନିର୍ମିତ ଅଣଓସାରିଆ ଲକ୍ ପୋଲ ଯୋଗୁ ଯାନବାହାନ ଓ ସାଧାରଣ ଲୋକ କାରବାରରେ ଅସୁବିଧା ହେଉଛି। ତେଣୁ ପ୍ରଶାସନିକ ନିରବତା ଓ ପାଟକୁରାର ପ୍ରତିନିଧି ଏଥିପ୍ରତି ଦୃଷ୍ଟି ନ ଦେବା ସାଧାରଣରେ ସମସ୍ତଙ୍କୁ ଚକିତ କରିଛି। ସେହିପରି କଟକ-ଚାନ୍ଦବାଲି ରାସ୍ତାର ବିଭିନ୍ନ ବଜାରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ପୂର୍ବରୁ ହୋଇ ସାରିଥିଲା ବେଳେ ଚାନ୍ଦୋଳ ବଜାରରେ ଅକ୍ଟୋବରରେ ବିଧାୟିକା ଆଲୋକୀକରଣ କାର୍ଯ୍ୟକୁ ଉଦ୍‌ଘାଟନ କରିଥିଲେ। ପ୍ରତିମାସରେ ଏହି ବିଦ୍ୟୁତ୍ ଆଲୋକୀକରଣର ମାସିକ ଦେୟ ଚାନ୍ଦୋଳ ସରପଞ୍ଚ ପୈଠ କରିବେ। ସରପଞ୍ଚ ଓ ବଜାର କମିଟିକୁ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ କରାଯାଇ ନ ଥିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପଣ୍ଡା ସୂଚନା ଦେଇଥିଲେ। ଏହି ସମସ୍ତ ବିଷୟରେ ଆସନ୍ତା ବିଧାନସଭା ଅଧିବେଶନରେ ଭାଜପା ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ସଭାପତି ପଣ୍ଡା ଓ ଭାଜପା ନେତା ପରିଡ଼ା ଖବରଦାତାଙ୍କୁ ସୂଚନା ଦେଇଥିଲେ। ଏଥିରେ ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଲ୍ଲିକ, ଭାଜପା ନେତା ବିଭୁଦେନ୍ଦୁ ପଣ୍ଡା ଓ ମମତା ସେଠୀ ଉପସ୍ଥିତ ଥିଲେ।

# ପ୍ରମାଣପତ୍ର ମିଳୁ ନ ଥିବାରୁ ଭୂମିହୀନ ହନ୍ତସନ୍ତ

**କେନ୍ଦ୍ରାପଡ଼ା ଅଫିସ, ୧୨।୧୧**

- ସଂରକ୍ଷଣ, ଷ୍ଟାଇପେଣ୍ଡରୁ ଛାତ୍ରୀଛାତ୍ର ବଞ୍ଚିତ
- ଏସ୍‌ଇସିସି ତଥ୍ୟ ନ ଥିବାରୁ ଆବାସ ଯୋଜନା ନାହିଁ
- ସ୍କୁଲରେ ମିଳିବ ଛାତ୍ରୀଛାତ୍ରଙ୍କୁ ଜାତି ପ୍ରମାଣପତ୍ର

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗ୍ରାମରେ ପ୍ରାୟ ୩୦୦ ପରିବାର ଅଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅନୁସୂଚିତ ଜାତି ବର୍ଗ। ତେବେ ଏସ୍‌ଇସିସି (ସୋସିଓ ଇକୋନୋମିକ ଆଣ୍ଡ କାଷ୍ଟ ସେନ୍‌ସସ)ର ତଥ୍ୟ ଜିଲ୍ଲା ପ୍ରଶାସନ ନିକଟରେ ନ ଥିବାରୁ ଗ୍ରାମବାସୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଏହିପରି ଅନେକ ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାବେଳେ ଜିଲ୍ଲାରେ ଭୂମିହୀନ ପଛୁଆବର୍ଗଙ୍କ ପାଇଁ ଜାତି ପ୍ରମାଣପତ୍ର ପାଇବା ଏବେ ସ୍ୱପ୍ନ ସଦୃଶ ହୋଇଛି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ମିଳୁଥିବା ବିଭିନ୍ନ ସୁବିଧା, ଯୋଜନା, ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ, କର୍ମ ନିଯୁକ୍ତି, ରିହାତି, ଛାତ୍ରବୃତ୍ତି ଆଦିରୁ ପଛୁଆବର୍ଗ ବଞ୍ଚିତ ହେଉଛନ୍ତି।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ୨୦୦୯ ଜାନୁୟାରୀ ୯ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭୂମିହୀନଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଜମିର ପଟ୍ଟାକୁ ବାଧ୍ୟତାମୂଳକ ରଖା ଯାଇଥିବା ବେଳେ ଏହି ବିଜ୍ଞପ୍ତିର କେତେକ ଅଂଶରେ ଭୂମିହୀନଙ୍କ ପାଇଁ କୋହଳ ସର୍ତ୍ତ ରଖାଯାଇଥିଲା। ଜାତି ପ୍ରମାଣପତ୍ର ପ୍ରସ୍ତୁତି ସମୟରେ ମାତାପିତା ଓ ଅଭିଭାବକଙ୍କ ଜାତି ପ୍ରମାଣପତ୍ର, ସେମାନଙ୍କ ସଂସ୍କୃତି, ସାମାଜିକ ବ୍ୟବସ୍ଥା, ଦେବତା, ରୀତିନୀତି, ବିବାହର ଧାରା, ମୃତ୍ୟୁ ସମାରୋହ, ମୃତଦେହର ସଂସ୍କାର ବିଧି ଆଦି ପଦ୍ଧତି ଲକ୍ଷ୍ୟ କରି ଜାତି ସ୍ଥିର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସାମାଜିକ ସ୍ଥିତି ଯାଞ୍ଚ କରିବାକୁ ସ୍ଥାନାନ୍ତରର କାରଣ ଓ ମୂଳ ସ୍ଥାନ ନିରୀକ୍ଷଣ ପାଇଁ ବିଜ୍ଞପ୍ତିରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲ୍ଲାର ବହୁ ସ୍ଥାନରେ ପଛୁଆବର୍ଗ ଭୂମିହୀନ ଭାବେ ରହି ଆସୁଥିଲେ ମଧ୍ୟ ଆବେଦନକାରୀଙ୍କୁ ପ୍ରଶାସନିକ ଅସହଯୋଗ କାରଣରୁ ଜାତି ପ୍ରମାଣପତ୍ର ମିଳୁ ନ ଥିବା ଆଇନଜୀବୀ ମହାପାତ୍ର ମତ ଦେଇଛନ୍ତି। ରାଜନଗର ବ୍ଲକ ଭେଲ୍କା ଗ୍ରାମର ପ୍ରୀତିଲଗ୍ନା ଦାସ କହିଛନ୍ତି, ଚଳିତବର୍ଷ ସେ ମାଟ୍ରିକ ପାସ୍ କରିଛନ୍ତି। ପରିବାର ସଦସ୍ୟ ଅନୁସୂଚିତ ବର୍ଗର ହୋଇଥିଲେ ମଧ୍ୟ ଭୂମିହୀନ ହୋଇଥିବାରୁ ତାଙ୍କୁ ଜାତି ପ୍ରମାଣପତ୍ର ମିଳିନାହିଁ। ଫଳରେ ସାଧାରଣବର୍ଗର ଛାତ୍ରୀ ଭାବେ ସେ ପାଠ ପଢ଼ିଥିବା ବେଳେ ସରକାରଙ୍କ ଷ୍ଟାଇପେଣ୍ଡ ଯୋଜନାରେ ସାମିଲ ହୋଇପାରିନାହାନ୍ତି। ଆର୍ଥିକ ଦୁର୍ବଳ ସ୍ଥିତି ଥିବାରୁ କଲେଜରେ ପାଠ ପଢ଼ିବା ସମ୍ଭବ ନୁହେଁ ବୋଲି ସେ ମତ ଦେଇଛନ୍ତି। ଜାତୀୟ ମାନବାଧିକାର ପରିଷଦର ଜିଲ୍ଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ କହିଛନ୍ତି, ୨୦୧୧ ସାମାଜିକ ଅର୍ଥନୈତିକ ଜନଗଣନା ଅନୁଯାୟୀ ରାଜ୍ୟରେ ୮.୩୩ ପ୍ରତିଶତ ଭୂମିହୀନ ଦଳିତ ପରିବାର ଅଛନ୍ତି। ଏମାନଙ୍କ ପାଇଁ ଜାତି ପ୍ରମାଣପତ୍ର ଯୋଗାଡ଼ କରିବା ଏକ କଷ୍ଟକର ବ୍ୟାପାର। ଏଥିପାଇଁ ବହୁ ସମୟରେ ସରକାରୀ ସୁବିଧା ସୁଯୋଗ ପାଇ ପାରୁନାହାନ୍ତି। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦୨୦ ଫେବୃୟାରୀ ୨୬ରେ ଚିଠି ନଂ. ୯୬୧୮ରେ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ଜାତି ପ୍ରମାଣପତ୍ର ଦେବାକୁ ପ୍ରତ୍ୟେକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ, ଏସ୍‌ସି, ଏସ୍‌ଟି ବିଭାଗ, ସଂଖ୍ୟାଲଘୁ ଓ ପଛୁଆ ଶ୍ରେଣୀ କଲ୍ୟାଣ ବିଭାଗ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରିଛନ୍ତି। ଏସବୁ ସତ୍ତ୍ୱେ ପରିଚାଳନାଗତ ତ୍ରୁଟି କାରଣରୁ ପଛୁଆବର୍ଗର ଛାତ୍ରୀଛାତ୍ର ଓ ଲୋକମାନେ ବିଭିନ୍ନ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଠିକ ତଦାରଖ ଓ ୱେବ୍ ପୋର୍ଟାଲରେ ଭୂମିହୀନଙ୍କ ପାଇଁ ଜାତି ପ୍ରମାଣପତ୍ର ପାଇବା ବ୍ୟବସ୍ଥା ହେଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଭୂମିହୀନଙ୍କୁ ଜମି ଯୋଗାଇ ଦେବାକୁ ବସୁନ୍ଧରା ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହଯୋଗରେ ଆବାସ ଯୋଜନାର ହିତାଧିକାରୀଙ୍କୁ ଚିହ୍ନଟ କରାଯାଉଛି। ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଜାତି ପ୍ରମାଣପତ୍ର ଯୋଗାଇ ଦେବାକୁ ବ୍ୟବସ୍ଥା ହୋଇଛି ବୋଲି ସେ କହିଛନ୍ତି।

# ୧୩୬୪ ମାମଲା ଫଇସଲା, ୨.୧୮ କୋଟି ଆଦାୟ



ରାଷ୍ଟ୍ରୀୟ ଲୋକେ ଅଦାଲତରେ ବିଚାରପତି ମାମଲାଗୁଡ଼ିକର ଫଇସଲା କରୁଛନ୍ତି।

**ଜଗତ୍‌ସିଂହପୁର ଅଫିସ, ୧୨।୧୧**

## ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ଜଗତ୍‌ସିଂହପୁର ଜିଲ୍ଲା କୋର୍ଟ ଓ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପୃଥକ ଭାବେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ, ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହ ଜିଲ୍ଲାରେ ଥିବା ବ୍ୟାଙ୍କ ସମ୍ବନ୍ଧୀୟ ପ୍ରାକ ମୋକଦ୍ଦମାଗୁଡ଼ିକର ବିଚାର ହୋଇଥିଲା । ଜିଲ୍ଲାର ମୋଟ ୭୫୧୨ ମାମଲା ମଧ୍ୟରୁ ୪୯୦୨ ବ୍ୟାଙ୍କ ଓ ଅନ୍ୟାନ୍ୟ ୧୩୬୪ ମାମଲା ଉପରେ ବିଚାର କରାଯାଇଥିଲା। ଏହି ଅବସରରେ ୧୩୬୪ ମାମଲାର ଫଇସଲା କରାଯାଇ ୨,୧୮,୨୭,୬୩୮ ଟଙ୍କା ଆଦାୟ ହୋଇଥିଲା । ବ୍ୟାଙ୍କଗୁଡ଼ିକର ୪୯୦୨ ପ୍ରାକ ମୋକଦ୍ଦମା ମଧ୍ୟରୁ ୪୨ଟି ଫଇସଲା ହେବାସହ ୧୩,୧୫,୩୦୦ ଟଙ୍କା ଋଣ ଆଦାୟ ହୋଇଛି। ସେହିପରି ଜିଲ୍ଲାର ଅନ୍ୟ ୨୬୧୦ଟି ମାମଲା ମଧ୍ୟରୁ ୧୩୨୨ଟିର ଫଇସଲା କରାଯାଇ ୨,୦୫,୧୨,୩୩୮ ଟଙ୍କା ଆଦାୟ କରାଯାଇଥିଲା। ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କମାର ଚନ୍ଦନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଦାଲତରେ ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ବିଚାରପତି ଭଗବାନ ପ୍ରଧାନ, ଅତିରିକ୍ତ ଜିଲ୍ଲା ଜଜ୍ ରାଜଶ୍ରୀ ମହାପାତ୍ର, ସିଜେଏମ୍ ପ୍ରିୟରଞ୍ଜନ ମିଶ୍ର, ପ୍ରାଧିକରଣ ସଚିବ ସୁନନ୍ଦା ପାଢୀ, ସବଜଜ୍ ସୁଦୀପ୍ତା ଦେହୁରି, ମହିଳା କୋର୍ଟ ଜଜ୍ ରଶ୍ମିତା ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ର, ସବଜଜ୍ (ଏଲ୍‌ଆର୍) ଅଭୟ କୁମାର ଦାସ, ଏସ୍‌ଡିଜେଏମ୍ ବିଷ୍ଣୁ ପ୍ରସାଦ ଦେବତା, ମୁନଶିଫ ନିରଞ୍ଜନ ଦାସ, ଜେଏମ୍‌ଏଫ୍‌ସି ଝିଲିଲିନା ନାୟକ ଓ ଜେଏମ୍‌ଏସ୍‌ସି ମଲ୍ଲିକା ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ପରିଚାଳନା କରିଥିଲେ । ସେହିପରି ଦୁର୍ଘଟଣାଜନିତ ମୋକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭଜହରୀ କର, ସରକାରୀ ଓକିଲ ସଲିଲ ଘୋଶ, ଆଇନଜୀବୀ ଧିରେନ୍ଦ୍ରନାଥ ଆଚାର୍ଯ୍ୟ, ଶଲ୍ୟ ବିଭାଗ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାନ୍ତି, ସାମାଜିକ କର୍ମୀ ସୁଷମା ପ୍ରଧାନ ଓ ମନସ୍ତତ୍ତ୍ୱବିତ ସୁସ୍ମିତା ମାଝି ଯୋଗଦେଇ ମୋକଦ୍ଦମା ପରିଚାଳନା କରିଥିଲେ । ଏହାବାଦ ଜିଲ୍ଲାର ଅନ୍ୟ କୋର୍ଟ ଯଥା କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମାରେ ମଧ୍ୟ ଅଦାଲତ ଅନୁଷ୍ଠିତ ହୋଇଥିଲା ।

# ଅନଶନରେ ବସିଲେ ଆଉ ଜଣେ ଛାତ୍ର ନେତା

**ତିର୍ତ୍ତୋଲ, ୧୨।୧୧ (ଡି.ଏନ.ଏ.)**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ନାଉସିରାଠାରେ ଶାରଳା ସମବାୟ ସୂତାକଳ ପୁନରୁଦ୍ଧାର ଦାବିରେ ଆମରଣ ଅନଶନ ଶନିବାର ୬ଷ୍ଠ ଦିନରେ ପହଞ୍ଚିଛି। ଦୁଇ ଆମରଣ ଅନଶନକାରୀ ଇଂ.ହିମାଂଶୁ ଭୂଷଣ ମଲ୍ଲିକ ଓ ଯୁବ ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ସହ ଆଉ ଜଣେ ଛାତ୍ର ନେତା ଅନଶନରେ ସାମିଲ ହୋଇଛନ୍ତି। ବିରିଡ଼ି ବ୍ଲକ ଅଞ୍ଚଳର ଏହି ଛାତ୍ର ନେତା ହେଲେ ସୁଶୀଲ କୁମାର ଦାଶ। ସେ ଅପରାହ୍ନଠାରୁ ଏହି ଆମରଣ ଅନଶନରେ ବସିଛନ୍ତି। ପୂର୍ବରୁ ଅନଶନରେ ବସିଥିବା ଦୁଇ ଅନଶନକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ସେମାନଙ୍କୁ ସାଲାଇନ ଦିଆଯାଇଥିଲା। କୁମାର ଉତ୍ସବ ସମିତିର ସଭାପତି ବିମଳ ମହାପାତ୍ର ଓ ସତ୍ୟଜିତ ମହାନ୍ତି ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ନୈତିକ ସମର୍ଥନ ଜଣାଇଛନ୍ତି।

# ରାସ୍ତା ଖୋଳି ବିଚ୍ଛିନ୍ନ କଲା ପ୍ରଶାସନ

**ନାଉଗାଁ, ୧୨।୧୧(ସ୍ୱ.ପ୍ର.)**

ନାଉଗାଁ ତହସିଲ ଅଧୀନ ଦେବୀ ନଦୀରେ ଥିବା ଅଲଣା-୨ ବାଲି ସଇରାତରୁ ଚୋରା ଚାଲାଣ ରୋକିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ସଇରାତକୁ ତହସିଲ ପକ୍ଷରୁ ନିଲାମ ଦିଆଯାଇଥିଲା। ଇତିମଧ୍ୟରେ ଦୀର୍ଘ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଏଥିପାଇଁ ଆବଶ୍ୟକ ହେଉଥିବା କାଗଜପତ୍ର ନିଲାମଧାରୀ ଜମା କରିନାହାନ୍ତି। ଏନେଇ ଏଠାରୁ ବାଲି ଉତ୍ତୋଳନ ବନ୍ଦ ରହିଛି। ଏହାର ସୁଯୋଗ ନେଇ କିଛି ବାଲି ମାଫିଆ ପ୍ରତ୍ୟେହ ରାତିରେ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଏନଇ ବାରମ୍ବାର ଥାନା ପକ୍ଷରୁ ଚଢ଼ାଉ କରାଯାଉଥିଲେ ମଧ୍ୟ ଅଭିଯୁକ୍ତମାନେ କେବଳ ଜୋରିମାନା ଦେଇ ଖସିଯାଉଛନ୍ତି। ଏଠାରୁ ବାଲି ଉତ୍ତୋଳନ ପାଇଁ ବାଲି ମାଫିଆମାନେ ନଦୀ ପଠା ଦେଇ ବନ୍ଧକୁ ଏକ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରିଛନ୍ତି। ଶନିବାର ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ଖୋଳାଯାଇ ବିଚ୍ଛିନ୍ନ କରି ଦିଆଯାଇଛି। ତହସିଲଦାର ଜେ.କଳ୍ପନା, ସୁପରଭାଇଜର ମାଣିକେଶ୍ୱର ଟୁଡ୍ଡୁ, ରାଜସ୍ୱ ନିରୀକ୍ଷକ ପ୍ରଭାସ ସ୍ୱାଇଁ ଓ ଥାନା କର୍ମଚାରୀଙ୍କ ଉପସ୍ଥିତିରେ ଏହି ରାସ୍ତା ଖୋଳା ଯାଇଛି। ଏହାଫଳରେ ବାଲି ମାଫିଆମାନେ ନଦୀ ମଧ୍ୟକୁ ଗାଡିନେଇ ପାରିବେ ନାହିଁ ବୋଲି ତହସିଲଦାର ଜେ.କଳ୍ପନା ସୂଚନା ଦେଇଛନ୍ତି।



ପ୍ରଶାସନ ପକ୍ଷରୁ ଜେସିବି ସାହାଯ୍ୟରେ ରାସ୍ତା ଖୋଳାଯାଉଛି।

## ବେଆଇନ ବାଲି ଚାଲାଣ ରୋକିବାକୁ ପଦକ୍ଷେପ

# ପଞ୍ଚାୟତ ଅଫିସରୁ ଚୋରି ଅଭିଯୋଗ

**ପାରାଦୀପ, ୧୨।୧୧(ସ୍ୱ.ପ୍ର.)**

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ ପଞ୍ଚାୟତ ଅଫିସରୁ ଶୁକ୍ରବାର ରାତିରେ ସରକାରୀ ଆସବାବପତ୍ର ଚୋରିହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା (ନଂ.୩୬୯/୨୨) ରୁଜୁ କରଛି। ଚୋରି ଆସବାବପତ୍ର ମଧ୍ୟରେ କମ୍ପ୍ୟୁଟର, ପ୍ରିଣ୍ଟର, ପାଣି ମଟର ଓ ଅନ୍ୟାନ୍ୟ ଛୋଟ ସାମଗ୍ରୀ ଆଦି ରହିଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ଝରକା ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଏହା ପୂର୍ବରୁ ଥାନା ଅନ୍ତର୍ଗତ ନୂଆଗଡ ପଞ୍ଚାୟତ ଅଫିସରୁ ଗତ ଅଗଷ୍ଟ ୧୫ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ସେତେବେଳେ ଭତ୍ତା ପାଇଁ ଆସିଥିବା ୯୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ମାମଲା (ନଂ.୨୪୬/୨୨) ରୁଜୁ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚୋରି ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।

# ସଡ଼କ ଦୁର୍ଘଟଣା: ଜଣେ ମୃତ

**ତିର୍ତ୍ତୋଲ, ୧୨।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ଥାନା ଅଧୀନ କଟକ ପାରାଦୀପ ରାସ୍ତାର କଲରାପାଟ ନିକଟରେ ଶନିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଛି। ସେ ଜଗନ୍ନାଥପୁର ଗ୍ରାମର ଅନନ୍ତ ଖଟୁଆ (୬୭) ସେ ତିର୍ତ୍ତୋଲରୁ ନିଜ ଘରକୁ ଫେରୁଥିବାବେଳେ କଲରାପାଟ ନିକଟରେ ଏକ ଗାଡି ଧକ୍କା ଦେଇ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ଖଟୁଆଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତିର୍ତ୍ତୋଲ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

GOVERNMENT OF ODISHA
"e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-18/2022-23
Memo No. 2145 Dt.7.11.2022

No.B-814:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building work as detailed in the table below:

| | | | |
|---|---|---|---|
| 1 | Nature of work | : | Building work |
| 2 | No. of work | : | 1 No. |
| 3 | Tender cost | : | Rs.10000.00 (Online) |
| 4 | Class of contractor | : | A Class |
| 5 | Available of bid document in the website | : | From 10.00 A.M. of Dt.14.11.2022 upto 05.00 P.M. of Dt.24.11.2022 upto 5.00 P.M. |
| 6 | Date of opening of bid | : | Dt.25.11.2022 at 11.30 A.M. |
| 7 | The bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0027/2223

# ଇଫ୍‌କୋକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ଆୱାର୍ଡ



ଇଫ୍‌କୋ କମ୍ପାନୀ ଅଧିକାରୀ ଏସ୍.ଜି. ଶର୍ମା ପୁରସ୍କାର ଗ୍ରହଣ କରୁଛନ୍ତି।

**ପାରାଦୀପ, ୧୨।୧୧(ସ୍ୱ.ପ୍ର.)**

ଜାତୀୟ ସୁରକ୍ଷା ସମ୍ମିଳନୀ ୨୦୨୨ରେ ଇଫକୋ କାରଖାନାକୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ଆୱାର୍ଡ ୨୦୨୨ ମିଳିଛି। ଭୁବନେଶ୍ୱରରେ ଆୟୋଜିତ ଏହି ସମ୍ମିଳନୀରେ ଚୀନର କନସୁଲେଟ ଝା ଲିଓନା ଟ୍ରଫି ମାନପତ୍ର ଦେଇଥିଲେ। କମ୍ପାନୀର ବରିଷ୍ଠ ଅଧିକାରୀ ଏସ୍.ଜି ଶର୍ମା ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅବସରପ୍ରାପ୍ତ ଅଧିକାରୀ ଅଶୋକ କୁମାର ତ୍ରିପାଠୀ, କେ.ମୁର୍ଗୁସେନ, ଜଙ୍ଗଲ ପରିବେଶ ବିଭାଗ ସଚିବ ଆର.କେ ଏଲାଙ୍ଗୋଉଥାନ ଓ କମ୍ପାନୀର ଆର.କେ.ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଁ ମାଟିରେ ସାହିତ୍ୟ ଦର୍ଶନ, ବିଜ୍ଞାନର ବାସ୍ନା ଭରିଛି

**ରଘୁନାଥପୁର, ୧୨।୧୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ପୂରଣସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶନିବାର ଓଡ଼ିଆ ଭାଷାସାହିତ୍ୟ ଓ ବିଜ୍ଞାନର ମୁଖପତ୍ର କାୟାକଳ୍ପ ଅନୁଷ୍ଠାନ ପକ୍ଷରୁ ମେଗା କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ମୁଖ୍ୟ କବି ତଥା ପ୍ରାକ୍ତନ ଉପଆରକ୍ଷୀ ଅଧୀକ୍ଷକ ରାଜକିଶୋର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନକୁ ପ୍ରଶଂସା କରିବା ସହ ଲୁକ୍କାୟିତ ପ୍ରତିଭାକୁ ବିକଶିତ କ୍ଷେତ୍ରରେ କାୟାକଳ୍ପର ସ୍ଥାନ ସ୍ୱତନ୍ତ୍ର ବୋଲି କହିଥିଲେ। ସାହିତ୍ୟକ ତଥା ଉତ୍କଳ ବିପନ୍ନ ସହାୟତା ସମିତିର ଅଧ୍ୟକ୍ଷ ଇଂ.ଅକ୍ଷୟ କୁମାର ବିଟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗାଁ ମାଟିରେ ସାହିତ୍ୟ ଦର୍ଶନ ଓ ବିଜ୍ଞାନର ବାସ୍ନା ଭରି ରହିଛି ବୋଲି କହିଥିଲେ। ବରେଣ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ସହକାରୀ ଅଧ୍ୟାପକ ଡ.କ୍ଷୀରୋଦ ଚନ୍ଦ୍ର ସାହୁ, ଆକାଶବାଣୀର ପୂର୍ବତନ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ଡ.ତପନ ଦତ୍ତ ଓ ଉତ୍କଳ ଗ୍ରାମ ସ୍ୱରାଜ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସୁଦୂର କାଲିଫର୍ନିଆରୁ ବୈଜ୍ଞାନିକ ଦୁର୍ଗାମାଧବ ସ୍ୱାଇଁ ଓ ପ୍ରଫେସର ଶୁଭେନ୍ଦ୍ର କୁମାର ରାୟ ଭିଡିଓ କନ୍ଫରେନ୍ସ ଜରିଆରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ସମ୍ପର୍କିତ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ତ୍ରିଲୋଚନ ଦାଶ କୁଇଜ ପରିଚାଳନା କରିଥିବା ବେଳେ ସଂଯୋଜକ ଡାକ୍ତର ଅମୀୟ ମିଶ୍ର ଓ ସମ୍ପାଦିକା ସୁପ୍ରଭା ଦାଶ ଉପସ୍ଥିତ ଥିଲେ।



କୁଇଜ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

Government of Odisha
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
E-mail ID:Supenger_rbjyp@yahoo.co.in, Tel/Fax:06854-251528
No.4374, Date:05.11.2022
1st Corrigendum to Bid Identification No.CCEJC (R&B)-10/2022-23, Dated 29.10.2022
No.B-816:The following changes have been made for the Bid Identification No.CCEJC (R&B) 10/2022-23 invited on Dated 29.10.2022.

| Sl.No. as per IFB | Name of Work | Approximate estimate cost (Excluding GST) Rs. in lacs (Previous Estimate Cost) | Revised Approximate estimate cost put to tender (Excluding GST) Rs.in lacs |
|---|---|---|---|
| 1 | 2 | 3 | 4 |
| MALKANGIRI (R&B) Division | | | |
| 01 | "Construction of New (R&B) Division Office Malkangiri for the year 2022-23 | Rs.245.08 including civil, E.I. (Int.) & G.P.H. (Ext & Int) | Rs.262.33 including civil, E.I. (Int.) & G.P.H. (Ext. & Int) |
| 02 | The date of availability of Bid documents in the e-procurement portal will be from 10.00 hrs of 15.11.2022 to 17.00 hrs. of 05.12.2022 instead of previously published notice i.e. from 10 hrs. of 07.11.2022 to 17.00 hrs. 28.11.2022. Bids shall be opened on 10.00 hrs. of 06.12.2022. | | |

All the other terms and conditions remain unchaged.
Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0012/2223

Government of Odisha
Higher Education Department
Timeline for Phase-III Admission into U.G. Courses under SAMS in the Higher Education Institutions for the Academic year 2022-23

No. N-58:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in the website www.samsodisha.gov.in | 14-Nov-2022 (11.00 AM) |
| 2 | Last date of applying online CAF | 17-Nov-2022 (11.45 PM) |
| 3 | Publication of 1st Selection Merit List in SAMS Portal | 22-Nov-2022 (02.00 PM) |
| 4 | Reporting of Applicants at allotted institutions for taking admission | 23-Nov-2022 and 24-Nov-2022 (till 05.00 PM) |
| 5 | Data updation of applicants selected in Phase-III (1st Selection) admission process | 23-Nov-2022 and 24-Nov-2022 (till 07.00 PM) |
| 6 | Publication of waitlisted applicants in HEI's e-Space Five (5) times the actual vacancy as on 17th-Nov-2022) | 22-Nov-2022 (02.00 PM) |
| 7 | Reporting of waitlisted applicants along with relevant documents in respective HEIs for taking admission | 26-Nov-2022 and 28-Nov-2022 (02.00 PM) |
| 8 | Selection and publication of selected applicants (from the reported applicants) in the HEI's Notice Board | 28-Nov-2022 (03.00 PM to 05.00 PM) |
| 9 | Validation of documents, Final Admission & data updation of the waitlisted applicants in the e-space of respective HEIs | 29-Nov-2022 (07.00 PM) |
| 10 | Collection of Admission fees at the respective HEIs selected in Phase-III selection process | Till 30-Nov-2022 (07.00 PM) |

For more details please contact:
e-Admission Helpline (Toll Free) Number 155335/1800-345-6770
N.B.: Please go through the detailed U.G. Phase-III Guidelines available in U.G. SAMS website (https://samsodisha.gov.in/DegreeNew/index.aspx
OIPR-11001/11/0041/2223
Sd./- Deputy Director, PTC Section

OFFICE OF THE NOTIFIED AREA COUNCIL, BOUDHGARH
e-mail: boudhgarhnac@yahoo.co.in.
Ph. No-06841-222024
Q.C.N. No.7638 Dated 10.11.2022
QUOTATION CALL NOTICE

No.C-1554:Sealed quotations are invited from only Authorised dealers, having company authorisation & up to date GST Clearance Certificate . PAN etc for supply of the following . 4 wheeler commercial diesel/petrol run goods vehicle with max 19hp to 26hp, notitable cabin, cabin load body of reputed brand Tata / Mahindra/ Ashok leyland /Maruti etc. The Quotation will be received from dt.11.11.2022 to 22.11.2022 upto 5.30 P.M by Registration Post and Speed Post and it will be opened on 23.11.2022 at 11.00 AM in presence of the Quatationer or their Authorised representative . All the informations are available in NAC Office website www.boudhgarhnac.in and District website www.boudh.nic.in. Along with the quotation paper company authorisation letter to be attached.
The rate should be quoted inclusive of all taxes, RTO registration, insurance, fitness and delivery charges .The authority reserves the right to accept or reject any or all quotation without assigning any reason thereof.
Sd./- Executive Officer, Boudhgarh NAC
OIPR-13155/11/0030/2223

ODISHA ADARSHA VIDYALAYA SANGATHAN
N-1/9, Gajapati Nagar, PO: Sainik School, Bhubaneswar-751005 email: oavsbbsr.od@gov.in
Tender Call Notice
No.6905, Date:10.11.2022

No.n-68:Sealed tenders are invited from the authorized vendors of NCERT to supply NCERT Text Books to all OAVs for the academic session 2023-24.

| Sl. No. | Name of the Work | Cost of Tender paper (Non-refundable) Rs. | EMD in shape of Declaration |
|---|---|---|---|
| 1 | Selection of authorized vendor of NCERT to supply NCERT Text Books & Odia Text Books to ST & SC students of Class IX &X of all OAVs for the academic session 2023-24. | 5000.00 | Signed Bid Declaration Form to be submitted duly filled in. |

(i) The tender paper will be available from 11.11.2022 to 25.11.2022 in the OAVS website i.e. https://www.oavs.edu.in.
(ii) The last date and time of receipt of the tender documents upto 5.00 PM of 25.11.2022.
(iii) Date &Time of Opening of Tender: 28.11.2022 at 11:30 AM.
For details of tender documents, terms and conditions please visit the OAVS website i.e. https://www.oavs.edu.in.
Sd./- State Project Director
OIPR-27029/11/0017/2223

# ୨୪ ଘଣ୍ଟା ସମାଧି ନେବା ଇଚ୍ଛା ଫସର ଫାଟିଲା

**କେନ୍ଦ୍ରାପଡ଼ା ଅଫିସ, ୧୨।୧୧**

କେନ୍ଦ୍ରାପଡା ସହରରେ କ୍ରୀଡା ପ୍ରତିଭା ଦେଖାଉଥିବା କୋଲକତାର ସେକ୍ ଜୟିନୁଲ ୨୪ ଘଣ୍ଟା ଧରି ମାଟି ଭିତରେ ରହିବା ପ୍ରଚାର କରିଥିଲେ। ତେବେ ତାଙ୍କର ଏହି ଇଚ୍ଛା ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଫସର ଫାଟିଛି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ତାଙ୍କର ଖେଳ ବନ୍ଦ କରିବା ସହ ସମାଧି ପାଇଁ ଖୋଳା ଯାଇଥିବା ମାଟିକୁ ପୂରଣ କରାଯାଇଛି। କ୍ରୀଡାବିତ ସେକ୍ ଜୟିନୁଲଙ୍କ କହିବା ଅନୁଯାୟୀ, ସେ ଦୀର୍ଘ ସମୟ ଧରି ସାଇକେଲ ଚାଳନା, ଛାତି ଉପରେ ପଥର ଭାଙ୍ଗିବା, ଏକାଦିକ୍ରମେ ୧୦ଟି ବୁଲେଟ ମଟର ସାଇକେଲକୁ ଛାତି ଉପରେ ଚଢ଼ାଇବା, ଅଗ୍ନି ବଳୟ ମଧ୍ୟରେ ସାଇକେଲ ଚାଳନା, ମାଟି ଭିତରେ ୨୪ ଘଣ୍ଟା ଧରି ସମାଧି ନେବା ନେଇ ତାଲିମ ପାଇଛନ୍ତି। ଓଡ଼ିଶାର ସମସ୍ତ ଜିଲାର ସଦର ଓ ଗ୍ରାମାଞ୍ଚଳରେ ଏହି ପ୍ରତିଭା ଦେଖାଇ ଆର୍ଥିକ ସହଯୋଗ ପାଇଛନ୍ତି। ଗତ ୫ ଦିନ ଧରି ସାଇକେଲ ଚାଳନା କରିଥିଲେ ମଧ୍ୟ ମାଟି ଉପରେ ଅଦ୍ୟାବଧି ପାଦ ରଖିନାହାନ୍ତି। ଏହି ସମୟରେ ୧୫ ଫୁଟ ଉଚ୍ଚତାରେ ସାଇକେଲରେ ବିଭିନ୍ନ କଳା କୌଶଳ ଦେଖାଇଛନ୍ତି। ସନ୍ଧ୍ୟାରେ ଅଗ୍ନି ବଳୟ


ସାଇକେଲ ସହ ସେକ୍ ଜୟିନୁଲ ।

ମଧ୍ୟରେ ସାଇକେଲ ଚାଳନା ପ୍ରଦର୍ଶନ ପାଇଁ କାର୍ଯ୍ୟକ୍ରମ ଥିବା ବେଳେ ଶେଷରେ ସମାଧି ନେବାକୁ ସ୍ଥିର ହୋଇଥିଲା। ଏହାକୁ ସ୍ଥାନୀୟ ଅଞ୍ଚଳର ଲୋକ ଉପଭୋଗ କରୁଥିଲେ। ତେବେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ପରେ ଟାଉନ ଥାନା ପୋଲିସର ଏସ୍ଆଇ ରଞ୍ଜନ ମହାରଣା, କନଷ୍ଟେବଳ ନରେନ୍ଦ୍ରନାଥ ସୋରେନ, କନଷ୍ଟେବଳ ପୀତାମ୍ବର ବରାଳ ଆସି ବନ୍ଦ କରିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ସେକ ସଲିମ କହିଛନ୍ତି, ଜୟିନୁଲଙ୍କ ସାଇକେଲ ଚାଳନା ଖେଳ ପ୍ରଦର୍ଶନ ଉଚ୍ଚକୋଟିର। ତାଙ୍କର କଳା କୌଶଳ ସ୍ଥାନୀୟ ଅଞ୍ଚଳରେ ଆଦୃତ ହୋଇଛି। ତେବେ ବିପଦଜନକ ଭାବେ ଦେଖାଉଥିବା ଖେଳର ପ୍ରଭାବ କୋମଳମତି ଶିଶୁ ଓ ଯୁବବର୍ଗଙ୍କ ପାଇଁ ବିପଦ ସୃଷ୍ଟି କରିବା ସମ୍ଭାବନା ଅଛି। ଏ ସମ୍ପର୍କରେ ଉପଜିଲାପାଳ ବେହେରା କହିଛନ୍ତି, ଏପରି ଖେଳ ପାଇଁ ପ୍ରଥମେ ଜିଲା ପ୍ରଶାସନର ଅନୁମତି ଆବଶ୍ୟକ। ତାଙ୍କର ଯୋଗ୍ୟତା ଓ ତାଲିମ ସମ୍ପର୍କରେ ଠିକ୍ ତଥ୍ୟ ମିଳିବା ପରେ ହୁଏତ ଏ ସମ୍ପର୍କରେ ବିଚାର କରାଯାଇପାରେ। ତେବେ ୨୪ ଘଣ୍ଟା ମାଟି ମଧ୍ୟରେ ସମାଧି ନେବା ପରି ଆଶ୍ଚର୍ଯ୍ୟଜନକ ଖେଳକୁ କୌଣସି ପ୍ରକାର ପ୍ରୋତ୍ସାହିତ କରାଯାଇପାରିବ ନାହିଁ। ଅନୁମତି ନ ନେଇ ସେକ୍ ଜୟିନୁଲ ଖେଳ ପ୍ରଦର୍ଶନ କରୁଥିବାରୁ ଏହାକୁ ବନ୍ଦ କରି ଦିଆଯାଇଛି।


ପାରାଦୀପ ପୌରପାଳିକାର ମଧୁବନ ଭୀମଭୋଇ କଲୋନି ଡମ୍ପିଂୟାର୍ଡରେ ଶନିବାର ରାତି ୯ଟାରେ ନିଆଁ ଲାଗିଛି। ଖବରପାଇ ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଲିଭାଉଛନ୍ତି।

# ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ମାର୍ଶାଘାଇ, ୧୨।୧୧(ଡି.ଏନ.ଏ.)**

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଜୟଚନ୍ଦ୍ରପୁର ଛକଠାରେ ଶୁକ୍ରବାର ରାତି ପ୍ରାୟ ସାଢେ ୧ଟାରେ ବାଇକ୍‌ରେ ପାରାଦୀପରୁ ଫେରୁଥିବା ୨ ଯୁବକଙ୍କୁ ପଛରୁ ଅଜଣା ଗାଡି ଧକ୍କା ଦେବାରୁ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଗାଡିଟି ଘଟଣାସ୍ଥଳରୁ ପଳାଇ ଯାଇଛି। ମୃତକ ୨ ଜଣ ହେଲେ ଥାନା ଅନ୍ତର୍ଗତ କରଞ୍ଜି ଗାଁର ମହେନ୍ଦ୍ର ଶତପଥୀ(୨୩) ଓ ଚତୁର୍ଭୁଜ ଦାସ (୨୨)। ଶୁକ୍ରବାର ଅପରାହ୍ନରେ ପାରାଦୀପରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ଦେଖିବାକୁ ବାଇକ୍ ଯୋଗେ ଯୁବକ ଦ୍ୱୟ ଯାଇଥିଲେ। ବାଲିଯାତ୍ରା ଦେଖି ସାରି ନିଜ ଗ୍ରାମକୁ ଫେରିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। କୌଣସି ସୂତ୍ରରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ଡାକ୍ତର ଯୁବକ ଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଥାନାରେ କେସ ନଂ. ୪୩୮/୨୨ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଏସ୍ଆଇ ଦେବାଶିଷ ପଣ୍ଡା କହିଛନ୍ତି। ଗୋଟିଏ ଗ୍ରାମର ୨ ଯୁବକଙ୍କ ମୃତ୍ୟୁକୁ ନେଇ ଶନିବାର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବାଲକୋନିରୁ ଖସି ଯୁବକଙ୍କ ମୃତ୍ୟୁ

**ମାର୍ଶାଘାଇ,୧୨।୧୧ (ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ମୂଷାଢ଼ିଆ ଗ୍ରାମର ସ୍ୱଦେଶ ମହାନ୍ତି (୨୭)ଙ୍କର ଗୁରୁବାର କଟକଠାରେ ମୃତ୍ୟୁ ହୋଇଛି। ସେ ଟାଙ୍ଗିସ୍ଥିତ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ କଟକର ବାଦାମବାଡି ଅଞ୍ଚଳରେ ଏକ ଭଡା ଘରେ ରହୁଥିଲେ। ଗୁରୁବାର ରାତିରେ ଘରର ବାଲକୋନିରେ ବୁଲୁଥିବା ବେଳେ ଅସାବଧାନତା ଯୋଗୁ ତଳକୁ ଖସିପଡିଥିଲେ। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘୋଷଣା ହୋଇଥିଲା। ଏହି ଖବର ପ୍ରସାରିତ ପରେ ମୂଷାଢ଼ିଆ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। କମ୍ପାନୀ ପକ୍ଷରୁ ଯୁବୁଦ୍ୟୋଗୀ ସ୍ୱରାଜ ସାମଲ, ସହଯୋଗୀ ଚିତ୍ତରଞ୍ଜନ ମାହାଳି, ବିକ୍ରମ କେଶରୀ ସାହୁ ପ୍ରମୁଖ ତାଙ୍କ ମୃତଦେହକୁ ମୂଷାଢ଼ଆକୁ ଆଣିଥିଲେ। ସାନଭାଇ ଆଦର୍ଶ ମୁଖାଗ୍ନି ଦେଇଥିଲେ।

# ଆଦର୍ଶ ବିଦ୍ୟାଳୟ ନିର୍ମାଣରେ ବିଳମ୍ବ

**ପଟ୍ଟାମୁଣ୍ଡାଇ,୧୨।୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବନ୍ତୋଠାରେ ସରକାରଙ୍କ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ୮ ଫେବୃୟାରୀ ୨୦୧୯ରେ ତତ୍କାଳୀନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ ଦ୍ୱାରା ଏହି ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏବେ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଚାଲିଛି। ଠିକାଦାର ଭାବେ ସୁସ୍ମିତ ମିଶ୍ର କାର୍ଯ୍ୟାଦେଶ ପାଇଛନ୍ତି। ଏହାର ଅଟକଳ ମୂଲ୍ୟ ପ୍ରାୟ ୯ କୋଟି ଟଙ୍କା ରହିଛି। ୧୦ ଡିସେମ୍ବର ୨୦୧୯ରୁ ମେ’୨୦୨୧ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ଚୁକ୍ତିପତ୍ର ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ବିଦ୍ୟାଳୟ ଗୃହ କାର୍ଯ୍ୟ ଶେଷ ହୋଇପାରିନାହିଁ। ଆଦର୍ଶ ବିଦ୍ୟାଳୟର କାମ ସାରି ନ ଥିବା ବେଳେ ଆଗ ପାଖ କଲର କାମ ସରିଛି। ମାତ୍ର ଭିତରେ ଟାଇଲ, କି ପ୍ଲାଷ୍ଟର କରାଯାଇନାହିଁ। କିନ୍ତୁ ୪ରୁ ୬ ଦିନ ଭିତରେ ଏହାର ଉଦ୍‌ଘାଟନ କରାଯିବ ବୋଲି ବିଭାଗ ପକ୍ଷରୁ ଶୁଣାଯାଉଛି। ଚଳିତ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା କରାଯାଇ ଅଦ୍ୟାବଧି ପ୍ରାୟ ପିଲାଙ୍କ ନାମ ଲେଖାଯାଇଛି। ତେବେ ବିଦ୍ୟାଳୟ ଗୃହ ନିର୍ମାଣ ହୋଇ ନ ଥିବାରୁ ପିଲାମାନେ କଷଣଅଣ୍ଟା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲାସ କରୁଛନ୍ତି। ଏ ନେଇ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଥିବାବେଳେ ଅଧିକାଂଶ ଅଭିଭାବକ ଅଯଥା ଗାଡି ଭଡ଼ା କରି ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ଉକ୍ତ ଆଦର୍ଶ ବିଦ୍ୟାଳୟର ଶ୍ରେଣୀ ଗୃହ ଓ ହଷ୍ଟେଲ କାର୍ଯ୍ୟ ଶେଷ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ କୁମାର ନାୟକଙ୍କୁ ପଚାରିବାରେ ଠିକାଦାରଙ୍କ ସହ କଥା ହୋଇ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।


ଆଦର୍ଶ ବିଦ୍ୟାଳୟର ବାହାର ପାଖ ରଙ୍ଗ ଦିଆଯାଇଥିବା ବେଳେ ଭିତର କାମ ହୋଇନାହିଁ।

# କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ଏରସମା ଗସ୍ତ

## ପ୍ରସ୍ତାବିତ ଚେକ୍ ଡ୍ୟାମ୍ ନିର୍ମାଣ ସ୍ଥାନ ପରିଦର୍ଶନ

**ବାଲିକୁଦା,୧୨।୧୧(ସ୍ୱ.ପ୍ର.)**

କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ଶନିବାର ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସିଥିଲେ। ସେ ଏରସମା ବ୍ଲକର ଶିଆଳିଠାରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ବାଲିଯାତ୍ରା ମହୋତ୍ସବରେ ଯୋଗଦେଇଥିଲେ। ମନ୍ତ୍ରୀ ଟୁଡୁଙ୍କ ଏହି ଗସ୍ତ କାଳରେ ପୂର୍ବ ନିର୍ଦ୍ଧାରିତ ଅଳକା ନଦୀରେ ଏକ ଚେକ୍ ଡ୍ୟାମ ନିର୍ମାଣ ପ୍ରସଙ୍ଗରେ ସ୍ଥାନୀୟ ଚାଷୀ ମାନେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବରିଷ୍ଠ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଚାଷୀମାନେ ମନ୍ତ୍ରୀଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ମନ୍ତ୍ରୀ ଟୁଡୁ ବାଲିକୁଦା ବ୍ଲକର ତିତିରା ପଞ୍ଚାୟତ ଓ ଏରସମା ବ୍ଲକର ସୋମପୁର ପଞ୍ଚାୟତର ମଧ୍ୟସ୍ଥଳରେ ହେବାକୁଥିବା ଉକ୍ତ ଡ୍ୟାମ୍‌ର ନିର୍ମାଣ ସ୍ଥାନ ପରିଦର୍ଶନ କରି ଏରସମା ଗସ୍ତ କରିଥିଲେ ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କୁନାଲ


@ ମାମିନା


@ ବାଦଲ


@ ଭାଗିରଥି


@ ଶିଲନ୍


@ ଶୁଭକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦିନରୁ ଗହଳି ବଢୁଛି,ମେଲୋଡିରେ ମଞ୍ଚ ଜମୁଛି

**ପାରାଦୀପ,୧୨।୧୧(ସ୍ୱ.ପ୍ର.)**

## କଳିଙ୍ଗ ବାଲିଯାତ୍ରାର ଷଷ୍ଠ ସନ୍ଧ୍ୟା

ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଶନିବାର ଷଷ୍ଠ ଦିନରେ ପହଞ୍ଚିଛି। ଶନିବାର ଛୁଟିଦିନ ଥିବାରୁ ଲୋକମାନେ ମଧ୍ୟାହ୍ନରୁ ମେଳାରେ ପହଞ୍ଚି କିଣାକିଣି କରିଥିଲେ। ବିଶେଷକରି ପଲ୍ଲିଶ୍ରୀ ମେଳାରେ ଅଧିକ ଭିଡ ଦେଖିବାକୁ ମିଳିଥିଲା। ଶନିବାର ସୁଦ୍ଧା ୩୦ ଲକ୍ଷ ଟଙ୍କାରୁ ଅଧିକ ବେପାର ହେଲାଣି ବୋଲି ସୂଚନା ମିଳିଛି। ମଞ୍ଚରେ ଅପରାହ୍ନ ୪ ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ସ୍ଥାନୀୟ କଳାକାର ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହେଉଥିବାରୁ ବିଶେଷ ଆକର୍ଷଣ ରହୁନାହିଁ। ତେବେ ସନ୍ଧ୍ୟା ୭ଟା ପରେ ପ୍ରତିଷ୍ଠିତ କଳାକାର ଓ ମେଲୋଡି ହେଲାବେଳକୁ ଲୋକଙ୍କ ଭିଡ଼ ଜମୁଛି। ବାଲିଯାତ୍ରାରେ ଜଗତ୍‌ସିଂହପୁର ଅଞ୍ଚଳର ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଲୋକଙ୍କୁ ମାଗଣା ଆୟୁର୍ବେଦ ଔଷଧ ବଣ୍ଟନ କରାଯାଉଛି। ଏହି ଷ୍ଟଲକୁ ଏମ୍‌ପି ରାଜଶ୍ରୀ ମଲ୍ଲିକ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତ ଔଷଧଗୁଡ଼ିକୁ ଲୋକଙ୍କୁ ଦିଆଯାଉଛି ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ଜେନା କହିଛନ୍ତି। ଅପରପକ୍ଷେ ପାରାଦୀପ କଲେଜର ଏନ୍‌ଏସ୍‌ଏସ୍ ଭଲ୍ୟୁଣ୍ଟାରୀ ଗ୍ରୁପ୍ ପ୍ରାୟ ପ୍ରତ୍ୟେହ ସକାଳେ ବାଲିଯାତ୍ରା ପଡିଆ ଓ ସମୁଦ୍ର କୂଳରେ ସଫେଇ କରୁଛନ୍ତି। କୂଳ ପର୍ଯ୍ୟନ୍ତ ଷ୍ଟଲ ହୋଇଥିବାରୁ ପ୍ରତିଦିନ କୁଢ କୁଢ଼ ଆବର୍ଜନା ବାହାରି ପାଣି ପର୍ଯ୍ୟନ୍ତ ପଡୁଛି। ତାକୁ ଯଦିଓ ପୌର ଠିକାସଂସ୍ଥା ସଫେଇ କରୁଛନ୍ତି ତାହା ପର୍ଯ୍ୟାପ୍ତ ନୁହେଁ। ସେଥିପାଇଁ ଆମେ ସକାଳୁ ସଫା କରୁଛୁ ବୋଲି ଯୁବକ ବିଶ୍ୱଜିତ ସାମଲ କହିଛନ୍ତି।

## ଭିଡ଼ରେ ଆମ୍ବୁଲାନ୍ସ ଫସିଲା

ବାଲିଯାତ୍ରାରେ ଭିଡ଼ ଯୋଗୁ ବତୀଘର କଲୋନୀ ନିକଟ ସାଇକେଲ ଷ୍ଟାଣ୍ଡ ପାଖରେ ଶନିବାର ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ପ୍ରାୟ ୪୦ ମିନିଟ ଅଟକି ରହିଥିଲା। କାରଣ ଷ୍ଟାଣ୍ଡ ନେଇଥିବା କ୍ଲବ ପିଲାମାନେ ରାସ୍ତାର ଦୁଇ ପାର୍ଶ୍ୱରେ କାର ବାଇକ ଆଦି ରଖିଥିଲେ। ଏହି ସମୟରେ ବି ଟାଇପ କଲୋନୀରେ ରହୁଥିବା ଜଣେ ବନ୍ଦର କର୍ମଚାରୀଙ୍କ ଦେହ ଅସୁସ୍ଥ ହୋଇଯାଇଥିଲା।ତାଙ୍କ ପରିବାର ଲୋକେ ଆମ୍ବୁଲାନ୍ସ ଡକାଇଥିଲେ। ଆମ୍ବୁଲାନ୍ସ ଅଟକି ରହିବା ଘଟଣାକୁ ନେଇ ବନ୍ଦର ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।



ପାରାଦୀପ କଳିଙ୍ଗ ବାଲିଯାତ୍ରା ଗେଟ ପାଖରେ ଲୋକଙ୍କ ଭିଡ଼ ଜମିଛି।


ଗ୍ରାହକମାନେ ଖୋଲି ଥିବା ଷ୍ଟଲରୁ ବିଭିନ୍ନ ସାମଗ୍ରୀ କିଣୁଛନ୍ତି ।

# ଏନ୍‌ଆର୍‌ଏଲ ପ୍ରକଳ୍ପ ପାଇଁ ପୁଣି ଥରେ ଭୂମି ପୂଜନ

**ପାରାଦୀପ,୧୨।୧୧(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରାଧିକରଣଙ୍କ ନିକଟରୁ ଏସ୍ଆଇପିସି (ସ୍ମାର୍ଟ ଇଣ୍ଡଷ୍ଟ୍ରିଆଲ ପୋର୍ଟ ସିଟି) ଯୋଜନାରେ ଏନଆରଏଲ (ନୁମାଲିଗଡ ରିଫାଇନାରୀ ଲିମିଟେଡ) ୨୩୪ ଏକର ଜମି ଅଧିଗ୍ରହଣ କରିଛି। ଉକ୍ତ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ ଶନିବାର ପୁଣିଥରେ କରାଯାଇଛି। ଏହାପୂର୍ବରୁ ଗତ ଜୁଲାଇ ୭ରେ କେନ୍ଦ୍ର ତୈଳ ଗ୍ୟାସ ଶ୍ରମ ଓ ରୋଜଗାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲି ଏନ୍‌ଆର୍‌ଏଲ ପ୍ରକଳ୍ପ ପାଇଁ ଭୂମି ପୂଜନ କରିଥିଲେ। ସେତେବେଳେ ମନ୍ତ୍ରୀ ତେଲିଙ୍କ ସହ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଉପସ୍ଥିତ ଥିଲେ। ଉକ୍ତ ସଭାରେ କେବଳ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ତେଲି କହିଥିଲେ,ସେ ଭୂମି ପୂଜା କଲେ। ମାସେ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସି ଶିଳାନ୍ୟାସ କରିବେ। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଶାସନର କୌଣସି ଅଧିକାରୀଓ ଶାସକ ଦଳର ନେତା ଯୋଗ ଦେଇ ନ ଥିଲେ।

ସମାନ ପ୍ରକଳ୍ପ ପାଇଁ ଶନିବାର ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ କମ୍ପାନୀର ଅଧ୍ୟକ୍ଷ ରଜନୀନାଥ ରଥ ଓ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ପୁନର୍ବାର ଭୂମି ପୂଜନ କରାଯାଇଛି। ଏହି ସଭାରେ ଏକାଧିକ ସଂଗଠନର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏଥିରେ ଭାଜପା, କଂଗ୍ରେସ, ବିଜେଡି ନେତାଙ୍କ ବ୍ୟବସାୟୀକ ପ୍ରତିନିଧିମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ପାରାଦୀପରୁ ଆସାମର ନୁମାଲିଗଡ ପର୍ଯ୍ୟନ୍ତ ୧୬୩୫ କିମି ତୈଳ ପାଇପଲାଇନ ଯିବ। ଅଶୋଧିତ ତେଲକୁ ବିଦେଶରୁ ଆମଦାନୀ କରି ଆଣି ପାରାଦୀପରେ ଗଚ୍ଛିତ ରଖାଯିବ। ସେହି ତେଲ ନୁମାଲିଗଡ ରିଫାଇନାରୀରେ ବିଶୋଧନ ହେବ। ଏଥିପାଇଁ କମ୍ପାନୀ ପ୍ରାୟ ୨୨ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ କରିବ। ଉକ୍ତ ପ୍ରକଳ୍ପରେ ଠିକାଦାରୀ, ଶ୍ରମିକ ଯୋଗାଣ, ସପ୍ଲାଇ ଆଦି କାମ ପାଇଁ ସଂଗଠନ ମୁଖିଆମାନେ ଭିନ୍ନ ଭିନ୍ନ ଉପାୟରେ ଚାପ ପକାଇଥିଲେ। କମ୍ପାନୀ ସେହି ତୁଷ୍ଟୀକରଣ ନୀତିରେ ସମସ୍ତ ଆଗଧାଡିର ସଂଗଠନ ମୁଖିଆଙ୍କୁ ଠିକାଦାରୀ କାମ ବଣ୍ଟନ କରୁଥିବା ଜଣାପଡ଼ିଛି। ଏହାର ଦୃଷ୍ଟାନ୍ତ ଶନିବାର ଦ୍ୱିତୀୟ ଥର ଭୂମି ପୂଜନବେଳେ ଦେଖିବାକୁ ମିଳିଛି। ଭୂମିପୂଜନ ଦ୍ୱିତୀୟ ଥର ହେବା ପ୍ରସଙ୍ଗରେ କମ୍ପାନୀର ପାରାଦୀପ ୟୁନିଟ ମ୍ୟାନେଜର ବିକାଶ ଦାସ କହିଛନ୍ତି, ଏହା କମ୍ପାନୀର ଆଭ୍ୟନ୍ତରୀଣ କାର୍ଯ୍ୟକ୍ରମ ଥିଲା।

**ଆଇଡିଏଫ୍‌ସି ଫଣ୍ଡର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ୨ଟି ନୂଆ ଟାର୍ଗେଟ୍ ମାଚ୍ୟୁରିଟି ଫଣ୍ଡର ଶୁଭାରମ୍ଭ କରାଯାଇଛି। ଏହି ୨ଫଣ୍ଡ୍ ୨୦୨୨ ନଭେମ୍ବର ୧୪ରେ ଖୋଲି ନଭେମ୍ବର ୨୮ରେ ବନ୍ଦ ହେବ। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଚତୁର ନିବେଶକମାନେ ବୁଝିଥାନ୍ତି ଯେ, ଏକ ସମ୍ପତ୍ତି ଆବଣ୍ଟନ ରଣନୀତି ମାଧ୍ୟମରେ ନିଜର ଫିକ୍ସଡ୍ ଇନ୍‌କମ୍ ପୋର୍ଟଫୋଲିଓକୁ ବିବିଧ କରିବା ଗୁରୁତ୍ୱପୂର୍ଣ୍ଣ।

# ୭% ରୁ କମ୍ ରହିପାରେ ମୁଦ୍ରାସ୍ଫୀତି ହାର

**ନୂଆଦିଲ୍ଲୀ,୧୨।୧୧**

ଗତ କିଛି ବର୍ଷ ହେବ ଭାରତୀୟ ଅର୍ଥନୀତିରେ ମାନ୍ଦାବସ୍ଥା ଜାରି ରହିଛି। କୋଭିଡ୍ ପରଠାରୁ ତାହା ଉଚ୍ଚ ହାରରେ ରହିଛି। ଫଳରେ ଗତ କିଛି ମାସ ହେବ ଖୁଚୁରା ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ହେଲେ ଚଳିତ ବର୍ଷ ସେପ୍ଟେମ୍ବରଠାରୁ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୭% ରୁ କମ୍ ରହିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ନିକଟରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ ଏଭଳି ଆକଳନ କରିଛନ୍ତି। ଗତ କିଛିମାସ ହେବ ଲଗାତର ମୁଦ୍ରାସ୍ଫୀତି ୭% ରୁ ଅଧିକ ରହୁଛି। ଏପରିକି ଆର୍‌ବିଆଇର ଅନେକ ପ୍ରୟାସ ପରେ ମଧ୍ୟ ସ୍ଥିତି ନିୟନ୍ତ୍ରଣକୁ ଆସିପାରୁନାହିଁ। ସାରା ବିଶ୍ୱ ବର୍ତ୍ତମାନ ସମୟରେ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଛି। ଏଥିପାଇଁ ମୁଖ୍ୟତଃ ୩ଟି କାରଣ ଦାୟୀ ଯଥା କୋଭିଡ୍ ମହାମାରୀ, ୟୁକ୍ରେନ୍-ରୁଷିଆ ଯୁଦ୍ଧ ଏବଂ ଆର୍ଥିକ ମାନ୍ଦାବସ୍ଥା (ବଜାର କାରବା) କାରଣରୁ ଭାରତ ସମେତ ବିଶ୍ୱରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଛି। ବୋଲି ଶକ୍ତିକାନ୍ତ କହିଛନ୍ତି, ଏଭଳି ପରିସ୍ଥିତିରେ ମଧ୍ୟ ଦେଶର ଜିଡିପି ଉନ୍ନତି ପଥରେ ରହିଛି। ଏପରିକି ବିଶ୍ୱସ୍ତରର ଅର୍ଥନୀତିଠାରୁ ଭାରତର ଅର୍ଥନୀତିରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହୋଇଛି। ଉଲ୍ଲେଖଯୋଗ୍ୟ, ହିନ୍ଦୁସ୍ଥାନ ଟାଇମ୍ସ ଲିଡରଶିପ୍ ସମିଟି-୨୦୨୨ରେ ଯୋଗ ଦେଇ


ଶକ୍ତିକାନ୍ତ ଦାସ

ଭାରତରେ କାହିଁକି ଦରଦାମ ବୃଦ୍ଧି ପାଉଛି ସେ ନେଇ ଶକ୍ତିକାନ୍ତ ବିସ୍ତୃତ ମତ ଉପସ୍ଥାପନ କରିଛନ୍ତି। ଏହା ସହ ସେସବୁର ହ୍ରାସ ପାଇଁ ଆର୍‌ବିଆଇ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦେଇଛନ୍ତି। ଗତ କିଛି ମାସ ହେବ ଖାଦ୍ୟ ଏବଂ ପାନୀୟ ସାମଗ୍ରୀର ମୂଲ୍ୟ ଏକ ପ୍ରକାର ସ୍ଥିର ରହିଛି। ଏପରିକି ପୂର୍ବମାସଗୁଡ଼ିକର ଦରଦାମକୁ ହିସାବକୁ ନେଲେ ସେପ୍ଟେମ୍ବର ଓ ଅକ୍ଟୋବରର ଦରଦାମ ସାମାନ୍ୟ ହ୍ରାସ କିମ୍ବା ବୃଦ୍ଧି ଘଟିଛି। ଏହାକୁ ନଜରରେ ରଖି ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି କମ୍ ରହିବା ନେଇ ବଜାର ବିଶେଷଜ୍ଞମାନେ ମୁଦ୍ରାସ୍ଫୀତ ହ୍ରାସ ନେଇ ଅନୁମାନ କରୁଛନ୍ତି। ସେହିଭଳି ଏକ ଜାତୀୟସ୍ତର ସର୍ଭେ ସଂସ୍ଥାର କହିବା ଅନୁସାରେ ୧୪ ନଭେମ୍ବରରେ ଜାରି ହେବାକୁ ଥିବା ମୁଦ୍ରାସ୍ଫୀତି ହାର ୭% ରୁ କମ୍ ରହିପାରେ ବୋଲି ଆକଳନ କରିଛି। ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶର ମୁଦ୍ରାସ୍ଫୀତି ୭.୪୧% ରହିଥିଲା।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କୌଶିକୀ
ପରିବାରବର୍ଗ


ଚିକୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସଫଳତାର ଉତ୍ସବ ପାଳୁଛି ସ୍କୋଡା

**ନୂଆଦିଲ୍ଲୀ,୧୨।୧୧**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆକୁ ମିଳିଥିବା ସଫଳତା ଏବଂ ୫ ତାରକା ମୂଲ୍ୟାୟନର ମାନତ୍ୟ ହାସଲ କରିଛି। ସେହିଭଳି କମ୍ପାନୀର ଶେଷ ତ୍ରୈମାସିକ (୨ୟ) ଫଳାଫଳକୁ ନିକଟରେ ଡେରାଡୁନ୍‌ଠାରେ ଏକ ଅନ୍ତର୍ଜାତୀୟ ମଣ୍ଡଳୀ ସହ ସ୍କୋଡା ବିଶେଷ ଉତ୍ସବ ପାଳନ କରିଥିଲା। ବିଶେଷ କରି ଭାରତ ତଥା ବିଶ୍ୱର ଅଟୋମୋଟିଭ ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିରାଟ ସମାବେଶରେ କମ୍ପାନୀ ତଥା ତା'ର ଭାରତରେ ନିର୍ମିତ ଉତ୍ପାଦଗୁଡିକର ଶିଖର-ରୁ-ଶିଖରକୁ ଚାଳନା ସଫଳତା ପ୍ରଦର୍ଶନ କରିଥିଲା। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ସୋଲ୍‌କ କହିଛନ୍ତି, ସାଧାରଣତଃ ଆମେ ବିଶ୍ୱକୁ ଆମର ମ୍ଲାଦା ବୋଲେସ୍ଲାଭ ମୁଖ୍ୟାଳୟକୁ ଡାକି ଆମର ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିଥାଉ। ଏପରିକି ବିଶ୍ୱ ମଞ୍ଚରେ ନିଜକୁ ପ୍ରମାଣିତ କରିଥିବା ଆମର ଭାରତ-ବିକଶିତ ତଥା ଭାରତ ଦ୍ୱାରା ନିର୍ମିତ ଉତ୍ପାଦଗୁଡିକ ପ୍ରଦର୍ଶନ କରିବାକୁ ସୁଯୋଗ ମିଳିଛି।

# ୧୪ ନଭେମ୍ବରରୁ ଷ୍ଟାର୍ କିରଣରେ ମହାସପ୍ତାହ



**ଭୁବନେଶ୍ୱର,୧୨।୧୧**

ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଷ୍ଟାର୍ କିରଣ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏପରିକି ଚଳିତ ବର୍ଷ ନଭେମ୍ବର ୧୪ ରୁ ୧୯ ପର୍ଯ୍ୟନ୍ତ ଏକ ସପ୍ତାହବ୍ୟାପୀ ଷ୍ଟାର୍ କିରଣରେ ପ୍ରସାରିତ ଧାରାବାହିକକୁ ନେଇ ମହାସପ୍ତାହ ହେବାକୁ ଯାଉଛି। ସୋମବାରରୁ ଶନିବାର ସନ୍ଧ୍ୟା ୭ ଘଟିକାରୁ ରାତି ୯ ଘଟିକା ମଧ୍ୟରେ ଷ୍ଟାର୍ କିରଣର ସମସ୍ତ ଶୋ'ରେ ରୋମାଞ୍ଚକର କାହାଣୀ ଏବଂ ଉଚ୍ଚ ଡ୍ରାମା ରହିବ ଯାହା ଆପଣଙ୍କୁ ଉତ୍ସାହିତ କରିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କ'ଣ ଘଟିବ ଅନୁମାନ କରିବେ। ବିଶେଷକରି ଷ୍ଟାର୍ କିରଣର ମେଗା ଶୋ' ବିଷୟରେ ଅଧିକ ଜାଣିବାର ସମୟ ଆସିଛି। ସେହିଭଳି ମେଘା, ଜୟ, ଶାନ୍ତି ଏବଂ ହେମାଙ୍କ ଜୀବନରେ କ'ଣ ଘଟିବାକୁ ଯାଉଛି। ସେମାନେ ନିଜ ଜୀବନରେ ଝଡ଼ରୁ ବଞ୍ଚିବାରେ ସକ୍ଷମ ହେବେ କି ନାହିଁ ସେସବୁ ବିଷୟରେ ଜାଣିବାକୁ ହେଲେ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚ୍ୟାନେଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଦେଖିବାକୁ ହେବ ବୋଲି ଷ୍ଟାର୍ କିରଣ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ 'ତୁ କହିବୁ ନା ମୁଁ, କିଏ ପର କିଏ ଆପଣା, ଶାନ୍ତି ଓ ସୁହାଗ ସିନ୍ଦୂର' ଭଳି ପ୍ରମୁଖ ଧାରାବାହିକର କାହାଣୀରେ ଲାଗି ରହିଥିବ ରହସ୍ୟର ଖୁଲାସା ହୋଇପାରେ ବୋଲି ଜଣାପଡ଼ିଛି।

# ଆସସ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୧୨।୧୧:** ଆସସ୍ ଇଣ୍ଡିଆ ପକ୍ଷରୁ ନୂଆ ଜେନ୍‌ବୁକ୍ ୧୭ଫୋଲ୍ଡ ଓଏଲ୍‌ଇଡିର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଏହା ହେଉଛି ଭାରତର ପ୍ରଥମ ୧୭.୩ ଇଞ୍ଚର ଫୋଲ୍ଡେବଲ ଓଏଲ୍‌ଇଡି ଲାପ୍‌ଟପ୍। ଏହି ଅଲଟ୍ରା-କମ୍ପାକ୍ଟ ଏବଂ ହାଲୁକା ୧୨.୫ ଫୋଲ୍ଡେବଲ ଓଏଲ୍‌ଇଡି ଲାପ୍‌ଟପ୍ ୬ଟି ମୋଡ୍ ସହ ୧୭.୩ ଇଞ୍ଚର ଡିଭାଇସ୍‌କୁ ଅନ୍‌ଫୋଲ୍ଡ ହୋଇଥାଏ, ଯେବେକି ଏହାର ଓଜନ ମାତ୍ର ୧.୫ କେଜି (କିବୋର୍ଡ ବିନା) ରହିଛି। ବିଶେଷକରି ଜେନ୍‌ବୁକ୍ ୧୭ ଫୋଲ୍ଡ ଓଏଲ୍‌ଇଡି ୧୦କୋର୍ (୨ ପରଫରମାନ୍ସ କୋର୍ ଏବଂ ୮ ଏଫିସିଏନ୍ସି କୋର୍) ସହ ଡିଜାଇନ ହୋଇଥିବା ନୂଆ ୧୨ତମ ଜେନେରେଶନ ଇଣ୍ଟେଲ କୋର୍ ଆଇ୭-୧୨୫୦ୟୁ ପ୍ରୋସେସର ସହ ବ୍ୟବସ୍ଥିତ, ଯାହାକି ୪.୭ର ସର୍ବାଧିକ ଫ୍ରିକ୍ୱେନ୍ସି ପ୍ରଦାନ କରୁଛି। ଆହୁରି ମଧ୍ୟ ଏହି ଲାପ୍‌ଟପ୍ ୧୬ ଜିବି ୫୨୦୦ ମେଗାହର୍ଜ ଏଲ୍‌ପିଡିଡିଆର୍ ୫ରାମ୍ ଏବଂ ୧ଟିବି ପିସିଏଲ୍‌ଇ ୪.୦- ୪ ୬୫୦୦ଏମ୍‌ବି-ଏସ୍‌ଏସ୍‌ଏସ୍‌ଡି ସହିତ ଆସୁଛି। ଓଏଲ୍‌ଇଡି ଡିସ୍‌ପ୍ଲେ ସହ ଜେନ୍‌ବୁକ୍ ୧୭ ଫୋଲ୍ଡ ଭାରତୀୟ ଗ୍ରାହକଙ୍କ ପାଇଁ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ଟଚ୍ ପଏଣ୍ଟଗୁଡ଼ିକରେ ୩,୨୯,୯୯୦ ଟଙ୍କାରେ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଆସସ୍ ଇଣ୍ଡିଆର ସିଷ୍ଟମ ବିଜ୍‌ନେସ୍ ଗ୍ରୁପ୍, କଞ୍ଜ୍ୟୁମର ଏବଂ ଗେମିଂ ପିସି, ମୁଖ୍ୟ ଆର୍ନୋଲ୍ଡ ସୁ କହିଛନ୍ତି, ଭାରତୀୟ ବଜାରରେ ଆମର ଅଭିନବ ଉତ୍ପାଦ ଜେନ୍‌ବୁକ୍ ୧୭ଫୋଲ୍ଡ ଓଏଲ୍‌ଇଡିର ଉନ୍ମୋଚନ କରି ଆମେ ବେଶ୍ ଉତ୍ସାହିତ ଅଛୁ।

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 8637288816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ.ବଟକ୍ରିଷ୍ଣ ପରିଡ଼ା**
A/110, Sahid Nagar
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ତ୍ୟାଗ, ଦକ୍ଷତା, ଆଦର୍ଶ, ଆଶୀର୍ବାଦ, ଭଲପାଇବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆପଣଙ୍କ ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି, ସମୁଦି, ସମୁଦୁଣୀ, ସହପରିବାରବର୍ଗ।
ଧ-୧୯୮୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ.ଅଦିତି ରାଉତରାୟ**
ତ୍ରିନାଥ ମନ୍ଦିର ସାହି, କୋରାପୁଟ
ତିରୋଧାନ - ୨୮.୧୧.୨୦୨୧
(ମାର୍ଗଶୀର କୃଷ୍ଣ ପଞ୍ଚମୀ)
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ଅନୁଭବ କରୁଛୁ। ଆଖିର ଲୁହରେ ମନେପଡେ ତୁମର ସ୍ନେହ ବୋଳା କଥା, ଡାକ ଓ ଅଭୁଲା ସ୍ମୃତିସବୁ। ତୁମ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ-
ଶୋକଭରା ପରିବାର ଓ ବନ୍ଧୁବର୍ଗ।
ଧ-୧୯୯୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ଗୋପୀନାଥ ମହାପାତ୍ର**
୨୪୦/୧୪, ଏରୋଡ୍ରମ ଏରିଆ, ଭୁବନେଶ୍ୱର
ଆବିର୍ଭାବ-୨୫.୦୧.୧୯୩୧
ତିରୋଧାନ-୨୪.୧୧.୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ଆମ୍ଭମାନଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆଜିର ଦିନରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପରିବାର ଓ
ଆତ୍ମୀୟସ୍ୱଜନ ବର୍ଗ
ଧ-୧୯୮୫

# classified Everyday
**0674-2580101, 2549302**


MATRIMONIAL

### BRIDE WANTED

**Gopal Boy height 5'9", Age-40 fair good looking contractor (Govt.) Father Engineer (Late) Gopal girl Fair, Tall, Educated from a good family wanted without S.E., S.T., others can contact. M-9777665912.** D-1966

Brahmin Boy 1995, 5'7" B.Tech Serving Manager, Nationalised Bank "Sunansansar". 9 9 3 7 5 1 2 6 5 9, 8249969649. D-1988

48 ବୟସ୍କ Business କରୁଥିବା Widower ଖଣ୍ଡାୟତ ପୁଅଙ୍କୁ Divorce/Widow/Unmarried ଝିଅ ଦରକାର। 7381366103. D-1999

### GROOM WANTED

40 ବୟସ୍କା ଖଣ୍ଡାୟତ ବିଧବା ହଷ୍ଟେଲୱାର୍ଡେନ ଭାବେ କାର୍ଯ୍ୟରତ ସୁନ୍ଦର ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9437703488. D-1958

47 ବୟସ୍କା Widow Pharmacist Bengali ଏକାକୀ ରହୁଥିବା ଝିଅଙ୍କୁ ସନ୍ତାନ/ନିଃସନ୍ତାନ anycaste ପୁଅ ଦରକାର। 6371085658. D-1996

ବାପା ମାଁ ନ ଥିବା Unmarried 34 ବୟସ୍କା Govt. Lecturer ଖଣ୍ଡାୟତ ଝିଅଙ୍କୁ ବିବାହିତ/ଅବିବାହିତ ପୁଅ ଦରକାର। 8327715036. D-2000

ଏକାକୀ ରହୁଥିବା 54 ବୟସ୍କା ବିଧବା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଝିଅଙ୍କ ପାଇଁ ଯୋଗ୍ୟ ଘରଜ୍ୱାଇଁ ଆବଶ୍ୟକ। 7606067313. D-1998


REAL ESTATE

### SALE

**Gharabari plot sale. Jhintisasan, Balakati, 8700 sqft., road side. 6372755567.** D-1912

4BHK Duplex near Nandankanan Square. Land-1300, construction-1800, Price-85lakhs. 8984071303. D-1950

ଭୁବନେଶ୍ୱର ଗଙ୍ଗପଡ଼ା ପିତାପଲ୍ଲୀ ପାଖରେ ୩୦ ଫୁଟ୍ ରୋଡ୍ ଘରବାଡ଼ି ପ୍ଲଟ୍ sqft.-850/- (20 plot available). 9938016295. D-74149

**Sale gharabari plot at Balianta in the Campus of Duplex project. Electricity available for immediate construction. Only 2 plots available. 7437998131.** D-71662

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73659

BDA approved Duplex project at Retang Medical, Station, Near CV Raman University, Tamando, Bhubaneswar @44,00,000/-,. 7008459987. D-74143

**Boundary made gharabari plot available at Padhansahi, Sundarpada, Backside Aryan Engineering College (Bank finance available). 9337958544, 6370834658.** D-74145

ଭୁବନେଶ୍ୱର ନଖରା ଘରବାରି SC plot sqft.-130/, General-350/-. 9439660381. D-74146

ଭୁବନେଶ୍ୱରରେ ଘରବାରି ପ୍ଲଟ୍ କିଣି ଘର କରନ୍ତୁ। ବର୍ଗଫୁଟ 799/- ଟଙ୍କା, 9439845141. D-1976

CV Raman କଲେଜ ନିକଟରେ 3150sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73661

ଆଠଗଡ଼ ବୀରକିଶୋରପୁର ପାଖରେ ୨ଗୁଣ୍ଠ, ଆଠଗଡ଼ ମେଡ଼ିକାଲ ପାଖରେ ୧୦ଗୁଣ୍ଠ ଘରବାରି ଜମି ବିକ୍ରିହେବ। 8249969649. D-1987

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200 mtr. ଦୂରତାରେ BDA yellow zone ପ୍ଲଟ୍ Boundary ସହ ମିଳୁଛି। 7848882166.** D-74142

Sale 3BHK Duplex 38 lakhs Gudiapokhari, Bhubaneswar gated community. 7327043914. D-78895

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1866

ସତ୍ୟନଗରରେ 20000sqft. ଘରବାରି ପ୍ଲଟ୍ ବିକ୍ରିହେବ। ଯୋଗାଯୋଗ- 9937910363, 9778928492. D-73662

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1KM. ଦୂର ଏବଂ କଟକ ମଙ୍ଗୁଳି low cost plot ମିଳୁଛି। 9692213354. D-73997

**Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452.** D-73996


CONSTRUCTION

**Construct your Dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1823



Ground floor 2000sqft. VIP Area IRC Village for Office purpose. 8917698751. D-71544

House at Nayapalli near DAV School backside PNB. 9437490107, 8455953901. D-73998



Newly open Spa positively health benefit with expert. Contact: 7749976301. D-73894

Newly open full body massage ladies and gents. 8327740003, 8093860513. D-73999

Newly open health benefits SPA Diwali Offer @999/- Jaidevbihar, 9439676695. D-73656

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73995


BUSINESS

Get professional Hair, Nail, Beauty Training Classes at affordable fees. Contact-9692671608. D-1957

### AFFIDAVIT

By virtue an affidavit sworn before the Notary Public, Sambalpur, I, Sital Kumar Murarka, R/o. Khetrajpur, Dist. Sambalpur declare that in the Birth Certificate and School Certificate of my daughter Bhumika Murarka and Shreyashi Murarka my name has been mentioned as Sheetal Murarka in place of Sital Kumar Murarka. That both the names belongs to the one and same person. D-1990

By virtue of an affidavit sworn before Notary Public, M.Rampur Kalahandi dated 09.11.2022 I J B Goldy Beulah, Address-M. Rampur, PO/PS.-M. Rampur, Dist.- Kalahandi, Odisha, Pin No.-766102 have changed my name from Jyotish Barik Goldy Beulah to J B Goldy Beulah. Henceforth, I shall be known as J B Goldy Beulah for all purposes. D-1986

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### LOST

ଜମିପଟ୍ଟା ହଜିଛି- ମୁଁ ଶ୍ୟାମସୁନ୍ଦର ବେହେରା, ପିତା- କୃଷ୍ଣଚନ୍ଦ୍ର ବେହେରା, ସାକିନ- ନରେନ୍ଦ୍ରକୋଣ ରୋଡ୍, ଥାନା- କୁମ୍ଭାରପଡ଼ା ସର୍ବସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଉଛି ଯେ, ୩୦।୧୦।୨୨ ଦିନ ୧୦ ଘଟିକା ସମୟରେ ମୁଁ ବାଇକ୍ ଯୋଗେ ଅଠରନଳା ଆଡ଼କୁ ଯାଉଥିବା ସମୟରେ ମୋର ବାପାଙ୍କ ନାମରେ ଥିବା ଜମି ପଟ୍ଟା କେଉଁଠି ହଜିଯାଇଛି, ଯାହାର ଖାତା ନଂ.-୧୩୬, ପ୍ଲଟ୍ ନଂ.-୫୫୦। ଏ ନେଇ ସ୍ଥାନୀୟ କୁମ୍ଭାରପଡ଼ା ଥାନାରେ ଏତଲା ଦାଏର କରିଛି। କୌଣସି ସହୃଦୟ ବ୍ୟକ୍ତି ଯଦି ଏହି ପଟ୍ଟା ପାଇଥିବେ ତୁରନ୍ତ କୁମ୍ଭାରପଡ଼ା ଥାନାରେ ଜଣେଇବାକୁ ଅନୁରୋଧ। ଯୋଗାଯୋଗ ନଂ. ଶ୍ୟାମସୁନ୍ଦର ବେହେରା, ୯୯୩୮୨୩୫୬୧୪। ଧ-୨୦୦୧

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ରବିବାର, ୧୩ ନଭେମ୍ବର, ୨୦୨୨



# ଯୁବା ବୟସରେ ମଧୁମେହ

ସାରା ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ଦିନକୁଦିନ ବଢ଼ି ବଢ଼ି ଚାଲିଛି, ଯାହାକି ଏକ ନୀରବ ଓ ଘାତକ ରୋଗ। ଏବେ ଯୁବପିଢ଼ି ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି, ଯେଉଁଥିପାଇଁ ଆଜିର ଅନିୟମିତ ଜୀବନଶୈଳୀ ସହ ଅସନ୍ତୁଳିତ ଖାଦ୍ୟାଭ୍ୟାସ ବିଶେଷ ଦାୟୀ। ଏହି ରୋଗ ନିୟନ୍ତ୍ରଣ ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ମାସ ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଉଛି...



– ଡା. ସରୋଜିନୀ ଷଡ଼ଙ୍ଗୀ

ସାରା ବିଶ୍ୱରେ ପ୍ରାୟ ୩ରୁ ୧୨% ଲୋକ ମଧୁମେହ ରୋଗ ଭୋଗୁଛନ୍ତି । ଏହା ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି । ଭାରତବର୍ଷରେ ମଧ ଦିନକୁଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ଏତେ ମାତ୍ରାରେ ବଢ଼ିଗଲାଣି ଯେ, ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଗଣନା ଅନୁଯାୟୀ ୨୦୨୫ ମସିହା ସୁଦ୍ଧା ଭାରତ ବିଶ୍ୱର ଡାଇବେଟିସ୍ ରାଜଧାନୀ ପାଲଟିଯିବ । ଏହା ଏକ ନୀରବ ଘାତକ ; କାରଣ ରକ୍ତରେ ଶର୍କରା ଅଂଶ ବୃଦ୍ଧି ଯୋଗୁ ଆସ୍ତେ ଆସ୍ତେ ଏହା ଶରୀରର ସବୁ ଅଙ୍ଗପ୍ରତ୍ୟଙ୍ଗରେ ଜଟିଳତା ସୃଷ୍ଟି କରିଥାଏ। ଯଥା ଆଖି, କିଡ୍‌ନୀ ବା ବୃକକ୍, ହୃତ୍‌ପିଣ୍ଡ, ଯକୃତ ଓ ସ୍ନାୟୁ । ତେଣୁ ଏହାର ମୂଳରୁ ଚିହ୍ନଟ ଓ ଚିକିତ୍ସା କରିବା ଆବଶ୍ୟକ ।

ଏହା ସବୁ ବୟସରେ ଦେଖାଦେଇଥାଏ । କିନ୍ତୁ ଏବେ ଯୁବପିଢ଼ି ମଧ୍ୟ ଏହି ରୋଗରେ ବିଶେଷ ଭାବରେ ଆକ୍ରାନ୍ତ ହେଉଛନ୍ତି। ଅନିୟମିତ ଜୀବନଶୈଳୀ ତଥା ଅନେକ ସମୟ ଧରି ବସି ବସି କମ୍ପ୍ୟୁଟରରେ କାମ କରିବା, ମୋବାଇଲରେ ସାରାଦିନ ବ୍ୟସ୍ତ ରହିବା, ତେଲ ଓ ମସଲାଯୁକ୍ତ ଜଙ୍କ୍ ଫୁଡ୍ ବା ଫାଷ୍ଟଫୁଡ୍ ଖାଇବା ଯଥା ପିଜା, ଚିପ୍‌ସ, କୋଲ୍ଡଡ୍ରିଙ୍କସ ଆଦି ପାନୀୟ ବହୁତ ବ୍ୟବହାର, ରାତି ଅନିଦ୍ରା ହୋଇ କାମ କରିବା, ବିଳମ୍ବରେ ଉଠିବା ତଥା ଆଦୌ ବ୍ୟାୟାମ ବା' ଯୋଗ ନ କରିବା ଇତ୍ୟାଦି ରୋଗ ସୃଷ୍ଟି କରିବାରେ ଅନେକ ପରିମାଣରେ ଦାୟୀ । ଏହାଛଡ଼ା ମାନସିକ ଚାପ ବା' ଷ୍ଟ୍ରେସ୍ ହେଉଛି ଆଉ ଏକ ମୁଖ୍ୟ କାରଣ । ଏହା ବଂଶାନୁଗତ ମଧ୍ୟ ।

**ସାଧାରଣତଃ ମଧୁମେହ ରୋଗ ଦୁଇ ପ୍ରକାରର:** ଟାଇପ୍-୧ ଓ ଟାଇପ୍-୨ ଡାଏବେଟିସ। ଟାଇପ୍-୧ ଡାଇବେଟିସ୍ ଶୈଶବ, କୈଶୋର ଓ ଯୌବନରେ ପ୍ରାୟ ୨୫ ବର୍ଷ ବୟସ ମଧ୍ୟରେ ଦେଖାଯାଇଥାଏ । ଟାଇପ୍-୧ ଡାଇବେଟିସ୍ ଗୋଟିଏ କ୍ରନିକ ଅଟୋଇମ୍ୟୁନ ଡିଜିଜ୍ ଏବଂ ବଂଶାନୁଗତ ଭାବେ ଦେଖାଦେଇଥାଏ । ଏଥିରେ ପ୍ୟାନକ୍ରିଆଜ ବା ଅଗ୍ନ୍ୟାଶୟର ଆଇଲେଟ ସେଲର କ୍ଷରଣକାରୀ କୋଷଗୁଡ଼ିକ ନଷ୍ଟ ହୋଇଯିବାରୁ ଇନ୍‌ସୁଲିନ ଅଭାବ ସୃଷ୍ଟି ହୋଇଥାଏ ଏବଂ ରକ୍ତଶର୍କରା ପରିମାଣ ବୃଦ୍ଧି ପାଇ ଡାଇବେଟିସ ରୋଗ ସୃଷ୍ଟି ଥାଏ। କିନ୍ତୁ ଟାଇପ୍-୨ ଡାଇବେଟିସ ରୋଗରେ ଇନ୍‌ସୁଲିନ କ୍ଷରଣ ଠିକ୍ ଥିଲେ ମଧ ଏହା ରକ୍ତ ଶର୍କରା କମାଏ ନାହିଁ। ଏହା ଇନ୍‌ସୁଲିନ ରେଜିଷ୍ଟାନ୍ସ ସୃଷ୍ଟି କରିଥାଏ ।



**ଟାଇପ୍-୧ ଡାଇବେଟିସ୍:** ଏହାର ଅନ୍ୟ ନାମ ହେଉଛି 'ଇନ୍‌ସୁଲିନ ଡିପେଣ୍ଡେଣ୍ଟ ବା' ଜୁଭେନାଇଲ ଡାଇବେଟିସ୍ ।' ଏହାର ମୂଖ୍ୟ ଲକ୍ଷଣ ଗୁଡିକ ହେଲା: ଅତିରିକ୍ତ ଶୋଷ ଲାଗିବା, ଅତିରିକ୍ତ ଭୋକ ହେବା, ବାରମ୍ବାର ପରିସ୍ରା ଲାଗିବା, ଓଜନ କମିଯିବା, କ୍ଳାନ୍ତ ଲାଗିବା, ଆଖିକୁ ଝାପ୍‌ସା ଦେଖାଯିବା, ଘା' ଆଦି ଧୀରେ ଧୀରେ ଶୁଖିବା, ଝିଅମାନଙ୍କର ପ୍ରସବଦ୍ୱାର କୁଣ୍ଡାଇ ହେବା ।



ଅଳ୍ପ ବୟସର ପିଲାମାନଙ୍କର ଏଭଳି ଲକ୍ଷଣ ଦେଖାଗଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ୍। କିନ୍ତୁ ଅଳ୍ପ ବୟସର ଯୁବତୀମାନେ ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ଯୁବକମାନଙ୍କଠାରୁ ତାଙ୍କର ୧୩% ଅଧିକ ମୃତ୍ୟୁର ଭୟଥାଏ, ୩୦% ବେଶି ହୃଦ୍‌ରୋଗ ହୁଏ ଏବଂ ୫୮% ବେଶି କରୋନାରି ହୃଦ୍‌ରୋଗଜନିତ ମୃତ୍ୟୁ ହେବାର ଭୟ ଥାଏ । ଏହାଛଡ଼ା ସେମାନଙ୍କର ଫଙ୍ଗସ ସଂକ୍ରମଣ ହୋଇ ପ୍ରସବ ଦ୍ୱାର କୁଣ୍ଡେଇ ହୋଇଥାଏ । ଘନଘନ ପରିସ୍ରା ସଂକ୍ରମଣ, ସାଦା ସ୍ରାବ ହେବା ସହ ହାତ ପାଦ ଓ ପରିସ୍ରା ଦ୍ୱାର ଶୁଖିଲା ହୋଇଯାଏ। ଝିଅମାନେ ମଧୁମେହ ରୋଗ ସହ ଗର୍ଭଧାରଣ କଲେ ବାରମ୍ବାର ଗର୍ଭନଷ୍ଟ, ଶିଶୁର ବିକଳାଙ୍ଗତା, ଗର୍ଭଥଳିରେ ପାଣି ଜମିଯିବା, ଗର୍ଭରେ ଶିଶୁ ମୃତ୍ୟୁ, ସମୟ ପୂର୍ବରୁ ପ୍ରସବ ଓ ସଂକ୍ରମଣ ବେଶି ହାରରେ ହୋଇଥାଏ । ଅଳ୍ପ ବୟସର ଯୁବତୀମାନଙ୍କୁ ପ୍ରାୟ ପଲିସିଷ୍ଟିକ ଓଭାରିଆନ ଡିଜିଜ୍ ବା (ପିସିଓଡି) ହୋଇଥାଏ, ଯେଉଁଥିରେ ସେମାନଙ୍କର ଅନିୟମିତ ଋତୁସ୍ରାବ, ଅତ୍ୟଧିକ ଓଜନ ବଢ଼ିଯିବା, ମୁହଁରେ ବ୍ରଣ ହେବା, ମାନସିକ ଅବସାଦ ତଥା ବନ୍ଧ୍ୟାଦୋଷ ହୋଇଥାଏ । ସେମାନଙ୍କର ପ୍ରାୟ ଇନ୍‌ସୁଲିନ ରେଜିଷ୍ଟାନ୍ସ ହୋଇଥାଏ, ରକ୍ତରେ ଶର୍କରା ଅଂଶ ବଢ଼ିଯାଏ ଏବଂ ମଧୁମେହ ରୋଗ ହେବାର ଆଶଙ୍କା ଥାଏ ।

**ଚିହ୍ନଟ:** ଖାଲିପେଟରେ ଓ ଖାଇବାର ୨ ଘଣ୍ଟା ପରେ ପରୀକ୍ଷା କଲେ ଯଦି ରକ୍ତରେ ଶର୍କରା ପରିମାଣ ଅଧିକ ଥାଏ ଏବଂ ଗ୍ଲାଇକୋସିଲେଟେଡ ହିମୋଗ୍ଲୋବିନର ପରିମାଣ ବଢ଼ିଥାଏ, ତେବେ ଡାଇବେଟିସର ଚିହ୍ନଟକରଣ ହୋଇଥାଏ ।

**ପରୀକ୍ଷା:** ଡାଇବେଟିସ୍ ରୋଗ ଚିହ୍ନଟ ହେବା ପରେ ନିମ୍ନଲିଖିତ ପରୀକ୍ଷା କରିବା ଜରୁରୀ ।

– ରକ୍ତ ଶର୍କରା ପରୀକ୍ଷା ଖାଲି ପେଟରେ ଓ ଖାଇବାର ୨ ଘଣ୍ଟା ପରେ ହୋଇଥାଏ ।

– ଗ୍ଲାଇକୋସିଲେଟେଡ ହିମୋଗ୍ଲୋବିନ ବା ଏଚ୍‌ବିଏ ୱାନ୍‌ସି ଯାହା ବିଗତ ତିନିମାସ ଭିତରେ ଶର୍କରା ନିୟନ୍ତ୍ରଣର ହିସାବ ଦେଇଥାଏ ।

– ରକ୍ତ କୋଲେଷ୍ଟରଲ ଓ ଟ୍ରାଇ ଗ୍ଲିସେରାଇଡ ପରୀକ୍ଷା ।

– କିଡ୍‌ନୀ ପାଇଁ ୟୁରିଆ ଓ କ୍ରିଆଟିନିନ ପରୀକ୍ଷା ।

– ଯକୃତ ବା' ଲିଭର ପାଇଁ ଲିଭର ଫଙ୍କସନ ଟେଷ୍ଟ ।

– ଥାଇରଏଡ୍ ହରମୋନ ପରୀକ୍ଷା ।

ଏହା ବ୍ୟତୀତ ପରିସ୍ରା ପରୀକ୍ଷା, ଇ.ସି.ଜି, ଛାତିର ଏକ୍ସରେ, ଆଖି ଓ ଦାନ୍ତର ପରୀକ୍ଷା ସହ ପାଦର ସ୍ନାୟୁ ପରୀକ୍ଷା କରାଇବା ଆବଶ୍ୟକ ।

ଏ ସବୁ ପରୀକ୍ଷା ପରେ ଟାଇପ୍-୧ ଡାଇବେଟିସ୍ ଥିବା ଯୁବତୀ ଯୁବକମାନଙ୍କୁ ପ୍ରାୟତଃ ଇନ୍‌ସୁଲିନ ଇଞ୍ଜେକ୍‌ସନ ନେବାକୁ ପଡ଼ିଥାଏ।

ଟାଇପ୍-୨ ମଧୁମେହ ରୋଗରେ ଡାକ୍ତର ପରାମର୍ଶ ନେଇ ଚିକିତ୍ସା କରିବାକୁ ପଡ଼ିଥାଏ ଏବଂ ଅନ୍ୟ ସବୁ ଅଙ୍ଗପ୍ରତ୍ୟଙ୍ଗର ପରୀକ୍ଷା ମଝିରେ ମଝିରେ କରିବାକୁ ପଡ଼ିଥାଏ । କିନ୍ତୁ ମଧୁମେହ ରୋଗରେ ଇନ୍‌ସୁଲିନ ନେଲେ ହଠାତ୍ ରକ୍ତରୁ ଶର୍କରା ପରିମାଣ କମିଯାଏ (ହାଇପୋଗ୍ଲାଇସିମିଆ)। ସେଥିପାଇଁ ସଜାଗ ରହି ସଙ୍ଗେ ସଙ୍ଗେ ଚିକିତ୍ସା କରିବାକୁ ପଡ଼ିଥାଏ ।





ତେବେ ପିଲା ଓ ଯୁବତୀ ଯୁବକ ତଥା ସବୁ ବର୍ଗର ରୋଗୀଙ୍କ ପାଇଁ ଜୀବନଶୈଳୀରେ ପରିବର୍ତ୍ତନ, ବ୍ୟାୟାମ ଓ ଖାଦ୍ୟ ପଦାର୍ଥ ଉପରେ ନିୟନ୍ତ୍ରଣ ରଖିବା ଖୁବ୍ ଜରୁରୀ । ତେଣୁ ମଧୁମେହ ରୋଗୀମାନେ ପ୍ରତ୍ୟେକ ଖାଦ୍ୟରେ 'ଗ୍ଲାଇସିମିକ୍ ଇଣ୍ଡେକ୍ସ' ଜାଣିବା ଖୁବ୍ ଜରୁରୀ। ଏହାଛଡ଼ା କମ୍ପ୍ଲେକ୍ସ କାର୍ବୋହାଇଡ୍ରେଟ ଖାଇବା ଦରକାର। ଖାଦ୍ୟରେ ଭାତ କମାଇବା ଦେଇ ମାଣ୍ଡିଆ, ଦଲିଆ, ଓଟସ ଓ ବିଶେଷ ପରିମାଣରେ ତନ୍ତୁଯୁକ୍ତ ଖାଦ୍ୟ ବ୍ୟବହାର କରିବା ଉଚିତ୍। ପ୍ରତି ଦୁଇ ତିନି ଘଣ୍ଟାରେ ଅଳ୍ପ ଅଳ୍ପ ଖାଇବା ଉଚିତ୍ । ଏହାଛଡା କେତେକ ଜୁସ୍ ମଧ୍ୟ ମଧୁମେହ ରୋଗୀଙ୍କ ପାଇଁ ଉପକାରୀ ଯଥା କଲରା, କାକୁଡ଼ି, ଟମାଟୋ ଗାଜର, ପାଳଙ୍ଗ ଜୁସ୍, ଅଁଳା ଜୁସ୍ ଓ ଡାଳିମ୍ବ ଜୁସ୍ ।

ଟାଇପ୍-୧ ମଧୁମେହ ରୋଗ ଭୋଗୁଥିବା ଅଳ୍ପ ବୟସ୍କ କିଶୋର, କିଶୋରୀ ଓ ଯୁବତୀ ଯୁବକମାନେ ଖାଦ୍ୟପେୟ ନିୟନ୍ତ୍ରଣ କରିବା ସହ ସବୁ ପ୍ରକାର ଜଟିଳତାର ପ୍ରତିକାର ପାଇଁ ସଚେତନ ରହିବା ଆବଶ୍ୟକ ।

– ଲିଙ୍କ୍‌ରୋଡ୍, କଟକ-୧୨
ମୋ-୯୪୩୭୦୫୫୦୦୭

## ୟୁଥ୍ ଆଲର୍ଟ

# ଡାଟା ରଖନ୍ତୁ ସୁରକ୍ଷିତ

ବର୍ତ୍ତମାନ ସଭିଏଁ ମୋବାଇଲ୍, ଲାପ୍‌ଟପ୍ ଆଦିରେ ଅନେକ ଜରୁରୀ ଡାଟା ସେଭ୍ କରି ରଖୁଛନ୍ତି। ହେଲେ କେବେକେବେ ଏଭଳି ଗ୍ୟାଜେଟ୍‌ର ମେମୋରି କାର୍ଡ କରପ୍ଟ ହେବା, ହଜିଯିବା, କମ୍ପ୍ୟୁଟରର ହାର୍ଡ ଡ୍ରାଇଭ୍ କ୍ରାଶ୍ ହେବା କିମ୍ବା ଭୁଲ୍‌ବଶତଃ କୌଣସି ଫୋଲ୍ଡର ଡିଲିଟ୍ ହୋଇଯିବା ଦ୍ୱାରା ଅନେକଙ୍କର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା ନଷ୍ଟ ହୋଇଯିବା ନିଜର ରହିଛି। ଏକ୍ଷେତ୍ରରେ ଡାଟା ସୁରକ୍ଷିତ ରଖିବା ଲାଗି ବିଭିନ୍ନ ଇ-ବ୍ୟାକ୍‌ଅପ୍ ସର୍ଭିସ୍ ବେଶ୍ କାମରେ ଆସିଥାଏ। ଜାଣିରଖନ୍ତୁ ସେ ସମ୍ପର୍କରେ...



**ଗୁଗୁଲ୍ ଡ୍ରାଇଭ୍:** ଏଥିରେ ଆପଣ ୧୫ ଜିବି ପର୍ଯ୍ୟନ୍ତ ଡାଟା ଫ୍ରିରେ ବ୍ୟାକ୍‌ଅପ୍ ନେଇପାରିବେ। ଏହାପରେ ଅଧିକ ମେମୋରି ଷ୍ଟୋରେଜ୍ ପାଇଁ ଆପଣଙ୍କୁ ଟଙ୍କା ଦେବାକୁ ପଡ଼ିଥାଏ। ଅନ୍ ସବୁ ସର୍ଭିସ୍ ଅପେକ୍ଷା ଏଥିରେ ବ୍ୟାକ୍‌ଅପ୍ ନେବା ଖୁବ୍ ସହଜ।

**ଆଇଡ୍ରାଇଭ୍:** ଏହା ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍ ତୁଳନାରେ ଶସ୍ତା ଏବଂ ଏହାର ଷ୍ଟୋରେଜ୍ କାପାସିଟି ହେଉଛି ୨(ଟିବି)ଟେରା ବାଇଟ୍ ୨୦୦୦ ଜିବି(ଗିଗା ବାଇଟ୍)। ଏହା ଡେସ୍କଟପ୍, ଲାପ୍‌ଟପ୍, ମୋବାଇଲ ଏବଂ ୱେବ୍ ପ୍ଲାଟ୍‌ଫର୍ମରେ ଭଲ କାମ କରିଥାଏ। ଏହାର ପ୍ରାଇଭେସି ପଲିସି ଅନୁସାରେ ଆପଣଙ୍କ ପର୍ସନାଲ ଡାଟା, ସେସନ୍ ରିପୋର୍ଟ ଆଦି ସୁରକ୍ଷିତ ରହିଥାଏ। ଏଥିରେ ରିଷ୍ଟୋର କରିବା ଲାଗି ମଧ ଅନେକ ଅପ୍ସନ ରହିଛି, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡ୍‌ଲି।




**ଲାଇଭ୍ ଡ୍ରାଇଭ୍:** ଯଦିଓ ଏଥିରେ ଟପ୍ ଟିୟର ଫିଚସ ଭଳି ଫାଇଲ୍ ଏକ୍ସପ୍ଲୋରର ଇଣ୍ଟିଗ୍ରେଶନ୍ ତଥା ଲଗାତର ବ୍ୟାକ୍‌ଅପ୍ ନେବାର ବିକଳ୍ପ ନାହିଁ, ତଥାପି ଏଥିରେ ଥିବା ଆପ୍ଲିକେଶନ୍ ସିଧାସଳଖ ବ୍ୟାକ୍‌ଅପ୍ ଅପ୍ସନ ଯୋଗାଉଥିବାରୁ ଉଭୟ କମ୍ପ୍ୟୁଟର ଏବଂ ମୋବାଇଲ ଉପଭୋକ୍ତାଙ୍କ ଲାଗି ସୁବିଧାଜନକ ହୋଇଥାଏ।

**କାବ୍ରୋନାଇଟ୍:** ଏହା ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍‌ଅପ୍ ସର୍ଭିସ। ଏହା ବ୍ୟକ୍ତିଗତ, ଘରୋଇ ତଥା ବିଜ୍‌ନେସ୍ ଡାଟା ବ୍ୟାକ୍‌ଅପ୍ ଲାଗି ବ୍ୟବହାର କରାଯାଇଥାଏ। ଏଥିରେ ଅନ୍‌ଲିମିଟେଡ୍ ଷ୍ଟୋରେଜ ସୁବିଧା ରହିଛି। ବିଶେଷକରି ଏଥିରେ ବେଶ୍ ଭଲ ମୋବାଇଲ ଆପ୍ ଉପଲବ୍ଧ। ଏଥିରେ ପ୍ରିମିୟମ୍ ଆକାଉଣ୍ଟ ଲାଗି ଏକ୍ସଟର୍ନାଲ ଏବଂ ନେଟ୍‌ୱର୍କ ଡ୍ରାଇଭ୍ ବ୍ୟାକ୍‌ଅପ୍ ଅପ୍ସନରେ ପ୍ରତିବନ୍ଧକ ରହିଛି।

**ବ୍ଲାକ୍‌ବ୍ଲେଜ୍:** ଏହାର ଫିଚର୍ସ ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍‌ଅପ୍ ସର୍ଭିସ୍‌ଠାରୁ ନିଆରା, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡ୍‌ଲି। ଏହାର ଲାଟେଷ୍ଟ ଏଡିଶନ ଫାଇଲ୍ ଶେୟାରିଂ ଅପ୍ସନ ବେଶ୍ କାମରେ ଆସୁଛି।

**ସ୍ପାଇଡରଓକ୍‌ୱାନ୍:** ନିଜ ଡାଟାର ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ଚିନ୍ତିତ ଥିଲେ ଏହି ସର୍ଭିସ ଆପଣଙ୍କ ଲାଗି ବେଷ୍ଟ ଅପ୍ସନ। କାରଣ ଏଥିରେ ସିକ୍ୟୁରିଟି ଏବଂ ପ୍ରାଇଭେସି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ଫୋଲ୍ଡରଗୁଡ଼ିକ ଇନ୍‌କ୍ରିପ୍ଟେଡ୍ ରହିଥାଏ ଏବଂ ରିଷ୍ଟୋର ସମୟରେ ମଧ ଡାଟା ସୁରକ୍ଷିତ ରହିଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱ ପୁରୁଷ ଦିବସ .......... ତାରିଖରେ ପାଳନ କରାଯାଏ ?
୨– ଭାରତର ମାତୃଭାଷା ସର୍ଭେ ........ ମନ୍ତ୍ରଣାଳୟ ଦ୍ୱାରା ପରିଚାଳନା କରାଯାଉଛି ?
୩– ଟେଗୁସିଗାଲ୍ପା ........ ଦେଶର ରାଜଧାନୀ।
୪– ପାପୁଆ ନ୍ୟୁ ଗିନିର ମାଉଣ୍ଟ ଜିଲୁୱେ ଆରୋହଣ କରିଥିବା ପ୍ରଥମ ଭାରତୀୟ......... ?
୫– ମିଲ୍କମ୍ୟାନ୍ ଉପନ୍ୟାସ .............. ଲେଖିଛନ୍ତି ?

## ଗତ ଥରର ଉତ୍ତର

୧ ଏକ ବିକଶିତ ରାଷ୍ଟ୍ର ପାଇଁ ଭ୍ରଷ୍ଟାଚାରମୁକ୍ତ ଭାରତ
୨ କାଶୀନାଥ ପଣ୍ଡିତ
୩ ରାଜସ୍ଥାନର ପୁଷ୍କର
୪ ଲାଲା ଲାଜପତ୍ ରାୟ
୫ ଅରୁଣାଚଳ ପ୍ରଦେଶ

## ଉତ୍ତରଦାତା



ପ୍ରଭଞ୍ଜନ ପଲାଇ, କଟକ



ଭାଗ୍ୟଶ୍ରୀ ହଂସ, କଳାହାଣ୍ଡି



ଭୁବନ ଆନନ୍ଦ ରାଉତ କଟକ

## ଟପ୍ ୧୦

### ପୃଥିବୀର ଲୋକପ୍ରିୟ ଗଲ୍ଫ ଖେଳାଳି



୧– ଜନ୍ ରାମ୍ ............ ସ୍ପେନ୍
୨– କଲିନ୍ ମୋରିକାୱା............ ଆମେରିକା
୩– ଭିକ୍ଟର ହଭ୍‌ଲାଣ୍ଡ............ ନରୱେ
୪– ପାର୍ଟିକ୍ କ୍ୟାଣ୍ଟଲେ............ ଆମେରିକା
୫– ସ୍କଟି ସେଫଲର୍............ ଆମେରିକା
୬– କ୍ୟାମେରନ୍ ସ୍ମିଥ୍ ............ ଅଷ୍ଟ୍ରେଲିଆ
୭– ଜଷ୍ଟିନ୍ ଥୋମାସ୍............ ଆମେରିକା
୮– ରୋରୀ ମାକ୍‌ଲୋରୀ............ ନର୍ଦନ ଆୟର୍ଲାଣ୍ଡ
୯– ଜ୍ୟାଣ୍ଡର ସୌଫେଲ୍............ ଆମେରିକା
୧୦– ସାମ୍ ବର୍ନସ୍............ ଆମେରିକା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ରତ୍ନାବତୀ ସ୍କୁଲ

ରାଜସ୍ଥାନର ଜଏସାଲମେରର ଥର୍ ମରୁଭୂମିରେ ନିର୍ମାଣ ହୋଇଛି ରାଜକୁମାରୀ ରତ୍ନାଦେବୀ ବାଳିକା ବିଦ୍ୟାଳୟ। ଏହି ସ୍କୁଲ୍‌ର ନିଆରା ନିର୍ମାଣ ଶୈଳୀ ଲାଗି ଏହା ବେଶ୍ ପ୍ରସିଦ୍ଧ। ଜାଣିବା ଏହି ସ୍କୁଲ୍ ବିଷୟରେ କିଛି ରୋଚକ କଥା...

– ସଂସଦ ଭବନ ପରି ଡିଜାଇନ୍ ହୋଇଥିବା ଏହି ସ୍କୁଲ୍‌ର ବାହାର ଅଣ୍ଡାକୃତି (ଓଭାଲ୍) ଆକାରର। ଡାଏନା କେଲୋଗ୍ ଆର୍କିଟେକ୍ ନାମକ ଏକ ନ୍ୟୁୟର୍କ କମ୍ପାନୀ ଏହି ସ୍କୁଲ୍ ଡିଜାଇନ୍ କରିଛନ୍ତି । ମାଇକେଲ ଡ୍ୟୁବ୍ ଏନ୍‌ଜିଓ (ସିଆଇଟିଟିଏ) ଏହାକୁ ନିର୍ମାଣ କରିଛନ୍ତି।



– ଏହି ସ୍କୁଲ୍‌ର ଏପରି ନାମକରଣ କରିବାର ଅର୍ଥ ଛାତ୍ରୀମାନଙ୍କ ମନରେ ଆତ୍ମବିଶ୍ୱାସ ଓ ସାହସ ଦୃଢ଼ କରିବା। ପୌରାଣିକ କାହାଣୀ ଅନୁସାରେ ରତ୍ନାବତୀଙ୍କ ପିତା ମହାରାବଲ ରତ୍ନସିଂହ ଯେତେବେଳେ ରାଜମହଲ ଛାଡ଼ି ଯୁଦ୍ଧ ପାଇଁ ଯାଇଥିଲେ, ସେହି ସମୟରେ ରାଜକୁମାରୀ ହିଁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ତୁଲାଇଥିଲେ। ଏହି ସମୟରେ ମୋଗଲ ସମ୍ରାଟ୍ ଆଲାଉଦ୍ଦିନ୍ ଖିଲିଜୀ ମହଲ ଉପରେ ଆକ୍ରମଣ କରିଥିଲେ। ରାଜକୁମାରୀ ରତ୍ନାବତୀ ଏକା ମୋଗଲ ସେନା ସହ ଲଢ଼ି ସେନାପତି କାଫୁରଙ୍କ ସହ ୧୦୦ ସୈନିକଙ୍କୁ ପରାସ୍ତ କରିଥିଲେ।



– ଏହି ସ୍ଥାନର ତାପମାତ୍ରା ୫୦ ଡିଗ୍ରୀ ସେଲସିୟସ୍ ରହିଥିବା ବେଳେ ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି ସ୍କୁଲ୍ ଭିତରେ ପିଲାଙ୍କୁ ଗରମ ଅନୁଭୂତ ହୋଇନଥାଏ। କୌଣସି ଏୟାର୍ କଣ୍ଡିଶନର ବ୍ୟବସ୍ଥା ନ ଥାଇ ମଧ ପ୍ରଚଣ୍ଡ ଗରମ ଭିତରେ କ୍ଲାସରୁମ୍‌ଗୁଡିକ ଥଣ୍ଡା ଲାଗିଥାଏ। ଏହାକୁ ନିର୍ମାଣ କରିବା ଲାଗି ସେଠାରେ ମିଳୁଥିବା ଏକ ହଳଦିଆ ରଙ୍ଗର ପଥର ବ୍ୟବହାର କରାଯାଇଥାଏ।

– କ୍ଲାସ୍‌ରୁମ୍‌ରେ ଥିବା ଝରକାଗୁଡ଼ିକୁ ସାମାନ୍ୟ ଉଚ୍ଚତାଠାରୁ ୬ଫୁଟ୍ ଉଚ୍ଚରେ ରଖାଯାଇଛି। ପ୍ରତ୍ୟେକ ରୁମ୍‌ରେ ଭେଣ୍ଟିଲେସନ ବ୍ୟବସ୍ଥା କରାଯାଇଛି। ସୌର ପ୍ୟାନେଲ୍ ଦ୍ୱାରା ସ୍କୁଲ୍‌ରେ ବିଦ୍ୟୁତ୍ ପରିଚାଳନା କରାଯାଉଛି।

– ରାଜସ୍ଥାନରେ ମହିଳା ସାକ୍ଷରତା ହାର ବଢ଼ାଇବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ବିଦ୍ୟାଳୟ ସ୍ଥାପନ କରାଯାଇଛି।

– ଏହି ସ୍କୁଲ୍‌ରେ ଆର୍ଥିକ ଅନଗ୍ରସର ଶ୍ରେଣୀର ବାଳିକାମାନେ ପାଠ ପଢୁଛନ୍ତି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ୪୦୦ ଛାତ୍ରୀ ପାଠ ପଢୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ନଭେମ୍ବର ୧୩/୨୦୨୨ Bhubaneswar, Sunday, November 13/ 2022

# ପାକିସ୍ତାନ ସପକ୍ଷରେ ଇତିହାସ

**ମେଲବୋର୍ନ,୧୨।୧୧(ପି.ଟି)**

ଆଇସିସି ଟି୨୦ ବିଶ୍ୱକପ୍ ଫାଇନାଲରେ ପରସ୍ପର ସାମ୍ନା କରିବେ ପାକିସ୍ତାନ ଓ ଇଂଲଣ୍ଡ। ରବିବାର ଐତିହାସିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ ପୂର୍ବରୁ ଇତିହାସ ପାକିସ୍ତାନ ସପକ୍ଷରେ ରହିଥିବା ବେଳେ ଫର୍ମକୁ ଦୃଷ୍ଟିରେ ରଖିଲେ ଇଂଲଣ୍ଡ ଟାଇଟଲ ଫେଭରିଟ୍ ରହିବ। ୨୦୦୯ରେ ଟି୨୦ ବିଶ୍ୱକପ୍ ହାସଲ କରିଥିବା ପାକିସ୍ତାନର ଫାଇନାଲ ପ୍ରବେଶ କୌଣସି ଥ୍ରିଲର ଫିଲ୍ମର କାହାଣୀଠାରୁ କମ୍ ନୁହେଁ। ପ୍ରଥମ ଦୁଇ ମ୍ୟାଚରେ ଭାରତ ଓ ଜିମ୍ବାୱେଠାରୁ ପରାଜିତ ହୋଇ ଗ୍ରୁପ ପର୍ଯ୍ୟାୟ ଅତିକ୍ରମ ନ କରିବା ନେଇ ଅନୁମାନ କରାଯାଉଥିଲା। ମାତ୍ର ୧୯୯୨ ବିଶ୍ୱକପ୍ ପରି ନେଦରଲାଣ୍ଡ୍ସର ଚମତ୍କାର ବିଜୟ ଦଳକୁ ସେମି ଫାଇନାଲ ପ୍ରବେଶରେ ସାହାଯ୍ୟ କରିଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚରେ ସହଜ ବିଜୟ ସହିତ ଦଳ ଫାଇନାଲରେ ପ୍ରବେଶ କରିଥିଲା। ଅପରପକ୍ଷରେ ଇଂଲଣ୍ଡ ଦଳ ଟୁର୍ନାମେଣ୍ଟ ଆରମ୍ଭରୁ ଭଲ ପ୍ରଦର୍ଶନ କରିଛି। ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚକୁ ବାଦ୍ ଦେଲେ ଦଳର ପ୍ରଦର୍ଶନ ବେଶ୍ ଦମଦାର ରହିଥିଲା। ଦୃଢ଼ ଭାବରେ ପ୍ରତ୍ୟାବର୍ତ୍ତନ କରିବା ସହିତ ସେମିରେ ଭାରତକୁ ୧୦ ଉଇକେଟରେ ପରାସ୍ତ କରିଥିଲା ଦଳ। ୨୦୧୫ ପରଠାରୁ ଇଂଲଣ୍ଡ ସୀମିତ ଓଭର ଫର୍ମାଟରେ ଏହାର ଦବଦବା ଜାରି ରଖିଛି। ହର୍ସେସ ଫର କୋର୍ସେସ୍ ନିୟମରେ ବିଶ୍ୱାସ ରଖୁଥିବା ଇଂଲଣ୍ଡ ପକ୍ଷରୁ ଏହାର ଦଳରେ ଏକାଧିକ ପରିବର୍ତ୍ତନ କରାଯାଇଛି। ଜୋସ ବଟଲର, ଆଲେକ୍ସ ହେଲ୍ସ, ବେନ୍ ଷ୍ଟୋକ୍ସ ଓ ମୋଇନ୍ ଅଲୀ ଯେକୌଣସି ବୋଲିଂ ଲାଇନଅପ୍‌କୁ ଧ୍ୱସ୍ତ କରିବାରେ ସିଦ୍ଧହସ୍ତ। ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ମାଟିରେ ଖେଳା ଯାଇଥିବା ଟି୨୦ ସିରିଜକୁ ଇଂଲଣ୍ଡ ୪-୩ରେ ଜିତିଥିବା ବେଳେ ଏହା ଦଳକୁ ଆତ୍ମବିଶ୍ୱାସ ପ୍ରଦାନ କରିବ।

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପ୍ରାୟ ୮୦ ହଜାର ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ନେଇ ଉଭୟ ଦଳ ଚାପରେ ରହିବେ। ଶାହିନ୍ ଶାହ ଆଫ୍ରିଦି, ହରିଶ ରୌଫ୍ ଓ ମହମ୍ମଦ ୱାସିମ ଜୁନିୟରଙ୍କ କାନ୍ଧରେ ପାକିସ୍ତାନ ବୋଲିଂର ଭାର ରହିବ। ୧୯୯୨ ଦିନିକିଆ ବିଶ୍ୱକପ୍‌ରେ ୱାସିମ ଆକ୍ରମ କରିଥିବା କାରନାମା ପୁନର୍ବାର କରିବାରେ ଯଦି ଶାହିନ୍ ଆଫ୍ରିଦି ସକ୍ଷମ ହୁଅନ୍ତି ତେବେ ପାକିସ୍ତାନ ନିଶ୍ଚୟ ସଫଳ ହେବ। ଅପର ପକ୍ଷରେ ବାବର-ରିଜୱାନଙ୍କ ନିକଟରୁ ଇମ୍ରାନ୍ ଖାନ୍ ଏବଂ ଜାଭେଦ୍ ମିଆଁଦାଦଙ୍କ ସଫଳତା ଆଶା କରିବ ପାକିସ୍ତାନ ଦଳ। ସମାନ ଢଙ୍ଗରେ ଇଂଲଣ୍ଡ ନିକଟରେ ମଧ୍ୟ ବଡ ମଞ୍ଚର ଖେଳାଳି ରହିଛନ୍ତି। ୨୦୧୯ ଦିନିକିଆ ବିଶ୍ୱକପରେ ବେନ୍ ଷ୍ଟୋକ୍ସ ହାସଲ କରିଥିବା ସଫଳତା ଦୋହରାଇବାକୁ ପ୍ରୟାସ କରିବେ। ରବିବାର ମ୍ୟାଚରେ ବର୍ଷାର ଆଶଙ୍କା ରହିଥିବା ବେଳେ ଫାଇନାଲ ମ୍ୟାଚ ପାଇଁ ରିଜର୍ଭ ଡେର ବ୍ୟବସ୍ଥା କରାଯାଇଛି। ମେଲବୋର୍ନ ପିଚ୍‌ର ବାଉନ୍ସ କାରଣରୁ ମାର୍କ ଉଡ୍‌ଙ୍କ ଉପସ୍ଥିତି ଦଳକୁ ଫାଇଦା ପ୍ରଦାନ କରିବ। ଉଡ୍‌ଙ୍କ ପିଠି ଯନ୍ତ୍ରଣା ନେଇ କୌଣସି ଅପଡେଟ୍ ମିଳିନାହିଁ। ସ୍ପିନ୍ ବୋଲିଂ ବିଭାଗକୁ ନଜରରେ ରଖିଲେ ଇଂଲଣ୍ଡର ପଲା ସାମାନ୍ୟ ଭାରି ରହିବ। ଆଦିଲ ରଶିଦ୍ ନିୟମିତ ଭାବରେ ଉଇକେଟ ହାସଲ କରୁଥିବା ବେଳେ ମୋଇନ୍ ଅଲୀ ଓ ଲିଆମ୍ ଲିଭିଙ୍ଗଷ୍ଟୋନ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରୁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନର ଶଦାବ ଖାନଙ୍କ ବୋଲିଂ ଚମତ୍କାର ରହିଥିବା ବେଳେ ମହମ୍ମଦ ନୱାଜଙ୍କ ନିକଟରୁ ସମାନ ପ୍ରଦର୍ଶନ ଆଶା କରିବ ଦଳ।



ଫାଇନାଲ ପୂର୍ବରୁ ଟ୍ରଫି ସହ ପାକିସ୍ତାନ ଅଧିନାୟକ ବାବର ଆଜମ ଓ ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର।

**ଆଜି ଟି୨୦ ବିଶ୍ୱକପ୍ ଫାଇନାଲ**

ମ୍ୟାଚ୍ ସମୟ: ଅପରାହ୍ନ ୧.୩୦
ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ
ପ୍ରସାରଣ: ହଟ୍‌ଷ୍ଟାର ଓ ଷ୍ଟାର ସ୍ପୋର୍ଟ୍ସ

## ୫ଟି ସଚିବଙ୍କ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ

**ଭୁବନେଶ୍ୱର,୧୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସରକାରଙ୍କ ୫-ଟି ସଚିବ ଭି. କେ. ପାଣ୍ଡିଆନ ଶନିବାର କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରିବା ସହିତ ବିଭିନ୍ନ କ୍ରୀଡା ଭିତ୍ତିଭୂମିର ଯାଞ୍ଚ କରିଛନ୍ତି। ୫-ଟି ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ଭାରତର ପ୍ରଥମ ଇନ୍‌ଡୋର ଆଥ୍‌ଲେଟିକ୍ସ ଷ୍ଟାଡିୟମ, ଟେନିସ୍ ସେଣ୍ଟର, ହକି ହାଇ ପର୍ଫମାନ୍ସ ସେଣ୍ଟର, ଜିମ୍ନାଷ୍ଟିକ୍ ସେଣ୍ଟର ଓ ଭାରତର ସର୍ବବୃହତ୍ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର ଅନ୍ତର୍ଭୁକ୍ତ। ସେହିପରି ଡାଲମିଆ ଭାରତର ସିଏସ୍‌ଆର ପ୍ରକଳ୍ପ ବ୍ୟାଡ୍‌ମିଣ୍ଟନ ହାଇ ପର୍ଫମାନ୍ସ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ। ସାଇଟ ଇଞ୍ଜିନିୟରଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ଓ ସମାପ୍ତ ତାରିଖ ଆଲୋଚନା କରିଥିଲେ। କାର୍ଯ୍ୟର ଅଗ୍ରଗତି ଓ ମାନକୁ ନେଇ ୫-ଟି ସଚିବ ସନ୍ତୋଷ ପ୍ରକାଶ କରିଥିଲେ। ବିଗତ ୧୫ ମାସ ଧରି ଏହି କାର୍ଯ୍ୟ ଜାରି ରହିଥିବା ବେଳେ ଆସନ୍ତା ଦୁଇ ମାସ ମଧ୍ୟରେ ଏହା ସମାପ୍ତ ହେବ। କମ ସମୟ ମଧ୍ୟରେ କ୍ରୀଡାବିତ୍‌ମାନଙ୍କ ପାଇଁ ଏଭଳି ଉଚ୍ଚମାନର ଭିତ୍ତିଭୂମି ନିର୍ମାଣ କରିଥିବାରୁ ଉପସ୍ଥିତ ଅଫିସିଆଲ ଓ ଷ୍ଟାଫ୍‌ଙ୍କୁ ସେ ଉତ୍ସାହିତ କରିଥିଲେ। କ୍ରୀଡା ଓ ଯୁବବର୍ଗରେ ନିବେଶ କରିବା ପାଇଁ ରହିଥିବା ମୁଖ୍ୟମନ୍ତ୍ରୀଙ୍କ ଭିଜନ ଉପରେ ଆଲୋକପାତ କରିବା ସହିତ ଏହି ପ୍ରକଳ୍ପଗୁଡିକ ଭବିଷ୍ୟତର ଚାମ୍ପିୟନ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଭାରତକୁ ଏକ କ୍ରୀଡା ରାଷ୍ଟ୍ରରେ ପରିଣତ କରିବାରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି, ଯାହା ଆମ ପାଇଁ ଗର୍ବର ବିଷୟ ବୋଲି କହିଥିଲେ ୫-ଟି ସଚିବ।

## ବାର୍କଲେ ଆଇସିସି ଚେୟାରମ୍ୟାନ୍


ଗ୍ରେଗ୍ ବାର୍କଲେ

**ମେଲବୋର୍ନ,୧୨।୧୧(ପି.ଟି):** ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ୍ (ଆଇସିସି)ର ମୁଖ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି। ଶନିବାର ସର୍ବସମ୍ମତି କ୍ରମେ ସେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ଦୁଇ ବର୍ଷ ପାଇଁ ବାର୍କଲେ ଏହି ପଦରେ ରହିବେ। ଶନିବାର ଆଇସିସିର ବୋର୍ଡ ମିଟିଂରେ ବାର୍କଲେ ଦ୍ୱିତୀୟ ଥର ନିର୍ବାଚିତ ହୋଇଥିବା ବେଳେ ଆଇସିସିର ସର୍ବ ଶକ୍ତିଶାଳୀ ଅର୍ଥ ଓ ବାଣିଜ୍ୟ ବିଭାଗର ମୁଖ୍ୟ ଭାବରେ ନିର୍ବାଚିତ ହୋଇଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହା। ଜିମ୍ବାୱେର ଟାଭେଙ୍ଗୱା ମୁକୁହଲାନୀ ନିଜର ନାମାଙ୍କନ ପ୍ରତ୍ୟାହାର କରିବା କାରଣରୁ ବାର୍କଲେ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଗ୍ରେଗ୍ ବାର୍କଲେଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଆଇସିସି ଚେୟାରମ୍ୟାନ ଭାବେ ପୁନଃ ନିର୍ବାଚିତ ହେବା ପରେ ବାର୍କଲେ ଆଇସିସି ନିର୍ଦ୍ଦେଶକମାନଙ୍କ ସହଯୋଗୀ ମନୋଭାବକୁ ଧନ୍ୟବାଦ ଜଣାଇଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଆଇସିସି ପକ୍ଷରୁ ସମଗ୍ର ବିଶ୍ୱରେ କ୍ରିକେଟର ବିକାଶ ପାଇଁ ବିଭିନ୍ନ ଯୋଜନାର ରୂପାନ୍ତରଣ କରାଯାଇଛି। ଏହା ସହିତ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ହିଁ ଆମେ କାର୍ଯ୍ୟ କରୁଛୁ ବୋଲି ବାର୍କଲେ ନିଜ ବକ୍ତବ୍ୟରେ କହିଛନ୍ତି। କ୍ରିକେଟର ବିକାଶ ପାଇଁ ସମସ୍ତ ସହଯୋଗୀ ପକ୍ଷଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରିବା ପାଇଁ ଆମେ ଆଗ୍ରହୀ ବୋଲି ବାର୍କଲେ ପ୍ରକାଶ କରିଛନ୍ତି। ବିଭିନ୍ନ ଦେଶର ସଦସ୍ୟଙ୍କ ସହିତ ମିଳିତ ଭାବରେ କ୍ରିକେଟକୁ ଆଗକୁ ବଢାଇବା ଆମର ଲକ୍ଷ୍ୟ ରହିବ ବୋଲି ସେ କହିଛନ୍ତି। ସମଗ୍ର ବିଶ୍ୱରେ କ୍ରିକେଟକୁ ଅଧିକ ମନୋରଞ୍ଜନ ଅଭିମୁଖୀ କରିବା ଆମର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଅକଲାଣ୍ଡ ଅଧିବାସୀ ବାର୍କଲେ ମୁଖ୍ୟତଃ ଜଣେ ଓକିଲ ଓ ୨୦୨୦ରେ ଆଇସିସି ଚେୟାରମ୍ୟାନ ଭାବରେ ନିର୍ବାଚିତ ହୋଇଥିଲେ।

**ଜୟ ଶାହା ଅର୍ଥନୈତିକ ଶାଖା ମୁଖ୍ୟ**

# ସବ୍ ଜୁନିୟର ମହିଳା ହକି: ଢେଙ୍କାନାଳ ଚାମ୍ପିୟନ

**ଭୁବନେଶ୍ୱର,୧୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହକି ଆସୋସିଏଶନ୍ ଓଡ଼ିଶା ପକ୍ଷରୁ ଆୟୋଜିତ ପ୍ରଥମ ସବ୍ ଜୁନିୟର ମହିଳା ହକି ଚାମ୍ପିୟନଶିପରେ ଢେଙ୍କାନାଳ ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦଳ ସୁନ୍ଦରଗଡକୁ ୬-୦ରେ ପରାସ୍ତ କରିଥିଲା। ତୃତୀୟ/ଚତୁର୍ଥ ପ୍ଲେ ଅଫ୍ ପାଇଁ ଅନୁଷ୍ଠିତ ମ୍ୟାଚରେ କିଟ୍/କିସ୍ ଦଳ ୪-୩ରେ ଦେବଗଡକୁ ପରାସ୍ତ କରିଛି। ୨୨ଟି ଜିଲ୍ଲା ଓ ୨ଟି ଅନୁଷ୍ଠାନ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଲିମ୍ପିଆନ୍ ସୁନୀତା ଲାକ୍ରା,ଲିଲିମା ମିଞ୍ଜଙ୍କ ସହିତ କ୍ରୀଡା ଓ ଯୁବସେବା ବ୍ୟାପାର ଯୁଗ୍ମ ସଚିବ ଶୁଭ୍ରାଂସୁ ମିଶ୍ର, କୈଳାଶ ଚନ୍ଦ୍ର ଦାସ, ଓଏଏସ୍ ଶୈଳେନ୍ଦ୍ର କୁମାର ଜେନା ଏବଂ କିଟ୍ ଓ କିସ୍‌ର କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଚାମ୍ପିୟନ ଢେଙ୍କାନାଳ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ହକି ଓଡ଼ିଶା ତଥା ହକି ପ୍ରମୋଶନ୍ କାଉନସିଲ୍ ଚେୟାରମ୍ୟାନ୍ ଦିଲ୍ଲୀପ ତିର୍କୀ। ଏହି ପ୍ରଦର୍ଶନ ରାଜ୍ୟର ଅନ୍ୟ ବାଳିକାଙ୍କୁ ହକି ଖେଳିବା ପାଇଁ ଉତ୍ସାହିତ କରିବ ବୋଲି ସେ ମତ ଦେଇଛନ୍ତି। ସେହିପରି ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ସାଂସଦ ଅଚ୍ୟୁତ ସାମନ୍ତ।



ଟ୍ରଫି ସହ ସବ୍ ଜୁନିୟର ମହିଳା ହକି ଚାମ୍ପିୟନ ଢେଙ୍କାନାଳ ଦଳ।

**ପୁରସ୍କୃତ ଖେଳାଳି**

**ଶ୍ରେଷ୍ଠ ଗୋଲକିପର:** ଅଞ୍ଜଳି ମୁଣ୍ଡ, କିଟ୍/କିସ୍
**ଶ୍ରେଷ୍ଠ ଡିଫେଣ୍ଡର:** ସଲିମା ଲାକ୍ରା
**ଶ୍ରେଷ୍ଠ ମିଡ ଫିଲ୍ଡର:** ପ୍ରେମଶିଳା ବେଗ୍
**ଶ୍ରେଷ୍ଠ ଫରୱାର୍ଡ:** କରୁଣା ମିଞ୍ଜ, ଢେଙ୍କାନାଳ
**ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ:** ତନୁଜା ଟପ୍ପୋ।

## ଉତ୍ତରାଖଣ୍ଡ ନିକଟରୁ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୧୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଶନିବାରଠାରୁ ଆରମ୍ଭ ହୋଇଛି ବିଜୟ ହଜାରେ ଟ୍ରଫି। ମୁମ୍ବାଇରେ ଅନୁଷ୍ଠିତ ଉତ୍ତରାଖଣ୍ଡ ବିପକ୍ଷ ମ୍ୟାଚକୁ ୪ ଉଇକେଟରେ ହାରି ଯାଇଛି ଓଡ଼ିଶା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୭୮ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଉତ୍ତରାଖଣ୍ଡ ୪୨ ଓଭରରେ ୬ ଉଇକେଟ ହରାଇ ମ୍ୟାଚ ଜିତି ନେଇଥିଲା। ଟସ୍ ହାରି ବ୍ୟାଟିଂ କରିଥିବା ଓଡ଼ିଶା ପକ୍ଷରୁ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୬୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଂଶୁମାନ ରଥ ୫୧, ରାକେଶ ପଟ୍ଟନାୟକ ୨୮ ଓ ଅଧିନାୟକ ଅଭିଷେକ ରାଉତ ୧୦ ରନ୍ କରିଥିଲେ। ଏହି ୪ ଖେଳାଳିଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଶୁଭ୍ରାଂଶୁ ୭୬ ବଲ୍ ଖେଳି ୮ ଚୌକା ଓ ୧ ଛକା ମାରିଥିଲେ।




## ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୩ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୧୨।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଆସାମର ଗୁଆହାଟୀଠାରେ ଚାଲିଥିବା ୩୭ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୨ର ଦ୍ୱିତୀୟ ଦିବସରେ ଓଡ଼ିଶା ୩ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଲାଲୁ ପ୍ରସାଦ ଭୋଇ ୨୦ ବର୍ଷରୁ କମ୍ ବାଳକ ବିଭାଗ ୧୦୦ମିଟର ରେସ୍ ୧୦.୭୧ ସେକେଣ୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଝାଡ଼ଖଣ୍ଡର ସଦାନନ୍ଦ କୁମାର ଓ ତାମିଲନାଡୁର କ୍ରିଷ୍ଣା ରାଜ୍ ପି.ଏସ୍, ୧୦.୭୩ ସେକେଣ୍ଡ ଓ ୧୦.୮୭ ସେକେଣ୍ଡ ଟାଇମିଂରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଦଣ୍ଡପତି ମୂର୍ତ୍ତି ଜୟରାମ ମଧ୍ୟ ୧୮ ବର୍ଷରୁ କମ୍ ବାଳକ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ୧୦.୮୩ ସେକେଣ୍ଡ ଟାଇମିଂରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ତାମିଲନାଡୁର ବରୁଣ ମନୋହର ଓ ମହାରାଷ୍ଟ୍ରର ଯାଶ ପରେଶ ୧୦.୮୬ ଓ ୧୦.୯୫ ସେକେଣ୍ଡ ଟାଇମିଂରେ ରୌପ୍ୟ ଓ ବ୍ରୋଞ୍ଜ ପାଇଛନ୍ତି। ଓମ୍‌କାର ପ୍ରସାଦ ନନ୍ଦ ୧୮.୩୪ ମିଟର ଥ୍ରୋ କରି ୧୬ ବର୍ଷରୁ କମ୍ ଶଟପୁଟ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

**ଫିଫା ବିଶ୍ୱକପ୍**

# ୫ମ ଥର ଖେଳିବେ ମେସି

କାତାର ଫୁଟ୍‌ବଲ ବିଶ୍ୱକପ୍ ପାଇଁ କୋଚ୍ ଲିଓନେଲ ସ୍କାଲୋନି ୨୬ ଜଣିଆ ଆର୍ଜେଣ୍ଟିନା ଦଳ ଘୋଷଣା କରିଛନ୍ତି। ଦଳରେ ୯ଜଣ ଡିଫେଣ୍ଡର, ୭ ମିଡ୍‌ଫିଲ୍ଡର ଓ ୭ଜଣ ଫରୱାର୍ଡ ଖେଳାଳି ସ୍ଥାନ ପାଇଛନ୍ତି। ଏହି ଦଳ କୋପା ଆମେରିକା ସଫଳତା ଦୋହରାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବ୍ରାଜିଲ ତୁଳନାରେ ସ୍କାଲୋନି ଦଳରେ ୨ କମ ଫରୱାର୍ଡ ନେଇଛନ୍ତି। ଆର୍ଜେଣ୍ଟିନା ୨୦୨୧ରେ କୋପା ଆମେରିକା ଜିତିଥିଲା। ୨୮ ବର୍ଷରେ ଏହା ଥିଲା ଦଳର ପ୍ରଥମ ପ୍ରମୁଖ ଟ୍ରଫି। ବିଶ୍ୱକପ୍ ଦଳରେ ୨୧ଜଣ କୋପା ଆମେରିକା ଖେଳାଳି ରହିଛନ୍ତି। ଲିଓନେଲ ମେସି ଗତ ୩୫ଟି ମ୍ୟାଚରେ ଅପରାଜିତ ରହିଛନ୍ତି। ୩୫ ବର୍ଷ ବୟସ୍କ ମେସି ସମ୍ଭବତଃ ତାଙ୍କ ୫ମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ତାଙ୍କ ସହିତ ଦଳରେ ସ୍ଥାନ ପାଇଥିବା ଭେଟେରାନ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଷ୍ଟ୍ରାଇକର ଆଞ୍ଜେଲ ଡି' ମାରିଆ (୩୪), ଡିଫେଣ୍ଡର ନିକୋଲାସ ଓଟାମେଣ୍ଡି (୩୪) ଓ ଗୋଲ୍‌କିପର ଫ୍ରାଙ୍କୋ ଅର୍ମାନୀ (୩୬)। ୨୦୧୮ ବିଶ୍ୱକପ୍ ପରେ ଆର୍ଜେଣ୍ଟିନା ଏହାର ଫୁଟ୍‌ବଲ ଦଳର ନବୀକରଣ କରିଛି। ଦଳରେ ସ୍ଥାନ ପାଇଥିବା ଫରୱାର୍ଡ ଲାଉଟାରୋ ମାର୍ଟିନେଜ୍ ଓ ମିଡ୍‌ଫିଲ୍ଡର ଏଞ୍ଜୋ ଫର୍ନାଣ୍ଡିଜ ଜାତୀୟ ଦଳ ତରଫରୁ ୨ଟି ଗେମ୍ ଖେଳିଛନ୍ତି। ବେନିଫିକା ସହ ପ୍ରଥମ ସିଜନରେ ଫର୍ନାଡିଜ୍ ୟୁରୋପିଆନ ଫୁଟ୍‌ବଲ ସହ ଖୁବ୍ ଶୀଘ୍ର ନିଜକୁ ଖାପ ଖୁଆଇ ନେଇ ପାରିଛନ୍ତି। ମେସିଙ୍କୁ ସୁରକ୍ଷା ଦେବା ରୋଡ୍ରିଗୋ ଡି' ପଲ୍‌ଙ୍କ ଅତିରିକ୍ତ ଦାୟିତ୍ୱ ରହିବ। ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର ଜୁଲିଆନ ଅଲ୍‌ଭାରେଜଙ୍କୁ ମଧ୍ୟ ଦଳରେ ନିଆଯାଇଛି। କିନ୍ତୁ ୟୁରୋପରେ ସିଜନ ଆରମ୍ଭ ଭଲ ରହିଥିଲେ ମଧ୍ୟ ସ୍କୋଲାନି ଦୁଇ ଫରୱାର୍ଡ ଆଟଲେଟିକେ ମାଡ୍ରିଡ୍‌ର ଆଞ୍ଜେଲ କୋରିଆ ଓ ନାପୋଲିର ଜିଓଭାନୀ ସିମୋନ୍‌ଙ୍କୁ ଦଳରେ ନେଇ ନାହାନ୍ତି। ଗତ ମାସ ଶେଷରେ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ମିଡ୍‌ଫିଲ୍ଡର ଜିଓଭାନୀ ଲୋ ସେଲ୍‌ସୋଙ୍କୁ ଟୁର୍ନାମେଣ୍ଟରୁ ବାଦ୍ ଦିଆଯାଇଛି। ତେବେ ଅକ୍ଟୋବର ୯ରେ ଷ୍ଟ୍ରାଇକର ପାଉଲୋ ଡିବାଲାଙ୍କ ବାମ ଗୋଡ଼ ମାଂସପେଶୀରେ ଇଞ୍ଜୁରି ଦେଖା ଦେଇଥିଲେ ମଧ୍ୟ ଦଳକୁ ଫେରିବାରେ ସମର୍ଥ ହୋଇଛନ୍ତି। କାତାର ବିଶ୍ୱକପ୍ ଗ୍ରୁପ୍ ସି'ରେ ଆର୍ଜେଣ୍ଟିନା ଏହାର ପ୍ରଥମ ମ୍ୟାଚ ନଭେମ୍ବର ୨୨ରେ ସୌଦି ଆରବ ବିପକ୍ଷରେ ଖେଳିବ। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଦଳ ହେଲେ ମେକ୍ସିକୋ ଓ ପୋଲାଣ୍ଡ।


ଲିଓନେଲ ମେସି







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ନାବାଳିକା ଗୁରୁତର

**ଚଣ୍ଡିଖୋଲ,୧୨।୧୧(ଡି.ଏନ.ଏ.):** ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ହରିଦାସପୁର-ପାରାଦୀପ ରେଳପଥରେ ଶନିବାର ଏକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ନାବାଳିକା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ପଞ୍ଚାୟତ ମହମ୍ମଦନଗର ଗ୍ରାମର ଚୁନି ବିବିଙ୍କ ୮ ବର୍ଷର ଝିଅ ଗୁଲ୍ସା ପରବିନ୍। ଗୁଲ୍ସା ଗ୍ରାମ ନିକଟ ଦେଇ ଯାଇଥିବା ହରିଦାସପୁର-ପାରାଦୀପ ରେଳପଥ ଉପରକୁ ଆସି ସେଥିରେ ଚାଲି ଚାଲି ବାଲିଚନ୍ଦ୍ରପୁର ଆଡକୁ ଯାଉଥିଲେ। ଏହି ସମୟରେ ପାରାଦୀପ ଆଡୁ ହରିଦାସପୁର ଅଭିମୁଖେ ଏକ ମାଲବାହୀ ଟ୍ରେନ ଆସିଥିଲା। ଟ୍ରେନ୍ ଡ୍ରାଇଭର ଗୁଲ୍ସାଙ୍କୁ ଦେଖି ହର୍ନ ମାରିଥିଲେ। ହର୍ନ ଶୁଣି ସେ ଟ୍ରାକ୍ ଉପରେ ଦୌଡ଼ିବାରୁ ଡ୍ରାଇଭର ଟ୍ରେନ୍‌କୁ ଅଟକାଇଥିଲେ। ଏହି ରେଳ ଧାରଣାର ପତରାଜପୁରଠାରେ ଟ୍ରେନ୍‌କୁ ଡ୍ରାଇଭର ଅଟକାଇବା ସମୟରେ ଟ୍ରେନଟି ଗୁଲ୍ସାଙ୍କ ଦେହରେ ସାମାନ୍ୟ ଧକ୍କା ହୋଇଥିଲା। ଗୁଲ୍ସାଙ୍କ ହାତ ଟ୍ରାକ୍ ଉପରେ ପଡ଼ିଯିବାରୁ ତାଙ୍କ ହାତରେ ଟ୍ରେନ୍ ଚଢ଼ି ଯାଇଥିଲା।

### ଆଜି ଉଦ୍‌ଯାପନ ହେବ ଜନସମ୍ପର୍କ ପଦଯାତ୍ରା

**ଚଣ୍ଡିଖୋଲ,୧୨।୧୧(ଡି.ଏନ.ଏ.):** ବଡ଼ଚଣା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ଅକ୍ଟୋବର ୨ରୁ ଏହି ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇ ନଭେମ୍ବର ୨ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ଚାଲିବ ବୋଲି ଘୋଷଣା ହୋଇଥିଲା। ମାତ୍ର ଧାମନଗର ଉପନିର୍ବାଚନ ନିମନ୍ତେ ଏହା ବିଳମ୍ବ ହୋଇଛି। ସେଥିପାଇଁ ଅନ୍ତିମ ପର୍ଯ୍ୟାୟ ପଦଯାତ୍ରା ରବିବାର ସକାଳେ ବଡ଼ଚଣାରୁ ବାହାରି ଚଣ୍ଡିଖୋଲ ଛକଠାରେ ଶେଷ ହେବ। ବଡ଼ଚଣା ବିଧାୟକ ଅମର ଶତପଥୀଙ୍କ ନେତୃତ୍ୱରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଯୋଗଦେବେ ବୋଲି ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ ପ୍ରକାଶ କରିଛନ୍ତି।

### ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

**ରସୁଲପୁର,୧୨।୧୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମ ନିବାସୀ ପୂର୍ବତନ ପ୍ରଧାନଶିକ୍ଷକ ଘନଶ୍ୟାମ ସିଂହ (୭୩)ଙ୍କ ପରଲୋକ ହୋଇଛି। ତାଙ୍କ ବିୟୋଗରେ ଶିକ୍ଷକଙ୍କ ମହଲରେ ଶୋକର ଛାୟା ଖେଳିଯାଇଛି। ସେ ବ୍ଲକ ଅଞ୍ଚଳରେ ଜଣେ ଶିକ୍ଷକ ନେତା ଭାବେ ପରିଚିତ ଥିଲେ। ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଭାବେ ଦୀର୍ଘବର୍ଷ ଦାୟିତ୍ୱରେ ରହିଥିଲେ। ଏଥିସହ ମୂଳ ଖରସ୍ରୋତା ସମିତିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା, ବିଭିନ୍ନ ସାମାଜିକ ସଂଗଠନରେ ନିଜକୁ ସାମିଲ କରି ସାମାଜିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ତାଙ୍କ ବିୟୋଗ ଖବର ପାଇ ଶିକ୍ଷାବିତ୍ ଜିତେନ୍ଦ୍ର କର, ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ଶିକ୍ଷକ ସଂଘ କାର୍ଯ୍ୟକର୍ତ୍ତା, ବିଭିନ୍ନ ସଂଗଠନର ସଦସ୍ୟ, ଗ୍ରାମର ମୁରବୀମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଅଞ୍ଚଳ ପରିକ୍ରମା କରାଯିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ମନୋରଞ୍ଜନ ସିଂହ ମୁଖାଗ୍ନି ଦେଇଥିଲେ।

# ନୂଆମାହାରା ବାମପାର୍ଶ୍ୱ ନଦୀବନ୍ଧ ବିପର୍ଯ୍ୟସ୍ତ

**ଯାଜପୁର ଅଫିସ/ପ୍ରୀତିପୁର (ଡି.ଏନ.ଏ.),୧୨।୧୧**



ନୂଆମାହାରା ନଦୀବନ୍ଧ ରାସ୍ତା।

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ ଓ ଏହାର ଶାଖାନଦୀଗୁଡ଼ିକରେ ବନ୍ୟା ଯୋଗୁ ପ୍ରାୟ ପ୍ରତିବର୍ଷ ନଦୀବନ୍ଧ ପରିଚାଳନାର ଶୋଚନୀୟ ଅବସ୍ଥାକୁ ସୂଚାଉଛି। ସରକାର ପ୍ରତିବର୍ଷ ବିପୁଳ ଟଙ୍କା ଖର୍ଚ୍ଚ କରି କେବଳ ବନ୍ଧବାଡ଼ ମରାମତି କରୁଛନ୍ତି, ହେଲେ ତାହା ଫଳପ୍ରଦ ହେଉନାହିଁ। ନିମ୍ନମାନର ନଦୀବନ୍ଧ ନିର୍ମାଣ ଏବଂ ଏହାର ମରାମତି କାର୍ଯ୍ୟ ଯୋଗୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବ୍ୟାପକ କ୍ଷତି ଘଟୁଛି। କେତେଜଣ ଅନଭିଜ୍ଞ ପେଟି କଣ୍ଟ୍ରାକ୍ଟରଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ନଦୀବନ୍ଧ ମରାମତି କାର୍ଯ୍ୟକୁ ହାଲୁକା ଭାବେ ଗ୍ରହଣ କରାଯାଇଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ଜଳସମ୍ପଦ ଉପବିଭାଗ ଅଧୀନ ସିଂହପୁର ଜଳସମ୍ପଦ ସେକ୍ସନ ଅନ୍ତର୍ଗତ ନୂଆମାହାରା ବାମପାର୍ଶ୍ୱ ନଦୀବନ୍ଧ ମରାମତି କାର୍ଯ୍ୟରେ। ଏହି ନଦୀବନ୍ଧ ଉପରେ କୌଣସି ସ୍ଥାୟୀ ନିର୍ମାଣ ନ କରି ପ୍ରତିବର୍ଷ ଠିକାଦାରଙ୍କୁ ପୋଷିବାକୁ ବିନା ଟେଣ୍ଡରରେ ପ୍ରାୟ ୫ ଲକ୍ଷ ଟଙ୍କାର କାମ ହେଉଥିବା ଅଭିଯୋଗ ହେଉଛି।

ବୈତରଣୀ ଏବଂ ତା'ର ଶାଖାନଦୀଗୁଡ଼ିକରେ ଯାଜପୁର ଜିଲାରେ ପ୍ରାୟ ୪୦୦ କିଲୋମିଟର ନଦୀବନ୍ଧ ରହିଛି। ସ୍ୱତନ୍ତ୍ର ରିଲିଫ କମିଶନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନୁଦାନ ବିନିଯୋଗ ହେଉଛି ସିନା ସ୍ଥାୟୀ ପ୍ରତିକାର ଦିଗରେ ଆଦୌ ଆନ୍ତରିକତା ନ ଥିବା ମନେହେଉଛି। ୧୬।୯।୨୦୨୦ରେ ବିଞ୍ଝାରପୁର ବିଧାୟିକା ତଥା ବର୍ତ୍ତମାନର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ, ପୁନରୁଦ୍ଧାର, ସୁରକ୍ଷା, ଉନ୍ନତୀକରଣ ଆଦି କାର୍ଯ୍ୟ ପାଇଁ ଜଳ ସମ୍ପଦ ବିଭାଗକୁ ପତ୍ର ଲେଖିଥିଲେ। ଏଥିରେ ବୈତରଣୀ ନଦୀବନ୍ଧ ଡାହାଣ ପାର୍ଶ୍ୱ ବ୍ରହ୍ମଚାରୀପାଟଣାଠାରୁ କୟାଁଗୋଲା, ଖରସ୍ରୋତା ନଦୀବନ୍ଧର ଡାହାଣ ପାର୍ଶ୍ୱ ରାଉତରାଠାରୁ କଣ୍ଟିପୁର, ଖରସ୍ରୋତା ନଦୀବନ୍ଧର ବାମପାର୍ଶ୍ୱ ବାଛୋଳଠାରୁ

### ବିନା ଟେଣ୍ଡରରେ ହେଉଛି କାମ

ବାଙ୍ଗରା, ନୂଆମାହାରା ନଦୀବନ୍ଧର ବାମପାର୍ଶ୍ୱ ନୂଆବାଙ୍କଠାରୁ ଧରମପୁର, ନୂଆମାହାରା ନଦୀବନ୍ଧର ଡାହାଣ ପାର୍ଶ୍ୱ ଜରିଠାରୁ ପଣାସ, ଡାହାଣପାର୍ଶ୍ୱ ନଦୀବନ୍ଧ କେନାଲ ମନ୍ଦାରଖଣ୍ଡଠାରୁ ଶାସନପଡ଼ା, କାଣୀ ନଦୀବନ୍ଧର ବାମ ଓ ଡାହାଣ ପାର୍ଶ୍ୱର କୟାଁଗୋଲାଠାରୁ ଦଉପୁର, ଖରସ୍ରୋତା ନଦୀବନ୍ଧର ବାମପାର୍ଶ୍ୱ ବାଛୋଳଠାରୁ ସିଂହପୁର, ଜରିଠାରୁ ବାଙ୍ଗରା ଓ କରୁଣାଠାରୁ ବଗମରା ଇତ୍ୟାଦି ନଦୀବନ୍ଧର ସୁଦୃଢ଼ୀକରଣ କରିବାକୁ ଅନୁରୋଧ କରିଥିଲେ। ସେହିବର୍ଷ ଅର୍ଥାତ ଅଗଷ୍ଟ ଶେଷ ବେଳକୁ ଜିଲାରେ ପ୍ରଳୟଙ୍କରୀ ବନ୍ୟାରେ ବୈତରଣୀ, ବ୍ରାହ୍ମଣୀ ଏବଂ ଏହାର ଶାଖାନଦୀଗୁଡ଼ିକରେ ୨୫ଟି ଘାଇ ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଧାୟିକା ମଲ୍ଲିକ ନଦୀବନ୍ଧଗୁଡ଼ିକର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ ନୂଆମାହାରା ବାମପାର୍ଶ୍ୱ ନଦୀବନ୍ଧ ସିଂହପୁର ବଜାରଠାରୁ ନାଉବାଙ୍କ ଗ୍ରାମଦେଇ ସିଧାସଳଖ କେନ୍ଦ୍ରାପଡା ଜିଲାର ପଣସଗଣ୍ଡ ପଞ୍ଚାୟତକୁ ସଂଯୋଗ କରୁଥିବା ନଦୀବନ୍ଧ ନିର୍ମାଣ ଓ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖାଯିବା ସହିତ ଏହାର ସ୍ଥାୟିତ୍ୱ ପ୍ରତି ସନ୍ଦେହ ସୃଷ୍ଟି ହେଉଛି। ପ୍ରାୟ ୭ କିଲୋମିଟର ଏହି ନଦୀବନ୍ଧ ଉପରେ ନିକଟସ୍ଥ ହଳଦୀଡ଼ିହ, ବାଙ୍ଗରା, ଜରି ସମେତ ନିକଟସ୍ଥ କେନ୍ଦ୍ରାପଡ଼ା ଜିଲାର ପଣସଗଣ୍ଡ ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ। ଏହି ନଦୀବନ୍ଧ ସୁଦୃଢ଼ୀକରଣ ଓ ଏହା ଉପରେ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଓଡ଼ିଶା କନଷ୍ଟ୍ରକ୍ସନ୍ କର୍ପୋରେଶନ(ଓସିସି)କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଉକ୍ତ ରାସ୍ତା ବିପର୍ଯ୍ୟସ୍ତ ହୋଇଥିଲା। ଫଳରେ ଉକ୍ତ ରାସ୍ତାର ପୁନଃନିର୍ମାଣ ଓ ନଦୀବନ୍ଧର ସୁଦୃଢ଼ୀକରଣ ନିମନ୍ତେ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ମାତ୍ର ଯନ୍ତ୍ରୀ-ଠିକାଦାର ଓ ରାଜନେତାଙ୍କ ଅସାଧୁ ମେଣ୍ଟ ଯୋଗୁ ଉକ୍ତ ରାସ୍ତାର ସ୍ଥାୟୀ ନିର୍ମାଣ କରା ନ ଯାଇ ଚଳିତବର୍ଷ ବିଭାଗ ପକ୍ଷରୁ କ୍ରଶର ଡଷ୍ଟ ପକାଯାଉଥିବା ଦେଖାଯାଇଛି, ଯାହା ସାମାନ୍ୟ ବର୍ଷାରେ ଧୋଇଯାଉଛି। ତେଣୁ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହିତ ଏହି ରାସ୍ତାକୁ ସ୍ଥାୟୀ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ନୂଆ ପ୍ରକଳ୍ପ ପାଇଁ ଏବେ ଅର୍ଥ ନାହିଁ। ତେଣୁ ଏବେ ଅସ୍ଥାୟୀ ମରାମତି ହେବା ସହିତ ଅନୁଦାନ ଆସିଲେ ନଦୀବନ୍ଧ ଉପରେ ସ୍ଥାୟୀ ରାସ୍ତା ନିର୍ମାଣ କରାଯିବ।

## ସୁଜନପୁର-କାକୁଡ଼ିକୁଦ ରାସ୍ତାର ଭିତ୍ତିପ୍ରସ୍ତର

**ଯାଜପୁର ସଦର,୧୨।୧୧(ଡି.ଏନ.ଏ.)**

ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଶନିବାର ଯାଜପୁର ବ୍ଲକ୍ ଅନ୍ତର୍ଗତ ସୁଜନପୁର-କାକୁଡ଼ିକୁଦ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନିର୍ଦ୍ଧାରିତ ସମୟରେ ମନ୍ତ୍ରୀ ସୁଜନପୁର ପଞ୍ଚାୟତର ତାରିଣୀ ଛକ ନିକଟରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଥିବା ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ନିର୍ବାଚନମଣ୍ଡଳୀ ସଂଯୋଜକ ଦେବେନ୍ଦ୍ର ଦାସ, ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ବରିଷ୍ଠ ନେତା କୁଳମଣି ବିଶ୍ୱାଳ, ସୁଜନପୁର ସରପଞ୍ଚ ବିଷ୍ଣୁପ୍ରିୟା ମହାକୁଡ଼, ଖାଲପଡ଼ା ସରପଞ୍ଚ ଭାରତୀ ମଲିକ, ଗଣେଶ ମହାକୁଡ଼, ସମିତିସଭ୍ୟ ନାରାୟଣ ଜେନା, ଯୁବନେତା ଅନିଲ କୁମାର ସାହାଣୀ, ପ୍ରତାପ ମହାନ୍ତି, ବାବିନ ବିଶ୍ୱାଳ ପ୍ରମୁଖ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଏକ ବାଇକ୍ ଶୋଭାଯାତ୍ରାରେ ମନ୍ତ୍ରୀଙ୍କୁ ସୁଜନପୁର କଲେଜ ଛକ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ ସୁଜନପୁର-କାକୁଡ଼କୁଦ ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧୀନ ୮ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପରେ ମନ୍ତ୍ରୀ ବରୀ ନିର୍ବାଚନମଣ୍ଡଳୀର ବହୁ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ଓ ଶୁଭାରମ୍ଭ କରିଥିଲେ।

# ନଫରତ ଛାଡ଼ି ସମ୍ବିଧାନ ବଞ୍ଚାଅ ପଦଯାତ୍ରା



ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ସମ୍ବିଧାନ ବଞ୍ଚାଅ ପଦଯାତ୍ରା।

**ରସୁଲପୁର,୧୨।୧୧(ଡି.ଏନ.ଏ.)**

ଯାଜପୁର ଜିଲା ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବ ସଂଗଠନ ପକ୍ଷରୁ ରାଷ୍ଟ୍ରୀୟସ୍ତରରେ ନଫରତ ଛାଡି ସମ୍ବିଧାନ ବଞ୍ଚାଅ ପଦଯାତ୍ରା ଆରମ୍ଭ ହୋଇଛି। ଏହି ପଦଯାତ୍ରା ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ବ୍ଲକ୍ ପରିସରରେ ଥିବା ଧର୍ମଶାଳାର ଗାନ୍ଧୀ ଭାବେ ପରିଚିତ ପରମାନନ୍ଦ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟଦେଇ ପଦଯାତ୍ରୀ ଅଭିଯାନ ଆରମ୍ଭ କରିଥିଲେ। ବିପଥଗାମୀ ଦେଶକୁ ଠିକ୍ ମାର୍ଗରେ ଆଣିବା ପାଇଁ ଆଉ ଏକ ଆନ୍ଦୋଳନର ଆବଶ୍ୟକତା ରହିଛି। ଦେଶରେ ବେରୋଜଗାରୀ, ଭ୍ରଷ୍ଟାଚାର ସୀମା ଲଂଘିଛି। ସାମ୍ପ୍ରଦାୟିକ ଓ ରାଜନୈତିକ ଶକ୍ତି ଦେଶକୁ ବିଭାଜିତ କରୁଛନ୍ତି। ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ତଥା ରୋଜଗାରରେ ସମୃଦ୍ଧ ନ କରି ନିଶାଦ୍ରବ୍ୟ ଆପଣେଇବା ପାଇଁ ପ୍ରୋତ୍ସାହିତ କରାଯାଉଛି। ଏଭଳି ଏକ ବିପଦପୂର୍ଣ୍ଣ ରାସ୍ତାରେ ଅଗ୍ରସର ଦେଶକୁ ଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ଆଉ ଏକ ସ୍ୱାଧୀନତା ସଂଗ୍ରାମର ଆବଶ୍ୟକତା ମନେକରି ଏହିଭଳି ଏକ ପଦଯାତ୍ରା ସଂଗଠନ ପକ୍ଷରୁ ଆୟୋଜନ କରାଯାଉଛି ବୋଲି କୁହାଯାଇଛି। ଧର୍ମଶାଳା ବ୍ଲକର ବୃନ୍ଦାଦେଇ ପଞ୍ଚାୟତସ୍ଥିତ ଶହୀଦ ବାଜିରାଉତ ସ୍ମୃତି ମଣ୍ଡପଠାରେ ପଦଯାତ୍ରା ଉଦ୍‌ଯାପିତ ହେବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ପଦଯାତ୍ରାରେ ଜିଲା ସର୍ବୋଦୟ ମଣ୍ଡଳର ସଭାପତି ରାମଚନ୍ଦ୍ର ଶୁକ୍ଳଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଖବରଦାତା ରବି ଦାସ, ମୁଖ୍ୟବକ୍ତା ବିଚାରପତି ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି କୁଳମଣି ଶୁକ୍ଳ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ, ଗାନ୍ଧିବାଦୀ ସ୍ତମ୍ଭକାର ମିହିର ପ୍ରତାପ ଦାସ, ପ୍ରଦୀପ ସାହୁ, ଗୟାଧର ମଲିକ, ଶଶିକାନ୍ତ ମଲିକ, ଗୋଲକ ବିହାରୀ ମଲ୍ଲିକ, ଗୋଲକ ଚନ୍ଦ୍ର ପଲାଇ, ଦୁର୍ଗା ପ୍ରସନ୍ନ ଦାସ, ବ୍ରଜମୋହନ ଚମ୍ପିଆ, ଆଦିତ୍ୟ ମହାନ୍ତ, ପଙ୍କଜ କୁମାର ମଲିକ, କାଳନ୍ଦୀ କଣ୍ଡ, ବିଜୟ କୁମାର ପରିଡା, ସର୍ବୋଦୟ ମଣ୍ଡଳର ଜିଲା ସମ୍ପାଦକ ଦେବବ୍ରତ ରାଉତ, ମାନସ ପଟ୍ଟନାୟକ ଓ ଦୀପ୍ତିମୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଦଯାତ୍ରୀ ଦଳ ରସୁଲପୁର, ରାହାମ୍ବା, ବାରବାଟୀ, ସିଂହାପୁର ଆଦି ପଞ୍ଚାୟତ ପରିକ୍ରମା କରୁଥିବା ବେଳେ ନଫରତ ଛାଡ ସମ୍ବିଧାନ ବଞ୍ଚାଅ ଭଳି ନାନା ସ୍ଲୋଗାନ ଦେଇଥିଲେ।

## ବୁଣାକାର ମହାସଂଘ ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ

**ରସୁଲପୁର,୧୨।୧୧(ଡି.ଏନ.ଏ.)**

ରସୁଲପୁର ବ୍ଲକ୍‌ଅଞ୍ଚଳରେ ଓଡ଼ିଶା ବୁଣାକାର ମହାସଂଘର ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଓଡ଼ିଶା ବୁଣାକାର ମହାସଂଘର ୱାର୍କସ୍ କମିଟି ନିଷ୍ପତ୍ତି ଓ ସଂଘ ଉପଦେଷ୍ଟା ପଦ୍ମଶ୍ରୀ ଗୋବର୍ଦ୍ଧନ ପାଣିକାଙ୍କ ପ୍ରସ୍ତାବକ୍ରମେ ମହାସଂଘ ନୂତନ କର୍ମକର୍ତ୍ତାଙ୍କୁ ୪ବର୍ଷ ପାଇଁ ମନୋନୀତ କରାଯାଇଛି। ରସୁଲପୁର ବ୍ଲକ ଅଞ୍ଚଳର ବୁଣାକାର ନେତା ଶ୍ରୀଧର ବେହେରାଙ୍କୁ ମହାସଂଘ ସଭାପତି ମନୋନୀତ କରାଯାଇଛି। ଉପସଭାପତି ଭାବେ ବୁଣାକାର ନେତା ସଞ୍ଜୟ କୁମାର ମେହେର, ପ୍ରହ୍ଲାଦ ମହନ୍ତ, ଶ୍ରୀକାନ୍ତ ନାୟକ, ଶରତ କୁମାର ଦାସ, ପ୍ରସନ୍ନ ମେହେର, ପର୍ଶୁରାମ ସାହୁ, ସମ୍ପାଦକ ପ୍ରତାପ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗୁଇଁ, ସମୀର ମେହେର, ରଞ୍ଜନ କୁମାର ପାତ୍ର, ବିଜୟ ନନ୍ଦି, ରମେଶ ଚନ୍ଦ୍ର ସିଂ, ସହସମ୍ପାଦକ ଦୁଃଖୀଶ୍ୟାମ ମେହେର, ଶଙ୍କର୍ଷଣ ବେହେରା, କୋଷାଧ୍ୟକ୍ଷ ବିଶ୍ୱନାଥ ଦାସ, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁଙ୍କୁ ମନୋନୀତ କରାଯାଇଛି। ମହାସଂଘ ପରାମର୍ଶଦାତା ପଦ୍ମଶ୍ରୀ ପ୍ରଭାକର ମହାରଣା, ବାନ୍ଧଶିଳ୍ପୀ ସୁରେନ୍ଦ୍ର କୁମାର ମେହେର, ରମେଶ ଚନ୍ଦ୍ର ଦାସ, ଜମ୍ଭେଶ୍ୱର ବେହେରା କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାମମନ୍ଦିର ପରିସରରେ ମହାସଂଘର କାର୍ଯ୍ୟକର୍ତ୍ତା ମନୋନୟନ ହୋଇଥିଲା। ବୁଣାକାର ନେତା ମକରଧ୍ୱଜ ଗୁଇଁ, ହେମନ୍ତ କୁଣ୍ଡୁ, ଗୋବିନ୍ଦ ଚନ୍ଦ୍ର ଦାସ, ହରିହର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ଜମ୍ଭେଶ୍ୱର ବେହେରା ଅଧ୍ୟକ୍ଷତା କରିଥିଲେ।

## 'ପୁସ୍ତକ ମଣିଷକୁ ମାର୍ଗଦର୍ଶନ କରାଏ'




ପୁସ୍ତକମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୧୨।୧୧(ଡି.ଏନ.ଏ.)**

### ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଘାଟିତ

ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ବାଣୀପୀଠ ଖେଳ ପଡ଼ିଆରେ ଶନିବାର ସନ୍ଧ୍ୟାରେ ୫ମ ଧର୍ମଶାଳା ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ପୂର୍ବତନ ଏମ୍‌ପି ରୀତା ତରେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିବା ସହ ପୁସ୍ତକ ଜ୍ଞାନର ଭଣ୍ଡାର। ପୁସ୍ତକଟିଏ ଜୀବନ ବ୍ୟାପୀ ମଣିଷକୁ ମାର୍ଗ ଦର୍ଶନ କରାଏ ବୋଲି ମତବ୍ୟକ୍ତ କରିଥିଲେ। କମିଟି ସଭାପତି ତଥା ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭାରେ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ପୁସ୍ତକ ସଂସ୍କାର ଆଣି ଦେଇଥାଏ। ମଣିଷ ପୁସ୍ତକ ପଢ଼େ ଓ ପୁସ୍ତକ ମଣିଷକୁ ଗଢ଼େ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଯୋଗଦେଇ ପୁସ୍ତକର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନିଗମାନନ୍ଦ ବିଶ୍ୱାଳ ସୂଚନା ଦେଇଥିବାବେଳେ କମିଟି ସମ୍ପାଦକ ତଥା ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ବିବରଣୀ ପ୍ରଦାନ କରିଥିଲେ। ସାହିତ୍ୟିକ ଅର୍ଜୁନ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ମଙ୍ଗଳାଷ୍ଟକ ପାଠ କରିଥିଲେ। ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିବା ବେଳେ ମନୋଜ କୁମାର ରଣା ଧନ୍ୟବାଦ ଦେଇଥିଲେ। ଏହି ପୁସ୍ତକ ମେଳା ୬ ଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ପ୍ରତ୍ୟେକ ସନ୍ଧ୍ୟାର ସାରସ୍ୱତ ସଭାରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।ମେଳାର ବିଭିନ୍ନ ଷ୍ଟଲରେ ରାଜ୍ୟ ଓ ରାଜ୍ୟ ବାହାରର ନାମିଦାମୀ ପ୍ରକାଶକଙ୍କ ପୁସ୍ତକ ବିକ୍ରି କରଯାଉଛି।

# ଶୁଭ ସକାଳର ବାର୍ଷିକ ଉତ୍ସବ

**ଧର୍ମଶାଳା,୧୨।୧୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଅଞ୍ଚଳର ଶୁଭ ସକାଳ ଶିଶୁ ସାହିତ୍ୟ ଅନୁଷ୍ଠାନର ଅଷ୍ଟମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ ଶନିବାର ଜାରକାସ୍ଥିତ ସିଭିକ୍‌ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ବାଲ୍ ସାହିତ୍ୟ ପୁରସ୍କାର ବିଜେତା, ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ଦାଶ ବେନହୁର ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ସାହିତ୍ୟ ସମସ୍ତଙ୍କୁ ଛୁଏଁ ଓ ସାହିତ୍ୟର ଆରମ୍ଭ ହୋଇଛି ପ୍ରକୃତିରୁ। ଶିଶୁ ସାହିତ୍ୟ କହିଲେ ତାହା ପ୍ରକୃତରେ ପିଲାଙ୍କ ଉଦ୍ଦିଷ୍ଟ ସାମଗ୍ରିକ ସାହିତ୍ୟର ରୂପରେଖ ବୁଝାଏ ନାହିଁ। କାରଣ ପିଲା କହିଲେ ସେମାନେ ବିଭିନ୍ନ ପର୍ଯ୍ୟାୟର ଯଥା ଶିଶୁ, କିଶୋର ଆଦି। ସେମାନଙ୍କର ଭାଷା ଭାବ ଭିନ୍ନ ଭିନ୍ନ ପର୍ଯ୍ୟାୟ ବୋଲି ସେ କହିଥିଲେ। ଅନୁଷ୍ଠାନ ସଭାପତି ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଅନୁଷ୍ଠାନର ଉପସଭାପତି ମିନତି ସାହୁ ସଞ୍ଚାଳନ କରିଥିଲେ। ମୁଖ୍ୟବକ୍ତାଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ରବିନ୍ଦ୍ର ନାଥ ମାଝି ଯୋଗଦେଇ ଶିଶୁଙ୍କୁ ଆନନ୍ଦ, ସୁଖ ଓ ସଖ୍ୟ ଦେବା ପାଇଁ ଶିଶୁ ସାହିତ୍ୟର ସୃଷ୍ଟି ବୋଲି କହିଥିଲେ। ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ପଦ୍ମଜା ଶରଣ ବେଦମନ୍ତ୍ର ପାଠ କରିଥିବାବେଳେ ସାଇକୃପା ଓ ରତ୍ନପୂର୍ଣ୍ଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ସନ୍ତୋଷ କୁମାର ସେଠୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶୁଭସକାଳ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ଶିଶୁ ସାହିତ୍ୟିକ ଦାଶ ବେନହୁରଙ୍କୁ ଶୁଭସକାଳ ପୁରସ୍କାର ସମ୍ମାନ, ଡ. ରବୀନ୍ଦ୍ର ନାଥ ମାଝିଙ୍କୁ ବଂଶୀଧର ସେଠୀ ଶିଶୁ ସାହିତ୍ୟ ସମ୍ମାନ, ଡା. ନିହାର ରଞ୍ଜନ କରଙ୍କୁ ଡା. ରମେଶ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ, ଆଦିକନ୍ଦ ସ୍ୱାଇଁଙ୍କୁ ବଂଶୀଧର ସେଠୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ମାନପତ୍ରଗୁଡ଼ିକୁ ପ୍ରେମଲତା ମହାରଣା, ମାଧୁରୀ ଶତପଥୀ, ସବିତା ମିଶ୍ର, ଗଣେଶ୍ୱର ବେହେରା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ, ଉପଦେଷ୍ଟା ରମାକାନ୍ତ ଜେନା, ଶିଶୁ ପ୍ରତିଭା ସମ୍ପାଦକ ପ୍ରକାଶ ମଙ୍ଗରାଜ, ଡ. ଇନ୍ଦୁପ୍ରଭା ସାମଲ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଶୁଭସକାଳ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ରାସ୍ତା ଉନ୍ନତୀକରଣ ପାଇଁ ଶିଳାନ୍ୟାସ

**ରସୁଲପୁର,୧୨।୧୧(ଡି.ଏନ.ଏ.)**

- ୧୦.୪୫ କୋଟି ବ୍ୟୟବରାଦ
- ୧୫ ପଞ୍ଚାୟତର ୬୩ହଜାର ଲୋକ ଉପକୃତ ହେବେ

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ(ମୂଳାପାଳ ଛକ)ଠାରୁ ବନ୍ଧଡ଼ିହ ରାସ୍ତାର ଉନ୍ନତିକରଣ କରାଯିବ। ଗ୍ରାମ୍ୟ ଉନ୍ନୟନ ବିଭାଗ ଜାରକା-୨ ପକ୍ଷରୁ ୧୫ କି.ମି. ଲମ୍ବ ଏହି ରାସ୍ତାର ଉନ୍ନତିକରଣ ପାଇଁ ୧୦.୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାସ୍ତାକୁ ପୂର୍ଣ୍ଣାଙ୍ଗିକରଣ କରାଗଲେ ୧୫ଟି ପଞ୍ଚାୟତର ୬୩ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଗମନାଗମନ ସୁବିଧା ମିଳିବ ବୋଲି ସୂଚନା ମିଳିଛି।

ଶନିବାର ପୂର୍ବାହ୍ନ ସାଢ଼େ ୯ଟାରେ ଗ୍ରାମ୍ୟ ଉନ୍ନୟନ ବିଭାଗ-ଜାରକା ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ରାସ୍ତା ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏଥିସହ ମନ୍ତ୍ରୀ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ଶେଷକରିବା ସହ ଜନସାଧାରଣଙ୍କ ଗମନାଗମନ ସୁବିଧାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।



ମନ୍ତ୍ରୀ ରାସ୍ତା କାର୍ଯ୍ୟର ଶିଳାନ୍ୟାସ କରୁଛନ୍ତି।

ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ରସୁଲପୁର ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ, ନିର୍ବାହୀ ଯନ୍ତ୍ରୀ ଜଳନ୍ଧର ବେହେରା, କନିଷ୍ଠ ଯନ୍ତ୍ରୀ ଭୀମସେନ ମହାରଣା, ସରପଞ୍ଚ ଦୁର୍ଗା ଦାସ, ସ୍ୱର୍ଣ୍ଣଲତା ସାହୁ, ମମତା ଶୁଭଦର୍ଶିନୀ ଦେଓ, ବିକ୍ରମ ବେହେରା, ସମିତିସଭ୍ୟ ପ୍ରିୟରଞ୍ଜନ ସାହୁ, ପଦ୍ମିନୀ ରଣା, ପୂର୍ବତନ ଜିଲାପରିଷଦ ସଭ୍ୟ ଚତୁର୍ଭୁଜ ଦ୍ୱିବେଦୀ, ବେଣୁଧର ସାମଲ, ପୂର୍ବତନ ସରପଞ୍ଚ ସୁଶାନ୍ତ ବେହେରା, ଅଭିମନ୍ୟୁ ମହାଳିକ, ବିଜୟ ଜେନା, ବିଜୟ ଦାସ, ଶଶିଭୂଷଣ ଦାସ, ବେଣୁଧର ଦାସ, ଅକ୍ରୁର ଅଲ୍ଲୀ, ଅର୍ଜୁନ ନାୟକ, ସୂର୍ଯ୍ୟମଣି ବେହେରା, ମଦନ ମଲିକ, ରାକେଶ ଦେଓ, ହିମାଂଶୁ ନାୟକ, ଏମାମ୍ ଉଦ୍ଦିନ, ରାମଚନ୍ଦ୍ର ସେଠୀ, ଜୟପ୍ରକାଶ ଦାଶ, ଅଲେଖ ପଲେଇ, ସନ୍ତୋଷ ସାମଲ, ଅବିନାଶ ରଣା, ସମବାୟ ନେତା ବିଦ୍ୟାଧର କରଣ, ନରେଶ ମହାନ୍ତି, ରାମଚନ୍ଦ୍ର ସାହୁ, ଅସଜଦ୍ ହୋସେନଙ୍କ ସମେତ ବହୁ ଜନପ୍ରତିନିଧି ଯୋଗଦେଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏକ ବିରାଟ ପଟୁଆରରେ ମନ୍ତ୍ରୀଙ୍କୁ ଶିଳାନ୍ୟାସ ପାଇଁ ପ୍ରସ୍ତୁତ ସୂଚନା ଫଳକ ସ୍ଥଳକୁ ପାଛୋଟି ନିଆଯାଇଥିଲା। ରାସ୍ତା କାର୍ଯ୍ୟ ପାଇଁ ଗୌରବ କନଷ୍ଟ୍ରକଶନର ବିଭାଗ ସହ ଚୁକ୍ତିନାମା କରାଯାଇଛି। ୧୧ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ଏହି ରାସ୍ତାକୁ ୧୮ଫୁଟ୍ ଚଉଡା କରାଯିବ। ସମ୍ପୂର୍ଣ୍ଣ ରାସ୍ତାରୁ ୧୪୦୦ମିଟରକୁ ଢଳେଇ ଓ ୧୩.୯୦୦କି.ମି ରାସ୍ତାକୁ ପିଚୁରେ ପରିଣତ କରାଯିବ। ଏଥିସହ ବିଭିନ୍ନ ସ୍ଥାନରେ ୪ଟି କଲଭର୍ଟ ନିର୍ମାଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ସରଞ୍ଜାମ ଚୋରି ଅଭିଯୋଗ

ଗୋପାଳପୁର,୧୨।୧୧(ଡି.ଏନ୍.ଏ.): ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ ତାର ଓ ଇନ୍‌ସୁଲେଟର ଚୋରି ହୋଇଥିବା ନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ସିହଁଳା ଅଞ୍ଚଳରେ ଘରୋଇ ଏଜେନ୍ସି ଦ୍ୱାରା କିଛିଦିନ ହେଲା ଟିପିଏସ୍‌ଓଡିଏଲ୍‌ର ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହା ମଧ୍ୟରେ ୧୬ କିଲୋମିଟର ୩୩ କେଭି ବିଦ୍ୟୁତ ତାର, ପିନ୍ ଇନ୍‌ସୁଲେଟର, ଡିସି ଇନ୍‌ସୁଲେଟର ଚୋରି ହୋଇଥିବା ଦର୍ଶାଯାଇଛି। ଏନେଇ ଘରୋଇ ସଂସ୍ଥା ପକ୍ଷରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ନଂ. ୪୧୦/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର, ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ବଲସକୁମ୍ପା,୧୨।୧୧: ଖଜୁରିପଡ଼ା ଥାନା ଅନ୍ତର୍ଗତ ସମ୍ବର ଡେଗାଠାରେ ଶୁକ୍ରବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ପିରିକୁଡ଼ି ପଞ୍ଚାୟତର ସାକାଡ଼ି ଗ୍ରାମର ପୁରନ୍ଦର ସାହାଣୀ। ପୁରନ୍ଦର କୌଣସି କାମରେ ବଜାରକୁ ଆସି ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦମକଳ ବାହିନୀ ପହଞ୍ଚି ଆହତ ପୁରନ୍ଦରଙ୍କୁ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣା ସ୍ଥାନରେ ଏକ ହମ୍ପ ନିର୍ମାଣ ପାଇଁ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଆଇଆଇସି ଗେହ୍ଲୀ କୁମାରୀ ସାହୁ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

### ନଦୀକୁ ଶୌଚ ପାଇଁ ଯାଇ ଛାତ୍ର ନିଖୋଜ

ପାରଳାଖେମୁଣ୍ଡି (ଡି.ଏନ୍.ଏ.)/କାଶୀନଗର,୧୨।୧୧: କାଶୀନଗର ବ୍ଲକ ବଂଶଧାରା ନଦୀରେ ବୁଡ଼ି ଜଣେ ଛାତ୍ର ନିଖୋଜ ହୋଇଛନ୍ତି। ସେ ହେଲେ କାଶୀନଗର ୧୦ ନମ୍ବର ୱାର୍ଡର ବି. ଭାସ୍କରଙ୍କ ପୁତ୍ର ଆକାଶ। ଭାସ୍କର ନଦୀକୁ ଯାଇଥିବା ବେଳେ କୌଣସି କାରଣରୁ ଗୋଡ଼ ଖସି ଯାଇ ପାଣିରେ ପଡ଼ି ନିଖୋଜ ହୋଇ ଯାଇଥିଲେ। ସ୍ଥାନୀୟ ବାସିନ୍ଦା ଓ କେନ୍ଦ୍ରୀୟ ଜଳ ଆୟୋଗ କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ପରେ ଦମକଳ ବାହିନୀ ଓ ପୋଲିସ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଛାତ୍ରଙ୍କ କୌଣସି ପତ୍ତା ମିଳିନାହିଁ। ଆକାଶ ସେଞ୍ଚୁରିଆନ ୟୁନିଭର୍ସିଟି ବି.ଟେକ୍. ପ୍ରଥମ ବର୍ଷର ଛାତ୍ର।

### ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା

ରମ୍ଭା,୧୨।୧୧:ରମ୍ଭା ନିକଟସ୍ଥ ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୋଟ ୩୦ଟି ପ୍ରକଳ୍ପ ମଧ୍ୟରୁ ଜ୍ୟେଷ୍ଠ ବିଭାଗରେ ପ୍ରଥମ ସ୍ମୃତି ପ୍ରଭା ଶାସମଲ, ଦ୍ୱିତୀୟ କେ. ଅଦିତି ସାଇ ପ୍ରଧାନ ଓ ତୃତୀୟ ପଦ୍ମିନୀ ପ୍ରିୟା ସାହୁ, ଜାଗୃତି ମୁଦୁଲି, ଶ୍ରାବଣୀ ସାହୁ, ପୁନମ ତ୍ରିପାଠୀ ଏବଂ କନିଷ୍ଠ ବିଭାଗରେ ପ୍ରଥମ ସାଇ ମୌସୁମୀ ପଟ୍ଟନାୟକ, ଦ୍ୱିତୀୟ ଦିଶାନ୍ତ କୁମାର ସ୍ୱାଇଁ, ତୃତୀୟ ଶିବ ଗୌଡ଼, ହିମାଂଶୁ ମୁଦୁଲି, ଉଷାରାଣୀ ରେଡ୍ଡୀଙ୍କୁ ମୁଖ୍ୟଅତିଥି ରମ୍ଭା ଏମ୍‌ଏସ ପବ୍ଲିକ ସ୍କୁଲର ପରିଚାଳକ ବିଶ୍ୱଜିତ ଆଚାର୍ଯ୍ୟ ସିଲ ଓ ପ୍ରମାଣ ପତ୍ର ପ୍ରଦାନ ସହ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ଅଧକ୍ଷ ବଟକୃଷ୍ଣ ତ୍ରିପାଠୀ ପରିଚାଳନା କରିଥିଲେ। ଅନୁଷ୍ଠାନର ସହ ପ୍ରଧାନ ଆଚାର୍ଯ୍ୟା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଯୁକ୍ତ ବିଚାରକ ମଣ୍ଡଳୀ ଦ୍ୱାରା ପ୍ରତିଭାମାନଙ୍କୁ ଚୟନ କରାଯାଇଥିଲା।

### ୩୨୦ ଲିଟର ଦେଶୀମଦ ଜବତ, ୨ ଗିରଫ

ଖଲ୍ଲିକୋଟ,୧୨।୧୧(ଡି.ଏନ.ଏ.)- ଖଲ୍ଲିକୋଟ ଥାନା ଅନ୍ତର୍ଗତ ସାନଘାଟି ନିକଟରେ ଶନିବାର ପୋଲିସ ଚଢ଼ାଉ କରି ୩୨୦ ଲିଟର ଚୋରା ଦେଶୀମଦ ସହ ଗୋଟିଏ ପିକଅପ ଭ୍ୟାନକୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି। ଚୋରାଦେଶୀ ମଦ ଚାଲାଣ ଅଭିଯୋଗରେ ପୁରୀ ଜିଲା ଚୁପିରିଙ୍ଗ ଅଞ୍ଚଳର ତପନ ସେଠୀ ଓ ଖୋର୍ଦ୍ଧା ଜିଲା ମଲିପଡ଼ା ଅଞ୍ଚଳର ଅନିଲ ବଳିଆରସିଂଙ୍କୁ କୋର୍ଟ ଚାଲାଣ କରାଯାଇଛି। ସକାଳ ଖଲ୍ଲିକୋଟ ଥାନା ସାକିରି ଅଞ୍ଚଳରୁ ଖୋର୍ଦ୍ଧା ଜିଲା ଅଭିମୁଖେ ଚୋରା ଦେଶୀମଦ ଏକ ପିକଅପ ଭ୍ୟାନ ମାଧ୍ୟମରେ ଚାଲାଣ ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲେ। ଏ ନେଇ ନଂ. ୬୮୬/୨୨ରେ ମାମଲା ରୁଜୁ କରାଯାଇଛି।

# ବ୍ଲକ ଅଧ୍ୟକ୍ଷ, ପଞ୍ଚାୟତ ଲୋକ ପ୍ରତିନିଧିଙ୍କ ଛାତ୍ରାବାସ ପରିଦର୍ଶନ

## ଛାତ୍ରାବାସରେ ସପ୍ତମ ପିଲାଙ୍କୁ ମାଡ଼ ଘଟଣା


ବ୍ଲକ ଅଧ୍ୟକ୍ଷଙ୍କ ସହ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ବିଦ୍ୟାଳୟ ପରିଦର୍ଶନରେ ଯାଇଛନ୍ତି।

ଦାରିଙ୍ଗବାଡ଼ି,୧୨।୧୧(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡ଼ିଠାରେ ରହିଥିବା ମଙ୍ଗଳ ବିଭାଗ ଛାତ୍ରାବାସରେ ୪ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀ ଛାତ୍ରମାନେ ମାଡ଼ ମାରୁଥିବା ଭିଡିଓ ଭାଇରାଲ ପରେ ଅଭିଭାବକ ମହଲରେ ଏବଂ ସାଧାରଣରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି । ଏହି ଘଟଣା ପରେ ଶନିବାର ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ତଥା ଦାରିଙ୍ଗବାଡି ସମିତିସଭ୍ୟ କାଳୀପ୍ରସାଦ ମଲ୍ଲିକ, ପ୍ଲିହେରି ସରପଞ୍ଚ ପାଉଲ ପ୍ରଧାନ, ଶ୍ରୀନିକେତା ସରପଞ୍ଚ ଗଙ୍ଗାଧର ପ୍ରଧାନ, ବୁଡାଗୁଡ଼ା ସରପଞ୍ଚ ତାତୁରା ପ୍ରଧାନ, ସମିତିସଭ୍ୟ ଶ୍ରୀକାନ୍ତ ପ୍ରଧାନ, ତାଜୁଙ୍ଗିଆ ସମିତିସଭ୍ୟ ତଥା କନ୍ଧମାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ନାୟକ ପ୍ରମୁଖ ଉକ୍ତ ଛାତ୍ରାବାସ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ରମାନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଘଟଣାଟି ଅତି ସମ୍ବେଦନଶୀଳ ରହିଥିବା ବେଳେ ଏହାକୁ ପ୍ରଶାସନ ଅତି ହାଲ୍‌କା ଭାବେ ନେଉଥିବା ବ୍ଲକ ଅଧ୍ୟକ୍ଷ ପ୍ରଧାନ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ଛାତ୍ରାବାସରେ ଯେଉଁଭଳି ଅଭାବନୀୟ ଘଟଣା ଘଟିଲା ଏଥିପାଇଁ ଛାତ୍ରାବାସ କର୍ତ୍ତୃପକ୍ଷକୁ ସେ ଦାୟୀ କରିବା ସହ ଶୀଘ୍ର ତାଙ୍କୁ ବହିଷ୍କାର କରାଯାଉ ବୋଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ମଧ୍ୟ କନ୍ଧମାଳ ଜିଲାପାଳଙ୍କୁ ଏ ସମ୍ପର୍କରେ ଆଲୋଚନା କରିବା ସହ ତୁରନ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ନିବେଦନ କରିଥିବା କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ସୂଚନାଯୋଗ୍ୟ, ମାଡ଼ ମରାଯିବା ଏବଂ ଭିଡିଓ ଭାଇରଲ ଘଟଣାରେ ଶୁକ୍ରବାର ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଅଭିଭାବକ ଏବଂ ପରିଚାଳନା କମିଟି ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ଆଲୋଚନା କରି ମାଡ଼ ମାରିଥିବା ଛାତ୍ର ମାନଙ୍କୁ ହଷ୍ଟେଲରୁ ବହିଷ୍କୃତ କରାଯାଇଛି । ସ୍ଥିତି ସ୍ୱାଭାବିକ ଆଡ଼କୁ ଗତି କରିଥିଲେ ସୁଦ୍ଧା ଏହି ଘଟଣାରେ ପ୍ରଥମେ ଦୁଇଟି ଭିଡିଓ ଭାଇରାଲ ହେଉଥିବା ବେଳେ ଏବେ ମଧ୍ୟ ଏକାଧିକ ଥର ଉକ୍ତ ସପ୍ତମ ଛାତ୍ରଙ୍କୁ ମାଡ଼ ମରାଯାଉଥିବା ଭିଡିଓ ମୋବାଇଲରୁ ମୋବାଇଲ ଘୂରି ବୁଲୁଛି। ଫଳରେ ଭିଡିଓକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି।

# ବେଲାଗୁନ୍ନୁ ହାତୀ ଶିକାର ମାମଲା, ୪ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀ।

ଭଞ୍ଜନଗର,୧୨।୧୧(ଡି.ଏନ୍.ଏ)

ଭଞ୍ଜନଗରସ୍ଥିତ ଉତ୍ତର ଘୁମୁସର ବନଖଣ୍ଡରେ ବନ୍ୟପ୍ରାଣୀ ଶିକାର ଦିନକୁଦିନ ବୃଦ୍ଧି ପାଉଛି। ବନ ବିଭାଗ କର୍ମଚାରୀ ଅଭିଯୁକ୍ତମାନଙ୍କୁ ଅନେକ ସମୟରେ କାବୁ କରିବାରେ ବିଫଳ ହେଉଛି। ଯେଉଁଥିପାଇଁ ଗତ ଜୁଲାଇ ଏବଂ ଅଗଷ୍ଟ ମାସରେ ମୁଜାଗଡ଼ ଏବଂ ଜଗନ୍ନାଥପ୍ରସାଦ ରେଞ୍ଜରେ ଦୁଇଟି ଦନ୍ତାହାତୀଙ୍କୁ ଶିକାରୀମାନେ ମାରି ଦାନ୍ତ ଲୁଟି ନେଇଥିଲେ। ସେଥିମଧ୍ୟରୁ ଗତ ଜୁଲାଇ ୫ରେ ମୁଜାଗଡ଼ ରେଞ୍ଜର ବେଲାଗୁନ୍ନୁ ଜଙ୍ଗଲରେ ମରିଥିବା ଦନ୍ତାହାତୀ ମାମଲାରେ ଶୁକ୍ରବାର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଏହି ମାମଲାରେ ୩ ଗିରଫ ହୋଇଥିବା ବେଳେ ଲୁଟ୍ ଦାନ୍ତକୁ ଉଦ୍ଧାର କରାଯାଇଥିଲା। ଏହି ମାମଲାରେ ଆଉ କିଛି ଅଭିଯୁକ୍ତ ଏବେବି ଜଡ଼ିତ ଥିବା ସନ୍ଦେହ କରାଯାଉଛି। ଶୁକ୍ରବାର ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ପ୍ରଦୀପ ଦିଗାଲ। ଶନିବାର ତାଙ୍କୁ ଭଞ୍ଜନଗର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ପ୍ରଦୀପଙ୍କ ଜାମିନ ନାମଞ୍ଜୁର ପରେ ତାଙ୍କୁ ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାରକୁ ପଠାଯାଇଛି ।

# ବିଡିଓଙ୍କ ମଧ୍ୟାହ୍ନଭୋଜନ ଯାଞ୍ଚ


ବିଡିଓ ବଦାଙ୍ଗୀ ସ୍କୁଲରେ ମଧ୍ୟାହ୍ନଭୋଜନ ଯାଞ୍ଚ କରୁଛନ୍ତି।

ଭଞ୍ଜନଗର,୧୨।୧୧(ଡି.ଏନ୍.ଏ)

ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର ଶନିବାର ଭଞ୍ଜନଗର ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନଭୋଜନ ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଏଥିସହ ସ୍ମାର୍ଟ ସ୍କୁଲ କାର୍ଯ୍ୟ ଚାଲିଥିବା ବଦାଙ୍ଗୀ ସମେତ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ସୁଷମ ଖାଦ୍ୟ ଛାତ୍ରୀଛାତ୍ରମାନେ କିଭଳି ପାଇପାରିବେ, ସେନେଇ ଦାୟିତ୍ୱରେ ଥିବା କର୍ମକର୍ତ୍ତା, ଶିକ୍ଷକଙ୍କୁ ଆବଶ୍ୟକ ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଥିଲେ। ବିଡିଓଙ୍କ ଗସ୍ତ ସମୟରେ ସହକାରୀ ନିର୍ବାହୀଯନ୍ତ୍ରୀ ସୁମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସଲପତଇଲାରେ ଆଦିବାସୀଙ୍କ ମେଳି

ଭଞ୍ଜନଗର,୧୨।୧୧(ଡି.ଏନ୍.ଏ)

ଜଗନ୍ନାଥପ୍ରସାଦ ବ୍ଲକ ସଲପତଇଲାରେ ଶନିବାର ଅପରାହ୍ନରେ ନିଖିଳ ଉତ୍କଳ କୁଇ ସମାଜ ସମନ୍ୱୟ ସମିତି ଘୁମୁସର ତାଲୁକାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଆଦିବାସୀ ଏକାଠି ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଭା ପୂର୍ବରୁ ସେମାନେ ଗ୍ରାମରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା କରିଥିଲେ। ଏଥିରେ କୁଇ ସମାଜ ସଭାପତି ଲମ୍ବୋଧର କହଁର ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ତାରାତାରିଣୀ ପୀଠକୁ ପତିତପାବନ ପଦଯାତ୍ରା



ଆଧ୍ୟାତ୍ମିକ ପଦ ଯାତ୍ରାରେ ଲୋକେ ଯାଉଛନ୍ତି।

ଛତ୍ରପୁର,୧୨।୧୧(ଡି.ଏନ୍.ଏ. )

ଗଞ୍ଜାମ ଜିଲା ଛତ୍ରପୁର ସହରର ତାଡେପଲ୍ଲୀସାହି ସ୍ଥିତ ଜଗନ୍ନାଥ ମନ୍ଦିରଠାରୁ ତାରାତାରିଣୀଙ୍କ ପୀଠ ଯାଏ ଏକ ଆଧ୍ୟାତ୍ମିକ ପଦଯାତ୍ରାର ଆୟୋଜନ କରାଯାଇଛି। ୧୯୭୭ରେ ଏହି ମନ୍ଦିର ପକ୍ଷରୁ ପୁରୀ ଶ୍ରୀମନ୍ଦିର ପର୍ଯ୍ୟନ୍ତ ହୋଇଥିବା ଐତିହାସିକ ପତିତ ପାବନ ପଦଯାତ୍ରାର ସ୍ମରଣପୂର୍ବକ ଆୟୋଜିତ ଏହି ପଦଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ଭକ୍ତ ସାମିଲ ହୋଇଛନ୍ତି। ପ୍ରତ୍ୟୁଷରୁ ଛତ୍ରପୁରର ଜଗନ୍ନାଥ ମନ୍ଦିରଠାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଜଗନ୍ନାଥଙ୍କ ମୂର୍ତ୍ତି ଥିବା ଏକ ରଥକୁ ଭକ୍ତମାନେ ଟାଣି ନେଇଥିଲେ। ଚଳିତ ବର୍ଷ ୫ମ ଥର ପାଇଁ ଏଭଳି ଯାତ୍ରାର ଆୟୋଜନ କରାଯାଇଥିବା ବେଳେ ପୂର୍ବରୁ ୧୯୮୦ରେ ପୁରୀ, ୧୯୮୫ରେ କଣ୍ଟିଲୋ, ୨୦୧୯ରେ ପଞ୍ଚମାକୁ ଏଭଳି ଯାତ୍ରାର ଆୟୋଜନ ହୋଇଥିଲା। ମନ୍ଦିର ପରିଚାଳକ ଜଗବନ୍ଧୁ ପାଣିଗ୍ରାହୀ, ଆଦିକନ୍ଦ ପାଣିଗ୍ରାହୀଙ୍କ ସମେତ ସୁଧୀର ରଥ, ପ୍ରଭାକର ରାଓ, ବିଜୟ ମହାରଣା, ଶ୍ରୀକାନ୍ତ ମହାନ୍ତି, ଜଗଦୀଶ ରାଓ, ଭାଗବତ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ସେନାପତି, କୃଷ୍ଣଚନ୍ଦ୍ର ସାହୁ, ବିବେକ ପଟ୍ଟନାୟକ, କେଦାର ରାଜୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଲୋକ ଅଦାଲତ: ୮୯ ମାମଲା ଫଇସଲା

ଭଞ୍ଜନଗର,୧୨।୧୧(ଡି.ଏନ୍.ଏ)


ଏଡିଜେ ଦେବଦତ୍ତ ପଟ୍ଟନାୟକ ମାମଲାଗୁଡ଼ିକର ଫଇସଲା କରୁଛନ୍ତି।

ଭଞ୍ଜନଗର ତାଲୁକା ଆଇନ ସେବା କମିଟି ପକ୍ଷରୁ ଶନିବାର ଚଳିତବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଭଞ୍ଜନଗର କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମୋଟ ୮୯ ମାମଲା ଫଇସଲା କରାଯାଇଛି । ସେଥିମଧ୍ୟରେ ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା ମଧ୍ୟରୁ ୨୪ଟି ଫଇସଲା କରାଯାଇ ଆବେଦନକାରୀଙ୍କୁ ୯୪ ଲକ୍ଷ ୭୭ ହଜାର ଟଙ୍କା କ୍ଷତିପୂରଣ ବାବଦକୁ ଦେବାପାଇଁ ବୀମା କମ୍ପାନୀକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ୩ଟି ଚେକ୍ ବାଉନ୍ସ ମାମଲାର ଫଇସଲା କରାଯାଇ ୧୦ ଲକ୍ଷ ୬୮ ହଜାର ୯୩୪ ଟଙ୍କା ଆବେଦନକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବ୍ୟାଙ୍କରଣ ସମ୍ପର୍କିତ ୩ଟି ମାମଲାର ଫଇସଲା କରାଯାଇ ୬ ଲକ୍ଷ ୬୪ ହଜାର ୫୪୭ ଟଙ୍କା ବ୍ୟାଙ୍କ ଆଦାୟ କରିଛି । ଏଥିସହ ଅନ୍ୟାନ୍ୟ ୫୯ ମାମଲା ଫଇସଲା କରାଯାଇଛି। ଅତିରିକ୍ତ ଜିଲା ଜଜ୍ ଦେବଦତ୍ତ ପଟ୍ଟନାୟକ, ବରିଷ୍ଠ ଦେୱାନୀ ବିଚାରପତି ସୋମଲିନା ମିଶ୍ର, ଏସ୍‌ଡିଜେଏମ୍ ଅମିତ କୁମାର, ଜେଏମ୍‌ଏଫ୍‌ସି ସନ୍ଧ୍ୟା ସୁଚରିତା ମାମଲାଗୁଡ଼ିକର ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ତାଲୁକା ଆଇନ କମିଟି ସଭ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ସରକାରୀ ଓକିଲ ରାଜେନ୍ଦ୍ର ପ୍ରଧାନ, ଆଇନଜୀବୀ ସନ୍ତୋଷ ତିଆଡ଼ି, ବଂଶୀଧର ପ୍ରଧାନ, ସୁଧୀର ମହାପାତ୍ର, ଦେବୀ ପ୍ରସାଦ, ସମୀର ନାୟକ, ଅରୁଣ ପାଢ଼ୀ, ପ୍ରକାଶ ଚନ୍ଦ୍ର ମହାପାତ୍ର, କୋର୍ଟ କର୍ମଚାରୀ ଅଞ୍ଜନ ପ୍ରଧାନ, ସୁନିଲ ମୁଦୁଲି, ଭଗବାନ ପାତ୍ର, ଶଙ୍କର ମହାନ୍ତି, ମିଥୁନ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ମାମଲାର ସମାଧାନ

ଫୁଲବାଣୀ ଅଫିସ/ପାରଳାଖେମୁଣ୍ଡି (ଡି.ଏନ୍.ଏ.)/୧୨।୧୧

ଫୁଲବାଣୀ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ ବିବାଦ ସମାଧାନ ୧୧୩୮ ମାମଲା ମଧ୍ୟରୁ ୫୬୭ ମାମଲାର ବିଚାର ଶେଷ ହୋଇଥିଲା। ଉଭୟ ପ୍ରାକ୍ ବିବାଦସମାଧାନ ଏବଂ କୋର୍ଟରେ ହୋଇଥିବା ୬୨୪ ମାମଲାର ଶୁଣାଣି କରାଯାଇଛି। ଜିଲା ଜଜ୍ ଶିତିକଣ୍ଠ ସାମଲ, ଅତିରିକ୍ତ ଜିଲା ଦୌରାଜଜ୍ ସ୍ମୃତିଲେଖା ବାରିକ, ଲୋକ ଅଦାଲତ ସ୍ଥାୟୀ ଜଜ୍ ସନ୍ତୋଷ କୁମାର ନାୟକ, ସିଜେଏମ୍ ସାଇକତ ପାତ୍ର, ରେଜିଷ୍ଟ୍ରାର ସିଏ. ଦେଶପ୍ରିୟ ନାୟକ, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ଅନୁଶୀଳା ରଏ, ଏସ୍‌ଡିଜେଏମ୍ ଅରିଜିତ ଦାସ, ଜେଏମ୍‌ଏଫସି ସୌମ୍ୟାଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଅନୁଷ୍ଠିତ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୧,୨୧୯ କେସ ବିଚାରକୁ ନିଆଯାଇ ସମୁଦାୟ ୯,୩୫୫ ମାମଲାର ସମାଧାନ କରାଯାଇ ୧୨,୭୪,୦୦୦ ଟଙ୍କା ଆଦାୟ କରାଯାଇଥିଲା।

# ଚିନିଶିଳ୍ପ ସଭାପତି ହେଲେ ରବୀନ୍ଦ୍ର


ମନ୍ତ୍ରୀ, ବିଧାୟିକା ଓ ବିଧାୟକଙ୍କ ଗହଣରେ ନବନିର୍ବାଚିତ ସଭାପିତ ରବୀନ୍ଦ୍ର ପଣ୍ଡା (ଡାହାଣରୁ ଦ୍ୱିତୀୟ)

ଆସିକା,୧୨।୧୧(ଡି.ଏନ.ଏ.)

ଆସିକା ସମବାୟ ଚିନିଶିଳ୍ପ ପରିସରରେ ଶନିବାର ଅନୁଷ୍ଠିତ ସଭାପତି ନିର୍ବାଚନରେ ବିଜେଡି ମନୋନୀତ ପ୍ରାର୍ଥୀ ରବୀନ୍ଦ୍ର ପଣ୍ଡା ବହୁମତ ବ୍ୟବଧାନରେ ସଭାପତି ନିର୍ବାଚିତ ହୋଇଛନ୍ତି। ତେବେ ଏହି ନିର୍ବାଚନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଅନ୍ୟଜଣେ ବିଜେଡି ସମର୍ଥକ ପୂର୍ଣ୍ଣଚନ୍ଦ୍ର ବରାଡ ମାତ୍ର ୨ ଭୋଟ ପାଇ ଶୋଚନୀୟ ପରାଜୟର ସମ୍ମୁଖୀନ ହୋଇଛନ୍ତି। ସମୁଦାୟ ୧୫ ଡାଇରେକ୍ଟରଙ୍କ ମଧ୍ୟରୁ ୧୪ ମତଦାନ କରିଥିଲେ। ସେଥିରୁ ରବୀନ୍ଦ୍ରଙ୍କ ସପକ୍ଷରେ ୧୨ ଯାଇଥିଲା ବେଳେ ପୂର୍ଣ୍ଣ ବରାଡଙ୍କ ସପକ୍ଷରେ ୨ଟି ମତ ରହିଥିଲା। ଅନ୍ୟଜଣେ ଡାଇରେକ୍ଟର ସରୋଜିନୀ ଲେଙ୍କା ନିର୍ବାଚନରୁ ବିରତ ରହିଥିଲେ । ସରୋଜିନୀ ପରାଜିତ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରସ୍ତାବକ ବୋଲି ଜଣାପଡିଛି। ମତଗଣତି ପରେ ନିର୍ବାଚନ ଅଧିକାରୀ ଜ୍ୟୋତି ଶଙ୍କର ରାୟ ରବୀନ୍ଦ୍ର ପଣ୍ଡାଙ୍କୁ ନିର୍ବାଚିତ ଘୋଷିତ କରିଥିଲେ । ନବନିର୍ବାଚିତ ସଭାପତିଙ୍କୁ ବିଜେଡି ଜିଲା ପ୍ରଭାରୀ ତଥା ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅପରପକ୍ଷେ ପରାଜିତ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବରାଡଙ୍କୁ ନିର୍ବାଚନ ପୂର୍ବରୁ ଚିନିଶିଳ୍ପ ନିକଟରୁ କେତେକ ବ୍ୟକ୍ତି ଅପହରଣ କରିଥିବା ଅଭିଯୋଗରେ ପୂର୍ଣ୍ଣଚନ୍ଦ୍ରଙ୍କ ସମର୍ଥକମାନେ ଚିନିଶିଳ୍ପ ନିକଟରେ ପ୍ରବଳ ହୋହଲ୍ଲା କରିଥିଲେ । ତେବେ କିଛି ସମୟ ପରେ ପୂର୍ଣ୍ଣଚନ୍ଦ୍ରଙ୍କୁ ସେମାନେ ଆଣି କାରଖାନା ନିକଟରେ ଛାଡିଦେଇଥିବା ଜଣାଯାଇଛି । ଶାସକ ଦଳର କେତେକ ଅସାମାଜିକ ବ୍ୟକ୍ତି ତାଙ୍କୁ ବଳପୂର୍ବକ ଚିନିଶିଳ୍ପ ନିକଟରୁ ଉଠାଇ ନେଇଥିବା ଓ ଶାରୀରିକ ଆଘାତ ଦେଇଥିବା ପୂର୍ଣ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ତେବେ ନିଜର ସୁରକ୍ଷା ଦୃଷ୍ଟିରୁ ସେ ଘଟଣା ସମ୍ପର୍କରେ ପୋଲିସରେ ଅଭିଯୋଗ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଅପହରଣ ସମ୍ପର୍କରେ ଆସିକା ପୋଲିସକୁ ପଚାରିବାରେ ପୋଲିସ ନିକଟରେ ଅଦ୍ୟାବଧି କୌଣସି ଅଭିଯୋଗ ପହଞ୍ଚିନାହିଁ । ତେବେ ଅଭିଯୋଗ ଆସିଲେ ପୋଲିସ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରକାଶ କରିଛନ୍ତି।

# ବିଜେଡିର ସାଙ୍ଗଠନିକ ବୈଠକ

ପୁରୁଷୋତ୍ତମପୁର,୧୨।୧୧(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ପୂର୍ତ୍ତ ବିଭାଗୀୟ ଡାକବଙ୍ଗଳା ପରିସରରେ ଶନିବାର ବିଜେଡି ପକ୍ଷରୁ ସାଙ୍ଗଠନିକ ବୈଠକ ନଗର ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ତଥା ବିଧାୟିକାଙ୍କ ପ୍ରତିନିଧି ଦୈତାରୀ ବେହେରା ଯୋଗଦେଇ କିଭଳି ଦଳର ସାଙ୍ଗଠନିକତା ଆହୁରି ସୁଦୃଢ଼ ହୋଇପାରିବ, ନବୀନ ସରକାରଙ୍କ ସମସ୍ତ ଜନହିତକର ଯୋଜନା ଯେପରି ଲୋକଙ୍କ ନିକଟରେ ପହଞ୍ଚି ସମସ୍ତେ ଉପକୃତ ହୋଇପାରିବେ, ସହରର କିଭଳି ବିକାଶ ହୋଇପାରିବ ସେଥିନେଇ ସମସ୍ତ ମତାମତ ଲୋଡ଼ି ଏକତ୍ରିତ ହୋଇ ପୁରୁଷୋତ୍ତମପୁର ସହରର ବିକାଶ ଲାଗି ଗୁରୁତ୍ୱ ଦେବାକୁ ବିଭିନ୍ନ ପରାମର୍ଶ ମାନ ଦେଇଥିଲେ। ଏହାସହ ପଦଯାତ୍ରାର ଉଦ୍‌ଯାପନୀ ଦିବସ ପାଳନ ଲାଗି ନିଷ୍ପତ୍ତି ନେଇଥିଲେ। ଏଥିରେ ଏନ୍‌ଏସି ଉପାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, କାଉନ୍‌ସିଲର ଅଶୋକ କୁମାର ମହାକୁଡ, ନଗର ଯୁବ ବିଜେଡି ସଭାପତି ମନୋଜ କୁମାର ଗୌଡ଼, ସୀମାଞ୍ଚଳ ମିଶ୍ର, କିଶୋର ଚନ୍ଦ୍ର ସାହୁ, ପ୍ରେମାନନ୍ଦ ସାହୁ, କୃଷ୍ଣଚନ୍ଦ୍ର ଗୌଡ଼, ଭାଗୀରଥି ବେହେରା, ବିଷ୍ଣୁ ମହାପାତ୍ର, ଉମାଶଙ୍କର ରାଓ, କାଉନ୍‌ସିଲର ଭାସ୍କର ବେହେରା, ଅରୁଣ କୁମାର ମହାକୁଡ, ଲିଙ୍ଗରାଜ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ।


ବୈଠକରେ ଦଳୀୟ କର୍ମକର୍ତ୍ତା।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ଏଲ୍ଇଡି ଲାଇଟ୍ ଚୋରି, ପ୍ରଶାସନ ନୀରବ

**ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ମୁଖ୍ୟରାସ୍ତା ପାର୍ଶ୍ୱ ସମେତ ୧୨ନଂ. ୱାର୍ଡ ଅଧୀନ ଗୋଳାପୋଖରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା, ମା'ପାଟଚଣ୍ଡୀଙ୍କ ପୀଠକୁ ସଂଯୋଗ କରୁଥିବା କୁସୁମୀ ମାଳବନ୍ଧ ରାସ୍ତାପାର୍ଶ୍ୱରେ ଉଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ମାତ୍ର ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ସ୍ଥାଣୁତାର ସୁଯୋଗ ନେଇ ଲୁଟେରାମାନେ ବିଦ୍ୟୁତ୍ ଖୁଣ୍ଟରେ ଲଗାଯାଇଥିବା ଏଲଇଡି ଲାଇଟଗୁଡିକ ଚୋରିକରି ନେଇଛନ୍ତି। ଫଳରେ ସୂର୍ଯ୍ୟ ନଇଁଲେ ଉକ୍ତ ରାସ୍ତା ଅନ୍ଧକାର ହୋଇ ପଡୁଛି। ଏନ୍ଏସି କର୍ତ୍ତୃପକ୍ଷ ଏ ନେଇ ଚୁପ୍ ବସିଛନ୍ତି। ଜିଲା ପ୍ରଶାସନ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ତାହା ଲୁଟେରାମାନଙ୍କୁ ସୁହାଇଛି। ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ୩ ପଞ୍ଚାୟତରେ ଖନନ ହେବ ଅମୃତ ସରୋବର

**ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.):** ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନ୍ଆରଇଜିଏସ୍)ରେ ଅମୃତ ସରୋବର ଖନନ ପାଇଁ ଅନୁଦାନ ଅର୍ଥ ମଞ୍ଜୁର କରାଯାଉଛି। ସେହି ଅନୁଦାନରେ ଜଳର ସଦୁପଯୋଗ ଓ ସଂରକ୍ଷଣ କରିବାକୁ ହେବ। ଏହି କ୍ରମରେ ଖଣ୍ଡପଡ଼ା ବ୍ଲକର ଜନବହୁଳ ଖଳିସାହି, ବନମାଳୀପୁର ଓ ଶାଳଝରିଆ ଆଦି ୩ ପଞ୍ଚାୟତରେ ଅମୃତ ସରୋବର କାମ ଆରମ୍ଭ କରାଯିବ। ଏମଜିଏନ୍ଆରଇଜିଏସ୍ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ନିମନ୍ତେ ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ସବୁଜ ସଙ୍କେତ ମିଳିଥିବା ଖଣ୍ଡପଡ଼ା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ, ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ୧୦ ଅମୃତ ସରୋବର ଖନନ ପାଇଁ ଜିଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ପ୍ରଥମ ପର୍ଯ୍ୟାୟରେ ୩ ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଜିଲା ପ୍ରଶାସନ ସୁପାରିଶ କରିଛି। ଏଥିପାଇଁ ୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

# ଶିକ୍ଷକ ନିଯୁକ୍ତି ନ କରି ଖୋଲିଛି ହାଇସ୍କୁଲ

ନୂଆଗାଁ ୧୨।୧୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଦୁର୍ଦ୍ଦୁରା ପଞ୍ଚାୟତର ଶ୍ରୀବନ୍ତଦେଇପୁର ୟୁଜିଏମ୍ଇ ସ୍କୁଲ , ସିକ୍ରିଡା ପଞ୍ଚାୟତର କୃଷ୍ଣପ୍ରସାଦ ୟୁଜିଏମ୍ଇ ସ୍କୁଲ ଓ କାପ୍ତାପଲି ପଞ୍ଚାୟତର କାପ୍ତାପଲି ୟୁଜିଏମ୍ଇ ସ୍କୁଲ ସହିତ ହାଇସ୍କୁଲକୁ ଯୋଡ଼ି ଦିଆଯାଇଛି। ଚଳିତ ବର୍ଷ କେବଳ ନବମ ଶ୍ରେଣୀ ଖୋଲିଥିବା ବେଳେ ଆସନ୍ତା ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ଖୋଲିବା ପାଇଁ ସ୍ଥିର କରାଯାଇଛି। ତେବେ ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଖୋଲିବାର ନିଷ୍ପତ୍ତି ନେଇ ସ୍କୁଲ ଖୋଲା ଯାଇଥିବା ବେଳେ ସ୍କୁଲ ପାଇଁ ପ୍ରାଥମିକ ଆବଶ୍ୟକତାକୁ ଗୁରୁତ୍ୱ ନ ଦେବା ଘଟଣା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ୩ ସ୍କୁଲରେ ଶିକ୍ଷକ ନିଯୁକ୍ତି ନ କରି ଛାତ୍ରୀଛାତ୍ରମାନଙ୍କ ନାମ ଲେଖାଇ ଦିଆଯାଇଛି। ୩ ମାସ ହେଲା ନାମ ଲେଖାଇ ପ୍ରତିଦିନ ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସୁଥିବା ବେଳେ ଶିକ୍ଷକ ଅଭାବରୁ ସେମାନେ ଶ୍ରେଣୀ କକ୍ଷରେ ବସି ବସି ଘରକୁ ଫେରୁଛନ୍ତି।

କୃଷ୍ଣପ୍ରସାଦ ହାଇସ୍କୁଲରେ ଶିକ୍ଷକ ଅଭାବକୁ ନେଇ ସ୍କୁଲ ଫାଟକରେ ତାଲା ପକାଇ ୭ ଦିନ ଧରି ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରେ ବସିବା ପରେ ୨ ଜଣ ଶିକ୍ଷକଙ୍କୁ ଡେପୁଟେଶନରେ ଦିଆଯାଇଛି। କାପ୍ତାପଲି ପଞ୍ଚାୟତର



କାପ୍ତାପଲୀ ସରକାରୀ ଉଚ୍ଚ ବିଦ୍ୟାଳୟ।

### ବିନା ପାଠ ପଢ଼ାରେ ହେଲା ପରୀକ୍ଷା

ସରକାରୀ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ଜୁଲାଇ ମାସରେ ପ୍ରତିଷ୍ଠା ହୋଇଥିଲା। ସେହି ସ୍କୁଲରେ ନବମ ଶ୍ରେଣୀରେ ୯ ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ହେଲେ ପାଠ ପଢାଇବା ପାଇଁ କୌଣସି ଶିକ୍ଷକ ନାହାନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ ଗୋଟି ଶ୍ରେଣୀରେ ୭୬ ଛାତ୍ରୀଛାତ୍ର ପାଇଁ ୫ ଜଣ ଶିକ୍ଷକ ରହିଛନ୍ତି। ଗତ ୨୭ରୁ ୨ ତାରିଖ ପର୍ଯ୍ୟନ୍ତ ସୁମାଟିଭ ଆସେସ୍‌ମେଣ୍ଟ –୧ ପରୀକ୍ଷା ହୋଇଥିବା ବେଳେ କୌଣସି ପାଠ ନ ପଢି ପରୀକ୍ଷା ଦେଇଥିବା କହିଛନ୍ତି ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକ। ଏ ବାବଦରେ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରେ ଏ ବାବଦରେ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି।

## ବନ୍ୟଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଲାଗି ବୃଦ୍ଧ ଆହତ

ନୂଆଗାଁ/ନୟାଗଡ଼ ଅଫିସ, ୧୨।୧୧ (ଡି.ଏନ.ଏ.)


ବେଣୁଧର ପ୍ରଧାନ

ଜଙ୍ଗଲରେ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଲାଗି ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ହେଲେ ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଗୋଛାବାରୀ ଗ୍ରାମର ବେଣୁଧର ପ୍ରଧାନ ( ୫୬)। ଆହତଙ୍କ କହିବାନୁସାରେ ସେ ଜଙ୍ଗଲକୁ ଲାଗି ରହିଥିବା ଏକ ପାମୋଲିନ ବଗିଚାରେ କାମ କରନ୍ତି। ସୋମବାର ସେ ପାମୋଲିନ ବଗିଚାରୁ ବାହାରି ଖେଡପଡା ସେକ୍ସନ ଗୋଛାବାରୀ ଜଙ୍ଗଲ ଅଭିମୁଖେ ଯାଉଥିବା ସମୟରେ ତାଙ୍କ ଗୋଡରେ ବିଦ୍ୟୁତ୍ ତାର ଲାଗି ଯାଇଥିଲା। ତାଙ୍କ ଡାହାଣ ଗୋଡରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। କୌଣସି ଲୋକ ଜଙ୍ଗଲରୁ ଜନ୍ତୁ ମାରିବା ପାଇଁ କରେଣ୍ଟ ଦେଇ ତାର ବିଛାଇଥିଲେ। ସେହି ତାରରେ ସେ ଛନ୍ଦି ହୋଇ ଯାଇଥିଲେ। ସେଦିନଠାରୁ ସେ ଆହତ ହୋଇ ଘରେ ପଡି ରହିଥିବା କହିଛନ୍ତି।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୮୫୩ ମାମଲା ଫଇସଲା


ନୟାଗଡ଼ରେ ଅନୁଷ୍ଠିତ ଲୋକ ଅଦାଲତ।

ନୟାଗଡ଼ ଅଫିସ,୧୨।୧୧

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ନୟାଗଡ଼, ଦଶପଲ୍ଲା, ରଣପୁର, ଭାପୁର, ଖଣ୍ଡପଡ଼ା ଓ ଓଡ଼ଗାଁର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୫୩ ମାମଲାରୁ ୮୫୩ର ଫଏସଲା ହୋଇ ପାରିଛି। ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ୫ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଏସଲା କରାଯାଇ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ୨୦ ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ।ଗୋଟିଏ ଏନଆଇ ଆକ୍ଟ ମାମଲାର ଫଏସଲା କରାଯାଇ ୧୦ ଲକ୍ଷ ୫୦ ହଜାର ଟଙ୍କା ଆଦାୟ ହୋଇଛି। ଅତିରିକ୍ତ ଜିଲା ଜଜ ଲିଲି ସେନାପତି ୪ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରି ୧୧ ଲକ୍ଷ ୫ ହଜାର ହିତାଧିକାରୀଙ୍କୁ ଦେବା ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବାର ଅଦାଲତ ବିଚାରପତି ପ୍ରଦୀପ କୁମାର ମହାନ୍ତି ୯୫ ପାରିବାରିକ ବିବାଦ ଓ ବରିଷ୍ଠ ଦେୱାନି ବିଚାରପତି ଅମିତାଭ ପଣ୍ଡା ୯ଟି ଦେୱାନୀ ମାମଲା ଫଇସଲା କରିଛନ୍ତି। ପୁଣି ବରିଷ୍ଠ ଦେୱାନୀ ବିଚାରପତି ପବିତ୍ର ନନ୍ଦ ଗୋଟିଏ ଦେୱାନୀ ମାମଲା ଓ ଏସ୍‌ଡିଜେଏମ୍ ସୌଭାଗ୍ୟ ରଞ୍ଜନ ପ୍ରଧାନ ଗୋଟିଏ ଏନଆଇ ଆକ୍ଟ ଓ ୧୯ଟି ଫୌଜଦାରୀ ମାମଲା ଫଏସଲା କରିଥିଲେ। ଅପରପକ୍ଷେ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରି ନ ଥିବା ୫୭ ଜଣଙ୍କଠାରୁ ୫୫ ଲକ୍ଷ ୨୫ ହଜାର ୯୭୪ ଟଙ୍କା ଆଦାୟ ହୋଇଛି। ପୁଣି ୯୨୪ଟି ରାଜସ୍ୱ ମାମଲା ଫଏସଲା କରାଯାଇ ୫ ଲକ୍ଷ ୯୨ ହଜାର ୪୨୫ ଟଙ୍କା ଆଦାୟ ହୋଇଛି।

### ଆଖିଧରା ରୋଗ ବ୍ୟାପୁଛି, ଶତାଧିକ ଆକ୍ରାନ୍ତ

ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.)

ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଆଖିଧରା ରୋଗ ବ୍ୟାପୁଛି। ଶତାଧିକ ବ୍ୟକ୍ତି ଆଖିଧରା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆଖିଧରା ରୋଗର ପ୍ରତିକାର ନିମନ୍ତେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନ ଥିବା ବେଳେ ଅଧିକାଂଶ ଆକ୍ରାନ୍ତ ଘରେ ରହି ଦେଶୀ ଚିକିତ୍ସା ଉପରେ ବିଶ୍ୱାସ କରୁଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବା ପରିବର୍ତ୍ତେ ସମୟାନୁକ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ନୂଆଗଡିଆସାହି ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ପ୍ରତିଦିନ ଏକାଧିକ ଆଖିଧରା ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଏହା ଏକ ଭାଇରସ ଜନିତ ଋତୁ ପରିବର୍ତ୍ତନ ପ୍ରଭାବିତ ରୋଗ। ଏହା କ୍ରମଶଃ କମିବାରେ ଲାଗିଛି ବୋଲି କହିଛନ୍ତି।

### ବଡ଼ ଭାଇ ମାଡ଼ରେ ସାନ ଆହତ

ବୁଗୁଡ଼ା,୧୨।୧୧(ଡି.ଏନ.ଏ.)

ବୁଗୁଡ଼ା ଥାନା ଅନ୍ତର୍ଗତ ରାମଗଡ ଗ୍ରାମରେ ବଡ ଭାଇ ଦେବ ବରାଡଙ୍କ ଠେଙ୍ଗା ମାଡରେ ସାନ ଭାଇ ଶ୍ରୀଚରଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ଜମିବାଡ଼ି ବିବାଦକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ତିକ୍ତତା ଲାଗିରହିଥିବା ବେଳେ ଗତ ଶୁକ୍ରବାର ଏହି ଘଟଣା ଘଟିଛି।

## ଖବରଦାତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଦଶପଲ୍ଲା,୧୨।୧୧(ଡି.ଏନ.ଏ.):** ଦଶପଲ୍ଲାର ବରିଷ୍ଠ ଖବରଦାତା ମୂରଲୀଧର ପାଣିଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ରାଧାମୋହନ ଜୀଉ ନୋଡାଲ ହାଇସ୍କୁଲଠାରେ ଶୁକ୍ରବାର ପାଳିତ ହୋଇଛି। ସାମାଜିକ କର୍ମୀ ପ୍ରସନ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଡିଆଇଜି ଗୋଲକ ବିହାରୀ ମହାନ୍ତି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ସରୋଜ କୁମାର ନାୟକ,ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା,ଦୁର୍ଗା ବଜାର ବଣିକସଂଘ ସଭାପତି ଉମାକାନ୍ତ ସାହୁ,ସାମାଜିକ କର୍ମୀ ପ୍ରଭାତ କୁମାର ସାହୁ, ରବିନାରାୟଣ ସେଠୀ,ଡା. ଅନ୍ତର୍ଯ୍ୟାମୀ ଭୂୟାଁ ପ୍ରମୁଖ ଯୋଗଦେଇ ପାଣିଙ୍କ ସ୍ମୃତି ଚାରଣ କରିଥିଲେ। ଶିକ୍ଷୟିତ୍ରୀ ସୁପ୍ରିୟା ଶ୍ରୀଚନ୍ଦନ ସ୍ୱର୍ଗତ ପାଣିଙ୍କ ଜୀବନାଦର୍ଶ ଉପରେ ଏକ କବିତା ଆବୃତ୍ତି କରିଥିଲେ। ଖବରଦାତା ସୁରେଶ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ପ୍ରଫୁଲ୍ଲ କୁମାର ଦାଶ ସହଯୋଗ କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

GOVERNMENT OF ODISHA
"e" PROCUREMENT NOTICE
OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
WORKS DEPARTMENT
Tender Call Notice
E-mail: rbcirclekhurda@gmail.com
Bid Identification No. CCE-Khordha (R&B) Circle-18/2022-23
Memo No. 2145 Dt.7.11.2022

No.B-814:- The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for building work as detailed in the table below:

| | | | |
|---|---|---|---|
| 1 | Nature of work | : | Building work |
| 2 | No. of work | : | 1 No. |
| 3 | Tender cost | : | Rs.10000.00 (Online) |
| 4 | Class of contractor | : | A Class |
| 5 | Available of bid document in the website | : | From 10.00 A.M. of Dt.14.11.2022 upto 05.00 P.M. of Dt.24.11.2022 upto 5.00 P.M. |
| 6 | Date of opening of bid | : | Dt.25.11.2022 at 11.30 A.M. |
| 7 | The bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website. | | |

Sd./- Chief Construction Engineer, Khordha (R&B) Circle, Khordha
OIPR-34127/11/0027/2223

# ପୁରୀ ଗଲେ ନୟାଗଡ଼ ଖୋଖୋ ଖେଳାଳି


ପୁରୀ ଗସ୍ତ କରିଥିବା ଖୋଖୋ ଖେଳାଳି

**ନୟାଗଡ଼ଅଫିସ,୧୨।୧୧:** ନୟାଗଡ଼ଜିଲାର ୧୨ ଜଣିଆ ଖୋଖୋ ଖେଳାଳୀ ଦଳ ପୁରୀକୁ ଶନିବାର ଯାଇଛନ୍ତି। ପୁରୀରେ ରାଜ୍ୟସ୍ତରୀୟ ଖୋଖୋ ଚମ୍ପିୟନସିପ୍- ୨୦୨୨ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ନୟାଗଡ଼ ଖେଳାଳୀ ସୀତାକାନ୍ତ ପ୍ରଧାନ, ହୃଷିକେଶ ଜେନା, ସୋମନାଥ ପରିଡ଼ା, ଶୁଭମ ସଙ୍କେତ ସୁନ୍ଦରା, ରାଜେନ୍ଦ୍ର ପ୍ରଧାନ, ବିକାଶ ନାୟକ, ବିପିନ ମାଝି, ଗଣେଶ କୁମାର ଦାସ, ବାଦଲ କୁମାର ପ୍ରଧାନ, ପ୍ରଦୀପ୍ତ ରାଉତ, ରୁଦ୍ର ପ୍ରତାପ ମହାପାତ୍ର ଓ ପ୍ରଭାକର ଡାକୁଆ ପ୍ରମୁଖ ଏହି ଟିମ୍‌ରେ ସାମିଲ ହୋଇଛନ୍ତି।

# ଜନସେବା କେନ୍ଦ୍ର ଅଧିକାରୀଙ୍କ କର୍ମଶାଳା

**ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦଜୀଉଙ୍କ ପୀଠରେ ଶୁକ୍ରବାର ଜନସେବା କେନ୍ଦ୍ର ଅଧିକାରୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମନ ସର୍ଭିସ ସେଣ୍ଟର ଜିଲା ପରିଚାଳକ ସୁବାସ ଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଦିବାକର ନାୟକ, ଅନ୍ୟତମ ଅତିଥି ଭାବେ ନୀଳକଣ୍ଠ ବେହେରା ଯୋଗଦେଇ ବ୍ଲକ ଅଧିନ ୨୨ ପଞ୍ଚାୟତରେ ରହିଥିବା କମନ ସର୍ଭିସ ସେଣ୍ଟରର ଅଧିକାରୀମାନଙ୍କୁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ନୂଆ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଗାଁ ଗଣ୍ଡାରେ ରହୁଥିବା ଅଶିକ୍ଷିତ ବ୍ୟକ୍ତିମାନେ କିପରି ଆଧାର ସେବା, ଗ୍ୟାସ ସେବା, ବିଭିନ୍ନ ବ୍ୟାଙ୍କରେ ଅର୍ଥ ଜମା, ଉଠାଣ ଆଦି ଏହି କେନ୍ଦ୍ରୀୟ ଯୋଜନାରେ ଉପୁଜୁଥିବା ସମସ୍ୟାକୁ ଜନସେବା କେନ୍ଦ୍ର ମାଧ୍ୟମରେ ସମାଧାନ କରାଯାଇ ପାରିବ ସେ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୨ ପଞ୍ଚାୟତର ୩୫ ଜଣ ଗ୍ରାମସ୍ତରୀୟ ଉଦ୍ୟୋଗପତି ଉପସ୍ଥିତ ଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅତିଥି।

Government of Odisha
OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE
E-mail ID:Supenger_rbjyp@yahoo.co.in, Tel/Fax:06854-251528
No.4374, Date:05.11.2022
1st Corrigendum to Bid Identification No.CCEJC (R&B)-10/2022-23, Dated 29.10.2022

No.B-816:The following changes have been made for the Bid Identification No.CCEJC (R&B) 10/2022-23 invited on Dated 29.10.2022.

| Sl.No. as per IFB | Name of Work | Approximate estimate cost (Excluding GST) Rs. in lacs (Previous Estimate Cost) | Revised Approximate estimate cost put to tender (Excluding GST) Rs.in lacs |
|---|---|---|---|
| 1 | 2 | 3 | 4 |
| MALKANGIRI (R&B) Division | | | |
| 01 | "Construction of New (R&B) Division Office Malkangiri for the year 2022-23 | Rs.245.08 including civil, E.I. (Int.) & G.P.H. (Ext & Int) | Rs.262.33 including civil, E.I. (Int.) & G.P.H. (Ext. & Int) |
| 02 | The date of availability of Bid documents in the e-procurement portal will be from 10.00 hrs of 15.11.2022 to 17.00 hrs. of 05.12.2022 instead of previously published notice i.e. from 10 hrs. of 07.11.2022 to 17.00 hrs. 28.11.2022. Bids shall be opened on 10.00 hrs. of 06.12.2022. | | |

All the other terms and conditions remain unchaged.
Sd./- Chief Construction Engineer, Jeypore (R&B) Circle, Jeypore
OIPR-34108/11/0012/2223

Government of Odisha
Higher Education Department
Timeline for Phase-III Admission into U.G. Courses under SAMS in the Higher Education Institutions for the Academic year 2022-23

No. N-58:- Timeline for e-Admission in all (+3) Degree Colleges including Self Financing (Degree) / Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website www.samsodisha.gov.in

| Sl# | Activities | Timeline |
|---|---|---|
| 1 | Availability of Online Common Application Form (CAF) in the website www.samsodisha.gov.in | 14-Nov-2022 (11.00 AM) |
| 2 | Last date of applying online CAF | 17-Nov-2022 (11.45 PM) |
| 3 | Publication of 1st Selection Merit List in SAMS Portal | 22-Nov-2022 (02.00 PM) |
| 4 | Reporting of Applicants at allotted institutions for taking admission | 23-Nov-2022 and 24-Nov-2022 (till 05.00 PM) |
| 5 | Data updation of applicants selected in Phase-III (1st Selection) admission process | 23-Nov-2022 and 24-Nov-2022 (till 07.00 PM) |
| 6 | Publication of waitlisted applicants in HEI's e-Space Five (5) times the actual vacancy as on 17th-Nov-2022) | 22-Nov-2022 (02.00 PM) |
| 7 | Reporting of waitlisted applicants along with relevant documents in respective HEIs for taking admission | 26-Nov-2022 and 28-Nov-2022 (02.00 PM) |
| 8 | Selection and publication of selected applicants (from the reported applicants) in the HEI's Notice Board | 28-Nov-2022 (03.00 PM to 05.00 PM) |
| 9 | Validation of documents, Final Admission & data updation of the waitlisted applicants in the e-space of respective HEIs | 29-Nov-2022 (07.00 PM) |
| 10 | Collection of Admission fees at the respective HEIs selected in Phase-III selection process | Till 30-Nov-2022 (07.00 PM) |

For more details please contact:
e-Admission Helpline (Toll Free) Number 155335/1800-345-6770
N.B.: Please go through the detailed U.G. Phase-III Guidelines available in U.G. SAMS website (https://samsodisha.gov.in/DegreeNew/index.aspx
OIPR-11001/11/0041/2223 Sd./- Deputy Director, PTC Section

OFFICE OF THE NOTIFIED AREA COUNCIL, BOUDHGARH
e-mail: boudhgarhnac@yahoo.co.in.
Ph. No-06841-222024
Q.C.N. No.7638 Dated 10.11.2022
QUOTATION CALL NOTICE

No.C-1554:Sealed quotations are invited from only Authorised dealers, having company authorisation & up to date GST Clearance Certificate . PAN etc for supply of the following . 4 wheeler commercial diesel/petrol run goods vehicle with max 19hp to 26hp, notitable cabin, cabin load body of reputed brand Tata / Mahindra/ Ashok leyland /Maruti etc. The Quotation will be received from dt.11.11.2022 to 22.11.2022 upto 5.30 P.M by Registration Post and Speed Post and it will be opened on 23.11.2022 at 11.00 AM in presence of the Quatationer or their Authorised representative . All the informations are available in NAC Office website www.boudhgarhnac.in and District website www.boudh.nic.in. Along with the quotation paper company authorisation letter to be attached.
The rate should be quoted inclusive of all taxes, RTO registration, insurance, fitness and delivery charges .The authority reserves the right to accept or reject any or all quotation without assigning any reason thereof.

Sd./- Executive Officer, Boudhgarh NAC
OIPR-13155/11/0030/2223

ODISHA ADARSHA VIDYALAYA SANGATHAN
N-1/9, Gajapati Nagar, PO: Sainik School, Bhubaneswar-751005 email: oavsbbsr.od@gov.in
Tender Call Notice
No.6905, Date:10.11.2022

No.n-68:Sealed tenders are invited from the authorized vendors of NCERT to supply NCERT Text Books to all OAVs for the academic session 2023-24.

| Sl. No. | Name of the Work | Cost of Tender paper (Non-refundable) Rs. | EMD in shape of Declaration |
|---|---|---|---|
| 1 | Selection of authorized vendor of NCERT to supply NCERT Text Books & Odia Text Books to ST & SC students of Class IX &X of all OAVs for the academic session 2023-24. | 5000.00 | Signed Bid Declaration Form to be submitted duly filled in. |

(i) The tender paper will be available from 11.11.2022 to 25.11.2022 in the OAVS website i.e. https://www.oavs.edu.in.
(ii) The last date and time of receipt of the tender documents upto 5.00 PM of 25.11.2022.
(iii) Date &Time of Opening of Tender: 28.11.2022 at 11:30 AM.
For details of tender documents, terms and conditions please visit the OAVS website i.e. https://www.oavs.edu.in.

Sd./- State Project Director
OIPR-27029/11/0017/2223

# ଟେନ୍‌ସନ ବଢ଼ାଇଛି ବ୍ରାଉନସୁଗାର

**ନୟାଗଡ଼ ଅଫିସ,୧୨।୧୧**

- ଘରେ କଳି, ବାହାରେ ଚାଲିଛି ଲୁଟ, ଚୋରି
- ବଜାର, ଛକରେ ଅବାଧ ବିକ୍ରି
- ଫସୁଛନ୍ତି କଲେଜ ଛାତ୍ର, ଅନ୍ଧାରରେ ମା'ବାପା

ବ୍ରାଉନସୁଗାର କାରବାର ଉପରେ କୌଣସି ଲଗାମ ଲଗାଯାଉ ନାହିଁ। ନୟାଗଡ଼ ଜିଲାରେ ଏହି ନିଶାଦ୍ରବ୍ୟର କାରବାର ବଢ଼ି ଚାଲିଛି। ଯାହା ଜିଲାବାସୀଙ୍କୁ ଟେନ୍‌ସନ ଦେଉଛି। ନିଶା କବଳରେ ପଡି କେତେଜଣ ସ୍କୁଲ ଓ କଲେଜ ଛାତ୍ର, ଯୁବକ ଓ ସାଧାରଣ ଲୋକ ବ୍ରାଉନସୁଗାର ଖାଇବା ପାଇଁ ହିଂସ୍ର ହୋଇ ଉଠୁଛନ୍ତି। ନିଶା ସେବନ ପାଇଁ ବିଭିନ୍ନ ପ୍ରକାର ବାହାନା କରୁଛନ୍ତି। ଟଙ୍କା ନ ମିଳିଲେ ଘରେ ଝଗଡ଼ା କରି ଟଙ୍କା ଆଣୁଛନ୍ତି। ଏହାପରେ ବି ଯଦି ଘରୁ ଟଙ୍କା ମିଳୁନାହିଁ ଚୋରି, ଲୁଟ୍, ଡକାୟତି କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ଜିଲାର ଅବକାରୀ ବିଭାଗ କାର୍ଯ୍ୟାଳୟ, ଜିଲାପାଳଙ୍କ ଅଫିସ, ଏଆରସିଏସ୍‌ଙ୍କ କାର୍ଯ୍ୟାଳୟ, ନୟାଗଡ ଟାଉନ ଥାନା ନିକଟସ୍ଥ ଟେଲିଫୋନ ଭବନ, ନୟାଗଡ଼ ଟାଉନ ରେଳ ଷ୍ଟେଶନ, ରାଜୀବ ମାର୍କେଟ, ସିନ୍ଧୁରିଆ, କେଶରପୁର ରୋଡ ସମେତ ଜିଲାର ବିଭିନ୍ନ ବଜାର ଓ ନୟାଗଡ଼ ସହରର ବିଭିନ୍ନ ଗଳିକନ୍ଦିରେ ଏହି ବ୍ୟବସାୟ ଅବାଧରେ ଚାଲିଛି। ପୁଣି ଜିଲାର ୮ ବ୍ଲକ ରଣପୁର, ନୟାଗଡ଼, ଭାପୁର, ଖଣ୍ଡପଡ଼ା, ଦଶପଲ୍ଲା, ଗଣିଆ, ନୂଆଗାଁ, ଓଡ଼ଗାଁ ସମେତ ୪ ସହରାଞ୍ଚଳରେ ବି ଜହର ଅବାଧରେ ମିଳୁଛି। ଏଥିପାଇଁ ଜିଲାର ବହୁ କଲେଜ ଛାତ୍ର ଓ ବେକାର ଯୁବକଙ୍କ ଭବିଷ୍ୟତ ନଷ୍ଟ ହେବାରେ ଲାଗିଛି। ରୋଜଗାର ଲୋଭ ସେମାନଙ୍କୁ ବିପଥଗାମୀ କରାଉଛି। କେତେଜଣ ଛାତ୍ର ବ୍ରାଉନସୁଗାରକୁ ପାର୍ଟ ଟାଇମ୍ ବ୍ୟବସାୟ ରୂପେ ଗ୍ରହଣ କରିଛନ୍ତି। ସେମାନେ ରୋଜଗାର ପାଇଁ ନିଜ ସହପାଠୀ ଓ ଅନ୍ୟମାନଙ୍କୁ ନିଶାଡି କରି ସାରିଲେଣି। ସବୁଠାରୁ ଉଦ୍‌ବେଗର ବିଷୟ ଏଥିରେ ଅବକାରୀ ବିଭାଗ କର୍ମଚାରୀ ସହଯୋଗ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ମା'ବାପା ପୁଅର ନିଶା ସେବନ ସମ୍ପର୍କରେ ଅଜଣା ରହୁଛନ୍ତି। ଏଭଳିସ୍ଥଳେ ଜିଲାର ଅବକାରୀ ବିଭାଗ କାଁଭାଁ ଚଢ଼ାଉ କରି ସବୁ କିଛି ଠିକ୍ ଚାଲିଛି ବୋଲି ଡିଣ୍ଡିମ ପିଟୁଛି। ଏ ଦିଗରେ ପୋଲିସର କାର୍ଯ୍ୟ ବି ନୈରାଶଜନକ ରହିଛି। ତଥାପି ବେଳେ ବେଳେ ଚଢ଼ାଉ କରି ପୋଲିସ ଚକମା ଦେଖାଉଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲାରେ ଖୋର୍ଦ୍ଧା ବ୍ରାଉନସୁଗାର ବ୍ୟବସାୟୀଙ୍କ ଦବଦବା ରହିଛି। ଯାହାର ପ୍ରମାଣ ନୟାଗଡ଼ ଜିଲା ସଦର ମହକୁମାର ନୟାଗଡ଼ ଟାଉନ ଥାନାଠାରୁ ପ୍ରାୟ ୫୦୦ ମିଟର ଦୂର ଉଦୟ ପଥ ଲେନରୁ ୨୦୨୨ ଜାନୁୟାରୀ ୨୪ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସଟିଏଫ୍) ଚଢ଼ାଉ କରି ୩ କେଜି ୧୦୦ ଗ୍ରାମ ବ୍ରାଉନସୁଗାର, ୬୫.୩୨ ଲକ୍ଷ ଟଙ୍କା, ୩ ବନ୍ଧୁକ, ୪୩ ଗୁଳି ଜବତ କରିଥିଲା। ସେହିପରି ଭାପୁର ଷ୍ଟେଟ ବ୍ୟାଙ୍କ ଛକରୁ ଫତେଗଡ଼ ଥାନା ପୋଲିସ ୪୨.୯୬୦ ଗ୍ରାମ ବ୍ରାଉନସୁଗାର ୨୦୨୧ ନଭେମ୍ବର ୧୩ରେ ଜବତ କରିଥିଲା। ନୟାଗଡ଼କୁ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆସି ବେପାର ଚାଲିଛି। ଜିଲାରେ ବ୍ରାଉନସୁଗାର କାରବାର ଚାଲିଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ଟେର ପାଉନି। ଅପରପକ୍ଷେ ଜିଲାର ବିଭିନ୍ନ ବ୍ଲକ, ସହର, ବଜାରକୁ ଖୋର୍ଦ୍ଧାର ଯୁବକମାନେ ଆସି ବ୍ୟବସାୟ କରି ପ୍ରତ୍ୟହ ଫେରି ଯାଉଛନ୍ତି। ରଣପୁର, ଫତେଗଡ଼ ଥାନା ଅଞ୍ଚଳରେ ଏହାର ପ୍ରଭାବ ଅଧିକ ରହୁଛି। ଖୋର୍ଦ୍ଧାରୁ ବ୍ରାଉନସୁଗାର ନୟାଗଡ଼କୁ ଆସୁଥିବା ଅଭିଯୁକ୍ତମାନଙ୍କୁ ଗିରଫ ପରେ ଏହା ପ୍ରମାଣିତ ହୋଇଛି। ବ୍ରାଉନସୁଗାରରେ ଅଧିକ ରୋଜଗାରକୁ ଦେଖି ନୟାଗଡ଼ର ବହୁ ବ୍ୟକ୍ତି, ଯୁବକ ଏହି କାରବାରକୁ ଆପଣେଇ ସାରିଲେଣି। କଲେଜ ଛାତ୍ର ଏହି ବ୍ୟବସାୟରେ ସାମିଲ ହେବା ଦ୍ୱାରା ବ୍ୟବସାୟ ବଢ଼ୁଛି। ଅନେକ ଶ୍ରମିକ ମଦ, ଗଞ୍ଜେଇକୁ ପଛରେ ପକାଇ ବ୍ରାଉନସୁଗାରକୁ ଆପଣେଇଛନ୍ତି। ଲେଙ୍କୁଡିପଡା, ସିନ୍ଧୁରିଆର ୨ଜଣ ବ୍ୟକ୍ତି କୁହନ୍ତି, ଆମ ଗାଁରେ ବହୁ ଲୋକ, ଯୁବକ ବ୍ରାଉନସୁଗାରକୁ ଆପଣେଇ ପରିବାରକୁ ବିପଦ ମୁହଁକୁ ଠେଲି ଦେଇଛନ୍ତି। ଶ୍ରମିକମାନେ ବି ଏହି ନିଶା କବଳରେ ପଡ଼ିଛନ୍ତି। ଏନେଇ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି କୁହନ୍ତି, ବ୍ରାଉନସୁଗାର କାରବାରକୁ ଲଗାମ ଦେବା ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଅଧିକାଂଶ ସମୟରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

# 'ସରକାରୀ ଶିକ୍ଷାନୁଷ୍ଠାନରୁ ବି ଭଲ ମଣିଷ ଉତୁରି ପାରିବେ'



ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।

## କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

**ଖଣ୍ଡପଡ଼ା,୧୨।୧୧(ସ୍ୱ.ପ୍ର.)**

ଅନେକଙ୍କ ଧାରଣା ସରକାରୀ ଶିକ୍ଷାନୁଷ୍ଠାନଠାରୁ ଘରୋଇ ଶିକ୍ଷାନୁଷ୍ଠାନରେ ଭଲ ଶିକ୍ଷାଦାନ ହେଉଛି। ସେଠାରୁ ବହୁ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହେଉଛନ୍ତି। ମାତ୍ର ଏବେ ସରକାରୀ ଶିକ୍ଷାନୁଷ୍ଠାରେ ବି ପାଠପଢା ଉନ୍ନତ ଧରଣର ହେଉଛି। ସେଥିପାଇଁ ସରକାରୀ ଶିକ୍ଷାନୁଷ୍ଠାନରୁ ମଧ୍ୟ ଭଲ ମଣିଷ ଉତୁରି ପାରିବେ ବୋଲି ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ଓ ଯୁବ ସେବା ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତୀ ବେହେରା ମତବ୍ୟକ୍ତ କରିଛନ୍ତି।

ଶନିବାର ଅପରାହ୍ନରେ ଆୟୋଜିତ ଉତ୍ସବକୁ ମନ୍ତ୍ରୀ ବେହେରା ମୁଖ୍ୟଅତିଥି ରୁପେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଏହି ଉତ୍ସବରେ ଅଧ୍ୟକ୍ଷତା କରି ପିଲାମାନଙ୍କୁ ସବୁବେଳେ ଟେଷ୍ଟବୁକ୍ ମଧ୍ୟରେ ସୀମିତ ରହିବାକୁ ପରାମର୍ଶ ଦେଲେ ଭଲପିଲା ବାହାରି ପାରିବେ ନାହିଁ। ସେଥିପାଇଁ ବେଳେ ବେଳେ ଆମମାନଙ୍କୁ ଅନ୍ୟ ମନସ୍କ ହେବାକୁ ପଡିଥାଏ। ଯେଉଁ ଅନ୍ୟ ମନସ୍କ ଗୋଟିଏ ଭଲ ସଂଜ୍ଞା ଦେବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ସମ୍ମାନୀତ ଅତିଥି ରୁପେ ଜିଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୁପେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା,ଉପାଧ୍ୟକ୍ଷ ଶିଶିରକୁମାର ସାହୁ, କୁମ୍ଭାରପଡ଼ା ପଞ୍ଚାୟତ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତି ସଭ୍ୟ ନରେନ୍ଦ୍ର ନାଥ ଦାସ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନର ଉନ୍ନତି କାମନା କରିଥିଲେ।

କରିଥିବା ବେଳେ ଜୁବୁଲି କମିଟିର ସଭାପତି ଅଖିଳ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ପୁରାତନ ଛାତ୍ର ସଂସଦର ସଦସ୍ୟବୃନ୍ଦ, ସୁବର୍ଣ୍ଣ ଜୟନ୍ତୀ କମିଟିର କର୍ମକର୍ତ୍ତା, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ମଞ୍ଚ ଉଦ୍‌ଘାଟନ ସହିତ ସୁବର୍ଣ୍ଣ ଜୟନ୍ତୀ ପତାକା ଉତ୍ତୋଳନ କରାଯାଇଥିଲା। ଆସନ୍ତା ୧୪ତାରିଖ ସନ୍ଧ୍ୟାରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ କହିଛନ୍ତି।

# ମଦ ବ୍ୟବସାୟୀଙ୍କୁ ସହଯୋଗ କରି ଅବକାରୀ କନ୍‌ଷ୍ଟେବଲ ନିଲମ୍ବିତ

**ନୟାଗଡ଼ ଅଫିସ,୧୨।୧୧**

- ଲାଞ୍ଚ ନେବାର ଅଡିଓ ଭାଇରାଲ ମହଙ୍ଗା ପଡିଲା
- ଅବକାରୀ କମିଶନରଙ୍କ ପାଖରେ ଏଏସ୍‌ଆଇଙ୍କ ନିଲମ୍ବନ ଫାଇଲ

ମଦ ବ୍ୟବସାୟୀଙ୍କୁ ସହଯୋଗ କରିବା ଓ ଲାଞ୍ଚ ଗ୍ରହଣ କରିବାର ଅଡିଓ ଭାଇରାଲ ହେବା ପରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଖଣ୍ଡପଡ଼ା ଅବକାରୀ କନ୍‌ଷ୍ଟେବଲ ପ୍ରଦୀପ ନାୟକଙ୍କୁ ଶନିବାର ନିଲମ୍ବନ କରିଛନ୍ତି। ଅନ୍ୟପକ୍ଷେ ଅବକାରୀ ଏଏସ୍‌ଆଇ ହଟିଆ ବେହେରାଙ୍କ ନିଲମ୍ବନ ଫାଇଲ ଅବକାରୀ କମିଶନରଙ୍କ ପାଖରେ ରହିଛି। ଯେ କୌଣସି ମୁହୂର୍ତ୍ତରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ଖଣ୍ଡପଡ଼ା ଅବକାରୀ ଏଏସ୍‌ଆଇ ବେହେରା ମଦ ବେପାରୀଙ୍କଠାରୁ ୧୦ ହଜାର ଲେଖାଏ ୭୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ପରେ ପୁଣି ୧ ଲକ୍ଷ ଟଙ୍କା ଦାବି କରିବାର ଅଡିଓ ଭାଇରାଲ ହୋଇଥିଲା। ୧ ଲକ୍ଷ ଟଙ୍କା ନ ମିଳିବାରୁ ଗିରଫ, ଚଢ଼ାଉ କରାଯିବାରୁ କେତେଜଣ ମଦ ବ୍ୟବସାୟୀ ଏଏସ୍‌ଆଇ ବେହେରା ଓ କନ୍‌ଷ୍ଟେବଲ ନାୟକଙ୍କ କଥାବାର୍ତ୍ତା ଅଡିଓକୁ ଭାଇରାଲ କରିଦେଇଥିଲେ। ଅଡିଓ ଭାଇରାଲର କଥୋପକଥନ ଅନୁଯାୟୀ, ଏଥିରେ ମଧ୍ୟସ୍ଥ ସାଜିଥିବା କନ୍‌ଷ୍ଟେବଲ ନାୟକ ଲାଞ୍ଚ ଟଙ୍କା ହଟିଆ ସାରଙ୍କୁ ଦିଆଯାଇଥିବା ସ୍ୱୀକାର କରିଥିଲେ। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଛୁଟିରେ ଥିବାରୁ ଲାଞ୍ଚ ଟଙ୍କା ଦିଆଯାଇପାରି ନ ଥିବା କହିଥିଲେ। ନୂଆ ସରକାରୀ ଦେଶୀ ମଦ ଦୋକାନ ଖୋଲି ବେଆଇନ ମଦ ବ୍ୟବସାୟ କଲେ କିଛି ଅସୁବିଧା ନାହିଁ। ସରକାରୀ ମଦ ଦୋକାନ ଲାଇସେନ୍ସ ପାଇଁ ସହଯୋଗ ସହ ଗୁଣ୍ଡା ଯୋଗାଇଦେବେ ବୋଲି ଅବକାରୀ ଏଏସ୍‌ଆଇ ଅନୁରୂପ ଭାବେ କହିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ଆରମ୍ଭ ହୋଇଥିଲା। ଅବକାରୀ ଅଧୀକ୍ଷକ ଦାୟିତ୍ୱରେ ଥିବା ଉପଜିଲାପାଳ ଶକ୍ତିକାନ୍ତ ରାୟ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅବକାରୀ ଡେପୁଟି କମିଶନର ରଜତ ପ୍ରହରାଜ ନୟାଗଡ଼ ଅବକାରୀ କାର୍ଯ୍ୟାଳୟରେ ଅଚାନକ ପହଞ୍ଚି ଲାଞ୍ଚ ନେବା ଅଡିଓ ଭାଇରାଲ ଘଟଣାର ତଦନ୍ତ କରିଥିଲେ। ଏଏସ୍‌ଆଇ ଓ କନ୍‌ଷ୍ଟେବଲଙ୍କୁ ପଚରାଉଚୁରା କରି ବୟାନ ରେକର୍ଡ କରିଥିଲେ। ପରେ ଉପଜିଲାପାଳ ଓ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଶନିବାର ଉପଜିଲାପାଳ ପୁଣି ଜିଲାପାଳଙ୍କ ସହ ଆଲୋଚନା କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏନେଇ ଅବକାରୀ ଅଧୀକ୍ଷକ ଦାୟିତ୍ୱରେ ଥିବା ଉପଜିଲାପାଳ ରାୟ କୁହନ୍ତି ଅବକାରୀ କନ୍‌ଷ୍ଟେବଲ ପ୍ରଦୀପ ନାୟକଙ୍କୁ ଜିଲାପାଳ ନିଲମ୍ବିତ କରିଛନ୍ତି। ଏଏସ୍‌ଆଇ ବେହେରାଙ୍କ ବିରୋଧରେ ଅବକାରୀ କମିଶନର ଆଇନଗତ ପଦକ୍ଷେପ ଖୁବ୍‌ଶୀଘ୍ର ଗ୍ରହଣ କରିବେ।

# ଚୋରି, ଅସଦାଚରଣ ଅଭିଯୋଗ

**ନୟାଗଡ଼ ଅଫିସ,୧୨।୧୧**

ଚାନ୍ଦପୁର ଥାନା ରଣପୁର ବ୍ଲକ ବନ୍ଧମୁଣ୍ଡା ପଞ୍ଚାୟତର ଶ୍ରୀକୁଟି ଅନୁଷ୍ଠାନରେ ଗତ ୧୦ ତାରିଖ ରାତିରେ ଚୋରି ହେବା ସହ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଚାନ୍ଦପୁର ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଚୋରି ଓ ଅସଦାଚରଣ ଘଟଣାରେ ପୂର୍ବତନ ସରପଞ୍ଚ, ଜଣେ ଖବରଦାତା ଏବଂ ବନ୍ଧମୁଣ୍ଡା ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ସାମିଲ ଅଛନ୍ତି। ଅନ୍ୟପକ୍ଷେ ଶ୍ରୀକୁଟି ଅନୁଷ୍ଠାନକୁ ଦୀର୍ଘଦିନ ଧରି ଦାଦା ବଟି ମାଗି ନିରାଶ ହେବା ପରେ ଚୋରି ଓ ଅସଦାଚରଣ ଘଟଣା ପୂର୍ବ ଯୋଜନା ମୁତାବକ ହୋଇଛି ବୋଲି ଶ୍ରୀକୁଟି ଗ୍ରାମବାସୀ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କୁନାଲ



@ ମାମିନା



@ ବାଦଲ



@ ଭାଗିରଥି



@ ଶିଲନ୍



@ ଶୁଭକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିମ୍ନମାନର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ

- ଅଭିଯୋଗ ପରେ ଲାଗିଲା ଅଲେଖା ସୂଚନା ଫଳକ
- ତଥ୍ୟ ଦେବାକୁ ଅମଙ୍ଗ ବିଭାଗୀୟ ଅଧିକାରୀ



ଫଳକ ଲାଗିଛି, ସୂଚନା ନାହିଁ।

**ନୂଆଗାଁ,୧୨।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଚଢେଇମରାଠାରୁ ନଈତଇଲା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ୫୦ ପ୍ରତିଶତ ସରିଛି। ହେଲେ ସେଠାରେ ଅଦ୍ୟାବଧି ସୂଚନା ଫଳକ ଲଗା ଯାଇନି। ନିର୍ମାଣ କରାଯାଉଥିବା ସଡ଼କ ନିମ୍ନମାନର ଓ ସେଥିରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ପରେ ସୂଚନା ଫଳକ ନିର୍ମାଣ କରାଯାଇଛି କିନ୍ତୁ ଫଳକରେ କିଛି ଲେଖା ଯାଉନି। ସେହିପରି ମୁଦୁରାଙ୍ଗଠାରୁ ଆମ୍ବଝରି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ସେଠାରେ ମଧ୍ୟ କୌଣସି ସୂଚନା ଫଳକ ନାହିଁ। ଏହାର ସୁଯୋଗ ନେଇ ଠିକାଦାର ନିଜକୁ ସୁହାଇବା ଭଳି କାମ କରୁଥିବା ଅଭିଯୋଗ ହେଉଛି। ଏପରି ନ କରିବାକୁ ଯନ୍ତ୍ରୀ ଶ୍ରୀକାନ୍ତ ସାହୁ ଠିକାଦାରଙ୍କୁ ତାଗିଦ୍ କରିଛନ୍ତି। ମହିତମା-ସିକ୍ରିଡା ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ ହେବାର ୩ ମାସ ପରେ ରାସ୍ତାରୁ ପିଚୁ ଉଠି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା। ଠିକାଦାର ସେହି ରାସ୍ତା ମରାମତି କରି ନାହାନ୍ତି। ଏ ନେଇ ଅନେକ ଥର ଅଭିଯୋଗ ହୋଇଥିଲେ ମଧ୍ୟ ଅଧିକାରୀ ନୀରବ ରହିଥିଲେ। ଆରଡି ବିଭାଗର ଏପରି କାର୍ଯ୍ୟ ବାବଦରେ ନୂଆଗାଁ ଆରଡି ଏସ୍‌ଡିଓ ଦାୟିତ୍ୱରେ ଥିବା ଅଧିକାରୀ ସସ୍ମିତା ମୁଣ୍ଡୁରୀଙ୍କୁ ପଚାରିବାରେ ମୁଁ ଏ ବିଷୟରେ ବୁଝି କହିବି ବୋଲି କହିଛନ୍ତି।

# 'କେନ୍ଦ୍ରୀୟ ଯୋଜନା ଗରିବଲୋକଙ୍କ ପାଇଁ ହିତ'

**ଓଡ଼ଗାଁ,୧୨।୧୧(ସ୍ୱ.ପ୍ର.)**

## ଓଡ଼ଗାଁରେ ଭାଜପାର ବାଇକ୍ ରାଲି, କର୍ମୀ ସମ୍ମିଳନୀ

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରାର ଦିନକ ପରେ ଅର୍ଥାତ୍ ଶନିବାର ଭାଜପା ତରଫରୁ ଅନୁରୂପ ଢଙ୍ଗରେ ବାଇକ୍ ଶୋଭାଯାତ୍ରା ସହିତ କର୍ମି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଲାଲା ମନୋଜ ରାୟଙ୍କ ନେତୃତ୍ୱରେ ଆୟୋଜିତ ବାଇକ୍ ଶୋଭାଯାତ୍ରା କରଡା ଛକରୁ ବାହାରି ନନ୍ଦିଘୋର, ଓଡ଼ଗାଁ ଏନଏସି, ମଶାବାରୀ, କୋରପିଠା, ସାକେରୀ, ଶରଧାପୁର ଦେଇ ଭାଡିକିଳାରେ ପହଞ୍ଚିଥିଲା। ଏହି ଅବସରରେ ଭାଡିକିଳା ଖେଳ ପଡ଼ିଆରେ ଜିଲା ସଭାପତି ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ତଥା ରାଜ୍ୟ ମୁଖପାତ୍ର ଡ.ସମ୍ବିତ୍ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ, ଭାଜପା ଦେଶର ଏକ ବୃହତ୍ ଦଳ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହୁ କେନ୍ଦ୍ରୀୟ ଯୋଜନା ଗରିବ ଲୋକଙ୍କ ହିତ ପାଇଁ ପ୍ରଣୟନ କରିବା ସହିତ ଏହାର କାର୍ଯ୍ୟକାରିତା ଉପରେ ନଜର ରଖିଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ତୃଣମୂଳସ୍ତରରେ ଭାଜପାକୁ ମଜବୁତ କରିବାକୁ ହେଲେ ସମସ୍ତ କେନ୍ଦ୍ରୀୟ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ହେବ ବୋଲି ସେ ଆହ୍ୱାନ କରିଛନ୍ତି।

ଆୟୋଜିତ କର୍ମି ସମ୍ମିଳନୀରେ ପୁରୀ ଲୋକସଭା ସଂଯୋଜକ ଶଙ୍କର ପରିଡା, ପ୍ରଭାରୀ ଅମିୟ ଦାଶ, ପ୍ରାକ୍ତନ ଜିଲା ସଭାପତି ସନ୍ୟାସୀ ନାୟକ, ଜିଲା ପ୍ରଭାରୀ ନିରଞ୍ଜନ ମିଶ୍ର, ଜିଲା ମଣ୍ଡଳ ସଭାପତି ଭ୍ରମରବର ବରାଡ, ଦୁର୍ଗାପ୍ରସାଦ ପଣ୍ଡା, ପ୍ରକାଶ ଦାସ, ବିଧାନସଭା ପ୍ରାର୍ଥୀ ଇରାନୀ ରାୟ, ଜିଲା ଯୁବ ମୋର୍ଚ୍ଚା ସଭାପତି ପୃଥୀରାଜ ଦଳ ବେହେରା ଓ ଜିଲା କୃଷକ ମୋର୍ଚ୍ଚା ସଭାପତି ଶିବଶଙ୍କର ମହାନ୍ତି ପ୍ରମୁଖ ଯୋଗଦେଇ ସମସ୍ତେ ଏକଜୁଟ ହୋଇ ଦଳକୁ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ରଷ୍ଟ୍ରାପତିଙ୍କ ଉଦ୍ଦେଶ୍ୟରେ ଅପମାନସୁଚକ ମନ୍ତବ୍ୟ ଦେଇଥିବା ପଶ୍ଚିମବଙ୍ଗ ମନ୍ତ୍ରୀ ଅଖିଳ ଗିରିଙ୍କୁ ତୀବ୍ର ବିରୋଧ କରିବା ସହିତ ସଭାସ୍ଥଳରେ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଅନ୍ୟପକ୍ଷେ ଭାଜପା ତରଫରୁ ପୂର୍ବତନ ଏମ୍‌ପି ତଥା ରାଜ୍ୟକାରିଣୀ ସଦସ୍ୟା ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ନେତୃତ୍ୱରେ ଆସନ୍ତା ୩୧ ତାରିଖରେ ଅନୁରୂପ ଢଙ୍ଗରେ ଏକ ବାଇକ୍ ଶୋଭାଯାତ୍ରା, କର୍ମି ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହେବାର ଅଛି ବୋଲି ସୂଚନା ମିଳିଛି।




ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ଭାଜପାର ବିକ୍ଷୋଭ।

## ନୟାଗଡ଼ରେ ଗିରିଙ୍କ କୁଶପୁତ୍ତଳିକା ଦାହ

### ମନ୍ତ୍ରୀଙ୍କୁ ବରଖାସ୍ତ କରନ୍ତୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ: ସମ୍ବିତ୍

**ନୟାଗଡ଼ ଅଫିସ,୧୨।୧୧:** ଟିଏମ୍‌ସି ନେତା ଅଖିଳ ଗିରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଲକ୍ଷ୍ୟ କରି ଆପତ୍ତିଜନକ ମନ୍ତବ୍ୟ ଦେବାକୁ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ୍ ପାତ୍ର ନିନ୍ଦା କରିଛନ୍ତି। ନୟାଗଡ଼ ଜିଲା ଓଡଗାଁ ବ୍ଲକର ଭାଡିକିଳାଠାରେ ଆୟୋଜିତ ଭାଜପାର କର୍ମୀ ସମ୍ମିଳନୀରେ ଯୋଗଦେଇ ପାତ୍ର କହିଥିଲେ, ଏଭଳିଆ ବକ୍ତବ୍ୟ ଚିନ୍ତାଜନକ, ଦୁଃଖଦ ଓ ଆପତ୍ତିଜନକ। ଏହାକୁ ନେଇ ରାଜ୍ୟବାସୀ ଦୁଃଖ ପ୍ରକାଶ କରିବା ସହ ବିରୋଧ କରୁଛନ୍ତି। ନୟାଗଡ ନିର୍ବାଚନମଣ୍ଡଳୀରେ ମଧ୍ୟ ସାଧାରଣ ଲୋକେ ଏହାର ପ୍ରତିବାଦ କରିଛନ୍ତି। ଏପରିକି ଭାଡିକିଳାଠାରେ ମନ୍ତ୍ରୀ ଗିରିଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଣୁ ମନ୍ତ୍ରୀ ଗିରିଙ୍କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବରଖାସ୍ତ କରନ୍ତୁ କିମ୍ବା ମନ୍ତ୍ରୀଙ୍କ ଇସ୍ତଫା ମାଗନ୍ତୁ। ଦେଶର ପ୍ରଥମ ନାଗରିକଙ୍କୁ ଅପମାନ ଛୋଟ କଥା ନୁହେଁ। ପୁଣି ଆଦିବାସୀଙ୍କୁ ଅଶୋଭନୀୟ ଭାଷା ଠିକ୍ ନୁହେଁ। ଏଥିପାଇଁ ଭାରତ ବର୍ଷ ଅଥବା ଓଡ଼ିଶା ତାଙ୍କୁ କେବେ କ୍ଷମା କରିବ ନାହିଁ। ଏହା ଓଡ଼ିଶା ଏବଂ ଆଦିବାସୀଙ୍କ ସ୍ୱାଭିମାନ ପ୍ରତି କୁଠାରାଘାତ ବୋଲି ସେ କହିଛନ୍ତି।

